# ଧରିତ୍ରୀ DHARITRI

ସମ୍ବଲପୁର, ଶନିବାର, ଜୁଲାଇ ୧୭/୨୦୨୧ (୧୨ ପୃଷ୍ଠା) | Sambalpur, Saturday, July 17/2021 | ★★

୧୭ଶ ଭାଗ ୨୧୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ନାଗାଲଙ୍କୁ ଅଲିମ୍ପିକ୍ସ ଯୋଗ୍ୟତା**

ଟୋକିଓ ଅଲିମ୍ପିକ୍ସ ପୁରୁଷ ସିଙ୍ଗଲ୍ସ ଖେଳିବା ଲାଗି ଭାରତୀୟ ଟେନିସ ଖେଳାଳି ସୁମିତ ନାଗାଲ ଯୋଗ୍ୟତା ଅର୍ଜନ କରିଛନ୍ତି।

୧୨

୧୦

**୧୪ ବର୍ଷରୁ ମଡେଲିଂ ଆରମ୍ଭ କରିଥିଲେ କ୍ୟାଟ୍ରିନା**

ଅଭିନେତ୍ରୀ କ୍ୟାଟ୍ରିନା କୈଫ୍ ୧୪ବର୍ଷ ବୟସରୁ ମଡେଲିଂ ଆରମ୍ଭ କରିଥିଲେ । ୨୦୦୩ରେ ଫିଲ୍ମ 'ବୁମ୍' ଜରିଆରେ ସେ ବଲିଉଡ୍‌ରେ ଡେବ୍ୟୁ କରିଥିଲେ ।



# ୧୨ରୁ ୧୮ ବର୍ଗଙ୍କ ଟିକାକରଣ ଶୀଘ୍ର କରାଯାଉ

**ମୁଖ୍ୟମନ୍ତ୍ରୀଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ଆଲୋଚନା**





ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅନ୍ୟମାନେ।

**ଭୁବନେଶ୍ୱର,୧୬।୭(ବ୍ୟୁରୋ)**

ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ସୂଚନା ଅନୁଯାୟୀ ମହାମାରୀ କରୋନାର ତୃତୀୟ ଲହର ଆସିବା ଯଥେଷ୍ଟ ଆଶଙ୍କା ରହିଛି। ପିଲାମାନଙ୍କ ଉପରେ ଏହାର ପ୍ରଭାବ ଅଧିକ ରହିବ ବୋଲି ଅନୁମାନ କରାଯାଉଛି। ତେଣୁ ପ୍ରାଥମିକତା

**■ ରାଜ୍ୟ ପାଇଁ ୯୫% ଟିକା ମାଗିଲେ ନବୀନ**

ଦେଇ ୧୨ରୁ ୧୮ ବର୍ଷ ବର୍ଗଙ୍କ ପାଇଁ ଟିକାକରଣ ଶୀଘ୍ର କରାଯାଉ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଅନ୍ୟ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କ ସହ ଏକ ଭର୍ଚ୍ଚୁଆଲ ବୈଠକରେ ନବୀନ ଏହି ପ୍ରସ୍ତାବ ଦେଇଛନ୍ତି। ଏହାଦ୍ୱାରା ସ୍କୁଲ, କଲେଜରେ ପାଠପଢ଼ା ପୁଣି ଆରମ୍ଭ ହୋଇପାରିବ ବୋଲି କୁହାଯାଉଛି। ମୁଖ୍ୟମନ୍ତ୍ରୀ ବୈଠକରେ ଓଡ଼ିଶାରେ ଟିକାକରଣ ପ୍ରସଙ୍ଗ ଉଠାଇଛନ୍ତି। ☞ପୃଷ୍ଠା-୪

# ଜିଲା ବାହାରେ ଡିଏମ୍ଏଫ୍ ଖର୍ଚ୍ଚ ବନ୍ଦ କର

**ରାଜ୍ୟକୁ କେନ୍ଦ୍ରର ତାଗିଦ୍**

**ଭୁବନେଶ୍ୱର,(ବ୍ୟୁରୋ)/ କେନ୍ଦୁଝର,୧୬।୭(ସ୍ୱ.ପ୍ର.)**

ଜିଲା ଖଣିଜ ପ୍ରତିଷ୍ଠାନ ପାଣ୍ଠି (ଡିଏମ୍ଏଫ୍) ହେଉଛି ଜିଲାର ନିଜସ୍ୱ ଅର୍ଥ। ଜିଲାର ଖଣି ଖାଦାନ ଦ୍ୱାରା କ୍ଷତିଗ୍ରସ୍ତ ହେଉଥିବା ଅଞ୍ଚଳରେ ଏହାର ବିନିଯୋଗ ହେବ। କେନ୍ଦ୍ର ସରକାରଙ୍କ ବିନାନୁମୋଦନରେ ରାଜ୍ୟ ସରକାର ଏହି ପାଣ୍ଠିର କାର୍ଯ୍ୟ, ଖର୍ଚ୍ଚ ନିଷ୍ପତ୍ତି ବା ଅନୁମୋଦନ କରିପାରିବେ ନାହିଁ। ରାଜ୍ୟ ସରକାରଙ୍କ କୌଣସି ଯୋଜନାରେ ଏହା ଖର୍ଚ୍ଚ କରାଯାଇପାରିବ ନାହିଁ। ରାଜ୍ୟ ସରକାର ଏହି ଅର୍ଥକୁ ନିଜସ୍ୱ ତହବିଲ, ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ନେବା କିମ୍ବା ଜିଲା ବାହାର କୌଣସି ସ୍କିମ୍‌ରେ ଖର୍ଚ୍ଚ କରୁଛନ୍ତି। ଏହା ଜାଣିବା ପରେ ଡିଏମ୍ଏଫ୍ ଅର୍ଥକୁ କୌଣସି ପରିସ୍ଥିତିରେ ଜିଲା ବାହାରେ ଖର୍ଚ୍ଚ ନ କରିବାକୁ କେନ୍ଦ୍ର ସରକାର ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ତାଗିଦ୍ କରିଛନ୍ତି। ଏ ନେଇ ଖଣି ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖି ଅବଗତ କରାଯାଇଛି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ମାଇନ୍ସ ମିନେରାଲ୍ସ (ଡେଭଲପ୍‌ମେଣ୍ଟ ଆଣ୍ଡ ରେଗୁଲେଶନ) ଆକ୍ଟ-୧୯୫୭ର ଧାରା ୯(ବି) ଅନୁସାରେ ୨୦୧୫ରୁ ଖଣି



ଖନନ ଦ୍ୱାରା କ୍ଷତିଗ୍ରସ୍ତ ଲୋକ ଓ ସମ୍ପୃକ୍ତ ଅଞ୍ଚଳର ବିକାଶ ପାଇଁ ଡିଏମ୍ଏଫ୍ ଗଠନ କରିବାକୁ ବାଧ୍ୟତାମୂଳକ କରାଯାଇଛି। ଖଣି ଥିବା ଦେଶର ୬୦୦ ଜିଲାରେ ଡିଏମ୍ଏଫ୍ ଗଠନ କରାଯାଇଛି । କେତେକ ରାଜ୍ୟରେ ଡିଏମ୍ଏଫ୍ ପାଣ୍ଠିକୁ ଦୁରୁପଯୋଗ କରି ରାଜ୍ୟସ୍ତରୀୟ ପାଣ୍ଠି ବା ରାଜ୍ୟ ସରକାରୀ ତହବିଲ, ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠି କିମ୍ବା ସେଭଳି ଅନ୍ୟ ସ୍କିମ୍‌କୁ ଟ୍ରାନ୍ସଫର କରାଯାଉଥିବାରୁ କେନ୍ଦ୍ର ସରକାର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଡିଏମ୍ଏଫ୍ ପାଣ୍ଠିକୁ ଖଣି ଲିଜ୍‌ଧାରୀମାନେ ନିର୍ଦ୍ଧାରିତ ପ୍ରତିଶତର ରୟାଲଟି ପ୍ରଦାନ କରିବେ। ଧାରା ୯ (ବି) ଅନୁଯାୟୀ ଏହି ଅର୍ଥ ଖଣି ଦ୍ୱାରା କ୍ଷତିଗ୍ରସ୍ତ ଲୋକ ଓ ସମ୍ପୃକ୍ତ ଅଞ୍ଚଳର ବିକାଶରେ ବ୍ୟବହାର ହେବ। ତେବେ ରାଜ୍ୟ ସରକାର ଡିଏମ୍ଏଫ୍ ଅର୍ଥରୁ ଖଣି କ୍ଷତିଗ୍ରସ୍ତ ଅଞ୍ଚଳ ବା ଲୋକଙ୍କ ବିକାଶରେ ଖର୍ଚ୍ଚ କରିପାରିବେ ନାହିଁ। ଡିଏମ୍ଏଫ୍ ଅର୍ଥକୁ କୌଣସି ରାଜ୍ୟସ୍ତରୀୟ ସଂସ୍ଥାକୁ ହସ୍ତାନ୍ତର କରିବା ଉକ୍ତ ଆଇନର ଧାରା ୯ (ବି)ର ଖିଲାପ ବୋଲି ଚିଠିରେ କୁହାଯାଇଛି।

ଜିଲା ଖଣିଜ ପ୍ରତିଷ୍ଠାନ ନିଜର ଅର୍ଥକୁ ନିଜେ ଖର୍ଚ୍ଚ କରିବେ। ଏଥିରେ ରାଜ୍ୟ ସରକାରଙ୍କ କୌଣସି ପ୍ରକାର ହସ୍ତକ୍ଷେପକୁ ବିରୋଧ କରାଯାଇଛି। ଉକ୍ତ ଆଇନକୁ କଡ଼ାକଡ଼ି ପାଳନ କରିବା ସହ ଜିଲା ଖଣିଜ ପ୍ରତିଷ୍ଠାନ ପାଣ୍ଠିକୁ ରାଜ୍ୟସ୍ତରୀୟ ପାଣ୍ଠି ବା ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠି ବା ଅନ୍ୟ ଫଣ୍ଡ ବା ସ୍କିମ୍‌କୁ ଟ୍ରାନ୍ସଫର ନ କରିବାକୁ କୁହାଯାଇଛି। ରାଜ୍ୟ ସରକାର କିମ୍ବା ରାଜ୍ୟସ୍ତରୀୟ ଏଜେନ୍ସି ଜରିଆରେ ଡିଏମ୍ଏଫ୍ ଅର୍ଥକୁ ଖର୍ଚ୍ଚ କରାଯାଇପାରିବ ନାହିଁ ବୋଲି ସ୍ପଷ୍ଟ ଆଦେଶ ରହିଛି। ଏହାକୁ ଅନୁପାଳନ କରିବାକୁ କୁହାଯାଇଛି।

# ଭାରତୀୟ ଖବରଦାତାଙ୍କୁ ହତ୍ୟା



ଡାନିଶ ସିଦ୍ଦିକ

**କାବୁଲ/ନୂଆଦିଲ୍ଲୀ,୧୬।୭**

**ସେନା-ତାଲିବାନ ସଂଘର୍ଷ ବେଳେ ଗଲା ଡାନିଶ ସିଦ୍ଦିକିଙ୍କ ଜୀବନ**

ଆଫଗାନିସ୍ତାନର ପାକିସ୍ତାନ ସୀମାରେ ସେନା ଓ ତାଲିବାନ ମଧ୍ୟରେ ସଂଘର୍ଷ ଚାଲିଥିବାବେଳେ ଗୁରୁବାର ରାତିରେ ଖବର ସଂଗ୍ରହ କରୁଥିବା ଭାରତୀୟ ଫଟୋଜର୍ନାଲିଷ୍ଟ ଡାନିଶ ସିଦ୍ଦିକିଙ୍କ ମୃତ୍ୟୁ ଘଟିଛି। ୪୦ ବର୍ଷୀୟ ପୁଲିଜର ପୁରସ୍କାର ବିଜେତା ସିଦ୍ଦିକିଙ୍କ ହତ୍ୟାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ☞ପୃଷ୍ଠା-୪


## ପରିବହନ ଆୟୁକ୍ତଙ୍କ କାର୍ଯ୍ୟାଳୟ, ଓଡିଶା, କଟକ

### ବିଜ୍ଞାପନ

ଏତଦ୍ଦ୍ୱାରା ସମସ୍ତ ବସ୍ ମାଲିକମାନଙ୍କ ଗୋଚରାର୍ଥେ ଜଣାଇ ଦିଆଯାଉଅଛି ଯେ, ବିଭିନ୍ନ ମାର୍ଗମାନଙ୍କରେ ନୂତନ ଅସ୍ଥାୟୀ ପରମିଟ୍ ପ୍ରାପ୍ତି ନିମନ୍ତେ ବସ୍ ମାଲିକମାନେ ପ୍ରସ୍ତାବିତ ସମୟ ସହ ଦରଖାସ୍ତ କରିଅଛନ୍ତି । ଉକ୍ତ ବସ୍‌ଗୁଡିକର ରେଜିଷ୍ଟ୍ରେସନ୍ ନମ୍ବର, ମାଲିକଙ୍କ ନାମ, ଆବେଦନ କରିଥିବା route ଏବଂ timing ପରିବହନ କମିଶନରଙ୍କର Website : www.odishatransport.gov.in / opms.odishatransport.gov.in ରେ ଉପଲବ୍ଧ ଏହି ପରମିଟ୍ ଦରଖାସ୍ତ ଉପରେ ଯଦି କାହାର କୌଣସି ଆପତି ଥାଏ ତାହେଲେ Odisha Permit Management System (OPMS) ଏବଂ ori_stalaw@yahoo.co.inରେ ବସ୍ ମାଲିକମାନେ ୨୭.୦୭.୨୦୨୧ ସୁଦ୍ଧା ଆପତି ଦାଖଲ କରିପାରିବେ । ଏହାଛଡା ଶୁଣାଣୀ ଦିନ ମଧ୍ୟ ଆପତି ଦାଖଲ କରିପାରିବେ ।

ଉପରୋକ୍ତ ଦରଖାସ୍ତଗୁଡିକର ଶୁଣାଣୀ ପରିବହନ କମିଶନରଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷ, ୭ମ ମହଲା, ରାଜସ୍ୱପର୍ଷଦ ଭବନ, କଟକ ଠାରେ Video Conferencing ମାଧ୍ୟମରେ ନିମ୍ନମତେ କରାଯିବ ।

| କ୍ରମିକ ସଂଖ୍ୟା | ତାରିଖ | ସମୟ |
|---|---|---|
| ୧ ରୁ ୧୦୦ | ୦୨.୦୮.୨୦୨୧ | ୧ ରୁ ୫୦ – ୧୧ ଘଟିକା<br>୫୧ ରୁ ୧୦୦ – ୩ ଘଟିକା |
| ୧୦୧ ରୁ ୨୦୦ | ୦୩.୦୮.୨୦୨୧ | ୧୦୧ ରୁ ୧୫୦ – ୧୧ ଘଟିକା<br>୧୫୧ ରୁ ୨୦୦ – ୩ ଘଟିକା |
| ୨୦୧ ରୁ ୩୦୭ | ୦୪.୦୮.୨୦୨୧ | ୨୦୧ ରୁ ୨୫୦ – ୧୧ ଘଟିକା<br>୨୫୧ ରୁ ୩୦୭ – ୩ ଘଟିକା |

ରାଜ୍ୟ ପରିବହନ ପ୍ରାଧିକାରୀଙ୍କ ଦ୍ୱାରା ଆୟୋଜିତ ୨୮୭ ତମ ବୈଠକର ନିଷ୍ପତି ଅନୁଯାୟୀ ନିର୍ଦ୍ଦିଷ୍ଟ ଆନ୍ତଃଜିଲ୍ଲା ମାର୍ଗ ସବିରାମ ଯାତ୍ରୀବାହୀ ଯାନ ଅସ୍ଥାୟୀ ଅନୁମତି ପତ୍ର ନିମନ୍ତେ ପ୍ରଥମ ଦରଖାସ୍ତ ଦାଖଲ ହେବା ଦିନଠାରୁ ୩ ମାସ ମଧ୍ୟରେ ଦାଖଲ ହୋଇଥିବା ଆବେଦନ ପତ୍ରଗୁଡିକୁ କିମ୍ବା ଶୁଣାଣୀ ଦିବସ ଧାର୍ଯ୍ୟ ଦିନ ପର୍ଯ୍ୟନ୍ତ ପାଇଥିବା (ଯେଉଁଟି ଆଗ) ଆବେଦନ ପତ୍ରଗୁଡିକ ଏକ ସଙ୍ଗେ ବିଚାରକୁ ନିଆଯବ । ଉକ୍ତ ଦିବସ ପରେ ଦାଖଲ ହୋଇଥିବା ଦରଖାସ୍ତ ଏକ ସଙ୍ଗେ ବିଚାରକୁ ନିଆଯିବ ନାହିଁ । ଏଥି ନିମନ୍ତେ ଦରଖାସ୍ତ ଏବଂ ଆପତି କରିଥିବା ବସ୍‌ମାଲିକମାନେ ଉକ୍ତ ଦିନ, ସମୟରେ Video Conferencing Link (www.odishatransport.gov.in ରେ ଉପଲବ୍ଧ) ମାଧ୍ୟମରେ ନିଜ ଘରେ ଉପସ୍ଥିତ ରହି ନିଜର ପକ୍ଷ ମୌଖିକ ଭାବେ ରଖିପାରିବେ । COVID - 19 ହେତୁ ବ୍ୟକ୍ତିଗତ ହାଜିରା ବାରଣ କରାଯାଇଅଛି ।

ସଚିବ,
ରାଜ୍ୟ ପରିବହନ ପ୍ରାଧିକାରୀ
ଓଡିଶା, କଟକ


# ଆଜି ରାଜ୍ୟ କ୍ୟାବିନେଟ୍

**ଭୁବନେଶ୍ୱର, ୧୬।୭(ବ୍ୟୁରୋ)**

ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ କ୍ୟାବିନେଟ୍ ବୈଠକ ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଭିଡିଓ କନଫରେନ୍ସିଂ ଜରିଆରେ ସନ୍ଧ୍ୟା ୫ଟା ୩୦ ମିନିଟ୍‌ରେ ବସିବାକୁ ଥିବା ବୈଠକରେ ୮ଟି ଏଜେଣ୍ଡା ଉପରେ ମୋହର ବାଜିବ ବୋଲି ବିଶେଷ ସୂତ୍ରରୁ ଜଣାପଡିଛି। ସାଧାରଣ ପ୍ରଶାସନ ବିଭାଗର ୨ଟି ପ୍ରସ୍ତାବ, ପୂର୍ତ୍ତ, ସ୍ୱାସ୍ଥ୍ୟ, ଆଇନ ଏବଂ ରାଜସ୍ୱ ବିଭାଗର ଗୋଟିଏ ଲେଖା ପ୍ରସ୍ତାବକୁ କ୍ୟାବିନେଟ୍‌ରେ କ୍ୟାବିନେଟ୍‌ରେ ଅନୁମୋଦନ ମିଳିବ ବୋଲି କୁହାଯାଉଛି। ସେହିପରି ପଞ୍ଚାୟତିରାଜ ବିଭାଗର ୨ଟି ପ୍ରସ୍ତାବ ରହିଥିବା ସୂତ୍ରରୁ ଜଣାପଡିଛି। ଯେଉଁ ମନ୍ତ୍ରୀମାନେ ବାହାରେ ଥିବେ ସେମାନେ ଜିଲା ମୁଖ୍ୟାଳୟରୁ ଭିଡିଓ କନଫରେନ୍ସିଂ ଜରିଆରେ ଯୋଗଦେବେ।

**ଆଜିର ସମ୍ପାଦକୀୟ**

ନିୟନ୍ତ୍ରଣରେ ଦିଲ୍ଲୀ ପୋଲିସ

**ଆଜିର ମନ୍ତବ୍ୟ**

“ବିଂଶ ଶତାବ୍ଦୀର ଉପାୟ ଭାରତର କାମରେ ଆସିପାରିବ ନାହିଁ। ରେଲୱେ ପାଇଁ ଅଧିକ ସଂସ୍କାର ଆବଶ୍ୟକ।

**-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ**




**ୟୁପି କୋଭିଡ୍ ମୃତ୍ୟୁ: ୨୦୨୦ କର୍ମଚାରୀଙ୍କୁ କ୍ଷତିପୂରଣ**

ଏପ୍ରିଲ-ମେ'ରେ ଅନୁଷ୍ଠିତ ଉତ୍ତର ପ୍ରଦେଶ ପଞ୍ଚାୟତ ନିର୍ବାଚନ ବେଳେ ୨,୦୨୦ ଜଣ ସରକାରୀ କର୍ମଚାରୀ କୋଭିଡ୍ ସଂକ୍ରମିତ ହୋଇ ପ୍ରାଣ ହରାଇଛନ୍ତି। ରାଜ୍ୟ ସରକାର ପ୍ରତି ମୃତକଙ୍କ ପରିବାରକୁ ୩୦ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ଦେବେ ବୋଲି ଶୁକ୍ରବାର ଘୋଷଣା କରିଛନ୍ତି। ଏହା ପୂର୍ବରୁ ନିର୍ବାଚନ ଦାୟିତ୍ୱରେ ଥିବା ମାତ୍ର ୭୪ ସରକାରୀ କର୍ମଚାରୀଙ୍କ କରୋନାରେ ମୃତ୍ୟୁ ଘଟିଥିବା ସରକାର କହୁଥିଲେ। ତେବେ ୟୁପି ପ୍ରାଥମିକ ଶିକ୍ଷକ ସଂଘ ଏହାକୁ ଖଣ୍ଡନ କରି ପ୍ରକୃତ ମୃତ୍ୟୁସଂଖ୍ୟା ସରକାରଙ୍କ ଦାବିଠାରୁ ଅଧିକ ଢେର ଅଧିକ ବୋଲି କହିଥିଲା।





## ୯ ମାସ ପରେ ଖୋଲିଲା ଇଫେଲ୍ ଟାୱାର

ପ୍ୟାରିସ୍, ୧୬।୭

କରୋନା ମହାମାରୀ ଯୋଗୁ ୯ ମାସ ହେଲା ବନ୍ଦ ରହିଥିବା ଇଫେଲ୍ ଟାୱାର ଶୁକ୍ରବାର ଖୋଲିଛି। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଏହି ଟାୱାର କେବେ ଏତେଦିନ ବନ୍ଦ ରହି ନ ଥିଲା। ସାମାଜିକ ଦୂରତ୍ୱ ବଜାୟ ରଖିବା ଲାଗି ଦୈନିକ ୧୩,୦୦୦ ଦର୍ଶକଙ୍କୁ ଟାୱାର ଉପରକୁ ଯିବା ଲାଗି ଅନୁମତି ଦିଆଯାଇଛି। ଏଥିପାଇଁ ଦର୍ଶକମାନଙ୍କୁ କୋଭିଡ୍ ଟିକା ନେଇଥିବାର ପ୍ରମାଣ ପତ୍ର କିମ୍ବା ନେଗେଟିଭ୍ କୋଭିଡ୍ ରିପୋର୍ଟ ଦେଖାଇବାକୁ ହେବ। ଦୀର୍ଘଦିନ ବନ୍ଦ ରହିବା ଫଳରେ ଉକ୍ତ ଟାୱାର ପରିଚାଳନା ଦାୟିତ୍ୱ ନେଇଥିବା କମ୍ପାନୀ ଗୁରୁତର ଆର୍ଥିକ କ୍ଷତିର ସମ୍ମୁଖୀନ ହୋଇଛି। ଉକ୍ତ କୀର୍ତ୍ତିରାଜିକୁ ଚଳାଇବାକୁ ହେଲେ ସରକାର ୬୦ ନିୟୁତ ୟୁରୋ ଯୋଗାଇଦେବାକୁ କମ୍ପାନୀ ଦାବି କରିଛି।

## ଅଭିନେତ୍ରୀ ସୁରେଖା ସିକ୍ରିଙ୍କ ପରଲୋକ

ମୁମ୍ବାଇ, ୧୬।୭



ଜାତୀୟ ପୁରସ୍କାର ବିଜୟିନୀ ବର୍ଷିୟାନ ଅଭିନେତ୍ରୀ ସୁରେଖା ସିକ୍ରିଙ୍କର ଶୁକ୍ରବାର ସକାଳେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ତାଙ୍କୁ ୭୫ ବର୍ଷ ହୋଇଥିଲା। ଦ୍ୱିତୀୟ ଥର ବ୍ରେନ୍ ଷ୍ଟ୍ରୋକ୍ ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିଲା ବୋଲି ଅଭିନେତ୍ରୀଙ୍କ ଏଜେଣ୍ଟ ବିବେକ ସିଦ୍ଧୱାନୀ କହିଛନ୍ତି। ଚଳଚ୍ଚିତ୍ର 'ମାମୋ', 'ବଧାଇ ହୋ' ଏବଂ ଟିଭି ସିରିଏଲ୍ 'ବାଳିକା ବଧୂ'ରେ ଅଭିନୟ ତାଙ୍କୁ ବେଶ୍ ଲୋକପ୍ରିୟ କରାଇଥିଲା। ସେ ୩ଥର ଜାତୀୟ ପୁରସ୍କାର ଜିତିଥିଲେ।

'ବାଳିକା ବଧୂ'ରେ ଅଭିନୟରୁ ଦର୍ଶକ ମହଲରେ 'ଦାଦିସା' ଭାବେ ଲୋକପ୍ରିୟ ହୋଇଥିବା ସୁରେଖାଙ୍କ ଜନ୍ମ ଦିଲ୍ଲୀରେ। ସେ ନ୍ୟାଶନାଲ ସ୍କୁଲ୍ ଅଫ୍ ଡ୍ରାମା (ଏନ୍‌ଏସ୍‌ଡି)ରେ ଶିକ୍ଷାଲାଭ ପରେ ଥିଏଟରରେ କାମ କରିବା ସହ ଏନ୍‌ଏସ୍‌ଡି ରିପେର୍ଟୋରି କମ୍ପାନୀ ସହ ଦଶବର୍ଷରୁ ଊର୍ଦ୍ଧ୍ୱ ଜଡିତ ଥିଲେ। ୭୦ ଦଶକ ଶେଷ ଭାଗରେ ସେ ମୁମ୍ବାଇ ଆସି ୧୯୭୮ରେ ଅମ୍ରିତ୍ ନାହାଟାଙ୍କ 'କିସା କୁର୍ସି କା' ଚଳଚ୍ଚିତ୍ରରେ ପ୍ରଥମେ ଅଭିନୟ କରିଥିଲେ। ୧୯୮୬ରେ 'ତାମସ' ଚଳଚ୍ଚିତ୍ରରେ ଅଭିନୟ ପାଇଁ ସେ ପ୍ରଥମ ଜାତୀୟ ପୁରସ୍କାର ପାଇଥିଲେ। ୧୯୮୯ରେ ତାଙ୍କୁ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ମିଳିଥିଲା। ୧୯୯୪ରେ ଶ୍ୟାମ ବେନେଗଲଙ୍କ 'ମାମୋ' ଚଳଚ୍ଚିତ୍ରରେ ଅଭିନୟ ପାଇଁ ତାଙ୍କୁ ଦ୍ୱିତୀୟ ନ୍ୟାଶନାଲ ଫିଲ୍ମ ଆୱାର୍ଡ ଏବଂ ୨୦୧୮ରେ 'ବଧାଇ ହୋ' ଚଳଚ୍ଚିତ୍ରରେ ଅଭିନୟ ପାଇଁ ତୃତୀୟ ପୁରସ୍କାର ମିଳିଥିଲା। ୨୦୨୦ରେ ତାଙ୍କୁ ଶେଷ ଥର ପାଇଁ ନେଟ୍‌ଫ୍ଲିକ୍ସର 'ଘୋଷ୍ଟ ଷ୍ଟୋରିଜ୍'ରେ ଦେଖିବାକୁ ମିଳିଥିଲା।

### ସଂକ୍ଷେପରେ

## ଦଳ ଛାଡ଼ିପାରିବେ ଭୟାଳୁ: ରାହୁଲ

**ନୂଆଦିଲ୍ଲୀ, ୧୬।୭:** ଭାଜପା ଏବଂ ବାସ୍ତବତାକୁ ସାମ୍ନା କରିବାକୁ ଯେଉଁମାନେ ଭୟ କରୁଥିଲେ, ସେମାନଙ୍କୁ ଦଳ ଛାଡ଼ିବା ପାଇଁ ସ୍ୱାଧୀନତା ଦିଆଯାଇଛି। କଂଗ୍ରେସ ବାହାରେ ଥିବା ନିର୍ଭୟ ବ୍ୟକ୍ତିଙ୍କୁ ଦଳରେ ସ୍ୱାଗତ କରିବାକୁ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଶୁକ୍ରବାର ପରାମର୍ଶ ଦେଇଛନ୍ତି। ଏକ ଅନ୍‌ଲାଇନ କାର୍ଯ୍ୟକ୍ରମରେ ସୋସିଆଲ ମିଡିଆ କର୍ମୀମାନଙ୍କୁ ଉଦ୍‌ବୋଧନ ଦେଇ ରାହୁଲ କହିଥିଲେ, ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କ ଭଳି ଯେଉଁମାନେ ପୂର୍ବରୁ ଭୟ କରିଥିଲେ, ସେମାନେ ଦଳ ଛାଡ଼ିଦେଇଛନ୍ତି। ଅନେକ ଲୋକ ଦଳ ବାହାରେ ଅଛନ୍ତି, ଯେଉଁମାନେ ଭୟ କରନ୍ତି ନାହିଁ। ସେମାନଙ୍କୁ ଦଳକୁ ଆଣିବା ପାଇଁ ରାହୁଲ କହିଛନ୍ତି।

## କଂଗ୍ରେସ ଅଧ୍ୟକ୍ଷ ଚର୍ଚ୍ଚାକୁ କମଲ ନାଥଙ୍କ ଖଣ୍ଡନ

**ନୂଆଦିଲ୍ଲୀ, ୧୬।୭:** ବରିଷ୍ଠ କଂଗ୍ରେସ ନେତା କମଲ ନାଥ ଦଳର ଅଧ୍ୟକ୍ଷ ହେବା ନେଇ ଚର୍ଚ୍ଚା ଜୋର୍ ଧରିଥିବାବେଳେ ଏହାକୁ ସେ ଖଣ୍ଡନ କରିଛନ୍ତି। କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ସହ ତାଙ୍କ ବୈଠକ ପରେ ବଡ଼ ପଦବୀ ମିଳିବା ନେଇ ଚର୍ଚ୍ଚା ହେଉଥିଲା। ତେବେ ସେ ମଧ୍ୟପ୍ରଦେଶରେ ଅଛନ୍ତି ଓ ମଧ୍ୟପ୍ରଦେଶରେ ହିଁ ରହିବେ ବୋଲି କହିଛନ୍ତି। ସୋନିଆଙ୍କ ସହ ତାଙ୍କର ପଞ୍ଜାବରେ ଦଳୀୟ ଅନ୍ତର୍ଦ୍ୱନ୍ଦ୍ୱ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। କଂଗ୍ରେସରେ କାର୍ଯ୍ୟକାରୀ ଅଧ୍ୟକ୍ଷ କିମ୍ବା ଉପାଧ୍ୟକ୍ଷ ନିଯୁକ୍ତି ନେଇ ଏବେ କୌଣସି ଯୋଜନା ନ ଥିବା ଦଳୀୟ ସୂତ୍ରରୁ ଜଣାପଡ଼ିଛି।

## ଭୂଷଣ କୁମାରଙ୍କ ନାଁରେ ବଳାତ୍କାର ମାମଲା



**ମୁମ୍ବାଇ,୧୬।୭:** ଏଣ୍ଟରଟେନ୍‌ମେଣ୍ଟ ସଂସ୍ଥା 'ଟି-ସିରିଜ' ମାଲିକ ଭୂଷଣ କୁମାରଙ୍କ ବିରୋଧରେ ଜଣେ ମଡେଲ ବଳାତ୍କାର ଅଭିଯୋଗ ଆଣିଛନ୍ତି। ମୁମ୍ବାଇ ପୋଲିସରେ ଏତଲା ଦେଇଥିବା ୩୦ ବର୍ଷୀୟା ମଡେଲ କହିଛନ୍ତି, ସମ୍ପର୍କ ରଖିବାକୁ ରାଜି ହେଲେ କାମ ଦେବେ ବୋଲି ୪୩ ବର୍ଷୀୟ ଭୂଷଣ ତାଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ସେ ୨୦୧୭ରୁ ୨୦୨୦ ମଧ୍ୟରେ ତାଙ୍କୁ ଅନେକ ଥର ବଳାତ୍କାର କରିଥିଲେ। ଗତ ମାର୍ଚ୍ଚରେ ଭୂଷଣଙ୍କୁ ଏକ ୱେବ୍‌ସିରିଜ୍ ପ୍ରଯୋଜନାରେ ସାହାଯ୍ୟ କରିବା ପାଇଁ ଅନୁରୋଧ କରିଥିଲେ। ହେଲେ ଭୂଷଣ ତାଙ୍କୁ ରୋକ୍‌ଠୋକ୍ ମନା କରିଦେଇଥିଲେ ବୋଲି ମଡେଲ ଜଣକ କହିଛନ୍ତି। ପୋଲିସ ଏନେଇ ବଳାତ୍କାର ମାମଲା ରୁଜୁ କରି ତଦନ୍ତ ଚଳାଇଛି। ତେବେ କମ୍ପାନୀ ପକ୍ଷରୁ ଅଭିଯୋଗକୁ ଭିତ୍ତିହୀନ କହି ଖଣ୍ଡନ କରାଯାଇଛି। ଓକିଲଙ୍କ ସହ ପରାମର୍ଶ ପରେ ସମ୍ପୃକ୍ତ ମଡେଲଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଟି-ସିରିଜ୍ କହିଛି। ପ୍ରକାଶ ଯେ, କ୍ୟାସେଟ୍ କିଙ୍ଗ୍ ନାମରେ ଜଣାଶୁଣା ଟି-ସିରିଜ ପ୍ରତିଷ୍ଠାତା ଗୁଲଶନ କୁମାରଙ୍କୁ ୧୯୯୭ରେ ମୁମ୍ବାଇର ଅନ୍ଧେରୀରେ ହତ୍ୟା କରାଯାଇଥିଲା।

# ଯୋଗୀଙ୍କୁ ଘେରିଲେ ପ୍ରିୟଙ୍କା

## ପ୍ରଧାନମନ୍ତ୍ରୀଙ୍କ ସାର୍ଟିଫିକେଟ ଘଣ୍ଟ ଘୋଡ଼ାଇପାରିବନି

ଲକ୍ଷ୍ନୌ/ନୂଆଦିଲ୍ଲୀ,୧୬।୭

ମହାମାରୀ କରୋନାର ଦ୍ୱିତୀୟ ଲହର ଉତ୍ତରପ୍ରଦେଶକୁ ଥରାଇ ଦେଇଛି। ଏହାର ମୁକାବିଲାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ରୂପେ ବିଫଳ ହୋଇଛନ୍ତି। ଏହାସତ୍ତ୍ୱେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ପ୍ରଶଂସା କରିଛନ୍ତି। ମୋଦିଙ୍କ ପ୍ରଶଂସାମୂଳକ ପ୍ରମାଣପତ୍ର ଯୋଗୀ ସରକାରଙ୍କ ବର୍ବରତା, ଅବହେଳା ଓ କୁପରିଚାଳନାକୁ ଘଣ୍ଟ ଘୋଡ଼ାଇପାରିବ ନାହିଁ ବୋଲି ଶୁକ୍ରବାର କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ତୀର ମାରିଛନ୍ତି।

ଆସନ୍ତା ମାର୍ଚ୍ଚ ଆଡ଼କୁ ୟୁପିରେ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ମୋଦି ଗୁରୁବାର ନିଜ ସଂସଦୀୟ ଆସନ ବାରାଣସୀକୁ ୮ ମାସ ପରେ ଯାଇଥିଲେ। ସେଠାରେ ସେ ଅନେକ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ଯୋଗୀଙ୍କୁ ଭୂୟସୀ ପ୍ରଶଂସା କରିଥିଲେ। ଯୋଗୀଙ୍କ ଅଭୂତପୂର୍ବ କୋଭିଡ୍ ମୁକାବିଲା ଯୋଗୁ ସ୍ଥିତି ସୁଧୁରିଥିବା କହିଥିଲେ। ଏହାର ଦିନକ ପରେ ପ୍ରିୟଙ୍କା ୨ ଦିନିଆ ଲକ୍ଷ୍ନୌ ଗସ୍ତ ପୂର୍ବରୁ ହିନ୍ଦୀରେ ଟୁଇଟ୍ କରିଛନ୍ତି। କହିଛନ୍ତି, ଲୋକେ ମହାମାରୀ ବେଳେ ଅସୁବିଧାର ସମ୍ମୁଖୀନ ହେବାବେଳେ ଅସହାୟ ହୋଇପଡ଼ିଥିଲେ। ଏହି ସତ୍ୟକୁ କେବେ ମୋଦି ଭୁଲିଯାଇପାରନ୍ତି, କିନ୍ତୁ ଯନ୍ତ୍ରଣା ଭୋଗିଥିବା ଲୋକେ ମନେରଖିବେ। ୨୦୧୭ରେ ୟୁପି ବିଧାନସଭା ନିର୍ବାଚନ ପୂର୍ବରୁ ପ୍ରିୟଙ୍କାଙ୍କୁ କଂଗ୍ରେସର ସାଧାରଣ ସମ୍ପାଦକ ନିଯୁକ୍ତ କରାଯାଇଥିଲେ ହେଁ ତାଙ୍କ କୌଣସି ଯାଦୁ ସେଠାରେ କାମ କରି ନ ଥିଲା। ଆଗାମୀ ବିଧାନସଭା ନିର୍ବାଚନ ପ୍ରସ୍ତୁତି ପାଇଁ ୟୁପି ପ୍ରଭାରୀ ପ୍ରିୟଙ୍କା ଦେଢ଼ ବର୍ଷ ପରେ ଲକ୍ଷ୍ନୌ ଯାଇଛନ୍ତି। ଚୌଧୁରୀ ଚରଣ ସିଂ ବିମାନବନ୍ଦରରୁ ସେ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ହଜରତଗଞ୍ଜ ଜିପିଓ ପାର୍କରେ ପହଞ୍ଚିଥିଲେ। ସେଠାରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ୨ ଘଣ୍ଟା ଧାରଣାରେ ବସି ଯୋଗୀ ସରକାର ବିରୋଧରେ ସେ ନୀରବ ବିକ୍ଷୋଭ କରିଥିଲେ। ପୋଲିସ ସେଠାରେ ପହଞ୍ଚିବାରୁ ପ୍ରିୟଙ୍କା ଏକ କାଗଜରେ ଉତ୍ତର ଲେଖିଥିଲେ, ରାଜ୍ୟରେ ମହିଳାମାନେ ସୁରକ୍ଷିତ



- ଲକ୍ଷ୍ନୌରେ କଲେ ମୌନବ୍ରତ
- ପୋଲିସଙ୍କୁ ଦେଲେ ଲିଖିତ ଜବାବ

ନୁହନ୍ତି। ଭାଜପା ଜଙ୍ଗଲରାଜ, ପଞ୍ଚାୟତ ନିର୍ବାଚନରେ ହିଂସା, ମହିଳାଙ୍କୁ ନିର୍ଯାତନା ଓ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପ୍ରତିବାଦରେ ସେ ଧାରଣାରେ ବସିଛନ୍ତି। ଏସବୁର ଅନ୍ତ ଘଟାଇ ୟୁପିର ଏକଛତ୍ରବାଦୀ ସରକାରଙ୍କୁ ମୂଳରୁ ଉପାଡ଼ିବା ଲାଗି ମୌନବ୍ରତ କରିଛନ୍ତି। ପୋଲିସ ପ୍ରିୟଙ୍କାଙ୍କୁ କୋଭିଡ୍ ପ୍ରୋଟୋକଲ କଥା କହିବାରୁ ସେ ଲେଖିକି ଉତ୍ତର ଦେଇଥିଲେ, ଏହି କଟକଣା ପଞ୍ଚାୟତ ନିର୍ବାଚନ ବେଳେ ମଧ୍ୟ ଥିଲା। ଏହି ଅବସରରେ ୟୁପି କଂଗ୍ରେସ ସଭାପତି ଅଜୟ କୁମାର ଲଲ୍ଲୁ କହିଛନ୍ତି, ସେ ଶନିବାର ଅମେଠି ଓ ରାଏବରେଲି ବ୍ଲକ୍ କଂଗ୍ରେସ ସଭାପତିମାନଙ୍କ ସହ ଆଗାମୀ ନିର୍ବାଚନ ନେଇ ଆଲୋଚନା କରିବେ। ଏହାସହ ଦଳର ପୂର୍ବତନ ବିଧାୟକ-ଏମ୍‌ପି ଏବଂ ବେରୋଜଗାର ମଞ୍ଚର କର୍ମକର୍ତ୍ତାଙ୍କୁ ଭେଟିବେ।

## ତୃତୀୟ ଲହର ରୋକିବାକୁ ପଦକ୍ଷେପ ନିଅ

### ସଂକ୍ରମଣ ବଢୁଥିବା ରାଜ୍ୟଙ୍କୁ ମୋଦିଙ୍କ ପରାମର୍ଶ

ନୂଆଦିଲ୍ଲୀ, ୧୬।୭

କରୋନା ସଂକ୍ରମଣ ବଢୁଥିବା ରାଜ୍ୟଗୁଡ଼ିକ ତୃତୀୟ ଲହର ରୋକିବା ଦିଗରେ ସକ୍ରିୟ ପଦକ୍ଷେପ ଗ୍ରହଣ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ପରାମର୍ଶ ଦେଇଛନ୍ତି। ଟେଷ୍ଟିଂ, ଟ୍ରାକିଂ, ଟ୍ରିଟ୍‌ମେଣ୍ଟ ଏବଂ ଟିକାକରଣ ବଢ଼ାଇବା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ସଂକ୍ରମଣ ବଢୁଥିବା ମହାରାଷ୍ଟ୍ର, କେରଳ, ଓଡ଼ିଶା, ତାମିଲନାଡ୍ରୁ, ଆନ୍ଧ୍ରପ୍ରଦେଶ ଏବଂ କର୍ଣ୍ଣାଟକର ମୁଖ୍ୟମନ୍ତ୍ରୀମାନଙ୍କ ସହ ମୋଦି କଥା ହୋଇଥିଲେ। ଗତ ସପ୍ତାହରେ ନୂଆ ସଂକ୍ରମଣର ୮୦ ପ୍ରତିଶତ ଏହି ରାଜ୍ୟରୁ ରହିଥିଲା। ମହାରାଷ୍ଟ୍ର ଓ କେରଳରେ ସଂକ୍ରମଣର ଦ୍ରୁତ ବୃଦ୍ଧି ଚିନ୍ତାଜନକ। ତୃତୀୟ ଲହରକୁ ରୋକିବାକୁ ହେବ। ଏଥିପାଇଁ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ୍‌ଗୁଡ଼ିକ ଉପରେ ସ୍ୱତନ୍ତ୍ର ନଜର ରଖିବାକୁ ପ୍ରଧାନମନ୍ତ୍ରୀ କହିଛନ୍ତି।

## କୂଅରେ ପଡ଼ି ୪ ମୃତ, ୧୩ ନିଖୋଜ

### ବାଳିକାକୁ ଉଦ୍ଧାର ସମୟରେ ଖସିପଡ଼ିଥିଲେ ୩୬ ଜଣ

ବିଦିଶା (ଏମ୍‌ପି), ୧୬।୭

ମଧ୍ୟପ୍ରଦେଶର ବିଦିଶା ଜିଲା ଗଞ୍ଜବାସୌଦାର ଏକ କୂଅରେ ପଡ଼ି ୪ ଜଣଙ୍କର ମୃତ୍ୟୁ ଘଟିଛି। କୂଅଟିରେ ଏକ ବାଳିକା ଖସିପଡ଼ିଥିବାବେଳେ ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରିବାକୁ ଉଦ୍ୟମ ଚଳାଇଥିଲେ। କିଛି ଲୋକ ଚାରିପଟେ ରୁଣ୍ଡ ହୋଇ ଉଦ୍ଧାର କାର୍ଯ୍ୟ ଦେଖୁଥିଲାବେଳେ ଏହା ଭୁଶୁଡ଼ି ପଡ଼ିବାରୁ ୩୬ ଜଣ କୂଅ ଭିତରେ ଖସିପଡ଼ିଥିଲେ। ସେମାନଙ୍କ ମଧ୍ୟରୁ ୧୯ ଜଣଙ୍କୁ ଉଦ୍ଧାର କରାଯାଇଥିବାବେଳେ ୪ ଜଣଙ୍କ ମୃତଦେହ ମିଳିଛି। ଅନ୍ୟ ୧୩ ଜଣ ନିଖୋଜ ଅଛନ୍ତି। ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଉଦ୍ଧାର କାର୍ଯ୍ୟରେ ଏନ୍‌ଡିଆର୍‌ଏଫ୍ ଏବଂ ଏସ୍‌ଡିଆର୍‌ଏଫ୍ ଯବାନମାନେ ମୁତୟନ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନଙ୍କ ନିର୍ଦ୍ଦେଶକ୍ରମେ ମନ୍ତ୍ରୀ ବିଶ୍ୱାସ ସାରଙ୍ଗ ଘଟଣାସ୍ଥଳକୁ ଯାଇ ଉଦ୍ଧାର କାର୍ଯ୍ୟର ତଦାରଖ କରୁଛନ୍ତି।

ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ କୂଅଟି ୫୦ ଫୁଟ ଗଭୀର ହୋଇଥିବାବେଳେ ସେଥିରେ ୨୦ ଫୁଟ ଉଚ୍ଚାରେ ପାଣି ଥିଲା। ଗୁରୁବାର ସନ୍ଧ୍ୟା ୬ଟାରେ ଏକ ବାଳିକା ଉକ୍ତ କୂଅରେ ପଡ଼ିଯାଇଥିଲେ। ତାଙ୍କୁ ଉଦ୍ଧାର କରିବାକୁ କେତେଜଣ ଲୋକ କୂଅରେ ପଶିଥିବାବେଳେ ଅନ୍ୟମାନେ ଏହା ଉପରେ ଛିଡ଼ାହୋଇ ଦେଖୁଥିଲେ। ଏହି ସମୟରେ କୂଅର କାନ୍ଥ ଭୁଶୁଡ଼ି ପଡ଼ିବାରୁ ଅନ୍ୟମାନେ ପଡ଼ିଯାଇଥିଲେ। ମଧ୍ୟପ୍ରଦେଶ ସରକାର ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଲେଖାଏ ସହାୟତା ଘୋଷଣା କରିଛନ୍ତି। ଏଥିସହିତ ଆହତମାନଙ୍କୁ ୫୦ ହଜାର ଟଙ୍କା ଲେଖାଏ ଆର୍ଥିକ ସହାୟତା ସହ ମାଗଣା ଚିକିତ୍ସା ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି।



କୂଅରେ ଏନ୍‌ଡିଆରଏଫ୍ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି।

## କାଉଡ଼ିଆ ଯାତ୍ରା ନିଷ୍ପତ୍ତିର ପୁନର୍ବିଚାର କର

ନୂଆଦିଲ୍ଲୀ, ୧୬।୭



### ୟୁପି ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ପରାମର୍ଶ

କରୋନା ମହାମାରୀ ସମୟରେ ଉତ୍ତରପ୍ରଦେଶ ସରକାର କାଉଡ଼ିଆ ଯାତ୍ରାକୁ ଅନୁମତି ଦେଇଥିବାରୁ ଏହାର ପୁନର୍ବିଚାର କରିବାକୁ ସୁପ୍ରିମକୋର୍ଟ ଶୁକ୍ରବାର ରାଜ୍ୟ ସରକାରଙ୍କୁ କହିଛନ୍ତି। ସୋମବାର ସୁଦ୍ଧା ଯଦି ସରକାର କାଉଡ଼ିଆ ଯାତ୍ରା ବନ୍ଦ ପାଇଁ ନିଷ୍ପତ୍ତି ନ ନିଅନ୍ତି, ତେବେ ଅଦାଲତ ନିର୍ଦ୍ଦେଶନାମା ଜାରି କରିବେ ବୋଲି କହିଛନ୍ତି। ସମ୍ବିଧାନର ଅନୁଚ୍ଛେଦ ୨୧ ଅନୁଯାୟୀ ମହାମାରୀ ସମୟରେ ଲୋକଙ୍କ ସ୍ୱାସ୍ଥ୍ୟ ଏବଂ ଜୀବନ ଧାରଣ ଅଧିକାର ଗୁରୁତ୍ୱପୂର୍ଣ୍ଣ ବୋଲି ଜଷ୍ଟିସ୍ ଆର୍.ଏଫ୍, ନରିମାନ ଏବଂ ବି.ଆର୍, ଗଭାଇଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି। ଜୁଲାଇ ୨୫ରୁ କାଉଡ଼ିଆ ଯାତ୍ରା ଆରମ୍ଭ ହେବାକୁ ଥିବାବେଳେ ଏହାଦ୍ୱାରା କରୋନା ସଂକ୍ରମଣ ବ୍ୟାପିବା ଆଶଙ୍କା କରାଯାଉଛି। ତେଣୁ ଏହି ଯାତ୍ରା ଉପରେ ରୋକ ଲଗାଇବାକୁ ସର୍ବୋଚ୍ଚ ଅଦାଲତରେ ପିଟିଶନ ଦାଏର କରାଯାଇଥିଲା। ଶ୍ରାବଣ ମାସରେ ହେଉଥିବା କାଉଡ଼ିଆ ଯାତ୍ରାରେ ଲକ୍ଷ ଲକ୍ଷ ଶିବଭକ୍ତ ସାମିଲ ହୋଇଥାନ୍ତି। ସେମାନେ ଗଙ୍ଗାନଦୀରୁ ଜଳ ନେଇ ଚାଲି ଚାଲି ଶୈବ ପୀଠକୁ ଯାଇ ସେଠାରେ ଜଳଲାଗି କରିଥାନ୍ତି। କରୋନା ଯୋଗୁ ଗତବର୍ଷ ଏହି ଯାତ୍ରା ବନ୍ଦ ଥିଲା। ଚଳିତବର୍ଷ ଉତ୍ତରାଖଣ୍ଡ ସରକାର କାଉଡ଼ିଆ ଯାତ୍ରାକୁ ବନ୍ଦ କରିଛନ୍ତି।

## ପାୱାର-ଆଣ୍ଟୋନିଙ୍କୁ ଭେଟିଲେ ରାଜନାଥ

**ନୂଆଦିଲ୍ଲୀ, ୧୬।୭:** ଭାରତ-ଚାଇନା ସୀମା ବିବାଦ ଚାଲିଥିବାବେଳେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଶୁକ୍ରବାର ବରିଷ୍ଠ କଂଗ୍ରେସ ନେତା ଏ.କେ. ଆଣ୍ଟୋନି ଏବଂ ଏନ୍‌ସିପି ଅଧ୍ୟକ୍ଷ ଶରଦ ପାୱାରଙ୍କୁ ଭେଟିଛନ୍ତି। ସେ ଦୁଇ ପୂର୍ବତନ ପ୍ରତିରକ୍ଷାମନ୍ତ୍ରୀଙ୍କୁ ପ୍ରକୃତ ନିୟନ୍ତ୍ରଣରେଖା (ଏଲ୍‌ଏସି) ସ୍ଥିତି ସମ୍ପର୍କରେ ଅବଗତ କରାଇଛନ୍ତି। ଆସନ୍ତା ୧୯ରେ ଆରମ୍ଭ ହେବାକୁ ଥିବା ପାର୍ଲାମେଣ୍ଟର ମୌସୁମୀ ଅଧିବେଶନ ପୂର୍ବରୁ ଏହି ବୈଠକକୁ ସହମତି ନିମନ୍ତେ ସରକାରଙ୍କ ପ୍ରୟାସ ବୋଲି କୁହାଯାଉଛି।

## ଅନିଲ ଦେଶମୁଖଙ୍କ ୪.୨ କୋଟି ଟଙ୍କାର ସମ୍ପତ୍ତି ଜବତ

ମୁମ୍ବାଇ, ୧୬।୭

ଏକ ଦୁର୍ନୀତି ମାମଲାର ମନିଲଣ୍ଡରିଂ ଦିଗ ଉପରେ ତଦନ୍ତ କରୁଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଶୁକ୍ରବାର ମହାରାଷ୍ଟ୍ରର ପୂର୍ବତନ ଗୃହମନ୍ତ୍ରୀ ଅନିଲ ଦେଶମୁଖ ଓ ତାଙ୍କ ପରିବାରର ୪.୨ କୋଟି ଟଙ୍କାର ସମ୍ପତ୍ତି ଜବତ କରିଛି। ଜବତ ସମ୍ପତ୍ତି ମଧ୍ୟରେ ରହିଛି ମୁମ୍ବାଇର ୱର୍ଲିସ୍ଥିତ ଫ୍ଲାଟ୍, ଯାହାର ମୂଲ୍ୟ ୧.୫୪ କୋଟି ଟଙ୍କା ଏବଂ ମହାରାଷ୍ଟ୍ରର ରାଇଗଡ଼ ଜିଲା ଧୁତୁମ୍ ଗ୍ରାମରେ ଥିବା ୨.୬୭ କୋଟି ଟଙ୍କାର ଜମି। ଅନିଲ ଗୃହମନ୍ତ୍ରୀ ଥିବାବେଳେ ବର୍ତ୍ତମାନ ନିଲମ୍ବିତ ହୋଇଥିବା ପୋଲିସ ଅଫିସର ସଚିନ ୱାଜେଙ୍କ ଜରିଆରେ ବିଭିନ୍ନ ବାର୍ ମାଲିକଙ୍କଠାରୁ ବେଆଇନ ଭାବେ ୪.୭୦ କୋଟି ନଗଦ ଟଙ୍କା ସଂଗ୍ରହ କରିଥିବା ଇଡି ତଦନ୍ତରୁ ଜାଣିବାକୁ ପାଇଛନ୍ତି। ଏହି ବେଆଇନ ଅର୍ଥରୁ ୪.୧୮ କୋଟି ଟଙ୍କାକୁ ତାଙ୍କ ପରିବାର ବୈଧ କରିବା ପାଇଁ ଉଦ୍ୟମ କରି ଶ୍ରୀ ସାଇ ଶିକ୍ଷଣ ସଂସ୍ଥା ନାମକ ଟ୍ରଷ୍ଟରୁ ଗ୍ରହଣ କରିଥିବା ଦର୍ଶାଇଥିଲେ। ଜେରା ପାଇଁ ୭୨ ବର୍ଷୀୟ ଅନିଲଙ୍କୁ ଇଡି ୩ ଥର ସମନ କରିଥିଲେ ମଧ୍ୟ ସେ ଏହାକୁ ଏଡ଼ାଇ ଯାଇଥିଲେ। ତାଙ୍କ ପୁଅ ହୃଷୀକେଶ ଏବଂ ସ୍ତ୍ରୀଙ୍କୁ ମଧ୍ୟ ସମନ ହୋଇଥିଲା। ପୋଲିସ ଅଫିସରଙ୍କ ଜରିଆରେ ଅନିଲ ମୁମ୍ବାଇର ବିଭିନ୍ନ ଡ୍ୟାନ୍ସ ବାର୍‌ରୁ ୧୦୦ କୋଟି ଟଙ୍କା ଚାନ୍ଦା ସଂଗ୍ରହ କରିଥିବା ପୂର୍ବତନ ପୋଲିସ କମିଶନର ପରମବୀର ସିଂ ଅଭିଯୋଗ ଆଣିଥିଲେ। ଦୁର୍ନୀତି ଅଭିଯୋଗ ପାଇଁ ଅନିଲ ଗତ ଏପ୍ରିଲରେ ମନ୍ତ୍ରୀପଦରୁ ଇସ୍ତଫା ଦେଇଥିଲେ।

# ସଂକ୍ରମଣର ହଟ୍‌ସ୍ପଟ୍ ଦକ୍ଷିଣପୂର୍ବ ଏସିଆ

### ସପ୍ତାହେରେ ୫ ଲକ୍ଷରୁ ଊର୍ଦ୍ଧ୍ୱ ସଂକ୍ରମିତ

### ମୃତ୍ୟୁସଂଖ୍ୟା ବଢ଼ିଛି ୩୯ ପ୍ରତିଶତ

ନୂଆଦିଲ୍ଲୀ, ୧୬।୭



ଟିକାକରଣରେ ବିଶେଷ ଅଗ୍ରଗତି ହୋଇ ନ ଥିବା ଦକ୍ଷିଣପୂର୍ବ ଏସିଆ କୋଭିଡ୍ ୧୯ର ଦ୍ରୁତ ସଂକ୍ରାମକ ଡେଲ୍ଟା ଭାରିଆଣ୍ଟ ଯୋଗୁ ସର୍ବାଧିକ କ୍ଷତିଗ୍ରସ୍ତ ହେବାକୁ ଯାଉଛି। ଏହି ଅଞ୍ଚଳ ଏବେ କରୋନା ସଂକ୍ରମଣର ହଟ୍‌ସ୍ପଟ୍‌ରେ ପରିଣତ ହୋଇଛି। ପୂର୍ବରୁ ଦକ୍ଷିଣ ଆମେରିକା ଏବଂ ଭାରତରେ ଯେଉଁଭଳି ଦ୍ରୁତ ସଂକ୍ରମଣ ହେଉଥିଲା ଏବେ ଦକ୍ଷିଣପୂର୍ବ ଏସିଆରେ ଭୂତାଣୁ ସେହିଭଳି ବ୍ୟାପିବାରେ ଲାଗିଛି। ଗତ ସପ୍ତାହରେ ସଂକ୍ରମଣ ୪୧ ପ୍ରତିଶତ ବୃଦ୍ଧି ପାଇଛି। ଜନ୍ସ ହପ୍‌କିନ୍ସ ୟୁନିଭର୍ସିଟି ତଥ୍ୟ ଅନୁଯାୟୀ ସପ୍ତାହେ ମଧ୍ୟରେ ସେଠାରେ ୫ ଲକ୍ଷରୁ ଊର୍ଦ୍ଧ୍ୱ ସଂକ୍ରମିତ ହୋଇଛନ୍ତି। ସେହିପରି ମୃତ୍ୟୁସଂଖ୍ୟା ମଧ୍ୟ ୩୯ ପ୍ରତିଶତ ବୃଦ୍ଧି ପାଇଛି। ଆଗାମୀ ଦିନରେ ମୃତ୍ୟୁସଂଖ୍ୟା ଅଧିକ ଦ୍ରୁତ ବେଗରେ ବଢ଼ିବା ଆଶଙ୍କା କରାଯାଉଛି।

ଆମେରିକା ଏବଂ ୟୁରୋପୀୟ ଦେଶରେ ଅର୍ଦ୍ଧାଧିକ ଲୋକ କୋଭିଡ୍ ଟିକା ନେଇସାରିଥିବାବେଳେ ଦକ୍ଷିଣପୂର୍ବ ଏସିଆରେ ଟିକାକରଣ ହାର ୯ ପ୍ରତିଶତରେ ସୀମିତ ରହିଛି। ବିକଶିତ ଦେଶଗୁଡ଼ିକରେ କୋଭିଡ୍ କଟକଣା କୋହଳ କରାଯାଇ ସମସ୍ତ ବ୍ୟବସାୟ ଖୋଲିଦିଆଗଲାଣି। ଏପରି ସ୍ଥଳେ ଦକ୍ଷିଣପୂର୍ବ ଏସିଆର ଅଧିକାଂଶ ଅଞ୍ଚଳରେ ଯାତାୟାତରେ ପୁନର୍ବାର କଟକଣା ଲଗାଯାଉଛି। ସିଙ୍ଗାପୁରରେ ସୀମା ସିଲ୍ କରାଯିବା ଏବଂ ଟିକାକରଣ ହାର ଭଲ ଥିବାରୁ ସଂକ୍ରମଣକୁ ରୋକାଯାଇପାରିଛି। ସିଙ୍ଗାପୁରକୁ ବାଦ୍ ଦେଲେ ଏହି ଅଞ୍ଚଳର ଅନ୍ୟ ୧୦ଟି ଦେଶ ଗୁରୁତର ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଛନ୍ତି ଏବଂ ସେଠାର ସ୍ଥିତି ସୁଧୁରିବା ଏତେ ସହଜ ଆଶା କରାଯାଉନାହିଁ ବୋଲି ଅକ୍ସଫୋର୍ଡ ଇକୋନୋମିକ୍ସ ଲିଃର ବରିଷ୍ଠ ଅର୍ଥନୀତିଜ୍ଞ ସିଆନ୍ ଫେନର୍ କହିଛନ୍ତି। ଅନିଶ୍ଚିତତା ଯୋଗୁ ସେଠାରେ ଅର୍ଥନୀତି ଆହୁରି ସଙ୍କଟ ମଧ୍ୟକୁ ଯାଇପାରେ ବୋଲି ସେ ଆଶଙ୍କା କରିଛନ୍ତି। ଦକ୍ଷିଣପୂର୍ବ ଏସିଆର ସର୍ବବୃହତ୍ ଅର୍ଥ ବ୍ୟବସ୍ଥା ଇଣ୍ଡୋନେସିଆରେ ଦୈନିକ ସଂକ୍ରମଣ ଗତ ସପ୍ତାହରେ ଭାରତକୁ ଟପିଛି। ଏହା ଏବେ ଏସିଆରେ ଭୂତାଣୁର କେନ୍ଦ୍ରସ୍ଥଳ ପାଲଟିଛି। ଇଣ୍ଡୋନେସିଆର ପଡୋଶୀ ଦେଶଗୁଡ଼ିକରେ ମଧ୍ୟ ସଂକ୍ରମଣ ହାର ଅଧିକ ରହିଛି। ଇଣ୍ଡୋନେସିଆ, ଫିଲିପାଇନ୍ସ ଓ ଥାଇଲାଣ୍ଡ ସେମାନଙ୍କର ଚଳିତ ବର୍ଷର ଜିଡିପି ପୂର୍ବାନୁମାନ କମାଇଦେଇଛନ୍ତି। ମାଲେସିଆ ଏବଂ ଭିଏତ୍‌ନାମରେ ମଧ୍ୟ ସମାନ ସ୍ଥିତି। ବିଶ୍ୱବ୍ୟାଙ୍କ ତଥ୍ୟ ଅନୁଯାୟୀ ମହାମାରୀ ପୂର୍ବରୁ ଦକ୍ଷିଣପୂର୍ବ ଏସିଆ ବିଶ୍ୱର ପଞ୍ଚମ ଅର୍ଥବ୍ୟବସ୍ଥା ଥିଲା।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୯,୦୦,୫୪,୭୪୧ | ୪୦,୮୬,୯୫୦ | ୧୭,୩୩,୦୪,୩୯୬ |
| ଭାରତ | ୩,୧୦,୪୩,୨୭୭ | ୪,୧୨,୭୨୦ | ୩,୦୧,୯୧,୧୫୧ |
| ଓଡ଼ିଶା | ୯,୪୯,୯୨୯ | ୪୯୨୫(+୫୩) | ୯,୨୫,୫୨୬ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର




# ନନ୍ଦିଘୋଷ ରଥ ଭାଙ୍ଗିଲେ ମହାଲକ୍ଷ୍ମୀ

**ପୁରୀ ଅଫିସ, ୧୬।୭**

ମହାପ୍ରଭୁ ଶ୍ରୀଜଗନ୍ନାଥ ଭଉଣୀଭାଇଙ୍କୁ ସାଙ୍ଗରେ ଧରି ନବଦିନାତ୍ମକ ଯାତ୍ରାରେ ଆସି ଶ୍ରୀଗୁଣ୍ଡିଚା ମନ୍ଦିରରେ ବିରାଜମାନ କରିଛନ୍ତି। ଶୁକ୍ରବାର ହେରାପଞ୍ଚମୀରେ ମହାପ୍ରଭୁଙ୍କୁ ଶ୍ରୀମନ୍ଦିରକୁ ଫେରାଇ ନେବାକୁ ମା' ମହାଲକ୍ଷ୍ମୀ ଆସିଥିଲେ। ମାତ୍ର ମହାପ୍ରଭୁ ତାଙ୍କ ସାଥିରେ ନ ଫେରିବାରୁ ସେ ଅଭିମାନରେ ନନ୍ଦିଘୋଷ ରଥ ଭାଙ୍ଗିଛନ୍ତି। ତେବେ କଟକଣା ଯୋଗୁ ଭକ୍ତମାନେ ଦାରୁବିଗ୍ରହଙ୍କ ଏହି ମାନବୀୟ ଲୀଳା ଦେଖିବାରୁ ବଞ୍ଚିତ ହୋଇଛନ୍ତି। ହେରାପଞ୍ଚମୀ ପାଇଁ ଶ୍ରୀମନ୍ଦିର ଓ ଶ୍ରୀଗୁଣ୍ଡିଚା ମନ୍ଦିରରେ ସ୍ୱତନ୍ତ୍ର ନୀତିକାନ୍ତି ହୋଇଥିଲା। ଶ୍ରୀଗୁଣ୍ଡିଚା ମନ୍ଦିରରେ ସନ୍ଧ୍ୟାଧୂପ ପରେ ଶ୍ରୀମନ୍ଦିରରେ ମହାଲକ୍ଷ୍ମୀଙ୍କ ମାଜଣା ନୀତି ହୋଇଥିଲା। ବିମଳା ମନ୍ଦିରକୁ ମହାଲକ୍ଷ୍ମୀ ବିଜେ କରି ଅନୁମତି ଆଣିଥିଲେ। ପରେ ଘଣ୍ଟ, ଛତା, କାହାଳୀ ଓ ସେବାୟତଙ୍କ ଗହଣରେ ପାଲିଙ୍କିରେ ବଡ଼ଦାଣ୍ଡ ଦେଇ ଶ୍ରୀଗୁଣ୍ଡିଚା ମନ୍ଦିର ଅଭିମୁଖେ ବିଜେ କରିଥିଲେ।

# ୧୧୫ କୋଟିର ଜିଏସ୍‌ଟି ଠକେଇ

## ରାଉରକେଲା, ଭୁବନେଶ୍ୱରରୁ ଦୁଇ ଗିରଫ

**ଭୁବନେଶ୍ୱର,୧୬।୭(ବ୍ୟୁରୋ)**



- ୧୬ ଜାଲ୍ କମ୍ପାନୀ, ୬୪୨ କୋଟିର ଜାଲ୍ ବିଲ୍ ଧରାପଡ଼ିଲା
- ଚାକିରି ଆଳରେ ଲୋକଙ୍କ କାଗଜପତ୍ର ନେଇ ଚଳାଇଥିଲେ ର୍ୟାକେଟ

ଜାଲ୍ କମ୍ପାନୀ, ଜାଲ୍ ପଦବୀ, ଜାଲ୍ ବିଲ୍ ମାଧ୍ୟମରେ ଚାଲିଥିଲା ବହୁ କୋଟି ଟଙ୍କାର ଜିଏସ୍‌ଟି ଠକେଇ। ରାଜ୍ୟ ଜିଏସ୍‌ଟି ବିଭାଗର ଏନ୍‌ଫୋର୍ସମେଣ୍ଟ ୱିଙ୍ଗ୍ ଗୁରୁବାର ଏହି ବଡ଼ଧରଣର ଠକେଇ ର୍ୟାକେଟକୁ ଧରିବା ସହ ସମ୍ପୃକ୍ତ ଦୁଇ ମାଷ୍ଟରମାଇଣ୍ଡଙ୍କୁ ଗିରଫ କରିଛି। ସେମାନେ ହେଲେ ରାଉରକେଲାସ୍ଥିତ ସ୍ମାର୍ଟଏଜିସ୍ ଟ୍ରେଡ୍‌ଭେଞ୍ଚର ପ୍ରାଇଭେଟ୍‌ଲିମିଟେଡ୍‌ର ନିର୍ଦ୍ଦେଶକ ସୁଜୟ ମଇତ୍ର ଓ ତିରୁପତି ଟ୍ରେଡର୍ସର ମାନେଜିଂ ପାର୍ଟନର ତଥା ଶତଗୁରୁ ମେଟାଲ୍ସ ଆଣ୍ଡ୍ ପାୱାର ପ୍ରାଇଭେଟ୍ ଲିମିଟେଡ୍‌ର ଅଧିକୃତ ପ୍ରତିନିଧି ଗୁରୁଦିତ ଡାଙ୍ଗ। ଏନ୍‌ଫୋର୍ସମେଣ୍ଟ ଟିମ୍ ଗୁରୁଦିତଙ୍କୁ ରାଉରକେଲାରୁ ଓ ସୁଜୟଙ୍କୁ ଭୁବନେଶ୍ୱରରୁ ଗିରଫ କରିଛି। ବାସ୍ତବରେ ଅଭିଯୁକ୍ତ ଦ୍ୱୟ କୌଣସି କମ୍ପାନୀ କିମ୍ବା କାରବାର କରି ନ ଥିଲେ। ଜାଲ୍ କାଗଜପତ୍ରରେ ୧୬ଟି କମ୍ପାନୀ ଚାଲିଥିବା ଦେଖାଇ ୬୪୧କୋଟି ଟଙ୍କାର ଜାଲ୍ ବିଲ୍ ମାଧ୍ୟମରେ ୧୧୫.୧୦ କୋଟି ଟଙ୍କାର ଇନ୍‌ପୁଟ୍ ଟ୍ୟାକ୍ସ କ୍ରେଡିଟ୍(ଆଇଟିସି) ହାତେଇଥିଲେ। ପରବର୍ତ୍ତୀ ସମୟରେ ସେସବୁ ଆଇଟିସିକୁ ରାଜ୍ୟ ଓ ବାହାରର ଅସାଧୁ ବ୍ୟବସାୟୀଙ୍କୁ ପ୍ରଦାନ କରି ସେମାନଙ୍କ ନିକଟରୁ କୋଟି କୋଟି ଟଙ୍କା ପାଉଥିଲେ। ଏହି ଠକେଇ ଦ୍ୱାରା ସରକାର ବିପୁଳ ରାଜସ୍ୱ ହରାଇଥିଲେ। ଏହି ର୍ୟାକେଟରେ ରାଜ୍ୟ ବାହାର ବ୍ୟବସାୟୀଙ୍କ ସମ୍ପୃକ୍ତି ଥିବାରୁ ସେମାନଙ୍କୁ ଧରିବା ପାଇଁ ଅଧିକ ତଦନ୍ତ କରାଯାଉଛି ବୋଲି ଜିଏସ୍‌ଟି କମିଶନର ସୁଶୀଲ ଲୋହାନୀ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଅଭିଯୁକ୍ତ ଦ୍ୱୟଙ୍କୁ ରାଉରକେଲା କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନା ଅନୁଯାୟୀ, ଅଭିଯୁକ୍ତ ଦ୍ୱୟ କେତେଜଣ ସହଯୋଗୀଙ୍କ ସହ ମିଶି ଠକେଇ ଯୋଜନା କରିଥିଲେ। ବିଭିନ୍ନ କମ୍ପାନୀରେ ଚାକିରି ଦେବାକୁ କହି ପାଣିକୋଇଲି, ରାସଗୋବିନ୍ଦପୁର, ବରଗଡ଼, ପୁରୀ ଓ ବାଲେଶ୍ୱର ଅଞ୍ଚଳର ଲୋକଙ୍କଠାରୁ ପରିଚୟପତ୍ର ଓ ବ୍ୟାଙ୍କ ତଥ୍ୟ ହାସଲ କରିଥିଲେ। ସେମାନେ ସମସ୍ତେ ମୁଖ୍ୟତଃ ପାଣି ପାଇପ୍ ମିସ୍ତ୍ରି, ଡ୍ରାଇଭର, ଗ୍ୟାସ୍ ଯୋଗାଉଥିବା ଲୋକ ଓ ବେକାର ଯୁବକ ଥିଲେ। ସମସ୍ତ କାଗଜପତ୍ର ହାତେଇବା ପରେ ସେମାନଙ୍କ ନାମରେ ୧୬ରୁ ଊର୍ଦ୍ଧ୍ୱ ଜାଲ୍ କମ୍ପାନୀ ଖୋଲିଥିଲେ। ଏସବୁ କମ୍ପାନୀରେ ଷ୍ଟିଲ୍ ଓ ଲୁହା ସାମଗ୍ରୀ କାରବାର ହେଉଥିବା ଦର୍ଶାଯାଉଥିଲା। ଏପରିକି କମ୍ପାନୀ ଚାଲୁଥିବା ଘରଭଡ଼ା ଚୁକ୍ତି ମଧ୍ୟ ଜାଲ୍ ଥିଲା। ୨୦୧୮ରେ ଚୁକ୍ତି ହୋଇଥିବା ଦର୍ଶାଯାଇଥିବାବେଳେ ଘର ମାଲିକଙ୍କର ୨୦୦୭ରେ ମୃତ୍ୟୁ ହୋଇସାରିଥିଲା। ତେବେ ଗୁପ୍ତ ତଦନ୍ତରୁ ଏଭଳି ଠକେଇ ସୂଚନା ପାଇବା ପରେ ରାଜ୍ୟ ଜିଏସ୍‌ଟି ଏନ୍‌ଫୋର୍ସମେଣ୍ଟ ୱିଙ୍ଗ୍ ଏମାନଙ୍କ ଉପରେ ନଜର ରଖିବା ସହ ଚଢ଼ାଉ ଯୋଜନା କରିଥିଲା। ଅଭିଯୁକ୍ତ ସୁଜୟ ବାରମ୍ବାର ସ୍ଥାନ ପରିବର୍ତ୍ତନ କରୁଥିବାବେଳେ ଗୁରୁବାର ଭୁବନେଶ୍ୱର କେଶୁରା ଅଞ୍ଚଳରେ ଏକ ଭଡ଼ାଘରେ ଥିବା ଜଣାପଡିବା ପରେ ଏନ୍‌ଫୋର୍ସମେଣ୍ଟ ୱିଙ୍ଗ୍ ଚଢ଼ାଉ କରିଥିଲା। ତାଙ୍କ ବୟାନ ଆଧାରରେ ଅନ୍ୟ ଏକ ଟିମ୍ ରାଉରକେଲା ଯାଇ ଗୁରୁଦିତଙ୍କୁ ଧରିଥିଲା। ତେବେ ଅଧିକ ତଦନ୍ତ ପରେ ବହୁ ଚାଞ୍ଚଲ୍ୟକର ତଥ୍ୟ ମିଳିଛି। ଶତଗୁରୁ ମେଟାଲ୍ସ ଆଣ୍ଡ୍ ପାୱାର ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀର ବିପୁଳ ପରିମାଣର ଚୋରା ମାଲ୍ ଏହି ଜାଲ୍ ବିଲ୍ ମାଧ୍ୟମରେ ବିକ୍ରି କରାଯାଇଛି। ଅଭିଯୁକ୍ତମାନେ ବାଇକ୍, କାର, ଅଟୋର ବିଲ୍ ଦେଖାଇ କୋଟି କୋଟି ଟଙ୍କାର ମାଲ୍ ପରିବହନ ହୋଇଥିବା ଜାଲ୍ କାଗଜପତ୍ରରେ ଦର୍ଶାଇଥିବା ତଦନ୍ତବେଳେ ଜଣାପଡ଼ିଛି। ସୂଚନାଯୋଗ୍ୟ, ରାଜ୍ୟ ଏନଫୋର୍ସମେଣ୍ଟ ୱିଙ୍ଗ ଜିଏସ୍‌ଟି ଠକେଇ ଅଭିଯୋଗରେ ଏପର୍ଯ୍ୟନ୍ତ ୨୫୪୦୦ଜଣ ବ୍ୟବସାୟୀଙ୍କ ପଞ୍ଜୀକରଣ ରଦ୍ଦ କରିଥିବାବେଳେ ୨୦ଜଣଙ୍କୁ ଗିରଫ କରିଛି।

# ଓଡ଼ିଆ ଆଇପିଏସ୍ ଅଧିକାରୀଙ୍କୁ ଗୁରୁତ୍ୱ

**ଭୁବନେଶ୍ୱର,୧୬।୭(ଓଁକାର ମିଶ୍ର)**

ନିକଟରେ ରାଜ୍ୟର ୩ଜଣ ଓଡ଼ିଆ ଅଫିସରଙ୍କୁ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଅବସ୍ଥାପିତ କରାଯାଇଛି। ଦୀର୍ଘ ଦିନ ପରେ ଓଡ଼ିଆ ଅଧିକାରୀଙ୍କୁ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଅବସ୍ଥାନ କରି ରାଜ୍ୟରେ ଓଡ଼ିଆ ଓ ଅଣଓଡ଼ିଆ ଅଫିସରଙ୍କ ମଧ୍ୟରେ ଚାଲିଥିବା ଶୀତଳ ଯୁଦ୍ଧକୁ ଘୋଡ଼ାଇବାକୁ ଚେଷ୍ଟା କରାଯାଇଛି। ରାଜ୍ୟ ପୋଲିସ ବିଭାଗରେ ଗତ କିଛିବର୍ଷ ହେଲା ଅଣଓଡ଼ିଆ ଅଫିସର ସର୍ବୋଚ୍ଚ ତଥା ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହି ଆସୁଥିବା ଦେଖିବାକୁ ମିଳୁଛି। କେବଳ ସେତିକି ନୁହେଁ, ଅଧିକାଂଶ ଅଣଓଡ଼ିଆ ପୋଲିସ ଅଫିସରଙ୍କୁ ଅବସର ପରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କ୍ୱାସି ଜୁଡିସିଆଲ (ଅର୍ଦ୍ଧ ନ୍ୟାୟ) ପଦବୀରେ ଅବସ୍ଥାପିତ କରାଯାଉଥିବା ନଜିର ରହିଛି। ଅପରପକ୍ଷରେ ବହୁ ଦକ୍ଷ ଓଡ଼ିଆ ଅଧିକାରୀ ଥିଲେ ସୁଦ୍ଧା ସେମାନଙ୍କୁ ଏକ ପ୍ରକାର କୋଣଠେସା କରି ରଖାଯାଉଛି। ବିଶେଷଭାବେ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ଇଙ୍ଗିତରେ ଏଭଳି କରାଯାଉଥିବା ବିଭିନ୍ନ ସମୟରେ ଆଲୋଚନା ହୋଇଆସୁଛି।

ଉଚ୍ଚ ପଦରେ ଥିବା ଅଣଓଡ଼ିଆ ଅଫିସରମାନେ ସେମାନଙ୍କୁ ସୁହାଉଥିବା ତଥା ସେମାନଙ୍କ ପାଇଁ ଅନୁଗତ ଥିବା ଅଧିକାରୀଙ୍କୁ ଭଲ ସ୍ଥାନରେ ବସାଇ ନିଜ ସ୍ଥିତିକୁ ମଜଭୁତ୍ କରୁଛନ୍ତି। ଏମିତିକି ଜଣ ଜଣଙ୍କ ପାଖରେ ଏକାଧିକ ଗୁରୁତ୍ୱପୂର୍ଣ୍ଣ ପଦବୀ ରହିଥିବା ଉଦାହରଣ ରହିଛି। ରାଜ୍ୟରେ ଅଣଓଡ଼ିଆ ଆଇପିଏସ୍ ଅଫିସରଙ୍କ ତୁଳନାରେ ଓଡ଼ିଆ ଅଧିକାରୀଙ୍କ ସଂଖ୍ୟା କମ୍ ଥିବାରୁ ଏଭଳି ସ୍ଥିତି ସୃଷ୍ଟି ହୋଇଥିବା ଜଣାପଡ଼ିଛି। ଏଭଳିସ୍ଥିତିରେ ରାଜ୍ୟ ପୋଲିସ ବିଭାଗର ଭାବମୂର୍ତ୍ତି ସୁଧାରିବା ଉଦ୍ଦେଶ୍ୟରେ ଗତ ମାସ ୨୪ତାରିଖରେ ୩ ବରିଷ୍ଠ ଓଡ଼ିଆ ଅଫିସରଙ୍କୁ ଗୁରୁତ୍ୱପୂର୍ଣ୍ଣ ପଦ ଦିଆଯାଇଛି। ୧୯୯୨ ବ୍ୟାଚ୍ ଆଇପିଏସ୍ ଅଫିସର ଲଳିତ ଦାସଙ୍କୁ ଗୋଇନ୍ଦା ବିଭାଗର ନିର୍ଦ୍ଦେଶକ ଭାବେ ଅବସ୍ଥାପିତ କରାଯାଇଛି। ସେ ଏହା ପୂର୍ବରୁ ମୁଖ୍ୟାଳୟର ଅତିରିକ୍ତ ଡିଜି ଭାବେ କାର୍ଯ୍ୟ କରୁଥିଲେ। ସେହିପରି ଗୃହରକ୍ଷୀ ଏବଂ ଅଗ୍ନିଶମ ବିଭାଗର ଆଇଜି ଥିବା ଅସିତ ପାଣିଗ୍ରାହୀଙ୍କୁ ଭିଜିଲାନ୍ସ ଆଇଜି ଭାବେ ଅବସ୍ଥାପିତ କରାଯାଇଛି। ପରିବହନ କମିଶନର ଥିବା ସଞ୍ଜୀବ ପଣ୍ଡାଙ୍କୁ କ୍ରାଇମବ୍ରାଞ୍ଚର ଅତିରିକ୍ତ ଡିଜି ଭାବେ ନିଯୁକ୍ତ କରାଯାଇଛି। ଦକ୍ଷ ଅଧିକାରୀଙ୍କୁ ଉପଯୁକ୍ତ ସ୍ଥାନରେ ଅବସ୍ଥାପିତ କରାଗଲେ ସେମାନେ ନିଜର ଦାୟିତ୍ୱକୁ ଠିକ୍‌ଭାବେ ତୁଲାଇ ପାରିବେ। ତେଣୁ କୌଣସି ପାତରଅନ୍ତର ନ କରାଯାଇ ଯେଉଁମାନେ ଦକ୍ଷ ସେମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ପଦ ଦିଆଯିବା ଉଚିତ ବୋଲି ଅବସରପ୍ରାପ୍ତ ବରିଷ୍ଠ ପୋଲିସ ଅଧିକାରୀ ମତ ଦେଇଛନ୍ତି।

# ୨୪ ଘଣ୍ଟାରେ ୬୪ ମୃତ, ଖୋର୍ଦ୍ଧାରୁ ୨୨

**ଭୁବନେଶ୍ୱର, ୧୬।୭ (ବ୍ୟୁରୋ):** ରାଜ୍ୟରେ ଏବେ ଦୈନିକ ସଂକ୍ରମଣ ୨ହଜାର ଉପରେ ରହୁଥିବାବେଳେ ମୃତ୍ୟୁ ମଧ୍ୟ ୬୦ ଟପୁଛି। ଅନ୍ୟଜିଲା ଅପେକ୍ଷା ଖୋର୍ଦ୍ଧାରେ ଉଭୟ ସଂକ୍ରମଣ ଓ ମୃତ୍ୟୁ ସର୍ବାଧିକ ରହୁଛି। ଗତ ୨୪ ଘଣ୍ଟାରେ ରାଜ୍ୟରେ ଆଉ ୬୪ ଆକ୍ରାନ୍ତଙ୍କ ଜୀବନ ଯାଇଛି। ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୨୨ଜଣ ରୋଗୀଙ୍କ ମୃତ୍ୟୁ ଘଟିଥିବାବେଳେ ବରଗଡରୁ ୧୦ଜଣ, ବାଲେଶ୍ୱରରୁ ୮, ସୁନ୍ଦରଗଡରୁ ୭, ଗଞ୍ଜାମରୁ ୬, କନ୍ଧମାଳ ଓ ସମ୍ବଲପୁରରୁ ୨ଜଣ ଲେଖାଏ ଏବଂ କେନ୍ଦ୍ରାପଡା, ମୟୂରଭଞ୍ଜ, ନୂଆପଡା, ପୁରୀ, ରାୟଗଡା, ବୌଦ୍ଧ ଓ କଳାହାଣ୍ଡିରୁ ଜଣେ ଲେଖାଏ ସଂକ୍ରମିତ ଆଖି ବୁଜିଛନ୍ତି। ଏହାକୁ ମିଶାଇ କରୋନା ଜନିତ ମୃତ୍ୟୁ ୪୯୨୫କୁ ବୃଦ୍ଧି ପାଇଥିବାବେଳେ ଏମାନଙ୍କ ମଧ୍ୟରୁ କେବଳ ଖୋର୍ଦ୍ଧା ଜିଲାରେ ୮୪୯ଜଣ ରହିଛନ୍ତି। ଅନ୍ୟପକ୍ଷରେ ରାଜ୍ୟରୁ ଆଉ ୨୦୭୦ଜଣ ନୂଆ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୪୪୬ ଓ କଟକରୁ ୩୧୯ଜଣ ରହିଛନ୍ତି। ଏବେ ରାଜ୍ୟରେ ୨୧ହଜାର ୭୪୨ଜଣ ସକ୍ରିୟ ଆକ୍ରାନ୍ତ ରହିଛନ୍ତି।








**ଗଡ଼ିଲା ବସ୍:** ଭୁବନେଶ୍ୱର ବରମୁଣ୍ଡା ବସ୍‌ଷ୍ଟାଣ୍ଡରୁ ଶୁକ୍ରବାର ବାହାରିବାକୁ ଥିବା ଏକ ବସ୍‌ରେ ଜଣେ କର୍ମଚାରୀ ସାନିଟାଇଜ୍ କରୁଛନ୍ତି।

# ସରକାରୀ ବାସଭବନରେ ସାଇଣ୍ଟିଫିକ ଟିମ୍‌ର ତଦନ୍ତ

**ପାରଳାଖେମୁଣ୍ଡି,୧୬।୭(ଡି.ଏନ.ଏ.)**

ଗଜପତି ଜିଲା ପାରଳାଖେମୁଣ୍ଡି ସହକାରୀ ବନ ସଂରକ୍ଷକ (ଏସିଏଫ୍) ସୋମ୍ୟରଞ୍ଜନ ମହାପାତ୍ରଙ୍କ ମୃତ୍ୟୁ ଘଟଣାର ରହସ୍ୟ ଉପରୁ ପରଦା ଉଠାଇବା ପାଇଁ ପ୍ରୟାସ ଆରମ୍ଭ ହୋଇଛି। ଶୁକ୍ରବାର ପାରଳାଖେମୁଣ୍ଡିସ୍ଥିତ ସରକାରୀ ବାସଭବନରେ ସାଇଣ୍ଟଫିକ ଟିମ୍ ଓ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ବାଲେଶ୍ୱରରୁ ସୌମ୍ୟଙ୍କ ବାପା ଅଭିରାମ ମହାପାତ୍ର, ମାମୁ ଶ୍ରୀତିକାନ୍ତ ପଣ୍ଡା ଓ ଓକିଲ ପାର୍ଥସାରଥି ନାୟକ ଆସି ପାରଳାଖେମୁଣ୍ଡିରେ ପହଞ୍ଚିବା ପରେ ଘଟଣା ଘଟିବା ପରଠାରୁ ବନ୍ଦ ରହିଥିବା କ୍ୱାର୍ଟର୍ସକୁ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଖୋଲାଯାଇଥିଲା। କ୍ୱାର୍ଟର୍ସର ପାରିପାର୍ଶ୍ୱିକ ସ୍ଥିତି ଓ ଭିତର ଦୃଶ୍ୟ ଦେଖିବା ପରେ ସନ୍ଦେହ ଘନୀଭୂତ ହୋଇଛି। ସୌମ୍ୟଙ୍କୁ ଅନ୍ୟତ୍ର ପୋଡ଼ିମାରି କ୍ୱାର୍ଟର୍ସରେ ପକାଇ ଦିଆଯାଇଥିବା ବାପା ଅଭିଯୋଗ କରିଛନ୍ତି।

ସୌମ୍ୟଙ୍କ ବାପା ଓ ଓକିଲ ଘଟଣାସ୍ଥଳରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ଯେ, କ୍ୱାର୍ଟର୍ସରେ ସୌମ୍ୟ ପୋଡି ହୋଇଥିବା କୁହାଯାଉଛି। ସୌମ୍ୟଙ୍କ ଶରୀରର ୯୦ ପ୍ରତିଶତ ପୋଡ଼ିଯାଇଥିବା ବେଳେ ଘର କାନ୍ଥ, ଆସବାବପତ୍ର କିମ୍ବା ପରଦା କୌଣସିଠାରେ କିଭଳି ନିଆଁ ଲାଗିଲାନି କି ସାମାନ୍ୟ କଳାଦାଗ ବି ପଡ଼ିଲାନି ବୋଲି ସେମାନେ ପ୍ରଶ୍ନ ଉଠାଇଛନ୍ତି।

**ଏସିଏଫ୍‌ଙ୍କ ମୃତ୍ୟୁ ଘଟଣା**

**ଅନ୍ୟତ୍ର ପୋଡ଼ିମାରି କ୍ୱାର୍ଟର୍ସରେ ପକାଯାଇଥିବା ବାପାଙ୍କ ଅଭିଯୋଗ**

ସୌମ୍ୟ ଏବଂ ତାଙ୍କ ସ୍ତ୍ରୀ କ୍ୱାର୍ଟର୍ସରେ ଏକା ରହୁଥିଲେ। ରୋଷେଇ ପାଇଁ ଜଣେ ରୋଷେୟା ରହିଥିଲେ। ସୌମ୍ୟଙ୍କ ଦେହରେ ନିଆଁ ଲାଗିଲା ବେଳେ ତାଙ୍କ ସ୍ତ୍ରୀ କ'ଣ କରୁଥିଲେ। ଅନ୍ୟପକ୍ଷରେ ଗୁରୁତର ସୌମ୍ୟଙ୍କୁ ଚିକିତ୍ସା ପାଇଁ ପାରଳାଖେମୁଣ୍ଡିଠାରୁ ବିଶାଖାପାଟଣାକୁ କାହିଁକି ନିଆଗଲାନାହିଁ। ସୌମ୍ୟ ଏଠାରେ ଅଶାନ୍ତିରେ ଥିଲେ। ସେଥିପାଇଁ ସେ ପାରଳାଖେମୁଣ୍ଡିରୁ ବଦଳି ହୋଇ ନିଜ ଘର ନିକଟକୁ ଯିବାପାଇଁ ଚାହୁଁଥିଲେ। ଏହା ପଛରେ କାରଣ କ'ଣ ଥିଲା। ଡିଏଫ୍‌ଓଙ୍କୁ ଏ ପର୍ଯ୍ୟନ୍ତ କ'ଣ ପାଇଁ ତଦନ୍ତ ପରିସରଭୁକ୍ତ କରାଯାଇନି ବୋଲି ବାପା ପ୍ରଶ୍ନ କରିଛନ୍ତି। ଅନ୍ୟପଟେ ସାଇଣ୍ଟିଫିକ ଓ ପୋଲିସର ସ୍ୱତନ୍ତ୍ର ଟିମ୍ ତଦନ୍ତ ବେଳେ ପାଇଥିବା ସୁରାକକୁ ନେଇ ତଦନ୍ତ ପ୍ରକ୍ରିୟା ଆଗକୁ ବଢ଼ିବ । କୋଠରିରୁ ସୌମ୍ୟଙ୍କ କିଛି ହାତଲେଖା ଚିଠି ଓ ଏକ ଲାପଟପ ମିଳିଛି। ସବୁ ଦିଗକୁ ନେଇ ଯାଞ୍ଚ କରାଯିବ। ଡିଏଫଓଙ୍କୁ ଜେରା ପରେ ଘଟଣାରେ ଅନ୍ୟ କାହାର ସମ୍ପୃକ୍ତି ଅଛି କି ନାହିଁ ତାହା ଜଣାପଡ଼ିବ। ଏକ ସ୍ୱତନ୍ତ୍ର ଟିମ ମୟୂରଭଞ୍ଜ ଜିଲାକୁ ଯାଇ ସୌମ୍ୟଙ୍କ ସ୍ତ୍ରୀଙ୍କୁ ଜେରା କରିବ ବୋଲି ସୂଚନା ମିଳିଛି।

ସୂଚନାଯୋଗ୍ୟ, ସୌମ୍ୟ ଗତ ୧୨ ତାରିଖ ରାତିରେ ପୋଡ଼ି ହୋଇ ଗୁରୁତର ହୋଇଥିଲେ। ତାଙ୍କୁ ପ୍ରଥମେ ପାରଳାଖେମୁଣ୍ଡି ଓ ପରେ ବ୍ରହ୍ମପୁର ଏବଂ ସେଠାରୁ ଅଧିକ ଚିକିତ୍ସା ପାଇଁ କଟକ ନିଆଯାଇଥିବା ବେଳେ ଚିକିତ୍ସାଧୀନ ଅବସ୍ଥାରେ ଗତ ମଙ୍ଗଳବାର ତାଙ୍କର ମୃତ୍ୟୁ ଘଟିଥିଲା।



ପାରଳାଖେମୁଣ୍ଡିରେ ପହଞ୍ଚିଥିବା ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ରଙ୍କ ବାପା, ମାମୁ ଏବଂ ଓକିଲ।




## ଓଏଏସ ସ୍ତରରେ ବଡ ଧରଣର ଅଦଳବଦଳ

ଭୁବନେଶ୍ୱର, ୧୬।୭(ବ୍ୟୁରୋ): ରାଜ୍ୟ ସରକାର ଓଏଏସ ସ୍ତରରେ ବଡ ଧରଣର ଅଦଳ ବଦଳ କରିଛନ୍ତି। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଏନେଇ ଶୁକ୍ରବାର ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ରାଜୀବ ଦାସଙ୍କୁ ସାଲେପୁର ବିଡିଓ ଭାବେ ନିଯୁକ୍ତି ମିଳିଛି। ମାନେଶ୍ୱର ତହସିଲଦାର ବିନୋଦ ବିହାରୀ ବେହେରାଙ୍କୁ ପରଜଙ୍ଗ ବିଡିଓ, କେନ୍ଦୁଝର ସଦର ବିଡିଓ ଜଗନ୍ନାଥ ହନୁମାନଙ୍କୁ ଯୋଡା ବିଡିଓ, ପୂର୍ଣ୍ଣଚନ୍ଦ୍ର ଭୋଇଙ୍କୁ ବୋଡେନ ବିଡିଓ ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ସତ୍ୟବାଦୀ ତହସିଲଦାର ମନୋଜ କୁମାର ନାଏକଙ୍କୁ କୃଷ୍ଣପ୍ରସାଦ ବ୍ଲକ ବିଡିଓ, ରବି ନାରାୟଣ ନାୟକଙ୍କୁ ପୁରୀ ସଦର ବିଡିଓ ଏବଂ ପ୍ରୀତମ କୁମାର ତନ୍ତିଙ୍କୁ ବଲାଙ୍ଗୀର ବିଡିଓ ଭାବେ ନିଯୁକ୍ତି ମିଳିଛି। ସେହିଭଳି ଦାରଙ୍ଗବାଡି ବିଡିଓ ଅଭିମନ୍ୟୁ ବେହେରାଙ୍କୁ ସେଠାକାର ତହସିଲଦାର ଦାୟିତ୍ୱ ଦିଆଯାଇଛି। ପୁରୀ ବିଡିଓ ରାମଚନ୍ଦ୍ର ପଟ୍ଟନାୟକଙ୍କୁ ଉପଜିଲାପାଳଙ୍କ ଅଫିସରେ ଡେପୁଟି କଲେକ୍ଟର ଭାବେ ଦାୟିତ୍ୱ ମିଳିଛି।


## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ...............................



ବିଏସ୍. ଗ୍ରାସୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ମଡେଲଙ୍କୁ ବ୍ଲାକ୍‌ମେଲିଂ କରି ଯୁବକ ଗିରଫ

ଉମରକୋଟ, ୧୬।୭(ସ୍ୱ.ପ୍ର.)

■ ଟ୍ରାଞ୍ଜିଟ ରିମାଣ୍ଡରେ ନେଲା ମୁମ୍ବାଇ କ୍ରାଇମ ବ୍ରାଞ୍ଚ
■ ମଡେଲଙ୍କ ଫଟୋକୁ ଏଡିଟ୍ କରି ମାଗୁଥିଲେ ଟଙ୍କା
■ ଅଭିଯୁକ୍ତଙ୍କ ମୋବାଇଲ ଜବତ କରିଛି ପୋଲିସ

ମୁମ୍ବାଇର ଜଣେ ମଡେଲଙ୍କ ଫଟୋକୁ ନଗ୍ନ ରୂପ ଦେଇ ଏଡିଟ୍ କରି ଟଙ୍କା ମାଗିବା ଅଭିଯୋଗରେ ନବରଙ୍ଗପୁର ଜିଲା ଉମରକୋଟ ଅଞ୍ଚଳର ଜଣେ ଯୁବକଙ୍କୁ ଗିରଫ କରାଯାଇଛି। ସେ ହେଲେ ଉମରକୋଟ ବ୍ଲକ ସୁନାବେଡ଼ା ପଞ୍ଚାୟତ ସଦର ଗାଁର ସୌରଭ ମଣ୍ଡଳ(୨୧)। ସୌରଭ ଜୟପୁର ବିକ୍ରମଦେବ କଲେଜରେ ଯୁକ୍ତ୩ ରେ ପଢ଼ନ୍ତି। ସାଇବର କ୍ରାଇମ ଆଧାରରେ ମୁମ୍ବାଇ କ୍ରାଇମ ବ୍ରାଞ୍ଚ ପୋଲିସ ତାଙ୍କୁ ଗିରଫକରି ଉମରକୋଟ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତରେ ହାଜର କରିଥିଲା। ସେଠାରୁ ତାଙ୍କୁ ଟ୍ରାଞ୍ଜିଟ ରିମାଣ୍ଡରେ ମୁମ୍ବାଇ ନିଆଯାଇଛି।

ସୂଚନା ଅନୁଯାୟୀ ମୁମ୍ବାଇର ଜଣେ ମଡେଲଙ୍କ ଫଟୋକୁ ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମରୁ ନେଇ ତାହାକୁ ବିଭିନ୍ନ ପ୍ରକାର ନଗ୍ନ ରୂପ ଦେଇ ସୌରଭ ଏଡିଟ୍ କରୁଥିଲେ। ପରବର୍ତ୍ତୀ ସମୟରେ ଉକ୍ତ ମଡେଲଙ୍କୁ ସୋସିଆଲ ମିଡିଆରେ ଯୋଗାଯୋଗ କରି ସେହି ଫଟୋ ଦେଖାଇ ତାଙ୍କୁ ବ୍ଲାକ୍‌ମେଲ୍ ଆରମ୍ଭ କରିଦେଇଥିଲେ। ମଡେଲଙ୍କଠାରୁ ସେ ଟଙ୍କା ଦାବି କରୁଥିଲେ। ମଡେଲ ଜଣଙ୍କ ମଧ୍ୟ ଅନ୍ୟ କିଛି ଉପାୟ ନ ପାଇ ସୌରଭଙ୍କୁ ଟଙ୍କା ପଠାଇଥିଲେ। ସୌରଭ କିନ୍ତୁ ମଡେଲଙ୍କୁ ଏକାଧିକ ଥର ଟଙ୍କା ମାଗିଥିଲେ। ତେଣୁ ମଡେଲ ଜଣକ ନିଜର ସମସ୍ତ ସୋସିଆଲ ମିଡିଆ ଆକାଉଣ୍ଟ ବନ୍ଦ କରି ଦେଇଥିଲେ। କିନ୍ତୁ ସୌରଭ ଓ ତାଙ୍କର କେତେଜଣ ସହଯୋଗୀ ମଡେଲଙ୍କ ଭାଇଙ୍କୁ ଖୋଜି ସୋସିଆଲ ମିଡିଆରେ ଉକ୍ତ ଫଟୋ ସବୁ ପଠାଇ ପୁଣି ଟଙ୍କା ମାଗିଥିଲେ। ଏହାପରେ ମଡେଲଙ୍କ ଭାଇ ଏ ନେଇ ମହାରାଷ୍ଟ୍ର ସାଇବର ପୋଲିସ ନିକଟରେ ସୌରଭ ଓ ଅନ୍ୟ ସହଯୋଗୀଙ୍କ ନାମରେ ଅଭିଯୋଗ କରିଥିଲେ। ମୁମ୍ବାଇ ପୋଲିସ କେସ୍ ନଂ. ୨୩/୨୧ରେ ମାମଲା ରୁଜୁ କରି ଏହାକୁ ମୁମ୍ବାଇ କ୍ରାଇମ ବ୍ରାଞ୍ଚକୁ ହସ୍ତାନ୍ତର କରିଛି। ଏପିଆଇ ଜୟଦୀପ ଯାଦବଙ୍କ ତତ୍ତ୍ୱାବଧାନରେ ତିନିଜଣିଆ ଟିମ୍ ଉମରକୋଟ ପୋଲିସ ସହାୟତାରେ ଗୁରୁବାର ରାତିରେ ସୌରଭଙ୍କ ଘରେ ପହଞ୍ଚି ତାଙ୍କୁ ଗିରଫ କରିଥିଲେ। ପୋଲିସ ସୌରଭଙ୍କ ମୋବାଇଲ ଜବତ କରିଛି। ଏହି ମାମଲାରେ ଜଡିତ ଅନ୍ୟ ଦୁଇ ଜଣଙ୍କୁ ମୁମ୍ବାଇରୁ ଗିରଫ କରାଯାଇଛି।



ଅଭିଯୁକ୍ତଙ୍କୁ ରିମାଣ୍ଡରେ ନିଆଯାଉଛି।

# ୨୦ରେ ରାସ୍ତାକୁ ଓହ୍ଲାଇବ ବିଜେଡି

ଭୁବନେଶ୍ୱର, ୧୬।୭(ବ୍ୟୁରୋ)

## ଚାଷୀ ସମସ୍ୟା

ଦୀର୍ଘଦିନର ନୀରବତା ପରେ ବିଜେଡି କେନ୍ଦ୍ର ସରକାରଙ୍କ ବିରୋଧରେ ଆନ୍ଦୋଳନ କରିବା ପାଇଁ ଅଣ୍ଟା ଭିଡିଛି। କେନ୍ଦ୍ର ସରକାର ଓଡ଼ିଶା ଚାଷୀଙ୍କ ପ୍ରତି ଅବହେଳା କରୁଥିବା ନେଇ ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଛି। ଏହି ପ୍ରସଙ୍ଗରେ ଦଳ ତରଫରୁ ଆସନ୍ତା ୨୦ ତାରିଖରେ ଭାରତୀୟ ଖାଦ୍ୟ ନିଗମର କାର୍ଯ୍ୟାଳୟ ଓ ଗୋଦାମ ସମ୍ମୁଖରେ ପ୍ରତିବାଦ କରାଯିବ ବୋଲି ବିଜୁ ମହିଳା ଜନତା ଦଳ ସଭାପତି ସ୍ନେହାଙ୍ଗିନୀ ଛୁରିଆ ସୂଚନା ଦେଇଛନ୍ତି।

ବିଜେଡି ରାଜ୍ୟ କାର୍ଯ୍ୟାଳୟଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସ୍ନେହାଙ୍ଗିନୀ କହିଛନ୍ତି ଯେ, ଧାନ ସଂଗ୍ରହ କରିବା ଦାୟିତ୍ୱ କେନ୍ଦ୍ରର। ହେଲେ ରାଜ୍ୟ ଭାଜପା ନେତାମାନେ ଓଡ଼ିଶାବାସୀଙ୍କୁ ଏକଥା କହୁନାହାନ୍ତି । ୨୦୦୩-୦୪ରେ ୩୦ ଜିଲାରୁ ଧାନ ସଂଗ୍ରହ ନିଶ୍ଚିତ କରିବା ଲାଗି କେନ୍ଦ୍ରଠାରୁ ରାଜ୍ୟ ସରକାର ଦାୟିତ୍ୱ ନେଇଥିଲେ। ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର କରିବା କାର୍ଯ୍ୟକୁ ରାଜ୍ୟ ସରକାର କରୁଛନ୍ତି। ୨୦୨୦-୨୧ ଖରିଫ ଋତୁରେ ଓଡ଼ିଶା ସରକାର ୭୭.୩୩ ଲକ୍ଷ ମେଟ୍ରିକ ଟନ୍ ଧାନ ଚାଷୀଙ୍କ ଠାରୁ ସଂଗ୍ରହ କରିଛନ୍ତି, ଯାହାର ମୂଲ୍ୟ ୧୪,୪୪୬ କୋଟି ଟଙ୍କା। କେନ୍ଦ୍ର ସରକାର ଚଳିତ ଖରିଫ ଋତୁରେ ଖାଦ୍ୟ ସବ୍‌ସିଡି ବାବଦରେ ୩୮୨୪ କୋଟି ଟଙ୍କା ପ୍ରଦାନ କରିଛନ୍ତି। ରାଜ୍ୟର ସବ୍‌ସିଡି ବାବଦରେ ୧୧୧୭ କୋଟି ଟଙ୍କାକୁ ବାଦ୍ ଦେଲେ ଅନାଦେୟ ବ୍ୟାଙ୍କ ଋଣ ବାବଦରେ ୬୫୭୦ କୋଟି ଟଙ୍କା ବାକିଆ ପଡିଛି। ଖାଦ୍ୟ ସବ୍‌ସିଡି ବାବଦରେ ଦୀର୍ଘଦିନ ଧରି ବାକିଆ ରହୁଥିବା ୬୫୭୦ କୋଟି ଟଙ୍କା କେନ୍ଦ୍ର ସରକାର ତୁରନ୍ତ ପ୍ରଦାନ କରନ୍ତୁ। ରାଜ୍ୟର ବଳକା ୨୦ ଲକ୍ଷ ମେଟ୍ରିକ ଟନ୍ ଚାଉଳ କେନ୍ଦ୍ର ସରକାର ଉଠାଇବା ଆବଶ୍ୟକ । କେନ୍ଦ୍ର ସରକାର ମାତ୍ର ୧୩ ଲକ୍ଷ ମେଟ୍ରିକ ଟନ୍ ଚାଉଳ ଉଠାଇଥିବା ବେଳେ ୭ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ବର୍ତ୍ତମାନ ସୁଦ୍ଧା ପଡ଼ିରହିଛି। ତୁରନ୍ତ ଏହି ବଳକା ଚାଉଳକୁ କେନ୍ଦ୍ର ସରକାର ଉଠାଇବା ପାଇଁ ବିଜେଡି ଦାବି କରିଛି। ବିଭିନ୍ନ କାରଣ ଯୋଗୁ ଖରିଫ ଧାନ ସଂଗ୍ରହ ସମୟ ଅବଧି ୩୦ ଜୁନ୍‌ରୁ ସେପ୍ଟେମ୍ବର ୩୦କୁ ବଢାଇବା ପାଇଁ ଓଡ଼ିଶା ସରକାର କେନ୍ଦ୍ରକୁ ଅନୁରୋଧ କରିଥିଲେ। କିନ୍ତୁ ଦୁର୍ଭାଗ୍ୟବଶତଃ କେନ୍ଦ୍ର ସରକାର ଏହାକୁ କେବଳ ଗୋଟିଏ ମାସ ପାଇଁ ବଢାଇଛନ୍ତି। ଏହା ଆଦୌ ଗ୍ରହଣୀୟ ନୁହେଁ ଏବଂ ଚାଷୀ ବିରୋଧୀ। ଏ ନେଇ ବିଜେଡି ରାସ୍ତାକୁ ଓହ୍ଲାଇବ ବୋଲି ସ୍ନେହାଙ୍ଗିନୀ ସୂଚନା ଦେଇଛି। ଖବରଦାତା ସମ୍ମିଳନୀରେ ବିଜେଡି ମୁଖପାତ୍ର ଶ୍ରୀମୟୀ ମିଶ୍ର ଉପସ୍ଥିତ ଥିଲେ।

# ୧୦୧୯୦ ଡଙ୍ଗରିଆଙ୍କୁ ମିଳିବ ମାଗଣା ଚକ୍ଷୁ ଚିକିତ୍ସା

ରାୟଗଡ଼ା ଅଫିସ/ବିଷମକଟକ, ୧୬।୭(ଡି.ଏନ୍.ଏ.)

## ଆଦିବାସୀଙ୍କ ଚକ୍ଷୁରୋଗ ଅଧ୍ୟୟନ, ଗବେଷଣା କାର୍ଯ୍ୟକ୍ରମ ଆରମ୍ଭ

ରାୟଗଡ଼ା ଜିଲା ବିଷମକଟକ ବ୍ଲକ କୁର୍ଲି ପଞ୍ଚାୟତର ଖଜୁରି ଏବଂ କାଡ୍ରାଗୁମ୍ମା ଗ୍ରାମରେ ଓଡ଼ିଶା ଆଦିବାସୀ ଚକ୍ଷୁରୋଗ ଗବେଷଣା ପ୍ରକଳ୍ପ(ଟ୍ରାଇବାଲ ଓଡ଼ିଶା ଆଇ ଡିଜିଜ୍ ଷ୍ଟଡି)ଡାଇଗ୍ନୋଷ୍ଟିକ ଆକ୍ସନ ରିସର୍ଚ୍ଚ ପ୍ରୋଜେକ୍ଟ ଉଦ୍‌ଘାଟିତ ହୋଇଯାଇଛି। ଜିଲାପାଳ ସରୋଜ କୁମାର ମିଶ୍ର ଏହାର ଶୁଭାରମ୍ଭ କରିଛନ୍ତି। ଭାରତ ସରକାରଙ୍କ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ଆନୁକୂଲ୍ୟରେ ରାଜ୍ୟ ସରକାରଙ୍କ ଏସ୍‌ସି ଏବଂ ଏସ୍‌ଟି ଅନୁସନ୍ଧାନ ତାଲିମ ପ୍ରତିଷ୍ଠାନ, ଓଡ଼ିଶା ଆଦିମ ଜନଜାତି ସଶକ୍ତିକରଣ ଓ ଜୀବିକା ଉନ୍ନତିକରଣ କାର୍ଯ୍ୟକ୍ରମ(ଓପିଲିପ୍) ଏବଂ ହାଇଦ୍ରାବାଦର ଏଲ୍.ଭି. ପ୍ରସାଦ ଚକ୍ଷୁ ପ୍ରତିଷ୍ଠାନ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏଥିରେ ଜିଲାର ନିୟମଗିରି ଅଞ୍ଚଳରେ ବସବାସ କରୁଥିବା ଡଙ୍ଗରିଆ(ପର୍ଟିକୁଲାର୍‌ଲି ଭଲ୍‌ନରେବଲ ଟ୍ରାଇବାଲ୍ ଗ୍ରୁପ୍) ମାନଙ୍କ ମାଗଣାରେ ଚକ୍ଷୁ ପରୀକ୍ଷା, ଚିକିତ୍ସା, ଚଷମା ପ୍ରଦାନ ସହ ଅସ୍ତ୍ରୋପଚାର ବ୍ୟବସ୍ଥା କରାଯିବ। ଡଙ୍ଗରିଆ କନ୍ଧମାନେ ବସବାସ କରୁଥିବା ୯୯ ଗ୍ରାମର ୨୬୦୦ ପରିବାର ତଥା ୧୦୧୯୦ ଲୋକଙ୍କୁ ୩ ମାସ ମଧ୍ୟରେ ବିନା ମୂଲ୍ୟରେ ଚକ୍ଷୁ ପରୀକ୍ଷା କରାଯିବା ନେଇ ଲକ୍ଷ୍ୟ ରଖାଯାଇଛି। ଏଥିନିମନ୍ତେ ଅନୁସୂଚିତ ଜାତି ଓ ଜନଜାତି ଗବେଷଣା ଓ ତାଲିମ ପ୍ରତିଷ୍ଠାନ, ଏଲ୍.ଭି. ପ୍ରସାଦ ଚକ୍ଷୁ ପ୍ରତିଷ୍ଠାନ ଏବଂ ଓପିଲିପ୍ ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷର ହୋଇଛି। କାର୍ଯ୍ୟକ୍ରମ ଶୁଭାରମ୍ଭ ବେଳେ ରାୟଗଡ଼ା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା(ଆଇଟିଡିଏ)ର ପିଏ ଟୁକୁ ବାରିକ, ପାର୍ସାଲି ଓ ଚାଟିକଣା ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା(ଡିକେଡିଏ)ର ସ୍ୱତନ୍ତ୍ର ଅଧିକାରୀ ମଦନ ମୋହନ ଦଳବେହେରା, ଏଲ୍.ଭି. ପ୍ରସାଦ ଚକ୍ଷୁ ପ୍ରତିଷ୍ଠାନର ଚକ୍ଷୁ ବିଶେଷଜ୍ଞ ଦେବାନନ୍ଦ ପାଢ଼ୀ, ଓପିଲିପ୍‌ର ପ୍ରକଳ୍ପ ପରିଚାଳକ ସୁଦର୍ଶନ ପାଢ଼ୀଙ୍କ ସମେତ ଖଜୁରିଗାଁ ଓ କାଡ୍ରାଗୁମା ଗ୍ରାମବାସୀ ଉପସ୍ଥିତ ଥିଲେ। ପ୍ରଥମ ଦିନରେ ଖଜୁରି ଏବଂ କାଡ୍ରାଗୁମା ଗ୍ରାମର ୨୦୦ରୁ ଊର୍ଦ୍ଧ୍ୱ ଡଙ୍ଗରିଆଙ୍କ ଚକ୍ଷୁ ଚିକିତ୍ସା କରାଯାଇଥିବା ଚାଟିକଣା ଓପିଲିପ୍‌ର ପ୍ରକଳ୍ପ ପରିଚାଳକ ସୂଚନା ଦେଇଛନ୍ତି।



ଜଣେ ଡଙ୍ଗରିଆ ମହିଳାଙ୍କୁ ଚକ୍ଷୁ ପରୀକ୍ଷା ପାଇଁ ନିଆଯାଉଛି।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କଣା!**
**ତା'ର ନାହିଁ ବୁଝାମଣା।**

କଣାର ଗୋଟାଏ ଆଖି । ଯେଉଁ ପଟର ଆଖି ଥାଏ ସେ ସେଇପଟକୁ ଭଲ ଦେଖିପାରେ ଏବଂ ସେଇ ପଟର କଥା ଚିନ୍ତା କରୁଥାଏ । ଅନ୍ୟପଟ ଦେଖିବା ପାଇଁ ହେଲେ ମୁହଁ ବୁଲେଇବାକୁ ପଡ଼େ । ପରୋକ୍ଷରେ ଭଲମନ୍ଦ ବିଚାର ନ କରି ଗୋଟିଏ ଦିଗକୁ ଦୃଷ୍ଟିରେ ରଖି ବା ଚିନ୍ତା କରି ଏକପାଖିଆ ନିଷ୍ପତ୍ତି ନେଉଥିବା ବ୍ୟକ୍ତି ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି ।

**କେବେ ଦେଇଥିଲା ଧାନ ପାଏ;**
**ଗୋଡ଼େଇ ମାରୁଛି ଆଜି ଯାଏ।**

ନିଜ ଅର୍ଜନରେ ଚଳିବାରେ ମନରେ ସନ୍ତୋଷ ଥାଏ । ଆତ୍ମ ନିର୍ଭରଶୀଳ ହେଲେ କେହି କହିବାକୁ ନଥିବେ । ପରନ୍ତୁ ଅଭାବରେ ପଡ଼ି ଅନ୍ୟଠୁ ସାହାଯ୍ୟ ମାଗିଲେ, ସମୟ ପଡ଼ିଲେ ଭଲ ମନ୍ଦ ଶୁଣିବାକୁ ପଡ଼ିଥାଏ । ଅଭାବରେ ପଡ଼ିଥିବା ବ୍ୟକ୍ତିଙ୍କୁ ଯତ୍‌କିଞ୍ଚିତ ସାହାଯ୍ୟ କରି ଉଘେଇବା ଅବିବେକି କାର୍ଯ୍ୟ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

**ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ**

# ୧୯ରୁ ଭର୍ଚୁଆଲରେ ଚାଲିବ ହାଇକୋର୍ଟ

## ସମସ୍ତ କୋର୍ଟ ପାଇଁ ନୂଆ ନିର୍ଦ୍ଦେଶାବଳୀ ଜାରି

କଟକ ଅଫିସ,୧୬।୭: ଆସନ୍ତା ୧୯ରୁ ୨୩ ତାରିଖ ପର୍ଯ୍ୟନ୍ତ ହାଇକୋର୍ଟ ଭର୍ଚୁଆଲ ମୋଡରେ ଚାଲିବ। ରାଜ୍ୟ ସରକାର ଗୁରୁବାର କୋଭିଡ କଟକଣାକୁ କୋହଳ କରିବାପରେ ହାଇକୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି। ଏହି ସମୟସୀମା ମଧ୍ୟରେ ଥିବା ମାମଲାର ଶୁଣାଣି ପାଇଁ ଆବେଦନକାରୀଙ୍କୁ ହାଇକୋର୍ଟର ରେଜିଷ୍ଟ୍ରାର(ଜୁଡିସିଆଲ) ଚିଠି ମାଧ୍ୟମରେ ଜଣାଇ ଦେଇଛନ୍ତି। ଅନ୍ୟପକ୍ଷରେ ରାଜ୍ୟର ସମସ୍ତ କୋର୍ଟ ଓ ପ୍ରାଧିକରଣ କାର୍ଯ୍ୟ କରିବା ପାଇଁ ହାଇକୋର୍ଟ ପକ୍ଷରୁ ନିର୍ଦ୍ଦେଶାବଳୀ ଜାରି ହୋଇଛି। ଶୁକ୍ରବାର ହାଇକୋର୍ଟ ରେଜିଷ୍ଟ୍ରାର ଡି. କେ. ମିଶ୍ର ରାଜ୍ୟର ସମସ୍ତ ଜିଲା ଓ ଦୌରାଜଜ, ପରିବାର ଅଦାଲତ, ଦ୍ୱିତୀୟ ଏମ୍‌ଏସିଟିର ସଦସ୍ୟ, ଶିଳ୍ପ ପ୍ରାଧିକରଣ, ସମବାୟ ପ୍ରାଧିକରଣ, ରାଜ୍ୟ ଶିକ୍ଷା ପ୍ରାଧିକରଣ, ବିକ୍ରି କର ପ୍ରାଧିକରଣ, କେନ୍ଦ୍ର ସରକାରଙ୍କ ଶିଳ୍ପ ପ୍ରାଧିକରଣ, ଶ୍ରମ ଅଦାଲତ, ଏଣ୍ଡୋଓମେଣ୍ଟ କମିଶନଙ୍କ କାର୍ଯ୍ୟାଳୟକୁ ଏ ନେଇ ଚିଠି ମାଧ୍ୟମରେ ଜଣାଇଛନ୍ତି। ଏହି ନିର୍ଦ୍ଦେଶାବଳୀ ଅନୁସାରେ, 'ଏ' କାଟେଗୋରିଭୁକ୍ତ ୨୦ ଜିଲାରେ କୋର୍ଟ ଓ ପ୍ରାଧିକରଣ ସ୍ୱାଭାବିକ ଭାବେ କାର୍ଯ୍ୟ କରିବ। ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଏହି ନିର୍ଦ୍ଦେଶାବଳୀ ବଳବତ୍ତର ରହିବ। ସେହିପରି 'ବି' କାଟେଗୋରିଭୁକ୍ତ ୧୦ ଜିଲାରେ ଆସନ୍ତା ୧୯ରୁ ଅଗଷ୍ଟ ୩ ପର୍ଯ୍ୟନ୍ତ ଜିଲା କୋର୍ଟ ଓ ତଳ କୋର୍ଟଗୁଡିକ ଅପରାହ୍ନ ୩ଟା ପର୍ଯ୍ୟନ୍ତ କାର୍ଯ୍ୟ କରିବ। ଶୁଣାଣିଗୁଡିକ ସୁବିଧା ଅନୁସାରେ କୋର୍ଟରେ ବା ଭର୍ଚୁଆଲ ମୋଡରେ କରାଯିବ ବୋଲି ନିର୍ଦ୍ଦେଶାବଳୀରେ କୁହାଯାଇଛି।

## ପ୍ରଥମ ପୃଷ୍ଠାରୁ...

### ୧୨ରୁ ୧୮ ବର୍ଗଙ୍କ ...

ସେ କହିଛନ୍ତି ଯେ ଟିକାକରଣରେ ଓଡ଼ିଶା ବହୁତ ଭଲ ପ୍ରଦର୍ଶନ କରୁଛି। ଆମର ଟିକା ଅପଚୟ ଦେଶରେ ସର୍ବନିମ୍ନ। ହେଲେ ରାଜ୍ୟକୁ ପର୍ଯ୍ୟାପ୍ତ ଟିକା ମିଳୁ ନ ଥିବାରୁ ଟିକାକରଣ କାର୍ଯ୍ୟ ତ୍ୱରାନ୍ୱିତ କରାଯାଇ ପାରୁ ନାହିଁ। କେନ୍ଦ୍ର ସରକାର ରାଜ୍ୟକୁ ଯୋଗାଉଥିବା ଟିକା କୋଟାରୁ ସରକାରୀ ହସ୍ପିଟାଲ ପାଇଁ ୭୫% ଓ ଘରୋଇ ହସ୍ପିଟାଲ ପାଇଁ ୨୫% ହିସାବରେ ପ୍ରଦାନ କରୁଛନ୍ତି। ରାଜ୍ୟରେ ଘରୋଇ ହସ୍ପିଟାଲ ସଂଖ୍ୟା ଅଧିକ ନ ଥିବାରୁ ଓଡ଼ିଶା ୨୫% ଟିକା ସମ୍ପୂର୍ଣ୍ଣ ଉଠାଣ କରିପାରୁ ନାହିଁ। ଫଳରେ ରାଜ୍ୟକୁ କମ୍ ଟିକା ଉପଲବ୍ଧ ହେଉଛି। ଟିକା ଯୋଗାଣର ଅନୁପାତ ଯଥାକ୍ରମେ ୯୫:୫ କରିବାକୁ ରାଜ୍ୟ ସରକାର କିଛିଦିନ ତଳେ କେନ୍ଦ୍ରକୁ ଚିଠି ଲେଖିଛନ୍ତି। ଏ ନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ କୌଣସି ସବୁଜ ସଙ୍କେତ ଦିଆଯାଇନାହିଁ। ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ନବୀନ ବୈଠକରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଆବଶ୍ୟକ ଟିକା ମିଳିଲେ ରାଜ୍ୟରେ ଟିକାକରଣ କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରାଯାଇପାରନ୍ତା ବୋଲି ସେ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଇଛନ୍ତି।

### ଭାରତୀୟ ଖବରଦାତାଙ୍କୁ ...

ଆଫଗାନିସ୍ତାନରୁ ଅଧିକାଂଶ ଆମେରିକୀୟ ସୈନ୍ୟ ସ୍ୱଦେଶ ଫେରିଲେଣି। ଅଗଷ୍ଟ ଶେଷ ସୁଦ୍ଧା ସେନା ପ୍ରତ୍ୟାହାର ସମ୍ପୂର୍ଣ୍ଣ ହେବ ବୋଲି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଘୋଷଣା କରିଛନ୍ତି। ବିଦେଶୀ ସୁରକ୍ଷା ବଳଙ୍କ ଅନୁପସ୍ଥିତିର ସୁଯୋଗ ନେଇ ତାଲିବାନ ନିଜ ବଳ ବଢ଼ାଇବାରେ ଲାଗିଛି। ଏହି ଆତଙ୍କବାଦୀ ସଙ୍ଗଠନ ଦେଶର ବହୁ ଅଞ୍ଚଳ ନିଜ ଦଖଲକୁ ନେଇଛି। ଏହାକୁ ନେଇ ତାଲିବାନ ଓ ଆଫ୍‌ଗାନ ସେନା ମଧ୍ୟରେ ଘମାଘୋଟ ଲଢ଼େଇ ଚାଲିଥିବାବେଳେ କିଛି ଦିନ ହେଲା ସିଦ୍ଦିକି ଏହା ଉପରେ ଖବର ସଂଗ୍ରହ କରୁଥିଲେ। କାନ୍ଦାହାର ପ୍ରଦେଶସ୍ଥିତ ସ୍ପିନ୍ ବୋଲ୍ଡକ୍ ଅଞ୍ଚଳର ମୁଖ୍ୟ ବଜାରକୁ ସେନା ପୁନଃ ଦଖଲ ପାଇଁ ଉଦ୍ୟମ କରୁଥିବାବେଳେ ଗୁରୁବାର ଗୁଳି ବିନିମୟ ହୋଇଥିଲା। ଏଥିରେ ସିଦ୍ଦିକି ଓ ଜଣେ ଆଫ୍‌ଗାନ ଅଫିସର ପ୍ରାଣ ହରାଇଛନ୍ତି। ଏହି ଦୁଃଖଦ ଖବର ଶୁଣି ଆମେ ଅତ୍ୟନ୍ତ ମର୍ମାହତ ବୋଲି ରଏଟର୍ସ ଅଧକ୍ଷ ମାଇକେଲ ଫ୍ରେଏଡେନବର୍ଗ ଏବଂ ମୁଖ୍ୟ ସମ୍ପାଦକ ଆଲେସାଣ୍ଡ୍ରା ଗାଲୋନି ଏକ ବିବୃତିରେ କହିଛନ୍ତି। କାବୁଲରେ ଭାରତୀୟ ରାଷ୍ଟ୍ରଦୂତ ଆଫଗାନ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗରେ ଅଛନ୍ତି। ତାଙ୍କ ପରିବାର ସହ ମଧ୍ୟ ଆଲୋଚନା ହୋଇଛି ବୋଲି ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଭାରତରେ ଆଫଗାନସ୍ତାନର ରାଷ୍ଟ୍ରଦୂତ ଫରିଦ ମାମୁନ୍ଦଜେ ଟୁଇଟ୍ କରିଛନ୍ତି, ବନ୍ଧୁ ସିଦ୍ଦିକିଙ୍କ ହତ୍ୟା ବିଚଳିତ କରିଛି। ଦୁଇ ସପ୍ତାହ ତଳେ ସିଦ୍ଦିକି କାବୁଲ ଯିବା ପୂର୍ବରୁ ତାଙ୍କ ସହ ସାକ୍ଷାତ ହୋଇଥିଲା ବୋଲି କହିବା ସହ ତାଙ୍କ ପରିବାରବର୍ଗ ଓ ରଏଟର୍ସକୁ ସମବେଦନା ଜଣାଇଛନ୍ତି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ମଧ୍ୟ ଟୁଇଟ୍ କରି ଶୋକ ବ୍ୟକ୍ତ କରିଛନ୍ତି। ତାଙ୍କ ମରଶରୀରକୁ ଯଥାଶୀଘ୍ର ସମ୍ଭବ ଭାରତ ଆଣିବା ପାଇଁ ବ୍ୟବସ୍ଥା କରିବାକୁ କେନ୍ଦ୍ର ସରକାରଙ୍କୁ ରାହୁଲ ଅନୁରୋଧ କରିଛନ୍ତି। ୧୯୯୨ରୁ ୨୦୨୧ ମଧ୍ୟରେ ଆଫଗାନିସ୍ତାନରେ ୫୩ ଜଣ ଖବରଦାତଙ୍କୁ ହତ୍ୟା କରାଯାଇଥିବା କମିଟି ଟୁ ପ୍ରୋଟେକ୍ଟ ଜର୍ନାଲିଷ୍ଟ (ସିପିଜେ) ପକ୍ଷରୁ କୁହାଯାଇଛି। ୧୯୮୧ରେ ମୁମ୍ବାଇ ବାସିନ୍ଦା ଡାନିଶ ସିଦ୍ଦିକିଙ୍କ ଜନ୍ମ। ନୂଆଦିଲ୍ଲୀର ଜାମିଆ ମିଲିଆ ଇସ୍‌ଲାମିଆ ୟୁନିଭର୍ସିଟିରେ ଅର୍ଥନୀତିରେ ସେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ୨୦୦୭ରେ ସେ ଜାମିଆର ଏଜେକେ ମାସ୍ କମ୍ୟୁନିକେଶନ ରିସର୍ଚ୍ଚ ସେଣ୍ଟରରୁ ଜର୍ନାଲିଜମ୍ ଡିଗ୍ରୀ ହାସଲ କରିଥିଲେ। ୨୦୧୦ରେ ରଏଟର୍ସରେ ଟିଭି ନ୍ୟୁଜ୍ ପ୍ରତିନିଧି ଭାବେ କ୍ୟାରିୟର ଆରମ୍ଭ କରିଥିବା ସିଦ୍ଦିକି ପରେ ଫଟୋଜର୍ନାଲିଷ୍ଟ ରୂପେ କାର୍ଯ୍ୟ କରିବାରେ ଲାଗିଥିଲେ। ମ୍ୟାନ୍‌ମାରର ସଂଖ୍ୟାଲଘୁ ରୋହିଙ୍ଗ୍ୟା ସମୁଦାୟ ଉପରେ ସେନାର ବର୍ବରତା ନେଇ ଫିଚର ଫଟୋଗ୍ରାଫି କରି ୨୦୧୮ରେ ମର୍ଯ୍ୟାଦାଜନକ ପୁଲିତ୍‌ଜର ପୁରସ୍କାର ପାଇଥିବା ୬ ଫଟୋଜର୍ନାଲିଷ୍ଟଙ୍କ ମଧ୍ୟରେ ସିଦ୍ଦିକି ଥିଲେ।


# classifieds

Everyday
0674-2580101, 2549302

real estate

**SALE**

"Land for sale 17,400 sqft. in Gayalbank Bus stop @ Rs. 260/ per sqft. Call 8763701977".
D-21076

**"For sale of residential plot 60ft X 40ft having 25ft approach road in Badaraghunathpur mouza near Gita College, plot is very close (100mtr) to newly constructed Infosys-2 road. Price- 50Lacs. Only really interested Customers contact-9443101191".** D-21097

Hanspalaର Balianta Canal roadରେ ଘରବାରି ପ୍ଲଟ୍ ନିଅନ୍ତୁ। immediate ଘର କରନ୍ତୁ। 30' road, electricity, boundary ସରିଛି। 9437005434.
D-70867

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

Bhubaneswar Smartcity area Ghangapatna Mouza 30ft. road, electricity, borewell ସହ ସ୍ଥିତିବାନ plot ପୋଜେସନ୍ ଥାଇ ମିଳୁଛି। Owner. 9090963952.
D-70865

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact 9937059891.**
D-21043

DAV ପୋଖରିପୁଟରୁ 3k.m distance ଘରବାରି ପ୍ଲଟ୍ ବର୍ଗଫୁଟକୁ 1500/-, 1000/- କାଟେଣୀ ଡେରାସରେ 650/- ଦିଆଯାଉଛି। Swati- 6371010864. D-70861

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact 9937059891.** D-20958

ଖୋର୍ଦ୍ଧାରୋଡ୍ ରେଲ୍‌ୱେ ଷ୍ଟେସନ୍‌ରୁ 1km ଦୂରତାରେ ଜଟଣୀ ହାଟ ବଜାରରେ ନିଜସ୍ୱ ମାଲିକାନାରେ ଥିବା ଘରବାରି ସ୍ଥିତିବାନ୍ 5 ଡିସିମିଲ୍ ଜାଗା ସହିତ ଦୁଇ ବଖରା ଆଜବେଷ୍ଟ ଘର ତୁରନ୍ତ ବିକ୍ରିହେବ। @ 45Lakhs Owner- 9439270333. D-70866

## ମନେ ପଡ଼ନ୍ତି

୩୦ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



✓ ନିନିରାଣୀ ଦାସ

ସ୍ୱାମୀ: ✓ ଚିତ୍ତରଂଜନ ଦାସ
ପଟିଆଗଡ, ଭୁବନେଶ୍ୱର

ଆବିର୍ଭାବ : ୦୩.୦୩.୧୯୩୮
ତିରୋଧାନ : ୧୮.୦୭.୧୯୯୧

ଆଜିର ଦିବସରେ ଆମ୍ଭେ ତୁମର ସ୍ମୃତିଚାରଣ କରୁଛୁ ଓ ତୁମ ଆତ୍ମାର ଅମରତ୍ୱ କାମନା କରୁଛୁ।

-: ଶୋକ ସନ୍ତପ୍ତ :-
ପୁତ୍ର, ପୁତ୍ରବଧୂ, କନ୍ୟା, ଜାମାତା, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ

ଧ-୨୧୦୯୫


## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଆପଣ ସ୍ଥିର ଭାବରେ କୌଣସି ସ୍ଥାନରେ ଦୀର୍ଘ ସମୟ ରହି ପାରିବେ ନାହିଁ। ଅବଶ୍ୟ କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ ଓ କାର୍ଯ୍ୟସାଧିତ ହେବ। କୌଣସି କାମ ସକାଶେ ଈର୍ଷାପରାୟଣ ନିକଟ ସମ୍ପର୍କୀୟମାନେ ପାଖ ମାଡ଼ିବେ ନାହିଁ। ସେହିମାନଙ୍କ ସହମତି ନେଇ କାମକଲେ ସମସ୍ୟାର ସରଳ ସମାଧାନ ହୋଇପାରେ।

**ବୃଷ**
କର୍ମକ୍ଷେତ୍ରରେ ପ୍ରତ୍ୟେକ ପ୍ରତିବନ୍ଧକକୁ ଦୃଢ଼ତାର ସହ ସମ୍ମୁଖୀନ ହୋଇ କାମ କରିବେ। ପାରିବାରିକ ସ୍ଥିତି ପୂର୍ବଭଳି ରହିବ, କିନ୍ତୁ ବିଶେଷ କିଛି ଅସୁବିଧା ହେବ ନାହିଁ। କୃତି ଓ କୃତିତ୍ୱ ହେତୁକ ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ। କେତେକ କ୍ଷେତ୍ରରେ ଅନ୍ୟମାନଙ୍କ ଉପରେ ପୂରା ଭରଷା କରି ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି।

**ମିଥୁନ**
ଆଜି କୌଣସି କ୍ଷେତ୍ରରେ ନିଷ୍ପତ୍ତି ମୂଳକ ଆଲୋଚନାରେ ପ୍ରତିଦ୍ୱନ୍ଦ୍ୱୀ, ଦୋଷାରୋପ କରି ସମସ୍ୟାକୁ ବଢ଼ାଇ ଦେଇପାରନ୍ତି। ଆକସ୍ମିକ ଭାବରେ ପୁରାତନ ରୋଗର ପୀଡ଼ା ଅନୁଭବ ହୋଇପାରେ। ପିଲାଙ୍କ ଅଭିଯୋଗକୁ ଗୁରୁତ୍ୱର ସହ ବିଚାର ନ କଲେ ପରିବାରରେ କଳହ ଲାଗିବ। ପଡ଼ୋଶୀ କୌଶଳପୂର୍ଣ୍ଣ କଥା କହି କାର୍ଯ୍ୟ ହାସଲ କରିବେ।

**କର୍କଟ**
ଆଜିର ପ୍ରତ୍ୟାବର୍ତ୍ତନ ପଥରେ କଷ୍ଟ ସ୍ୱୀକାର କରିବାକୁ ପଡ଼ିପାରେ। ସାମାଜିକ ସ୍ତରରେ ଓ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବାରେ ବନ୍ଧୁ ସାହାଯ୍ୟ କରିବେ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହୋଇପାରେ।

**ସିଂହ**
ଆକସ୍ମିକ ଭାବରେ ବନ୍ଧୁଙ୍କ ସାକ୍ଷାତରୁ ଉପକୃତ ହୋଇପାରନ୍ତି। ଦିନ ଭିତରେ ମାତ୍ରାଧିକ ଭ୍ରମଣ ଯୋଗୁ କ୍ଲାନ୍ତି ଅନୁଭବ କରିବେ। ସାମାଜିକ ସ୍ତରରେ ପର ପାଇଁ ନିଜେ ହଇରାଣରେ ପଡ଼ିପାରନ୍ତି। ଅନ୍ୟମାନଙ୍କ କଥାକୁ ସତ ମନେକରି ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି।

**କନ୍ୟା**
ଆଜିର ଦିନଟିରେ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। ବ୍ୟବସାୟକୁ କ୍ରମଶଃ ବହୁମୁଖୀ କରାଇବାର ଯୋଜନା କରିପାରନ୍ତି। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ସାଧାରଣ ଆଶ୍ୱସ୍ତି ଲାଭ କରିବେ। ସୁପ୍ତ ଅବସ୍ଥାରେ ରହିଯାଇଥିବା କୌଣସି ଜମିଜମା ସମ୍ପର୍କୀୟ ବିବାଦ ମୁଣ୍ଡ ଟେକିପାରେ।

**ତୁଳା**
ଦୀର୍ଘ ଦିନରୁ ଲାଗି ରହିଥିବା ସମସ୍ୟା ସମାଧାନ ହୋଇଯିବ। ନିର୍ମାଣ କ୍ଷେତ୍ରରେ ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ। କେତେକ କ୍ଷେତ୍ରରେ ଇଚ୍ଛା ନ ଥିଲେ ମଧ୍ୟ ପରିସ୍ଥିତିରେ ପଡ଼ି ଖର୍ଚ୍ଚାନ୍ତ ହେବେ। ଆକସ୍ମିକ ପ୍ରତିବନ୍ଧକ କାରଣରୁ ଯୋଜନାଗୁଡ଼ିକ ଠିକ୍‌ଭାବେ ସମ୍ପୂର୍ଣ୍ଣ ନ ହୋଇପାରେ।

**ବିଛା**
କର୍ମକ୍ଷେତ୍ରରେ ଦକ୍ଷତା ଓ ସାହସିକତା ପ୍ରଦର୍ଶନ କରି ଉଚ୍ଚ ପ୍ରଶଂସିତ ହେବେ। କଳା, ସାହିତ୍ୟ, ସଂଗୀତ, ସାମ୍ବାଦିକତାରେ ସୁନାମ ଅର୍ଜନ କରିପାରନ୍ତି। ଯେଉଁ କାମ କରିବାକୁ ଯାଉଛନ୍ତି, ସେଥିପାଇଁ ସମ୍ପର୍କୀୟଙ୍କ ସହଯୋଗର ଅଭାବ ରହିବ ନାହିଁ। ଯାନବାହନରେ ଭ୍ରମଣବେଳେ ଦ୍ରବ୍ୟ ହରଣ ହୋଇପାରେ।

**ଧନୁ**
ଆଜିର ଯାତ୍ରା ଫଳପ୍ରଦ ହେବ ଏବଂ ସଭାସମିତିରେ ବିଶିଷ୍ଟବ୍ୟକ୍ତିଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇପାରନ୍ତି। ସହକର୍ମୀଙ୍କ ସାହାଯ୍ୟ ନେଇ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହୋଇପାରନ୍ତି। ଶିଳ୍ପ, ବ୍ୟବସାୟରେ କ୍ଷତିର ଆଶଙ୍କା ରହିଛି। ପାରିବାରିକ ଅସ୍ଥିରତାକୁ ସାମୟିକ ଦୂରେଇବାରେ ବନ୍ଧୁଙ୍କ ସାହାଯ୍ୟ ଅବିସ୍ମରଣୀୟ ରହିବ।

**ମକର**
ଅଭିଳଷିତ ଫଳ ନ ପାଇବା କାରଣରୁ ମାନସିକ ଅସ୍ଥିରତା ମଧ୍ୟରେ କାମ କରିବାକୁ ବାଧ୍ୟ ହେବେ। ଶିଳ୍ପ, ବ୍ୟବସାୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ। କ୍ରୀଡ଼ା, କଳା, ସାହିତ୍ୟ, ସଙ୍ଗୀତ, ନୃତ୍ୟାଦିରେ ସୃଷ୍ଟି ହୋଇଥିବା ସମସ୍ୟା ସମାଧାନ ହୋଇଯିବ। ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିପାରନ୍ତି।

**କୁମ୍ଭ**
ପରିସ୍ଥିତିକୁ ନିୟନ୍ତ୍ରଣ ମଧ୍ୟରେ ରଖି ପାରିବାରିକ ଶୃଙ୍ଖଳା ରକ୍ଷା କରିବାରେ ସମର୍ଥ ହେବେ। ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହୋଇପାରନ୍ତି। କର୍ମକ୍ଷେତ୍ରରେ କୌଣସି ନୀଚ ଜାତିର ବ୍ୟକ୍ତିଙ୍କ ସହାୟତାରୁ ଉପକୃତ ହେବେ। ବନ୍ଧୁଙ୍କ ସହାୟତାରେ ଆର୍ଥିକ ସ୍ଥିତିରେ ଆଂଶିକ ଉନ୍ନତି ପରିଲକ୍ଷିତ ହେବ।

**ମୀନ**
ଆଜି ହଠାତ୍ ଆକସ୍ମିକ ଭାବରେ ଜରୁରୀ କାମରେ ବାହାରକୁ ଯିବାକୁ ପଡ଼ିପାରେ। ପାରିବାରିକ ସ୍ତରରେ ଗୁଡ଼ାଏ ଚିନ୍ତା କରି ମନକୁ ଭାରାକ୍ରାନ୍ତ କରନ୍ତୁ ନାହିଁ। ଆଜି ଆପଣ ଅତି ନିକଟରେ ରହୁଥିବା ବନ୍ଧୁଟି ଦ୍ୱାରା କାମ ହାସଲ କରିବେ। ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ।

ଆଜି ଆଷାଢ଼ ଶୁକ୍ଳ ଅଷ୍ଟମୀ ଶନିବାର, ଜୁଲାଇ ୧୭ ତାରିଖ, ଅନ୍ତର୍ଜାତୀୟ ନ୍ୟାୟଦିବସ, ରାଶି ନକ୍ଷତ୍ର-ଚିତ୍ରା/କନ୍ୟା, ଦିବା ଘ.୦୨.୦୬ମି. ଗତେ ତୁଳା ଚନ୍ଦ୍ର, ବୃଷ ରାଶିର ଘାତଚନ୍ଦ୍ର, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଧନୁ ରାଶିର ଘାତଚନ୍ଦ୍ର। ସକାଳ ଘ.୦୯.୪୨ମି. ଗତେ ଘ.୦୧.୧୧ମି. ମଧ୍ୟେ ଅମୃତବେଳା। ଦିବା ଘ.୦୮.୩୬ମି. ଗତେ ଘ.୧୦.୧୪ମି. ମଧ୍ୟେ ରାହୁକାଳ।

> ବ୍ୟକ୍ତି- ସର୍ବସ୍ୱ ସମାଜ ବ୍ୟବସ୍ଥା ଅପେକ୍ଷା ସମଷ୍ଟି-ସର୍ବସ୍ୱ ବ୍ୟବସ୍ଥା ମୂଳତଃ ଶ୍ରେଷ୍ଠତର - ଯେପରି ଈର୍ଷା ଓ ପରର ହତ୍ୟା ଅପେକ୍ଷା ଭ୍ରାତୃଭାବର ସମ୍ପର୍କ ହେଉଛି ଶ୍ରେଷ୍ଠ। କିନ୍ତୁ ୟୁରୋପର ଯେତେ ସମାଜ- ତନ୍ତ୍ରୀ ବ୍ୟବସ୍ଥା କାର୍ଯ୍ୟତଃ ପ୍ରଣୟନ କରାଯାଇଛି- ସେଗୁଡିକ ହେଲା ଯୁଗଭାର -ଅତ୍ୟାଚାର-ଓ କାରାଗାର। -ଶ୍ରୀଅରବିନ୍ଦ

# ନିୟନ୍ତ୍ରଣରେ ଦିଲ୍ଲୀ ପୋଲିସ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ବହୁ ସମୟରେ ଦିଲ୍ଲୀରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ବାବୁ କହିଲେ ମୁଖ୍ୟ ଶାସନ ସଚିବଙ୍କୁ ନୁହେଁ, ବରଂ ପୋଲିସ କମିଶନରଙ୍କୁ ବୁଝାଯାଏ। ଏହି ପଦବୀରେ ଥିବା ହାଇ ପ୍ରୋଫାଇଲ ବାବୁମାନେ ବିଭିନ୍ନ ରାଜ୍ୟର ରାଜ୍ୟପାଳ ହୋଇଥାଆନ୍ତି। ତେବେ ଅନେକ ସମୟରେ ଦିଲ୍ଲୀର ପୋଲିସ କମିଶନର ପଦବୀ ପାଇବା ଏକ ଦୀର୍ଘ ପ୍ରକ୍ରିୟା ହୋଇଥାଏ। ଏଥିରୁ ଅଧିକାଂଶ ପ୍ରକ୍ରିୟା ଗୁପ୍ତରେ କରାଯାଇଥାଏ। ଦିଲ୍ଲୀ ଏବେ ସମ୍ପୂର୍ଣ୍ଣ ଲ୍ୟୁଟ୍‌ନାଣ୍ଟ ଗଭର୍ନରଙ୍କ ଅଧିକାରରେ ରହିଥିବାରୁ ଏହା ଉପରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ନିୟନ୍ତ୍ରଣ ପୂର୍ବାପେକ୍ଷା ଯଥେଷ୍ଟ ବଢିଯାଇଛି। ଦ୍ୱିତୀୟ ଥର ପାଇଁ କେନ୍ଦ୍ର ସମ୍ମାନଜନକ କମିଶନରେଟ ପଦବୀକୁ ଅତିରିକ୍ତ ଦାୟିତ୍ୱ ଭାବେ ଦେବା ପାଇଁ ନିଷ୍ପତ୍ତି ନେଇଛି। ପୋଲିସ ବାବୁମାନେ କହନ୍ତି, ଯେଉଁମାନେ ପ୍ରକୃତରେ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିଙ୍କ ଉପରେ ପ୍ରଭାବ ବିସ୍ତାର କରି ସବୁ କିଛି ସଞ୍ଚାଳନ କରିବାକୁ ଚାହାନ୍ତି ସେମାନଙ୍କ ପାଇଁ ଏହା ନିୟନ୍ତ୍ରଣ କରିବାର ପଥକୁ ନିଶ୍ଚିତ କରିବ। ଏଠାରେ ସ୍ମରଣ ଯୋଗ୍ୟ, ବାଲାଜୀ ଶ୍ରୀବାସ୍ତବଙ୍କ ପୂର୍ବରୁ ଗତ ବର୍ଷ ଫେବୃୟାରୀରେ ଦିଲ୍ଲୀରେ ରକ୍ତାକ୍ତ ଦଙ୍ଗା ସମୟରେ ସଚ୍ଚିଦାନନ୍ଦ ଶ୍ରୀବାସ୍ତବଙ୍କୁ ନିଯୁକ୍ତି ଦିଆଯାଇଥିଲା। ପରେ ଅବସର ନେବାର ପାଖାପାଖି ଗୋଟିଏ ମାସ ପୂର୍ବରୁ ଅର୍ଥାତ୍ ମେ'ରେ ତାଙ୍କୁ ଏହି ପଦବୀରେ ନିୟମିତ କରାଯାଇଥିଲା। ବାଲାଜୀଙ୍କ କ୍ଷେତ୍ରରେ ଏଭଳି ଇତିହାସର ପୁନରାବୃତ୍ତି ହେବ କି? ଏହା ସମ୍ପୂର୍ଣ୍ଣ ଅସଙ୍ଗତ ଲାଗୁଛି। ତେବେ ସରକାର ଏହି ନିଯୁକ୍ତି ଧାରାକୁ ନିୟମିତ କରିପାରନ୍ତି ବୋଲି କେତେକେ ଆଶଙ୍କା ପ୍ରକାଶ କରୁଛନ୍ତି।

### କ୍ଷମତା ଦରକାର

ସେଣ୍ଟ୍ରାଲ ଭିଜିଲାନ୍ସ କମିଶନର( ସିଭିସି)ଭାବେ ସଞ୍ଜୟ କୋଠାରୀ ତାଙ୍କ କାର୍ଯ୍ୟକାଳ ପୂରଣ କରିଛନ୍ତି। ତାଙ୍କ ଜାଗାରେ କେହି ଆସି ନ ଥିଲେ ବି ସେ ଅବସର ନେଇଛନ୍ତି। ଏବେ ହଠାତ୍ ଭିଜିଲାନ୍ସ କମିଶନର ସୁରେଶ ଏନ୍.ପାଟିଲଙ୍କୁ କାର୍ଯ୍ୟକାରୀ ସିଭିସି ଭାବେ ନିଯୁକ୍ତି ଦିଆଯାଇଛି। ମୋଦି ସରକାର କୋଠାରୀଙ୍କ ସ୍ଥାନରେ ଆଉ କାହାକୁ ନିଯୁକ୍ତି ଦେବା ପର୍ଯ୍ୟନ୍ତ ସେ ସତର୍କ ରହି କାର୍ଯ୍ୟ କରୁଛନ୍ତି। ବିଶେଷ ସୂତ୍ରରୁ ପ୍ରକାଶ ଯେ, କାର୍ମିକ ମନ୍ତ୍ରଣାଳୟ ସିଭିସି ଏବଂ ଅନ୍ୟ ଭିଜିଲାନ୍ସ କମିଶନର ପଦବୀ ଲାଗି ଦରଖାସ୍ତ ଆହ୍ୱାନ କରିଛନ୍ତି। ପାଟିଲ ତାଙ୍କ ଅତିରିକ୍ତ କାର୍ଯ୍ୟରେ ସ୍ଥାୟୀ ଭାବେ ରହିବେ ନା ଆମେ ସିଭିସି ପଦବୀରେ ନୂଆ ମୁହଁ ଦେଖିବୁ? ଏହା ଏଯାବତ ରହସ୍ୟରେ ରହିଛି। ଠିକ୍ ଭାବେ ଦାୟିତ୍ୱ ହସ୍ତାନ୍ତର କରିବା ଦ୍ୱାରା ଏହାକୁ ଅତି ସୁନ୍ଦର ଭାବେ ସଞ୍ଚାଳନ କରାଯାଇ ପାରିଥାଆନ୍ତା। ଯଦି ହେଲା ନାହିଁ, ତେବେ କେବଳ ପୁରୁଣା ପଦ୍ଧତି ହିଁ ଭଲ ହୋଇଥାଅନ୍ତା। ଦେଶର ଶୀର୍ଷ ଭିଜିଲାନ୍ସ ସଂସ୍ଥା ଏବେ ତା'କ୍ଷେତ୍ରରେ ଠିକ୍ ଭାବେ କାର୍ଯ୍ୟ କରିପାରୁନାହିଁ। କମ୍ କର୍ମଚାରୀଙ୍କୁ ନେଇ କାମ କରିବା ତା'ପାଇଁ କଷ୍ଟକର ହୋଇପଡିଛି। ଏହା ଯେତେବେଳେ ପ୍ରତିଷ୍ଠା କରାଯାଇଥିଲା ଏହାର କାର୍ଯ୍ୟ ସୀମିତ ଥିଲା। ସେତେବେଳେ ଏହା ଏକ ପରାମର୍ଶଦତା ସଂସ୍ଥା ଥିଲା। କେନ୍ଦ୍ରୀୟ ବିଭାଗ ଓ ମନ୍ତ୍ରଣାଳୟଗୁଡ଼ିକ ସେମାନଙ୍କ ଇଚ୍ଛାରେ ତା'ପରାମର୍ଶ ଗ୍ରହଣ କିମ୍ବା ରଦ୍ଦ କରିଦେଉଥିଲେ। କେବଳ ଗତବର୍ଷ କମିଶନ ଦୁର୍ନୀତି ମାମଲାଗୁଡ଼ିକରେ କାର୍ଯ୍ୟକୁ ଉତ୍ସାହିତ କରିବା ପାଇଁ କିଛି ପରିବର୍ତ୍ତନ କରିଥିଲେ। ଏହାକୁ ଜାରି ରଖିବା ସମ୍ଭବତଃ ପାଟିଲଙ୍କ ପାଇଁ ପ୍ରଥମ ଓ ପ୍ରମୁଖ ଦାୟିତ୍ୱ ହେବ। କିନ୍ତୁ ସରକାର ଅନ୍ତତଃ ଏବେକାର କମିଟିର ସୀମିତ କ୍ଷମତାର ପରିବର୍ତ୍ତନ କରିବା ଆବଶ୍ୟକ। ସେହିଭଳି ଅଡିଟ କାର୍ଯ୍ୟ ନିରୀକ୍ଷଣ କରୁଥିବା ନ୍ୟାଶନାଲ ଫାଇନାନ୍ସିଆଲ ରିପୋର୍ଟିଂ ଅଥରିଟି (ଏନ୍‌ଏଫ୍‌ଆର୍‌ଏ) ମଧ୍ୟ ଅଧିକ କ୍ଷମତା ଚାହୁଁଛି। ଏହାକୁ ଏକ ସୁପର ରେଗୁଲେଟୋରି ସଂସ୍ଥା ଭାବେ ଗଢ଼ାଯାଇପାରନ୍ତା। କିନ୍ତୁ ଏହା ମଧ୍ୟ ସିଭିସି ଭଳି ସମାନ ସମସ୍ୟା ଭୋଗ କରୁଛି। ଏନ୍‌ଏଫ୍‌ଆର୍‌ଏ ଯଥାଶୀଘ୍ର ଏହାର ଭୂମିକା ପୁନଃ ନିର୍ଦ୍ଧାରଣ କରିବା ଆବଶ୍ୟକ।

### କ୍ୟାବିନେଟରେ ବାବୁ

କେନ୍ଦ୍ରରେ ଏବେ ମନ୍ତ୍ରିମଣ୍ଡଳ ଅଦଳବଦଳ ହୋଇଛି। ଏଥିରେ ପ୍ରବେଶ କରିଥିବା ବିଶ୍ୱସ୍ତ ଅଣ ରାଜନୈତିକ ବ୍ୟକ୍ତି ଓ ବାବୁମାନଙ୍କ ଠାରୁ ଅଧିକ ଗୁଞ୍ଜରଣ ଶୁଣିବାକୁ ମିଳୁଛି। ସେମାନେ କହିଛନ୍ତି , ବାବୁମାନଙ୍କୁ କୁତ୍ସିତ ବ୍ୟବହାର ପ୍ରଦର୍ଶନ କରୁଥିବା ସରକାର ଏବେ ରହସ୍ୟଜନକ ଭାବେ ତାଙ୍କ କାର୍ଯ୍ୟରେ ପରିବର୍ତ୍ତନ ଆଣିଛନ୍ତି। କୋଭିଡ୍ ମହାମାରୀ ନିୟନ୍ତ୍ରଣ ଏବଂ ନିକଟରେ ସଂଘଟିତ ବିଧାନସଭା ନିର୍ବାଚନରେ ଅସଫଳ ହେବା ପରେ ମୋଦି ୧୨ ଜଣ ମନ୍ତ୍ରୀଙ୍କୁ ବାହାର କରି ଟେକ୍‌ନୋକ୍ରାଟ୍ ଏବଂ ବାବୁମାନଙ୍କୁ ସ୍ଥାନ ଦେଇଛନ୍ତି। ଏହା କରି ଉତ୍ତମ ଶାସନ ଏବଂ ତାଙ୍କ ପ୍ରତିଜ୍ଞା ପାଳନ କରିବା ଉପରେ ସେ ଅଧିକ ଧ୍ୟାନ ଦେଉଛନ୍ତି ବୋଲି ବାର୍ତ୍ତା ଦେଇଛନ୍ତି। ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇଥିବା ବାବୁମାନଙ୍କ ମଧ୍ୟରେ ରହିଛନ୍ତି ବିହାରରୁ ଆର୍.ସି.ପି.ସିଂ ଓ ଓଡ଼ିଶାରୁ ଅଶ୍ୱିନୀ ବୈଷ୍ଣବ। ବୈଷ୍ଣବ ଗୁରୁତ୍ୱପୂର୍ଣ୍ଣ ରେଲୱେ ବିଭାଗର ଦାୟିତ୍ୱ ସମ୍ଭାଳିବେ। ପୂର୍ବତନ ସ୍ୱରାଷ୍ଟ୍ର ସଚିବ ଏବଂ ରାଷ୍ଟ୍ରମନ୍ତ୍ରୀ ଆର୍. କେ. ସିଂଙ୍କ ସହ ଅନ୍ୟ ଜଣେ ବୈଦେଶିକ ସେବାର ବାବୁ ହରଦୀପ୍ ସିଂ ପୁରୀ,ଏବେ ଏସ୍. ଜୟଶଙ୍କରଙ୍କ ଭଳି କ୍ୟାବିନେଟ ମନ୍ତ୍ରୀ ଭାବେ ସ୍ଥାନ ପାଇଛନ୍ତି। ଜୟଶଙ୍କର ଆରମ୍ଭରୁ କ୍ୟାବିନେଟ ମନ୍ତ୍ରୀ ରହିଛନ୍ତି। ମୋଦିଙ୍କ ନୂଆ ଟିମ୍‌ରେ ରାଜୀବ ଚନ୍ଦ୍ରଶେଖର, ଦେବୁସିଂ ଚୌହାନ, ସୁବାସ ସରକାର, ଭାରତୀ ପାୱାର ଏବଂ ଭଗୱନ୍ତ କରାଡଙ୍କ ଭଳି ଟେକ୍‌ନୋକ୍ରାଟ ଏବଂ ଡାକ୍ତରମାନେ ରହିଛନ୍ତି। ଟେକ୍‌ନୋକ୍ରାଟ ଏବଂ ମୁଖ୍ୟତଃ ପାଶ୍ଚାତ୍ୟ ୟୁନିଭର୍ସିଟିଗୁଡ଼ିକରୁ ଡିଗ୍ରୀ ହାସଲ କରିଥିବା ବ୍ୟକ୍ତିବିଶେଷଙ୍କୁ ଅଣଦେଖା କରାଯାଉଛି ବୋଲି ଯାହା କୁହାଯାଉଥିଲା ସେଭଳି ଧାରଣାକୁ ମୋଦି ପୂରା ବଦଳାଇ ଦେଇଛନ୍ତି। ମୋଦି ସେମାନଙ୍କୁ ତଥା ନେତା ପାଲଟିଥିବା ବାବୁମାନଙ୍କୁ ଏହି ପାଳିର ବାକି ସମୟ ପାଇଁ ଦରକାର କରୁଛନ୍ତି ବୋଲି ଜଣାପଡୁଛି।

Email: dilipcherian@gmail.com

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | | | 7 |
| | | | 8 | | | 3 | | 6 |
| 1 | | | 3 | | | | | 4 |
| | 8 | | | | 2 | 6 | | |
| 4 | 6 | 7 | 5 | | | | | 8 |
| | 5 | 3 | | | 1 | | | |
| | | 5 | | | | | 8 | |
| | | | 2 | 7 | | 4 | | |
| | 3 | | | | | | | 1 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 2 | 3 | 1 | 4 | 6 | 9 | 5 | 7 |
| 1 | 7 | 9 | 2 | 5 | 8 | 3 | 6 | 4 |
| 4 | 5 | 6 | 9 | 7 | 3 | 2 | 1 | 8 |
| 9 | 4 | 8 | 7 | 6 | 1 | 5 | 2 | 3 |
| 7 | 6 | 5 | 4 | 3 | 2 | 1 | 8 | 9 |
| 3 | 1 | 2 | 5 | 8 | 9 | 7 | 4 | 6 |
| 6 | 9 | 1 | 8 | 2 | 7 | 4 | 3 | 5 |
| 2 | 8 | 4 | 3 | 9 | 5 | 6 | 7 | 1 |
| 5 | 3 | 7 | 6 | 1 | 4 | 8 | 9 | 2 |

ଗତକାଲିର ଉତ୍ତର

# ବିଦ୍ୟାଳୟ ବିତର୍କ: ସରକାରୀ ଓ ଘରୋଇ



ବିଚିତ୍ର ବିଶ୍ୱାଳ

ସରକାରୀ ବିଦ୍ୟାଳୟ ଓ ଘରୋଇ ବିଦ୍ୟାଳୟକୁ ନେଇ ବିତର୍କ ଆମ ଦେଶରେ ନୂଆ ନୁହେଁ। ଏହା ବହୁତ ପୁରୁଣା ବିତର୍କ ଓ ଦୀର୍ଘ ଦିନ ହେବ ଜାରି ରହିଛି। ଏହି ବିତର୍କ ଏବେ କେବଳ ଅତ୍ୟନ୍ତ ନଗ୍ନ ଭାବେ ଆମ ରାଜ୍ୟରେ ପରିପ୍ରକାଶ ହୋଇଛି। ଲକ୍‌ଡାଉନ୍ ଯୋଗୁ ଚଳିତବର୍ଷ ଆମ ରାଜ୍ୟରେ ମାଟ୍ରିକ୍ ପରୀକ୍ଷା ଅନୁଷ୍ଠିତ ହୋଇପାରିଲା ନାହିଁ। ନବମ ଶ୍ରେଣୀର ମାର୍କ ଓ ଦଶମ ଶ୍ରେଣୀ କ୍ଲାସ୍ ପରୀକ୍ଷାର ମାର୍କ ଆଧାରରେ ଏକ ନିର୍ଦ୍ଦିଷ୍ଟ ସୂତ୍ର ପକାଯାଇ ବିନା ମାଟ୍ରିକ୍ ପରୀକ୍ଷାରେ ଫଳ ଘୋଷଣା କରାଗଲା। ସରକାରଙ୍କ ତରଫରୁ ମାଟ୍ରିକ୍ ଫଳ ଘୋଷଣା ପରେ କେତେକ ଛାତ୍ରୀଛାତ୍ର ଏହାକୁ ବିରୋଧ କଲେ ଓ ସରକାରଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କଲେ। ଜଣେ ଛାତ୍ରୀ ଟିଭି ପରଦାରେ କହୁଥିବାର ଶୁଣାଗଲା ଯେ, ଆମେ ଏତେ ଟଙ୍କା ଖର୍ଚ୍ଚ କରି ଘରୋଇ ବିଦ୍ୟାଳୟରେ ପଢୁଛୁ। ସରକାରୀ ବିଦ୍ୟାଳୟରେ ଅଣ୍ଡା ଛତୁଆ ଖାଇ ପଢୁଥିବା ପିଲାମାନେ ଆମଠାରୁ ଅଧିକ ନମ୍ବର କିପରି ରଖିବେ? ସେହି ଛାତ୍ରୀ ଜଣଙ୍କର ଏହି ବିବୃତି ପରେ ସାରା ରାଜ୍ୟରେ ସରକାରୀ ବିଦ୍ୟାଳୟ ଓ ଘରୋଇ ବିଦ୍ୟାଳୟର ବିତର୍କକୁ ନେଇ ପରିସ୍ଥିତି ସରଗରମ ହୋଇଗଲା। ଅନେକ ଲୋକ ସେହି ଛାତ୍ରୀ ଜଣକୁ କଡ଼ା ସମାଲୋଚନା କଲେ। ଏପରିକି ସାମାଜିକ ଗଣମାଧ୍ୟମ ଫେସ୍‌ବୁକ୍‌ରେ ପ୍ରୋଫାଇଲ୍ ଫଟୋରେ 'ମୁଁ ସରକାରୀ ବିଦ୍ୟାଳୟରେ ପଢ଼ି ଗର୍ବିତ' ଭଳି ଟ୍ୟାଗ୍ ଲଗାଇ ମଧ୍ୟ ପୋଷ୍ଟ କଲେ। ଏହା ନିଶ୍ଚିତ ଯେ, ଅଣ୍ଡା ଛତୁଆଖିଆ ଶିକ୍ଷା କହି ସରକାରୀ ବିଦ୍ୟାଳୟକୁ ସମାଲୋଚନା କରିବା ଆଦୌ ଗ୍ରହଣୀୟ ନୁହେଁ। କିନ୍ତୁ ଏ ପ୍ରକାର ସମାଲୋଚନା କରିଥିବା ସେହି ଛାତ୍ରୀ ଜଣକ କ'ଣ କେବଳ ଦାୟୀ? କେବଳ ସେହି ଛାତ୍ରୀ ଜଣକ କ'ଣ ଏ ପ୍ରକାର ମାନସିକତା ରଖିଛନ୍ତି ନା ଏକ ସାମୂହିକ ମାନସିକତାକୁ ସେ କେବଳ ତାଙ୍କ ଭାଷାରେ ପ୍ରକାଶ କରିଛନ୍ତି? ସାଂପ୍ରତିକ ପରିସ୍ଥିତିକୁ ତର୍ଜମା କଲେ ବୁଝାପଡୁଛି ଯେ, ସେହି ଛାତ୍ରୀ ଜଣକ କେବଳ ଆମ ସାମୂହିକ ମାନସିକତାକୁ ତାଙ୍କ ନିଜ ଭାଷାରେ ସ୍ପଷ୍ଟ ଭାବେ ପ୍ରକାଶ କରିଛନ୍ତି। ଆମ ଅନ୍ତଃକରଣରୁ ନିଜକୁ ପ୍ରଶ୍ନ କଲେ ଆମେ ନିଶ୍ଚୟ ଉତ୍ତର ପାଇବା ଯେ, ସରକାରୀ ବିଦ୍ୟାଳୟକୁ ନେଇ ଅଧିକାଂଶଙ୍କ ଭିତରେ ଏହିପରି ଭାବନା ହିଁ ଅଛି। ସରକାରୀ ବିଦ୍ୟାଳୟକୁ ନେଇ ଆମ ସମସ୍ତଙ୍କ ଭିତରେ ଏକ ହୀନମନ୍ୟତା ଭାବ ରହିଛି, ଯଦିଓ ଆମ ଭିତରୁ ଅଧିକାଂଶ ସେହି ସରକାରୀ ବିଦ୍ୟାଳୟରୁ ପାଠ ପଢ଼ି ବଡ଼ ହୋଇଛେ। ଅଧିକାଂଶ ଲୋକ ତାଙ୍କ ଛୁଆମାନଙ୍କୁ ଘରୋଇ ବିଦ୍ୟାଳୟରେ ପାଠ ପଢ଼ାଉଛନ୍ତି। ଏହା ହିଁ ଆମ ସାମୂହିକ ମାନସିକତାରେ ବସିଥିବା ସରକାରୀ ବିଦ୍ୟାଳୟ ପ୍ରତି ହୀନମନ୍ୟତାର ପ୍ରମାଣ।

ସମ୍ପ୍ରତି ଆମ ଦେଶର ପ୍ରାୟ ୫୦% ଛାତ୍ରୀଛାତ୍ର ଅର୍ଥାତ୍ ୧୨ କୋଟି ପିଲା ଘରୋଇ ବିଦ୍ୟାଳୟରେ ପଢୁଛନ୍ତି। ୧୯୭୮ରେ ମାତ୍ର ୩.୪% ପିଲା ଘରୋଇ ବିଦ୍ୟାଳୟରେ ପଢୁଥିବା ବେଳେ ୨୦୧୯ରେ ଏହା ପାଖାପାଖି ୫୦%ରେ ପହଞ୍ଚିଛି। ୧୯୭୮ରୁ ୨୦୧୭ ମଧ୍ୟରେ ସରକାରୀ ବିଦ୍ୟାଳୟରେ ପିଲାମାନଙ୍କ ହାର ୭୪%ରୁ କମି ୫୨%ରେ ପହଞ୍ଚିଛି। ସାରା ଦେଶରେ ଏବେ ପ୍ରାୟ ୪.୫ ଲକ୍ଷ ଘରୋଇ ବିଦ୍ୟାଳୟରେ ୧୨ କୋଟି ପିଲା ପଢୁଛନ୍ତି। ଗତ ପାଞ୍ଚ ବର୍ଷ ମଧ୍ୟରେ ଘରୋଇ ବିଦ୍ୟାଳୟରେ୧ କୋଟି ୭୦ ଲକ୍ଷ ପିଲା ବଢ଼ିଥିବା ବେଳେ ସରକାରୀ ବିଦ୍ୟାଳୟଗୁଡ଼ିକ ୧ କୋଟି ୩୦ ଲକ୍ଷ ପିଲା ହରେଇଛନ୍ତି। ଏହି ପରିସଂଖ୍ୟାନରୁ ସ୍ପଷ୍ଟ ବୁଝାପଡୁଛି ଯେ, ସରକାରୀ ବିଦ୍ୟାଳୟ ଉପରୁ ଲୋକମାନଙ୍କର ଭରସା ତୁଟୁଛି। ଅଧ୍ୟୟନରୁ ଜଣାଯାଏ ଯେ, ଘରୋଇ ବିଦ୍ୟାଳୟର ପିଲାମାନେ ସରକାରୀ ବିଦ୍ୟାଳୟ ପିଲାମାନଙ୍କ ଅପେକ୍ଷା ଶିକ୍ଷା ଗ୍ରହଣ କ୍ଷେତ୍ରରେ ଅଧିକ ଭଲ ସ୍ଥିତିରେ ନାହାନ୍ତି। ତଥାପି ବି କାହିଁକି ଲୋକମାନେ ଘରୋଇ ବିଦ୍ୟାଳୟକୁ ଅଧିକ ପସନ୍ଦ କରୁଛନ୍ତି? ଏହା ପଛରେ ଅନେକ କାରଣ ରହିଛି।

ପ୍ରଥମତଃ ସରକାରୀ ବିଦ୍ୟାଳୟରେ ଶିକ୍ଷାଦାନର ସ୍ତର ଆଶାନୁରୂପ ହେଉନାହିଁ। ସରକାରଙ୍କ ତରଫରୁ ଯେଉଁପରି ବ୍ୟବସ୍ଥା କରାଯିବା କଥା, ତାହା ଆଦୌ କରାଯାଉ ନାହିଁ। ସରକାରୀ ବିଦ୍ୟାଳୟରେ ଅତିବେଶୀରେ ସରକାର କେବଳ ବିଦ୍ୟାଳୟ ଗୃହ ନିର୍ମାଣ କାମ ହିଁ କରୁଛନ୍ତି। ଯଥେଷ୍ଟ ପରିମାଣର ଶିକ୍ଷକ ନିଯୁକ୍ତି ଦେବା, ଶିକ୍ଷକମାନଙ୍କୁ ଉପଯୁକ୍ତ ତାଲିମ୍ ଦେବା, ଶିକ୍ଷାଦାନ ବ୍ୟବସ୍ଥାକୁ କଡ଼ାକଡ଼ି ନିରୀକ୍ଷଣ କରିବା ଆଦି କାମକୁ ସରକାର ଆଦୌ ବି ଦାୟିତ୍ୱର ସହ ଅନୁପାଳନ କରୁନାହାନ୍ତି। ଏତଦ୍‌ବ୍ୟତୀତ ସରକାର ଧୀରେ ଧୀରେ ଶିକ୍ଷା କ୍ଷେତ୍ରରୁ ନିଜ ଭୂମିକା କମ୍ କରିବାକୁ ଚାହୁଁଛନ୍ତି। ଏଥିସହିତ ଅଭିଭାବକମାନେ ନିଜ ପିଲାକୁ ମାତୃଭାଷା ଅପେକ୍ଷା ଇଂଲିଶ୍ ମାଧ୍ୟମ ବିଦ୍ୟାଳୟରେ ପଢ଼େଇବାକୁ ଅଧିକ ପସନ୍ଦ କରୁଛନ୍ତି। କାରଣ ଆଜିର ବଜାରରେ ଇଂଲିଶ୍ ଭାଷା ଦକ୍ଷତାର ଭାଉ ଅଧିକ ଅଛି ଓ ଇଲିଶ୍ ମାଧ୍ୟମରେ ପଢ଼େଇବାକୁ ଏକ ସାମାଜିକ ଷ୍ଟାଟସ୍ ଭାବେ ମଧ୍ୟ ଦେଖାଯାଉଛି। ଏହିସବୁ କାରଣ ଯୋଗୁ ସରକାରୀ ବିଦ୍ୟାଳୟ ପ୍ରତି ଲୋକମାନଙ୍କ ଆଗ୍ରହ କମି ଘରୋଇ ବିଦ୍ୟାଳୟର ଚାହିଦା ବଢୁଛି।

ଆମ ଦେଶରେ ଶିକ୍ଷାର ଏକ ବଡ଼ ବଜାର ଥିବାର ବେପାରୀମାନେ ଦେଖୁଛନ୍ତି। ସେଣ୍ଟ୍ରାଲ୍ ସ୍କୋୟାର୍ ଫାଉଣ୍ଡେଶନ୍‌ର ଅଧ୍ୟୟନ ଅନୁସାରେ ଭାରତରେ ଶିକ୍ଷା ବଜାରର ଆକାର ହେଉଛି ୨୩ ବିଲିଅନ୍ ଡଲାର। ଯେତେବେଳେ କି ଆମ ଦେଶରେ ଇ-କମର୍ସର ବଜାର ହେଉଛି ୨୪ ବିଲିଅନ୍ ଡଲାର। କେ.ଜି.ରୁ ଆରମ୍ଭ କରି ଉଚ୍ଚଶିକ୍ଷା ଓ କୋଚିଂ ଆଦିକୁ ମିଶେଇଲେ ଏହାର ଆକାର ୬୮ ବିଲିଅନ୍ ଡଲାର ହେବ। ୨୦୨୧ରୁ ୨୦୨୬ ମଧ୍ୟରେ ଏହି ପରିମାଣ ଆହୁରି ବଢ଼ିବ। ତେଣୁ ଏତେବଡ଼ ଶିକ୍ଷା ବଜାରକୁ ବେପାରୀମାନେ ବି ଛାଡ଼ିବାକୁ ଚାହୁଁନାହାନ୍ତି। ସେମାନେ ପ୍ରାଣପଣେ ସରକାରୀ ଶିକ୍ଷା ବ୍ୟବସ୍ଥାକୁ ଦୁର୍ବଳ କରି ଶିକ୍ଷାର ଘରୋଇକରଣ ପ୍ରକ୍ରିୟାକୁ ତୀବ୍ର କରିବା ପାଇଁ ଜାଲ ବିଛେଇଛନ୍ତି। ସରକାର ବି ସେମାନଙ୍କ ଉଦ୍ଦେଶ୍ୟକୁ ମନ ପ୍ରାଣ ଦେଇ ସଫଳ କରିବାରେ ଲାଗିଛନ୍ତି।

ଶିକ୍ଷା ସବୁବେଳେ ସରକାରଙ୍କ ବିଷୟ ହେବା ଉଚିତ୍। ଏକ ଜନକଲ୍ୟାଣକାରୀ ସରକାର ସମସ୍ତଙ୍କ ପାଇଁ ମାଗଣା ଓ ଉନ୍ନତମାନର ଶିକ୍ଷା ବ୍ୟବସ୍ଥା କରିବା ଉଚିତ୍। ଆମ ଦେଶରେ ଶିକ୍ଷା ଅଧିକାର ଆଇନ ଲାଗୁହେବା ପରେ ମଧ୍ୟ ପରିସ୍ଥିତିରେ ବେଶୀ କିଛି ପରିବର୍ତ୍ତନ ହୋଇନାହିଁ। ସରକାରଙ୍କ ଶିକ୍ଷା ପ୍ରତି ଉଦାସୀନ ମନୋଭାବ ଯୋଗୁ ଶିକ୍ଷା କ୍ଷେତ୍ରକୁ ବ୍ୟବସାୟୀମାନେ ପ୍ରବେଶ କରି ଶିକ୍ଷାକୁ ଏକ ବେପାରରେ ପରିଣତ କଲେଣି। ଆଗାମୀ ସମୟରେ ଦେଖିବାକୁ ମିଳିବ ଯେ, କେବଳ ବେପାରୀମାନେ ଆମ ଦେଶର ଶିକ୍ଷା କ୍ଷେତ୍ରକୁ ନିୟନ୍ତ୍ରଣ କରୁଥିବେ। ସେତେବେଳେ ସାଧାରଣ ଗରିବ ଲୋକମାନେ ସେମାନଙ୍କ ପିଲାମାନଙ୍କୁ ପାଠ ପଢ଼େଇବାକୁ ସୁଯୋଗ ପାଇବେ ନାହିଁ। କାରଣ ସରକାର ଶିକ୍ଷା କ୍ଷେତ୍ରରୁ ଓହରିଗଲେ ଘରୋଇ ଶିକ୍ଷା ବ୍ୟବସାୟୀମାନେ ଶିକ୍ଷାର ମୂଲ୍ୟ ବହୁତ ବଢ଼େଇଦେବେ। ଏହି ପ୍ରକ୍ରିୟା ଏବେ ଆରମ୍ଭ ହୋଇଗଲାଣି। ସାଧାରଣ ଲୋକମାନେ ଘରୋଇ ବିଦ୍ୟାଳୟରେ ଅଧିକ ମୂଲ୍ୟ ଦେଇ ସେମାନଙ୍କ ପିଲାଙ୍କୁ ପାଠ ପଢ଼େଇବାକୁ ସକ୍ଷମ ହୋଇପାରିବେ ନାହିଁ। ଶେଷରେ ଶିକ୍ଷା କେବଳ ଧନିକମାନଙ୍କର ବିଷୟ ହୋଇ ରହିଯିବ। ଏ ସମୟ ଆଉ ବେଶୀ ଡେରି ନାହିଁ। ତେଣୁ ସରକାରୀ ବିଦ୍ୟାଳୟର ବିକାଶ ଉପରେ ଗୁରୁତ୍ୱ ଦେବାକୁ ହେବ।

୨୦୧୫ରେ ଆଲ୍ଲାହାବାଦ୍ ହାଇକୋର୍ଟ ଏକ ରାୟରେ କହିଥିଲେ ଯେ, ଉତ୍ତରପ୍ରଦେଶର ସରକାରୀ କର୍ମଚାରୀ ଓ ଜନପ୍ରତିନିଧିମାନେ ସେମାନଙ୍କ ପିଲାମାନଙ୍କୁ ସରକାରୀ ବିଦ୍ୟାଳୟରେ ପଢ଼େଇବା ଉଚିତ। ଫଳରେ ସରକାରୀ ବିଦ୍ୟାଳୟର ମାନ ବୃଦ୍ଧି ଉପରେ ସରକାର ନିଶ୍ଚୟ ଧ୍ୟାନ ଦେବେ। ଏହା ନିଶ୍ଚିତ ଯେ, ଯେତେଦିନ ଯାଏ ଆମ ଦେଶରେ ଶିକ୍ଷା ପ୍ରଦାନ କ୍ଷେତ୍ରରେ ସମାନତା ଆସିବ ନାହିଁ, ଅର୍ଥାତ୍ ସମସ୍ତଙ୍କ ପାଇଁ ସମାନ ଶିକ୍ଷା ବ୍ୟବସ୍ଥା ହେବ ନାହିଁ, ସେତେଦିନ ଯାଏ ସରକାରୀ ବିଦ୍ୟାଳୟ ଘରୋଇ ବିଦ୍ୟାଳୟ ସାମ୍ନାରେ ତିଷ୍ଠି ରହିବା କଷ୍ଟ ହେବ। ଏବେ ସମୟ ଆସିଛି, ସମସ୍ତଙ୍କ ପାଇଁ ସମାନ ଶିକ୍ଷା ବ୍ୟବସ୍ଥା କରିବାର। ଯଦ୍ୱାରା କି କୋମଳମତି ପିଲାମାନଙ୍କ ମନରେ ଆରମ୍ଭରୁ ଶିକ୍ଷାକୁ ନେଇ ପ୍ରଭେଦ ରହିବ ନାହିଁ। ଏଥିପାଇଁ ଅଭିଭାବକମାନେ ଆଗେଇ ଆସିବା ଉଚିତ ଓ ସରକାରଙ୍କ ଉପରେ ଚାପ ପକେଇବାକୁ ପଡ଼ିବ। ସମ୍ପ୍ରତି ଆମ ଦେଶରେ ଧନୀ-ଗରିବଙ୍କ ମଧ୍ୟରେ ଯେଉଁ ବିରାଟ ପ୍ରଭେଦ ଠିଆ ହୋଇଛି, ତାର ଏକ ମୁଖ୍ୟ କାରଣ ହେଉଛି ଶିକ୍ଷା କ୍ଷେତ୍ରରେ ଅସମାନତା। କିଛି ପିଲା ଛୋଟବେଳୁ ବଡ଼ବଡ଼ ଘରୋଇ ବିଦ୍ୟାଳୟରେ ପଢ଼ିବାକୁ ସୁଯୋଗ ପାଉଥିବା ବେଳେ କିଛି ପିଲା ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ଥିବା ସରକାରୀ ବିଦ୍ୟାଳୟରେ ପଢୁଛନ୍ତି। ଯାହା ଭବିଷ୍ୟତରେ ସେମାନଙ୍କ ମନରେ ଏକ ପ୍ରଭେଦ ଠିଆ କରୁଛି। ଏହା ସାମାଜିକ ଅସ୍ଥିରତା ଓ ଅସନ୍ତୁଳନକୁ ବଢ଼ାଉଛି। ତେଣୁ ଭବିଷ୍ୟତକୁ ଦୃଷ୍ଟିରେ ରଖି ଏବେଠାରୁ ସମସ୍ତଙ୍କ ପାଇଁ ସମାନ ଶିକ୍ଷାର ବ୍ୟବସ୍ଥା କରିବାକୁ ହେବ।

ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର
ମୋ: ୯୪୩୮୪୬୮୪୭୪

# ପ୍ରକୃତି କୋଳରେ ମଣିଷ



ପ୍ରେମାନନ୍ଦ ନାୟକ

ପୃଥିବୀକୁ ଘେରି ରହିଥିବା ବାୟୁମଣ୍ଡଳ ହେଉଛି କେତେଗୁଡ଼ିଏ ବାଷ୍ପର ସମଷ୍ଟି। ସେହି ବାଷ୍ପଗୁଡ଼ିକ ମଧ୍ୟରେ ଯବକ୍ଷାରଜାନ, ଅମ୍ଳଜାନ ଓ ଅଙ୍ଗାରକାମ୍ଳ ହେଉଛି ମୁଖ୍ୟ ଉପାଦାନ। ବାୟୁମଣ୍ଡଳରେ ଯବକ୍ଷାରଜାନ ପରିମାଣ ସର୍ବାଧିକ ଶତକଡ଼ା ୭୮ ଭାଗ ଥିବାବେଳେ ଅମ୍ଳଜାନ ୨୧ ଭାଗ ଓ ଅଙ୍ଗାରକାମ୍ଳ ୦.୦୩ ଭାଗ। ଅମ୍ଳଜାନ ହେଉଛି ବାୟୁମଣ୍ଡଳରେ ଦ୍ୱିତୀୟ ସର୍ବାଧିକ ଉପାଦାନ। ମନୁଷ୍ୟ ସହିତ ସମସ୍ତ ପ୍ରାଣୀ ଶ୍ୱାସକ୍ରିୟାରେ ଅମ୍ଳଜାନ ଗ୍ରହଣ କରନ୍ତି। ବାୟୁମଣ୍ଡଳରେ ଅମ୍ଳଜାନ ଓ ଅଙ୍ଗାରକାମ୍ଳର ପରିମାଣ ସାଧାରଣତଃ ଅପରିବର୍ତ୍ତନୀୟ ବା ସ୍ଥିର ରହିଥାଏ। ଏହି ବାଷ୍ପ ଦ୍ୱୟର ପରିମାଣରେ ତାରତମ୍ୟ ଦେଖାଦିଏ, ଯେତେବେଳେ ମନୁଷ୍ୟ ବହୁସଂଖ୍ୟାରେ ବୃକ୍ଷ ଛେଦନ କରି ବାୟୁମଣ୍ଡଳକୁ କ୍ଷତି ପହଞ୍ଚାଏ। କାରଣ ପୃଥିବୀ ପୃଷ୍ଠରୁ ନିର୍ଗତ ସୂର୍ଯ୍ୟତାପକୁ ଅଙ୍ଗାରକାମ୍ଳ ପୁନର୍ବାର ପୃଥିବୀକୁ ବିକିରଣ କରିଥାଏ। ବାୟୁମଣ୍ଡଳରେ ଅଙ୍ଗାରକାମ୍ଳର ପରିମାଣ ବେଶି ହେଲେ ପୃଥିବୀ ଅଧିକ ଉତ୍ତପ୍ତ ହୁଏ ; ଯାହାକୁ ଗ୍ଲୋବାଲ ୱାର୍ମିଂ କୁହାଯାଉଛି। ତେଣୁ ବାୟୁମଣ୍ଡଳରେ ଅମ୍ଳଜାନ ଏବଂ ଅଙ୍ଗାରକାମ୍ଳ ବାଷ୍ପଦ୍ୱୟର ଭାରସାମ୍ୟ ରକ୍ଷା ନିତାନ୍ତ ଆବଶ୍ୟକ, ଯାହା ପୃଥିବୀରେ ଜୀବଜଗତ ତିଷ୍ଠି ରହିବା ପାଇ ଅପରିହାର୍ଯ୍ୟ।

ଦେଶରେ କରୋନା ଭୂତାଣୁର ଦ୍ୱିତୀୟ ସଂକ୍ରମଣ ଯୋଗୁ ଅନେକ ଆକ୍ରାନ୍ତ ବ୍ୟକ୍ତି ଆବଶ୍ୟକ ଅମ୍ଳଜାନ ନ ପାଇଁ ମୃତ୍ୟୁବରଣ କଲେ। ଉଲ୍ଲେଖଯୋଗ୍ୟ, ଯେଉଁ ରାଜ୍ୟଗୁଡ଼ିକ ସ୍ୱଚ୍ଛଳ ଏବଂ ବିକଶିତ, ସେଠାରେ ସଂଖ୍ୟାଧିକ ଲୋକ ଆକ୍ରାନ୍ତ ହୋଇ ଅମ୍ଳଜାନ ଅଭାବରୁ ମୃତ୍ୟୁମୁଖରେ ପଡ଼ିଛନ୍ତି। ଅଥଚ ଓଡ଼ିଶା ଭଳି ଏକ ଗରିବ ଓ ଅବହେଳିତ ରାଜ୍ୟ ସେମାନଙ୍କୁ ଅମ୍ଳଜାନ ଯୋଗାଇ ସେମାନଙ୍କ ପ୍ରାଣ ରକ୍ଷା କରିବାରେ ସହାୟକ ହୋଇଛି। ଓଡ଼ିଶାରେ ଅମ୍ଳଜାନର ଅଭାବ ନାହିଁ କିମ୍ବା ଟିକା ମଧ୍ୟ ନଷ୍ଟ ହେବାରେ ନାହିଁ। ବରଂ ଟିକାକରଣରେ ଯେଉଁ ତିନିଟି ରାଜ୍ୟ ବିଯୁକ୍ତାତ୍ମକ ସ୍ଥିତିରେ ଅଛନ୍ତି, ସେମାନଙ୍କ ମଧ୍ୟରେ ଓଡ଼ିଶା ରହିଛି।

ଗତବର୍ଷ କରୋନାର ପ୍ରଥମ ସଂକ୍ରମଣ ବେଳେ ଭାରତରେ ସ୍ଥିତି କିଛି ପରିମାଣରେ ନିୟନ୍ତ୍ରଣାଧୀନ ଥିଲା। କିନ୍ତୁ ଏବେ ଦ୍ୱିତୀୟ ଲହର ଆହୁରି ବିପର୍ଯ୍ୟୟ ଘଟାଇଛି । ଆକ୍ରାନ୍ତ ଓ ମୃତକଙ୍କ ସଂଖ୍ୟା ମଧ୍ୟ ଅଧିକ ହୋଇଛି। ଜୀବନ ସହିତ ଲୋକମାନଙ୍କ ଜୀବିକା ଅତି ମାତ୍ରାରେ ପ୍ରଭାବିତ ହୋଇଛି। ଏଭଳି ପରିସ୍ଥିତିରେ କେତେକ ବିବଦମାନ ଘଟଣା ଏହାକୁ ଆହୁରି ଜଟିଳ କରି ଦେଉଛି। ବାବା ରାମଦେବଙ୍କ ମତରେ ଷ୍ଟେରଏଡ୍, ରେମେଡିସିଭର, ଫାଭିପିରାଭୀର, କ୍ଲୋରୋକୁଇନ ଆଦି ଦ୍ୱାରା ଯେଉଁ ଚିକିତ୍ସା କରାଯାଉଛି ତାହା କରୋନାର ଚିକିତ୍ସା ନୁହେଁ। ଏବେ ଏମ୍‌ସର ନିର୍ଦ୍ଦେଶକ ରେମେଡିସିଭର ନ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଷ୍ଟେରଏଡ୍‌ର ଅତ୍ୟଧିକ ବ୍ୟବହାର ଶେଷରେ କୃଷ୍ଣକବକ ରୋଗ ସୃଷ୍ଟି କରୁଛି ବୋଲି ଏବେ ଏହା ଉପରେ ରୋକ୍ ଲାଗିଲାଣି। ଆଗରୁ ବହୁତ ସଫଳ ହେଉଛି ବୋଲି କୁହାଯାଉଥିବା 'ପ୍ଲାଜମାଥେରାପି' ବାସ୍ତବରେ କିଛି କାମ କରୁ ନ ଥିଲା ବୋଲି ଏବେ ଜଣାପଡିବା ପରେ ଆଇସିଏମ୍‌ଆର୍ ତାକୁ ସାରା ଦେଶରେ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ତେଣୁ କହିବାକୁ ଗଲେ କରୋନା ଭୂତାଣୁକୁ ନେଇ ଏବେ ବି ଚିକିତ୍ସାବିଜ୍ଞାନ କୌଣସି ସିଦ୍ଧାନ୍ତରେ ଉପନୀତ ହୋଇପାରିନାହିଁ। ଏହାଛଡ଼ା କେତେକ ଲୋକଙ୍କର ସୁବିଧାବାଦୀ ଓ ଲାଭଖୋର ମନୋବୃତ୍ତି ଯୋଗୁ ପରିସ୍ଥିତି ଆହୁରି ଚିନ୍ତାଜନକ ହେବାରେ ଲାଗିଛି। ତାହା ମଧ୍ୟରେ ଅମ୍ଳଜାନ ସିଲିଣ୍ଡରର କଳାବଜାରରେ ଅତ୍ୟଧିକ ମୂଲ୍ୟବୃଦ୍ଧି, ବିଭିନ୍ନ ଔଷଧ ଦୋକାନରୁ ବହୁ ପରିମାଣରେ ଭେଜାଲ କରୋନା ଔଷଧ ଜବତ ହେବା, କେତେକ ଘରୋଇ ଚିକିତ୍ସାଳୟରେ ଟିକା ପାଇଁ ଅଧିକ ମୂଲ୍ୟ ନେବା, କେତେକ ରାଜ୍ୟରେ ଟିକା ବହୁ ପରିମାଣରେ ନଷ୍ଟ ହେବା ଏବଂ ଟିକାକରଣରେ ଅବ୍ୟବସ୍ଥା ଇତ୍ୟାଦି ଅନ୍ତର୍ଭୁକ୍ତ।

ଏହିଭଳି ଅନିଶ୍ଚିତ ଓ ବିବାଦୀୟ ପରିସ୍ଥିତିରେ ସାରା ଦେଶ ତ୍ରାହି ତ୍ରାହି ଚିତ୍କାର କରୁଥିବା ବେଳେ ଏପରି କିଛି ଗ୍ରାମ ରହିଛି, ଯେଉଁଠାରେ କରୋନାର ପ୍ରଥମ ବା ଦ୍ୱିତୀୟ ଲହର ପହଞ୍ଚିବାକୁ ସାହସ କରିପାରିନାହିଁ। ଗଞ୍ଜାମ ଜିଲା ସୋରାଡ଼ା ବ୍ଲକର ୨୬ ପଞ୍ଚାୟତ ମଧ୍ୟରୁ ଆଦିବାସୀ ଅଧ୍ୟୁଷିତ ପ୍ରାୟ ୧୪ଟି ପଞ୍ଚାୟତ ଏପର୍ଯ୍ୟନ୍ତ କରୋନା କବଳରୁ ମୁକ୍ତ ରହିଛନ୍ତି। ଏହି ସବୁ ଗ୍ରାମର ଅଧିବାସୀ ସାନିଟାଇଜର ବ୍ୟବହାର କରନ୍ତି ନାହିଁ କି କୌଣସି ରାସାୟନିକ ପଦାର୍ଥରେ ପ୍ରସ୍ତୁତ ଔଷଧ ସେବନ କରନ୍ତି ନାହିଁ। ଏହି ବ୍ଲକର ଅଧିକାଂଶ ଗ୍ରାମ ଦୁର୍ଗମାଞ୍ଚଳ। ସୁଉଚ୍ଚ ପାହାଡ଼ ସହିତ ଘଞ୍ଚ ଜଙ୍ଗଲ ମଧ୍ୟରେ ରହିଛି ଅନେକ ଗ୍ରାମ। ସଂରକ୍ଷିତ ଜଙ୍ଗଲର ଲକ୍ଷ ଲକ୍ଷ ବୃକ୍ଷ ଯୋଗୁ ଏହି ଗ୍ରାମଗୁଡ଼ିକରେ ଅମ୍ଳଜାନର ସ୍ତର ପ୍ରଚୁର ପରିମାଣରେ ଉପଲବ୍ଧ। ଏହି ଗ୍ରାମବାସୀ ବିନା କାରଣରେ ସହରକୁ ଯାଇ ନ ଥାନ୍ତି କିମ୍ବା ସହରରେ ରହୁଥିବା ଲୋକଙ୍କ ସହିତ ସିଧାସଳଖ ସଂସ୍ପର୍ଶରେ ଆସି ନ ଥାନ୍ତି। ଏଥି ସହିତ ବହୁ ପୂର୍ବରୁ ହିଁ ଆଦିବାସୀ ଗ୍ରାମରେ ଘରଗୁଡ଼ିକ ମଧ୍ୟରେ ବିଶେଷ ଦୂରତା ରହିଛି। କରୋନାର ଦୃଢ଼ ସଂକ୍ରମଣ ସତ୍ତ୍ୱେ ଆଦିବାସୀଙ୍କର ଦୃଢ଼ ମନୋବଳ ପାଇଁ ଏହା ସମ୍ଭବ ହୋଇପାରିଛି ବୋଲି କୁହାଯାଇପାରେ। ସେହିପରି କନ୍ଧମାଳ ଜିଲା ବାଲିଗୁଡ଼ା ଉପଖଣ୍ଡ ଅଧୀନସ୍ଥ କୋଟଗଡ଼ ବ୍ଲକ ଯୋଡ଼ାବାଲି ଗ୍ରାମପଞ୍ଚାୟତର କୁଟିଆ କନ୍ଧ ଅଧ୍ୟୁଷିତ ଗାଁ ସାକରାଯୋଡ଼ିରେ ଡାକ୍ତର ଦଳ ପହଞ୍ଚି କରୋନା ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ସହିତ ୯୦ ଜଣ ଗ୍ରାମବାସୀଙ୍କର କରୋନା ପରୀକ୍ଷା କରିଥିଲେ। ହେଲେ ପାହାଡ଼ ଜଙ୍ଗଲ ଘେରା ଏହି ଗ୍ରାମରେ ଜଣେ ବି ସଂକ୍ରମିତ ହୋଇ ନ ଥିବା ପରୀକ୍ଷାରୁ ଜଣାପଡ଼ିଥିଲା। ବାଲେଶ୍ୱର ଜିଲା ନୀଳଗିରି ବ୍ଲକ କୁଲଡିହା ଅଭୟାରଣ୍ୟର ଘଞ୍ଚ ଅଞ୍ଚଳ ଚେମଚଟାଠାରେ ୨୨ଟି ଲୋଧା ପରିବାର ବସବାସ କରନ୍ତି। ସେମାନଙ୍କର ୧୦୪ ଜଣ ସଦସ୍ୟଙ୍କୁ ଏପର୍ଯ୍ୟନ୍ତ କରୋନା ସ୍ପର୍ଶ କରିପାରିନାହିଁ। ଏମାନେ ପ୍ରକୃତି କୋଳରେ ବିଶୁଦ୍ଧ ଅମ୍ଳଜାନ ପାଇ ଶାନ୍ତିରେ ଜୀବନଯାପନ କରୁଛନ୍ତି। ମୟୂରଭଞ୍ଜ ଜିଲା ଗୋପବନ୍ଧୁନଗର ବ୍ଲକର ବସିବଣୀ ଗାଁରେ ମଧ୍ୟ କରୋନା ଭୂତାଣୁ ପହଞ୍ଚି ପାରିନାହିଁ। ଘଞ୍ଚ ଜଙ୍ଗଲ ଘେରା ଏହି ଗ୍ରାମ ବାହ୍ୟ ଜଗତରୁ ଦୀର୍ଘ ୭୦ ବର୍ଷ ଧରି ପୃଥକ ଜୀବନଯାପନ କରୁଛି।

ପ୍ରକୃତିକୁ ଯିଏ ଭଲପାଏ, ଯତ୍ନ ନିଏ ପ୍ରତିଦାନରେ ସେହି ପ୍ରକୃତି ବିପଦ ଆପଦରେ ତାକୁ ସାହା ହୁଏ। କିନ୍ତୁ ମଣିଷ ବିକାଶ ନାମରେ ଅବିଚାରିତ ଭାବେ ପ୍ରକୃତିର ବିନାଶ କରୁଛି। ସେଥିପାଇଁ ପ୍ରକୃତି ଉଗ୍ରରୂପ ଧାରଣ କରି ବାରମ୍ବାର ମଣିଷ ପ୍ରତି ଦଣ୍ଡବିଧାନ କରୁଛି। ପ୍ରକୃତିକୁ ନଷ୍ଟଭ୍ରଷ୍ଟ କରୁଥିବା ବିଜ୍ଞ ମଣିଷ ଉପରେ ଆଜି ସେ ଯେପରି ପ୍ରତିଶୋଧ ନେଉଛି। ଅନ୍ୟପକ୍ଷରେ ସେହି ପ୍ରକୃତି ସମାଜରେ ଅବହେଳିତ କେତେକ ମଣିଷଙ୍କୁ ତା'କୋଳରେ ଆଦରର ସହିତ ସୁରକ୍ଷା ବି ଦେଉଛି। ସହରୀ ମଣିଷର ଅମ୍ଳଜାନ ଅଭାବରୁ ପ୍ରାଣହାନି ଘଟୁଥିବାବେଳେ ପାହାଡ଼ ଜଙ୍ଗଲ ଘେରା ପ୍ରକୃତି କୋଳରେ ତଥାକଥିତ ସଭ୍ୟତାର ଆଲୋକ ଦେଖି ନ ଥିବା ଆଦିବାସୀ ମଣିଷ ବିଶୁଦ୍ଧ ଅମ୍ଳଜାନରେ ଶାନ୍ତିରେ ବସବାସ କରିପାରୁଛି; ଯାହା ଫଳରେ ମାରାତ୍ମକ କରୋନା ଭୂତାଣୁ ସ୍ପର୍ଶ କରିବାକୁ ଭୟ କରୁଛି।

ଶହୀଦନଗର, ଭୁବନେଶ୍ୱର
ମୋ: ୯୪୩୭୩୮୨୧୦୦

## ଏଇ ଭାରତରେ

ଗାଁ ଗାଁ ବୁଲି ପୁରାତନ ସାମଗ୍ରୀ ସଂଗ୍ରହ କରି ଏକ ମ୍ୟୁଜିୟମ ବା ସଂଗ୍ରହାଳୟ ପ୍ରତିଷ୍ଠା କରିଛନ୍ତି ପଶ୍ଚିମବଙ୍ଗର ଡ. ବିଶ୍ୱଜିତ ରାୟ। ସେ ପିଙ୍ଗୁସକାନ୍ତି ମୁଖାର୍ଜୀ ମହାବିଦ୍ୟାଳୟର ସହକାରୀ ପ୍ରାଧ୍ୟାପକ ଭାବେ କାର୍ଯ୍ୟ କରୁଛନ୍ତି। ନଦିୟା ଜିଲା ଦେବଗ୍ରାମରେ ସେ ଏହି ସଂଗ୍ରହାଳୟ ପ୍ରତିଷ୍ଠା କରିଛନ୍ତି। ପ୍ରଥମେ ସଂଗ୍ରହାଳୟ କରିବା ସମୟରେ ୨୦ଟି ଜିନିଷ ଥିଲା। ଏବେ ସେଠାରେ ୧,୦୦୦ରୁ ଊର୍ଦ୍ଧ୍ୱ ଜିନିଷ ରହିଛି। ଏକ ଦଶନ୍ଧି ପୂର୍ବେ ନଦିୟା ଜିଲାରେ ସେ ଗବେଷଣା କରୁଥିବା ବେଳେ ୨୦୦୦ ବର୍ଷର ଏକ ନଦୀର ସନ୍ଧାନ ପାଇବା ପରେ ସେଠାକାର ପୁରାତନ ସଭ୍ୟତା ଉପଯୋଗ କରୁଥିବା ଜିନିଷଗୁଡ଼ିକୁ ମାଟିତଳୁ ଉଦ୍ଧାର କରି ସଂଗ୍ରହାଳୟ ଆରମ୍ଭ କରିଥିଲେ। ବିଭିନ୍ନ ସ୍ଥାପତ୍ୟ ଓ ମାଟିପାତ୍ରର ଅବଶେଷାଂଶ, ପଥର ଓ ଧାତୁ ବିଗ୍ରହ, ବାଘଦାନ୍ତ ଆଦି ବହୁ ଜିନିଷ ସଂଗ୍ରହ କରିଛନ୍ତି। ଏସବୁ ମୁଖ୍ୟତଃ ଦେବଗ୍ରାମ ଓ ଅନୁଲିୟା ପଞ୍ଚାୟତର ଗ୍ରାମଗୁଡ଼ିକରୁ ଉଦ୍ଧାର କରିଛନ୍ତି। ଏସବୁ ପୁରାତନ ଜିନିଷ ସଂଗ୍ରହ କରିବାରେ ଗ୍ରାମବାସୀ ତାଙ୍କୁ ସାହାଯ୍ୟ କରୁଛନ୍ତି। ଏହାର ସଂରକ୍ଷଣ କରିବା ଲାଗି ଡ. ମୁଖାର୍ଜୀ ମଧ୍ୟ ସଚେତନତା ଅଭିଯାନ ଚଳାଇଚନ୍ତି। ଏହି ସଂଗ୍ରହାଳୟ ପାଇଁ ଗ୍ରାମବାସୀମାନେ ଘର ଏବଂ କାଠିଆରି ଶେଲ୍ଫ ଯୋଗାଇ ଦେଇଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୭ ଜୁଲାଇ ୧୯୯୬

- ଉତ୍ତର ଓ ପୂର୍ବ ଶ୍ରୀଲଙ୍କାରେ ତାମିଲ ଗେରିଲା ଓ ଯବାନଙ୍କ ମଧ୍ୟରେ ସଂଘର୍ଷ ଘଟି ୭ ଗେରିଲା ସମେତ ୧୨ ନିହତ।
- ଭାରତର ସଂସ୍କାରବାଦୀ ଏବଂ ଆଧ୍ୟାତ୍ମିକ ଆନ୍ଦୋଳନର ନେତା ପାନଦୁରାପ ଶାସ୍ତ୍ରୀ ଆଥାଭାଲେ ରମଣ ମାଗାସେସ୍ ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ।
- ଆମେରିକାର ଆରକାନସାସ୍ ପ୍ରଦେଶର ନୂତନ ରାଜ୍ୟପାଳ ଭାବେ ମାଇକ୍ ହକ୍‌ବୀ ଶପଥ ନେଇଛନ୍ତି।

## ଚିରନ୍ତନୀ

ଜଳେ ସ୍ଥଳେ ଆକାଶରେ ବିନାଶର କୋଟି ରୂପ ଧରି
ବିପୁଳ ପ୍ରାଣ-ପ୍ରବାହ ବିଶ୍ୱମୟ ରହିଅଛି ଭରି,
ଭୁବନର ପ୍ରତି ରନ୍ଧ୍ରେ ପ୍ରତି ଅବକାଶେ
ଜୀବନର ଚେତନା ବିଭାସେ!
-(ସୃଜନ ବ୍ୟଥା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଆହାର ଯୋଜନାରେ ବ୍ୟତିକ୍ରମ

ମହାଶୟ,

କୋଭିଡ୍ ମହାମାରୀ ପ୍ରଭାବ କମିବା ପରେ ଆହାର କେନ୍ଦ୍ରଗୁଡ଼ିକ ପୁଣି ଚାଲିବ । ସହରାଞ୍ଚଳକୁ ବିଭିନ୍ନ କାମରେ ଆସୁଥିବା ଲୋକ ଓ ରାସ୍ତାରେ ରହୁଥିବା ଭୋକିଲାମାନେ ଏଥିରେ ଉପକୃତ ହୁଅନ୍ତି । ରାଜ୍ୟରେ ଆହାର ଯୋଜନାରେ ଆବଶ୍ୟକ ପରିମାଣର ଆହାର ପ୍ରସ୍ତୁତ ନ କରି କମ୍ କରାଯାଇ କେନ୍ଦ୍ରଗୁଡିକୁ ପଠାଯାଉଥିବା ଦେଖିବାକୁ ମିଳେ। ଅବଶିଷ୍ଟ ଆହାର ଅର୍ଥ ହରିଲୁଟ୍ କରାଯାଏ । ଏହାଦ୍ୱାରା ଅନେକ ଲୋକ ଖାଦ୍ୟ ନ ପାଇ ଫେରିଯାଆନ୍ତି । ମହାମାରୀ ପରେ ଏହାର ବିଧିବଦ୍ଧ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ । ଯେପରି ପୁରୁଷ ଓ ମହିଳାମାନେ ଫେରି ନ ଯାଆନ୍ତୁ ।

-ରମେଶ ଚନ୍ଦ୍ର ବେହେରା, ଆୟତପୁର, କିଶନନଗର,କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସାପ କାମୁଡ଼ାରେ ବାଳିକା ମୃତ

ପାଟଣା,(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ ଖମୁଆଁ ଗ୍ରାମର କୁସୁମପଶିସାହିରେ ଶୁକ୍ରବାର ସାପ କାମୁଡ଼ାରେ ଜଣେ ବାଳିକାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସର୍ବେଶ୍ୱର ପଇଦାଙ୍କ ଝିଅ ପାର୍ବତୀ। ସେ ଗୁରୁବାର ରାତିରେ ଘରେ ଶୋଇଥିବା ବେଳେ ଏକ ବିଷଧର ସାପ କାମୁଡ଼ି ଦେଇଥିଲା। ପରିବାର ଲୋକେ ଶୁକ୍ରବାର ସକାଳୁ ତାଙ୍କୁ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ପାଟଣା ଥାନାରେ ଅପମୃତ୍ୟୁ ମାମଲା (ନଂ.୨୦/୨୧) ରୁଜୁ ହୋଇଛି।

# ଆଧୁନିକୀକରଣ ହେବ ଜେଲ

ଭୁବନେଶ୍ୱର,୧୬।୭(ବ୍ୟୁରୋ)

**ଏକାଧିକ ପ୍ରସ୍ତାବକୁ ରାଜ୍ୟ ସରକାରଙ୍କ ଅନୁମୋଦନ**

- ଲାଗିବ ଉଚ୍ଚ କ୍ଷମତା ସମ୍ପନ୍ନ ମେଟାଲ ଡିଟେକ୍ଟର, ବଢ଼ିବ କ୍ଷମତା
- ଝାରପଡା, ଚୌଦ୍ୱାର ଜେଲକୁ ୨୦ ବଡି କ୍ୟାମେରା
- କଏଦୀ କରିବେ ଚାଷ, ବସିବ ତେଲ ମେଶିନ
- ଝାରପଡ଼ା ସମେତ ୫ ଜେଲ୍‌ରେ ନୂଆ ହସ୍ପିଟାଲ

ରାଜ୍ୟରେ ଥିବା ଜେଲ୍‌ଗୁଡ଼ିକର ଆଧୁନିକୀକରଣ ହେବ। ଏନେଇ ରାଜ୍ୟ ସରକାରଙ୍କ ଅନୁମୋଦନ ମିଳିଛି। ୨୦୨୧-୨୨ ଆର୍ଥିକ ବର୍ଷ ନିମନ୍ତେ ଜେଲ ବିଭାଗ ପକ୍ଷରୁ ଦିଆଯାଇଥିବା ବିଭିନ୍ନ ପ୍ରସ୍ତାବକୁ ଗୃହ ବିଭାଗ ପକ୍ଷରୁ ମଞ୍ଜୁରୀ ପ୍ରଦାନ କରାଯାଇଛି। ଅନେକ ସମୟରେ ଜେଲରେ ରହୁଥିବା କଏଦୀଙ୍କ ନିକଟରୁ ମୋବାଇଲ ଫୋନ୍ ଓ ଅନ୍ୟାନ୍ୟ ବେଆଇନ ଜିନିଷ ଜବତ କରାଯାଉଛି। ତେଣୁ ଜେଲ୍ ମଧ୍ୟକୁ ଏହାର ପ୍ରବେଶ ବନ୍ଦ କରିବା ପାଇଁ ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ସମସ୍ତ ସର୍କଲ ଜେଲ୍, ଜିଲା ଜେଲ ଓ କେତେକ ସମ୍ବେଦନଶୀଳ ଜେଲରେ ଉଚ୍ଚ କ୍ଷମତା ସମ୍ପନ୍ନ ମେଟାଲ୍ ଡିଟେକ୍ଟର ଲଗାଯିବ। ପ୍ରଥମଥର ପାଇଁ କଏଦୀଙ୍କ ଗତିବିଧି ଉପରେ ନଜର ରଖିବାକୁ ରାଜ୍ୟର ଜେଲ୍ କର୍ମଚାରୀଙ୍କୁ ବଡ଼ି କ୍ୟାମେରା ପ୍ରଦାନ କରାଯିବ। ଏଥିରେ ଝାରପଡା ଓ ଚୌଦ୍ୱାର ଜେଲକୁ ୨୦ଟି ବଡି କ୍ୟାମେରା ପ୍ରଦାନ କରିବାକୁ ନିଷ୍ପତ୍ତି ନିଆଯାଇଥିବାବେଳେ ଆଗାମୀ ଦିନରେ ଅନ୍ୟ ଜେଲ୍‌ଗୁଡ଼ିକୁ ଦିଆଯିବ। ଅନ୍ୟପକ୍ଷରେ ରାଜ୍ୟରେ ଅପରାଧ ବଢୁଥିବାରୁ ଜେଲ୍‌ରେ କଏଦୀ ସଂଖ୍ୟାରେ ମଧ୍ୟ ବୃଦ୍ଧି ଘଟୁଛି। ଏଥିପାଇଁ ବିଭିନ୍ନ ଜେଲ୍‌ରେ ଆଉ ୨୨୦୯ କ୍ଷମତା ବଢାଯିବ। ସେହିପରି ଅସୁସ୍ଥ କଏଦୀ ଓ ଖାଦ୍ୟ ନେବା ଆଣିବା ପାଇଁ ୪୦ ଜେଲ୍‌କୁ ଇ-ରିକ୍ସା ଦିଆଯିବ। ସଜା କାଟୁଥିବା କଏଦୀଙ୍କ ରୋଜଗାର ବଢାଇବା ସହ ଜନସାଧାରଣଙ୍କୁ ବିଶୁଦ୍ଧ ଖାଇବା ତେଲ ଓ ଖାଦ୍ୟ ସାମଗ୍ରୀ ଯୋଗାଣ ନିମନ୍ତେ ୨୨ ଜେଲରେ ମେଶିନ ସ୍ଥାପନ କରାଯିବ। ଜିଲା ଜେଲଗୁଡ଼ିକରେ ଚାଷ କାର୍ଯ୍ୟ ହେବ। ଏଥିପାଇଁ ୧୫ ଜେଲ୍‌କୁ ପାୱାର ଟିଲର କିଣିବା ପାଇଁ ନିଷ୍ପତ୍ତି ନିଆଯାଇଛି। କଏଦୀଙ୍କ ସ୍ୱାସ୍ଥ୍ୟ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଇଛି। ସେଥିପାଇଁ ଜେଲ ମଧ୍ୟରେ ଥିବା ମେଡିକାଲ ଏବଂ ୱାର୍ଡରେ ସନ୍‌ଷ୍ଟ୍ରୋକ୍ ୱାର୍ଡ ଖୋଲିବା ସହ ଏସି ଲଗାଯିବ। କେତେକ ଜେଲରେ ଇସିଜି ମେଶିନ ଲଗାଇବା ପାଇଁ ମଧ୍ୟ ବ୍ୟବସ୍ଥା କରାଯାଇଛି। ଏଥିସହିତ କଏଦୀଙ୍କ ପାଇଁ ନୂତନ ଭାବେ ଝାରପଡ଼ା ସ୍ପେଶାଲ ଜେଲରେ ୨୦ ବେଡ୍ ବିଶିଷ୍ଟ ହସ୍ପିଟାଲ ଓ ପଦ୍ମପୁର, ଜଗତ୍‌ସିଂହପୁର, ସୋରଡା ଏବଂ ଜି. ଉଦୟଗିରିରେ ୧୦ଟି ବେଡ୍ ଲେଖାଏ ହସ୍ପିଟାଲକୁ ମଞ୍ଜୁରୀ ମିଳିଛି। ଜେଲ୍‌ରେ ଅଚଳ ହୋଇ ପଡିଥିବା ସିସିଟିଭିର ମରାମତି କରାଯିବା ସହ ନୂଆ ସିସିଟିଭି କ୍ୟାମେରା ଲଗାଯିବ। ସେହିପରି ଯୋଗାଯୋଗ ପାଇଁ ୨୪ଟି ଜେଲରେ ଇଣ୍ଟରକମ୍ ବ୍ୟବସ୍ଥା କରାଯିବ। ଏଥିସହିତ ୧୩ଟି ଜେଲରେ ଥିବା ଭିଡିଓ କନଫେରେନ୍ସିଂ ଟେକ୍ନୋଲୋଜିର ବିକାଶ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି।

## ସଂକ୍ଷେପରେ

### ଏସ୍‌ଆଇ ପଦବୀ ପାଇଁ ଆବେଦନ କଲେ ୧,୩୨,୪୯୬ ପ୍ରାର୍ଥୀ

**୨୬ କିନ୍ନର ଆଶାୟୀ**

**କଟକ ଅଫିସ, ୧୬।୭:** ରାଜ୍ୟରେ ଖାଲିପଡ଼ିଥିବା ସବ୍ ଇନ୍ସପେକ୍ଟର(ଏସ୍‌ଆଇ) ପଦବୀ ପାଇଁ ଚଳିତବର୍ଷ ଓଡ଼ିଶା ପୋଲିସ ପକ୍ଷରୁ ଆବେଦନ ଗ୍ରହଣ କରାଯାଇଥିଲା। ଏଥିରେ ପ୍ରଥମଥର କିନ୍ନରମାନଙ୍କୁ ରାଜ୍ୟ ପୋଲିସ ବିଭାଗରେ ଚାକିରି କରିବା ପାଇଁ ସୁଯୋଗ ଦିଆଯାଇଛି। ଗତ ୧୫ ତାରିଖ ଆବେଦନ ଗ୍ରହଣ କରିବାର ସମୟସୀମା ରହିଥିବାବେଳେ ୨୬ଜଣ କିନ୍ନର ଆବେଦନ କରିଛନ୍ତି। କଟକସ୍ଥିତ ପୋଲିସ ମୁଖ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଏପର୍ଯ୍ୟନ୍ତ ମୋଟ୍ ୧,୩୨,୪୯୬ ଜଣ ପ୍ରାର୍ଥୀ ଆବେଦନ କରିଛନ୍ତି। ସେମାନଙ୍କ ମଧ୍ୟରେ ୯୭, ୫୦୬ ଜଣ ପୁରୁଷ, ୩୪,୯୬୪ ଜଣ ମହିଳା ଓ ୨୬ ଜଣ ତୃତୀୟ ଲିଙ୍ଗୀ ବା କିନ୍ନର ରହିଛନ୍ତି। ସେଥିମଧ୍ୟରେ ସାଧାରଣ ପ୍ରାର୍ଥୀ ୨୬,୩୧୯, ସାମାଜିକ ଓ ଶିକ୍ଷାଗତ ଭାବେ ପଛୁଆବର୍ଗ(ଏସଇବିସି) ୫୨,୨୭୪ ଜଣ, ଅନୁସୂଚିତ ଜାତି ୨୯,୭୧୦ଜଣ ଓ ଅନୁସୂଚିତ ଜନଜାତି କାଟାଗୋରୀରେ ୨୪,୧୯୩ ଜଣ ଆଶାୟୀ ଅଛନ୍ତି। ସୂଚନାଥାଉ କି, ମୋଟ ୪୭୭ ଏସ୍‌ଆଇ ପଦବୀ ପାଇଁ ଗତ ଜୁନ୍ ୨୨ରେ ବିଜ୍ଞାପନ ପ୍ରକାଶ ପାଇଥିଲା। ସେଥିମଧ୍ୟରେ ସାଧାରଣ ପ୍ରାର୍ଥୀ ୨୩୯, ସାମାଜିକ ଓ ଶିକ୍ଷାଗତଭାବେ ପଛୁଆବର୍ଗ(ଏସ୍‌ଇବିସି) ୫୩, ଅନୁସୂଚିତ ଜାତି ୭୮, ଅନୁସୂଚିତ ଜନଜାତି କାଟାଗୋରୀରେ ୧୦୭ ପଦବୀ ରହିଛି।

### 'ମହଙ୍ଗାମାଡ଼ ଲୋକଙ୍କ ଅଣ୍ଟା ଭାଙ୍ଗି ଦେଇଛି'

**ଭୁବନେଶ୍ୱର, ୧୬।୭(ବ୍ୟୁରୋ):** ତୈଳ ଓ ରନ୍ଧନ ଗ୍ୟାସ୍ ଉପରୁ କେନ୍ଦ୍ର ସରକାର ଅତ୍ୟଧିକ ଶୁଳ୍କ ଆଦାୟ କରିବା ସହ ବହୁ ପରିମାଣର ସେସ୍ ଓ ସରଚାର୍ଜ ବସାଇଛନ୍ତି। ଫଳରେ ବର୍ଷକରେ ଦେଶର ୨୪ଟି ରାଜ୍ୟରେ ପେଟ୍ରୋଲର ଦାମ୍ ୧୦୦ ଟଙ୍କା ଅତିକ୍ରମ କରିସାରିଥିବା ବେଳେ ଡିଜେଲ ସେଞ୍ଚୁରି ମାରିବାକୁ ବସିଲାଣି। କରୋନା ମହାମାରୀର ମୁକାବିଲାରେ ସରକାର ବିଫଳ ହୋଇଥିବା ବେଳେ ଏହି ସମୟରେ ମହଙ୍ଗାମାଡ଼ ଲୋକଙ୍କ ଅଣ୍ଟା ଭାଙ୍ଗି ଦେଇଛି ବୋଲି କଂଗ୍ରେସ ଅଭିଯୋଗ କରିଛି। କଂଗ୍ରେସ ଭବନଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ରାଷ୍ଟ୍ରୀୟ ମୁଖପାତ୍ର ସୁସ୍ମିତା ଦେବ କହିଛନ୍ତି, ମୋଦି ସରକାରଙ୍କ ଭୁଲ୍ ନିଷ୍ପତ୍ତି ଓ ଅର୍ଥନୀତିକୁ ପରିଚାଳନା କରିବାରେ ବିଫଳତା ଯୋଗୁ ଲୋକେ ପୁଣି ଦାରିଦ୍ର୍ୟ ସୀମାରେଖା ତଳକୁ ଚାଲିଯାଇଛନ୍ତି। ସେଣ୍ଟର ଫର୍ ମନିଟରିଂ ଅଫ୍ ଇଣ୍ଡିଆ ଇକୋନୋମି (ସିଏମ୍‌ଆଇଇ) ର ପରିସଂଖ୍ୟାନ ଅନୁସାରେ କରୋନାର ୨ୟ ଲହରରେ ପାଖାପାଖି ୨ କୋଟିରୁ ଅଧିକ ଲୋକ ସମ୍ପୂର୍ଣ୍ଣ ଭାବେ ସେମାନଙ୍କ ରୋଜଗାର ହରାଇ ସାରିଛନ୍ତି। ଗତ ୭ ବର୍ଷ ଭିତରେ ମୋଦି ସରକାର କେବଳ ପେଟ୍ରୋଲ ଏବଂ ଡିଜେଲ ଉପରୁ ୨୫ ଲକ୍ଷ କୋଟିରୁ ଅଧିକ ଟଙ୍କା ଆୟ କରିଛନ୍ତି। ଖାଲି ସେତିକି ନୁହେଁ, କେବଳ ସେସ୍ ଓ ସରଚାର୍ଜରୁ ମୋଦି ସରକାର ୪ ଲକ୍ଷ କୋଟିରୁ ଅଧିକ ଟଙ୍କା ପେଟ୍ରୋଲ ଓ ଡିଜେଲ ଉପରୁ ଆୟ କରିଛନ୍ତି। ଏହାର ହିସାବ ମୋଦି ସରକାର ଦେଶବାସୀଙ୍କୁ ଜଣାଉନାହାନ୍ତି ବୋଲି ସୁସ୍ମିତା କହିଥିଲେ।

### ନକଲି ପାଣି ପାଉଚ୍ ଫ୍ୟାକ୍ଟ୍ରିରେ ଚଢ଼ାଉ



**ବ୍ରହ୍ମପୁର ଅଫିସ,୧୬।୭:** ବ୍ରହ୍ମପୁର ଗୋସାଣୀନୂଆଗାଁ ଥାନା ଅନ୍ତର୍ଗତ ସଦାନନ୍ଦ ବିହାର ଚତୁର୍ଥ ଗଳିରେ ଥିବା ଏକ ଘର ଭିତରେ ପ୍ରସ୍ତୁତ ହେଉଥିବା ନକଲି ପାଣି ପାଉଚ୍ ଫ୍ୟାକ୍ଟ୍ରିରେ ପୋଲିସ ଶୁକ୍ରବାର ଚଢ଼ାଉ କରିଛି। ସେଠାରୁ ବିପୁଳ ପରିମାଣର ଜରି ପ୍ୟାକେଟ, ପାଣି ବୋତଲ, ପ୍ୟାକିଂ ମେଶିନ ଓ ଫିଲ୍‌ଟର ଆଦି ଜବତ କରିଛି। ଫ୍ୟାକ୍ଟ୍ରି ଚଳାଉଥିବା ଜଣେ ବ୍ୟକ୍ତିଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଛି। ପ୍ରାୟ ଦେଢ଼ ବର୍ଷ ହେଲା ବ୍ୟବସାୟୀ ଜଣଙ୍କ ସେଠାରେ ଏକ ଘରଭଡ଼ା ନେଇ ବିନା ଲାଇସେନ୍ସରେ ପାଣି ପାଉଚ୍ ଓ ପାଣି ବୋତଲ ପ୍ରସ୍ତୁତ କରୁଥିଲେ ବୋଲି ପୋଲିସ କହିଛି।

## ଅଦାଲତରେ ହାଜର ହେଲେନି ବର୍ଷା

**ପାରିବାରିକ ବିବାଦ ମାମଲା**

**ଅଗଷ୍ଟ ୧୦ରେ ପରବର୍ତ୍ତୀ ଶୁଣାଣି**

କଟକ ଅଫିସ,୧୬।୭

କେନ୍ଦ୍ରାପଡ଼ା ଏମ୍‌ପି ତଥା ଅଭିନେତା ଅନୁଭବ ମହାନ୍ତି ଓ ସ୍ତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କ ପାରିବାରିକ ବିବାଦ ମାମଲାର ଶୁଣାଣି ଶୁକ୍ରବାର କଟକ ପରିବାର ଅଦାଲତରେ ହେବାର ଥିଲା। ଅନୁଭବ ଅଦାଲତରେ ହାଜର ହୋଇଥିବାବେଳେ ବର୍ଷା ଆସି ନ ଥିଲେ। ତେଣୁ ଏହାର ପରବର୍ତ୍ତୀ ଶୁଣାଣି ପାଇଁ ଅଗଷ୍ଟ ୧୦ ତାରିଖକୁ ଦିନଧାର୍ଯ୍ୟ ହୋଇଛି। ଅନୁଭବ ଅଦାଲତରୁ ବାହାରିବା ପରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ କହିଛନ୍ତି, ମହାପ୍ରଭୁ ଶ୍ରୀଜଗନ୍ନାଥ ସମସ୍ତଙ୍କର ମଙ୍ଗଳ କରନ୍ତୁ। ବର୍ଷା ଭଲରେ ଓ ଖୁସିରେ ରୁହନ୍ତୁ। ଅଦାଲତରେ ହାଜର ନ ହେବା ପଛରେ ତାଙ୍କ ମନୋଭାବ ଜଣାପଡୁଛି। ମୋର ତାଙ୍କ ପ୍ରତି ଭଲ ପାଇବା ଏବେ ବି କମିନାହିଁ। ଯାହା ବି ମାମଲା ଚାଲିଛି, ବର୍ଷା ଓ ତାଙ୍କ ଓକିଲ ଅଦାଲତଙ୍କୁ ସମ୍ମାନ ଦେଲେ ଭଲ ହେବ। ଲୋକଙ୍କ ସମ୍ମୁଖରେ ଗୋଟେ କଥା ଓ ଭିତରେ ଆଉ କିଛି ରଖିଲେ ଏହା ହତାଶଜନକ ହେବ। ବର୍ଷାଙ୍କୁ ଭଲପାଇ ବାହା ହୋଇଥିଲି। ତାଙ୍କଠାରୁ ଏହା ଆଶା କରୁନାହିଁ। ଯଦି ଏପରି କ୍ରମାଗତଭାବେ ଚାଲେ, ତାହେଲେ ପ୍ରେମ ଉପରୁ ସାରା ଜୀବନପାଇଁ ମୋର ଭରସା ତୁଟିଯିବ। ଅନ୍ୟପକ୍ଷରେ ବର୍ଷାଙ୍କ ଓକିଲ ରାମକୃଷ୍ଣ ରଥ ଅଦାଲତରେ ଟାଇମ୍ ପିଟିଶନ ଦାଖଲ କରିଛନ୍ତି। ସେଥିରେ ବର୍ଷାଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ରହିଥିବା ଉଲ୍ଲେଖ କରାଯାଇଛି।

## ରାମେୟାପାଟଣା: ପୁଣି ଭାଙ୍ଗିଲା ୪ ଘର

ଗୋପାଳପୁର,୧୬।୭(ଡି.ଏନ.ଏ.)



ସମୁଦ୍ର ଜୁଆର ମାଡ଼ରେ ଭାଙ୍ଗି ଯାଇଥିବା ଘର।

ସମୁଦ୍ର ଜୁଆର ମାଡ଼ରେ ଗଞ୍ଜାମ ଜିଲା ଗୋଳନ୍ଥରା ଥାନା ଅନ୍ତର୍ଗତ ରାମେୟାପାଟଣା ଗ୍ରାମର ପୁଣି ୪ ଘର ଗୁରୁବାର ଓ ଶୁକ୍ରବାର ଭାଙ୍ଗିଯାଇଛି। କ୍ଷତିଗ୍ରସ୍ତମାନେ ହେଲେ ବି.ମାଙ୍ଗେୟା, ବି. କାମେୟା, ଜେ. ମାଦେୟା ଓ ଏଲ.ଶ୍ରୀରାମୁଲୁ। ଫଳରେ ଅନ୍ୟମାନେ ଭୟଭୀତ ହୋଇପଡିଛନ୍ତି। ଶୁକ୍ରବାର ବ୍ରହ୍ମପୁରରେ ଥିବା ଋଷିକୁଲ୍ୟା, ବଂଶଧାରା ଓ ନାଗାବଳି (ଆରଭିଏନ୍)ବେସିନ ମୁଖ୍ୟ ଯନ୍ତ୍ରୀ ଅଶ୍ୱିନୀ କୁମାର ମହାନ୍ତି, ଅତିରିକ୍ତ ମୁଖ୍ୟଯନ୍ତ୍ରୀ ବିଭୁଦତ୍ତ ପଣ୍ଡା ଓ ନିର୍ବାହୀ ଯନ୍ତ୍ରୀ ଜୟଦୀପ ପଣ୍ଡା ପ୍ରମୁଖ ଗ୍ରାମରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ଅକ୍ଟୋବର ପରେ ସୁରକ୍ଷା ପ୍ରାଚୀର କାର୍ଯ୍ୟ ଆରମ୍ଭ ହେବ ବୋଲି କହିଛନ୍ତି। ଗତ ୧୫ ଦିନ ମଧ୍ୟରେ ଘର ଭାଙ୍ଗି ଯାଇଥିବା ପରିବାରକୁ କୌଣସି ସରକାରୀ ସହାୟତା ମିଳି ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଘର ଭାଙ୍ଗିଯାଇଥିବା ଲୋକମାନେ ତାଙ୍କ ସମ୍ପର୍କୀୟଙ୍କ ଘରେ ଆଶ୍ରୟ ନେଇଥିବା ସୂଚନା ଦେଇଛନ୍ତି।

ସୂଚନାନୁସାରେ, ଗତ ୩ ରୁ ୪ ବର୍ଷ ହେଲା ବାହୁଦା ନଦୀର ମୁହାଣ ପୋତି ହୋଇଯାଇଛି। ଏହି ଋତୁରେ ଦକ୍ଷିଣା ପବନ ହେବା ଫଳରେ ସମୁଦ୍ର ତା'ର ଦିଗ ପରିବର୍ତ୍ତନ କରି ଗ୍ରାମ ଭିତରକୁ ପାଣି ପଶି ଆସୁଛି। ଫଳରେ ଗ୍ରାମବାସୀଙ୍କ ନିଦ ହଜାଇ ଦେଇଛି। ଉକ୍ତ ଗ୍ରାମରେ ୬୫୦ରୁ ଊର୍ଦ୍ଧ୍ୱ ଲୋକ ସମୁଦ୍ରରୁ ମାଛ ମାରି ଜୀବିକା ନିର୍ବାହ କରୁଛନ୍ତି। ଏହାର ସ୍ଥାୟୀ ପ୍ରତିକାର ନିମନ୍ତେ ଗ୍ରାମବାସୀ ସ୍ଥାନୀୟ ପ୍ରଶାସନ ଓ ଜଳ ସମ୍ପଦ ବିଭାଗ ନିକଟରେ ଦାବି କରି ଆସୁଛନ୍ତି। ହେଲେ ମଧ୍ୟ ଏହାର ସମାଧାନ ହୋଇପାରୁନାହିଁ। ବିଭିନ୍ନ ସମୟରେ ପ୍ରଶାସନିକ ଅଧିକାରୀମାନେ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇ ଚାଲିଯାଉଛନ୍ତି। ସୂଚନାଯୋଗ୍ୟ, ଗତ ୧ ତାରିଖରେ ୩ଟି ଘର, ୧୧ ତାରିଖରେ ୩, ୧୨ ତାରିଖରେ ୩୬ ଘର ଭାଙ୍ଗିଥିଲା।

## ୧ କୁଇଣ୍ଟାଲ କେନ୍ଦୁପତ୍ର ଜବତ, ପୂର୍ବତନ ସରପଞ୍ଚ ଗିରଫ

ରେଢ଼ାଖୋଲ,୧୬।୭(ଡି.ଏନ.ଏ.): ସମ୍ବଲପୁର ଜିଲାର ଚାରମାଲ ଥାନା ପୋଲିସ ଶୁକ୍ରବାର ଜଣେ କେନ୍ଦୁପତ୍ର ଚୋରା ଚାଲାଣକାରୀଙ୍କୁ ଗିରଫ କରିଛି। ସେ ହେଲେ ଗରଗଡବାହାଳ ପଞ୍ଚାୟତର ପୂର୍ବତନ ସରପଞ୍ଚ ନୃପତି ପ୍ରଧାନ। ତାଙ୍କଠାରୁ ଚୋରା ଚାଲାଣ ପାଇଁ ଗଚ୍ଛିତ ରହିଥିବା ୧ କୁଇଣ୍ଟାଲ କେନ୍ଦୁପତ୍ର ଜବତ ହୋଇଛି ବୋଲି ଥାନା ଅଧିକାରୀ ବସନ୍ତ କୁମାର ଦଲାଇ କହିଛନ୍ତି। ଘଟଣାରେ ଅନ୍ୟଜଣେ ଫେରାର ଅଛନ୍ତି। ଚାରମାଳ ଥାନା କେସ୍ ନଂ.୮୯ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ରେଢାଖୋଲ ସବ୍‌ଜେଲକୁ ପଠାଇ ଦିଆଯାଇଛି।

## ଟ୍ରାକ୍ଟର ଚଢାଇ ହତ୍ୟା ଅଭିଯୋଗ

ବିନିକା,୧୬।୭(ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ବିନିକା ଥାନା ବାଙ୍କିଘିର୍ଡି ଆନ୍ଧ୍ରପଡାରେ ଶୁକ୍ରବାର ଏକ ଅଭାବନୀୟ ଘଟଣା ଘଟିଛି। ପାରିବାରିକ ମନୋମାଳିନ୍ୟ ସମାଧାନ କରିବାକୁ ଆସିଥିବା ଆତ୍ମୀୟ ସ୍ୱଜନ ଓ ବନ୍ଧୁଙ୍କୁ ଆନ୍ଧ୍ରପଡାର ଜଣେ ବ୍ୟକ୍ତି ଟ୍ରାକ୍ଟର ଚଢାଇ ହତ୍ୟା ଉଦ୍ୟମ କରିଛନ୍ତି। ଏହି ଘଟଣାରେ ବି କାଶୀ ବିଶ୍ୱନାଥଙ୍କ ବୁର୍ଲାରେ ଚିକିତ୍ସାଧୀନ ଥିବା ସମୟରେ ମୃତ୍ୟୁ ଘଟିଛି। ଅନ୍ୟ ୩ ଜଣ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ବରଗଡ ଜିଲା ଅତାବିରା ଥାନା ପରମାଣପୁର ଗ୍ରାମର ଡି. ରାମବାବୁ ବିନିକା ଥାନାରେ ଏ ନେଇ ଲିଖିତ ଅଭିଯୋଗ କରିଛନ୍ତି । ପୋଲିସ ୧୨୩/୨୧ ମୂଳେ ମାମଲା ରୁଜୁ କରି ତନାଘନା ଆରମ୍ଭ କରିଛି। ଅଭିଯୁକ୍ତଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ବିନିକା ଥାନା ଅଧିକାରୀ ପବିତ୍ର କୁମାର ସାହୁ ସୂଚନା ଦେଇଛନ୍ତି ।

## ତହସିଲଦାରଙ୍କୁ ଜିଲାପାଳଙ୍କ କାରଣ ଦର୍ଶାଅ ନୋଟିସ

**ପେଟ୍ରୋଲ ପମ୍ପ କର୍ମଚାରୀ ଉଠବସ୍ ଘଟଣା**

**ଗଞ୍ଜାମ,୧୬।୭(ଡି.ଏନ.ଏ.):** ଗଞ୍ଜାମ ଜିଲା ହୁମା ପୁରୁଷୋତ୍ତମପୁର ରାସ୍ତାରେ ଥିବା ପେଟ୍ରୋଲ ପମ୍ପରେ ଗତ ୧୪ ତାରିଖରେ ଜଣେ କର୍ମଚାରୀ ବିନା ମାସ୍କରେ ତେଲ ପକାଉଥିଲେ। ସେହି ରାସ୍ତା ଦେଇ ଯାଉଥିବା ଗଞ୍ଜାମ ତହସିଲଦାର ଅରୁଣ କୁମାର ନାୟକ ତାଙ୍କୁ ସର୍ବସମ୍ମୁଖରେ ଉଠବସ୍ କରାଇଥିଲେ। ଏହି ଘଟଣାରେ ଶୁକ୍ରବାର ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ତହସିଲଦାରଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଏହାର ଭିଡିଓ ପେଟ୍ରୋଲ ପମ୍ପର ଜଣେ କର୍ମଚାରୀ ଭାଇରାଲ କରିଥିଲେ। ତାଙ୍କୁ କାର୍ଯ୍ୟରୁ ପମ୍ପ ମାଲିକ ବାହାର କରି ଦେଇଥିବା ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଛି।


**ZILLA SWASTHYA SAMITI, KORAPUT**
**DISTRICT PROGRAMME MANAGEMENT UNIT**
**NATIONAL HEALTH MISSION**

E-mail: nhmkpt@gmail.com Phone: 06852-250242

Advt. No. 3560/DPMU/NHM/21 Date: 16.07.2021

**WALK-IN-INTERVIEW**

**No. E-231:-** Walk-in-Interview will be conducted for filling up of vacancies for various posts viz. **Block Programme Manager (BPM)**, **Physiotherapist**, **Occupational Therapist**, **Psychologist**, **Social Worker** & **AYSH Doctors** (**RBSK**) on contractual Basis for a period of 11 Months under NHM, O/o CDM & PHO, KORAPUT. The application form and other details can be downloaded from the Official District webstie i.e. **www.koraput.nic.in**. Number of Vacancies as mentioned under this advertisement may vary at the time of actual engagement. The undersigned reserves the right to cancel any or all the applications without assigning any reason thereof.

**CDM&PHO-cum-District Mission Director, Koraput**

OIPR-10077/11/0014/2122



**PARADIP PORT TRUST**

**E-TCN No.CE/HW-II-W-05/21/175 Dtd.07.07.2021**

Name of the work : **"Water sprinkling to the roads inside Port prohibited area for a period of one year under Zone-II ".**
Estimated Cost : **Rs.87,90,717/-.**
Last date & time of submission of Bid : **28.07.2021** upto **17:00 Hrs.**
For details please refer our website: **https://eprocure.gov.in/eprocure/ app.**

**Executive Engineer**
**Harbour Works Division No.II**

PPT/PR/62/2021-22, Dt.16.07.2021



**ଜିଲ୍ଲା ଖଣିଜ ପ୍ରତିଷ୍ଠାନ, ସୁନ୍ଦରଗଡ଼**
**DISTRICT MINERAL FOUNDATION, SUNDARGARH**
**Collectorate Campus**
**(Near Sub-Collector Office), Sundargarh - 770001**
**Tel./Fax No. 06622-273846, E-mail: dmfsundergarh@gmail.com**

**Letter No. 2470/DMF Dated: 16.07.2021**

**RFP. No. DMF/SNG/5-2021-22**

**Request for Proposal (RFP) for Supply and Installation of Computers and it's accessories with 5 years AMC at Sundargarh District.**

Collector-cum-Chairperson, District Mineral Foundation (DMF) Sundargarh, Government of Odisha invites application from reputed vendors/distributors/suppliers in India. Interested bidders may download the RFP document from Sundargarh District portal i.e. **www.sundergarh.nic.in**. Due date and time for submission of bids 28.07.2021 upto 3.00 P.M.

**Sd./- Collector & Chairperson**
**DMF, Sundargarh**



**ODISHA MINING CORPORATION LIMITED**
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in

OMC | ODISHA NEW OPPORTUNITIES

No.CAD-645:- **E-Procurment Notice**

Bid document No.: OMC/E-PROC/CMC/45/2021 Dated:16.07.2021

| | | |
|---|---|---|
| 1 | Work name | Diamond Core Drilling Work for Iron Ore Leases in Barbil and Gandhamardan Region of OMC Ltd. in Keonjhar District of Odisha- (through e-tendering) |
| 2 | Availability of tender documents on the e-tendering portal of Government of Odisha | Date: 17.07.2021; Time: 10.00 A.M. |
| 3 | Last date for sending queries to OMC | Date: 27.07.2021; Time: 5.00PM; queries may be sent by email to cmc@odishamining.in |
| 4 | Pre-bid meeting | Date: 30.07.2021; Time: 3.30 P.M.; Venue: Through MS Team Video Conferencing. |
| 5 | Issue of responses to pre-bid queries, addendum/ corrigendum, if required | Date: 03.08.2021 |
| 6 | Bid due date | Date: 16.08.2021; Time: 3.00 P.M. |
| 7 | Opening of Techno-Commercial Bid | Date: 16.08.2021; Time: 5.00 P.M. |
| 8 | Opening of price bid | To be informed to the Technically Qualified Bidders |
| 9 | Tender Paper Fee (non-refundable) including GST | Amount: INR 11,800/- (Rupees Eleven thousand eight hundred only) including GST @18% payable online on the e-tender portal of Government of Odisha (www.tendersodisha.gov.in) |
| 10 | Earnest Money Deposit (EMD) | Amount: INR 25,00,000/- (Rupees Twenty five lakh only) payable online on the e-tender portal of Government of Odisha (www.tendersodisha.gov.in) |

All other details can be seen from the Tender Document available on the e-procurement portal of the Government of Odisha (www.tendersodisha.gov.in) and on the website of OMC (www.omcltd.in). OMC reserves the right to reject any or all bids without assigning any reason thereof.

**Advisor (C&P)**

OIPR-30005/11/0061/2122



**TPNODL | TP NORTHERN ODISHA DISTRIBUTION LIMITED**

**NOTICE INVITING TENDER (NIT)**

**The TP Northern Odisha Distribution Limited** invites tenders (2 part bidding) from eligible vendors for the following packages to be done for TPNODL

| S. No. | Tender Enquiry No. | Work Description | Last Date of FEE Submission | Tender Fee/ EMD Amount (Rs.) | Last Date of Bid Submission |
|---|---|---|---|---|---|
| 1 | TPNODL/OT/ 2021-22/028 Dtd.16.07.2021 | Purchase Order For Supply Of Power Fault Locating VAN | 28.07.2021 | Rs. 5000/ Rs. 2,00,000 | 19.08.2021 upto 15:00Hrs |
| 2 | TPNODL/OT/ 2021-22/030 Dtd.16.07.2021 | SCADA/ADMS System at TPNODL | 21.07.2021 | Rs. 5000/ Rs. 10,00,000 | 04.08.2021 upto 17:00Hrs |

For detailed tender documents, please visit Tender section on website: **https://www.tpnodl.com** (Tender).
Interested bidders to submit Tender Participation Fee and Authorization Letter through email before tabulated timings above, after which link from TPNODL e-tender shall be shared. All future communication regarding the tender, bid submission, Corrigendum / Amendment etc. will be done with participating bidders only, through TPNODL E- Tender system.

**Sd/- VIPIN CHAUHAN -H.O.D. (Contracts)**



**INVITATION FOR BIDS (IFB)**
**PANCHAYAT SAMITI, MUNIGUDA, DIST.- RAYAGADA**
**1st CORRIGENDUM TO TENDER CALL NOTICE NO.**
No.i-113:- **MNGD 01/2021-22**

1. The paragraph in conditions of Sl. No.-3 of T.C. Notice MNGD 01/2021-22 written as "Amount of EMD in shape of NSC/KVP/ POTD/Bank deposit receipt of any Nationalised Bank duly pledged in favour of Block Development Officer, Muniguda without which bid will not be considered" will be replaced with deposit of EMD is exempted as per Letter No.-5984 dt.07.04.2021 of Govt. of Odisha, Works Department.
2. The Paragraph in point-4 will be replaced with the Engineering contractor availing exemption in depositing EMD for three nos. of works are also exempted for depositing the EMD.
3. The period of completion shall be replaced as 6 (Six) calendar months in place of 9(Nine) calendar months.
4. The sales receipt of bids documents sales starts from 14.07.2021 and closed on 26.07.2021 shall be replaced with 14.07.2021 and 28.07.2021 respectively in Sl.No.-2 of condition.
5. The bids documents received will be opened on 27.07.2021 shall be replaced with 29.07.2021.

Other terms and conditions will remain unaltered.

**Sd./- Block Development Officer, Muniguda**

OIPR-19042/11/0006/2122



**Government of Odisha** No. C-597

**"e" Procurement Notice**

**Bid Identification No. 20/2021-22**

| | | |
|---|---|---|
| 1. | Name of the Work | : 1 No. of Work |
| 2. | Estimated Cost | : 187.43 lakhs |
| 3. | Period of Completion | : 11 (Eleven) Months |
| 4. | Date & Time of availability of bid document in the portal | : From 11.00 A.M. of 20.07.2021 to 5.00 P.M. of 09.08.2021 |
| 5. | Last date/time for receipt of bids in the portal | : 5.00 P.M. of 09.08.2021 |
| 6. | Name and address of the Officer Inviting Bid | : Superintending Engineer, P.H. Division, Bhubaneswar |

Further details can be seen from e-procurement portal in the website **(http://tendersorissa.gov.in)**.

**Superintending Engineer**
**P.H. Division, Bhubaneswar**

OIPR-13039/11/0005/2122



**ODISHA STAFF SELECTION COMMISSION**
**Barrack No.-1, Unit-V, Bhubaneswar-751054**

**No.: IIE-05/2019/1729/OSSC** **Date: 16.07.2021**

**NOTICE**

No. T-25: Pursuant to Advertisement No. 4631/OSSC Dated: 27.12.2019 and in continuation to this office Notice No. 1577/OSSC dated 05.07.2021, Main Written Examination for the Post of Industries Promotion Officer - 2019 will be held from 27.07.2021 to 29.07.2021 in multiple batches at different centres of State through Computer Based Test (CBT) mode as per the following programme.

**Programme**

| Date of Examination | Sittings | Name of Paper | Duration of Exam | Reporting Time |
|---|---|---|---|---|
| 27.07.2021 to 29.07.2021 | First Sitting | Paper-I: Composite Paper | 10.00 A.M. to 11.30 A.M. | 08.30 A.M. |
| | Second Sitting | Paper-II: Technical Paper | 01.30 P.M. to 03.00 P.M. | 12.00 P.M. |

Candidates concerned are advised to download their Admission Letter in the Link provided in the Home Page (What's New) of the website of the Commission **www.ossc.gov.in** from 22.07.2021 onwards by providing therein the Application No. & Date of Birth to appear the examination at the venue on the date & time mentioned in the Admission Letter.
The PwD candidates who have opted for taking assistance of scribe in the online application may visit the Notice No.1028/OSSC dated 12.04.2021, published in the website of the Commission and may apply for the scribe in the prescribed format and submit the required documents as provided therein through **orissassc@gmail.com** by 23.07.2021 for necessary approval and communication of the concerned examination centre to allow the scribe. Any application for use of scribe after the said date will not be considered by the Commission.
**Protocol of COVID-19 like use of sanitizer, social distancing, wearing of 3 layer mask must be adhered to during examination.**

By Order of the Commission
**Sd./- Secretary**

**OIPR-09005/11/0017/2122**



**OFFICE OF THE DISTRICT MANAGER** Annexure-II
**ODISHA STATE CIVIL SUPPLIES CORPORATION LTD. (OSCSC)**
**SUNDARGARH (DISTRICT)**
**Phone: 94382-00060, District Website: sundergarh.nic.in**
**Tender No.2949 & 2950 Dt.14.07.2021**

District Manager, Odisha State Civil Supplies Corporation Ltd., Sundargarh (District) invites tenders in Double Cover System through ONLINE MODE ONLY for the works below:-

| | | |
|---|---|---|
| 1 | Name of the work | Selection and appointment of Level-II Transport Contractor for transportation of food grains from RRCs to Retail Centers (FPS) for Bisra Block, Koira Block, Rourkela Municipal Corporation, Birmitrapur Municipality, Rajgangpur Municipality and Rajgangpur Block and Handling Contractor (Labour Works) for Handling of Food grains (Rice, Wheat) at the RRCs in the district for the biennial 2021-23. |
| 2 | Availability of bid document in the portal | From 16.07.2021 (Date) |
| 3 | Last date / time for receipt of bids in the portal | Dt.05.08.2021 upto 05.30 P.M. |
| 4 | Date / time of opening of technical bid | Level-II Transport Contractor - 06.08.2021 at 11.00 A.M. Handling Contractor- 06.08.2021 at 12.00 Noon. Place: Office Chamber of Collector, Sundargarh |
| 5 | Name and address of the Officer inviting tender | District Manager, OSCSC Ltd., Sundargarh (District) |

Tender documents & other details can be seen from the e-procurement portal www.oscsc.in, www.foododisha.in & www.tendersodisha.gov.in along with district website. Amendments/ corrigendum/cancellation/ retenders etc. if any shall be published only in above websites.

**Sd./- District Manager, OSCSC Ltd., Sundargarh**

## ନୂତନ ପରିଚାଳନା କମିଟି ଗଠିତ

ରାଉରକେଲା ଅଫିସ୍: ରାଉରକେଲା କୋଏଲନଗର ସ୍ଥିତ ସରସ୍ୱତୀ ବିଦ୍ୟାପୀଠର ନୂତନ ପରିଚାଳନା କମିଟି ଗଠିତ ହୋଇଯାଇଛି। ଏହି ଅବସରରେ ପ୍ରଧାନଶିକ୍ଷକ ଶିଶିର କୁମାର ପାଣିଙ୍କ ଆବାହକତ୍ୱ ଏବଂ ବିଦାୟୀ ସଭାପତି ଆନନ୍ଦ ଚନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଗୁରୁବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ରଜେନ୍ଦ୍ର କୁମାର ଦାଶ ସଭାପତି ମନୋନିତ ହୋଇଥିଲେ। ଆନନ୍ଦ ଚନ୍ଦ୍ର ମହାନ୍ତି, ସୁକାନ୍ତ କୁମାର ମହାପାତ୍ର, ପ୍ରଶାନ୍ତ କୁମାର ପତି, ଶୁକଦେବ କୁଅଁର, ସ୍ୱର୍ଣ୍ଣଲତା ସାମଲ, ଉପାସୀ ଓରାମ ଏବଂ ଶିକ୍ଷକ ସୁପ୍ରଭା ସାମଲ ସଦସ୍ୟ ରହିଛନ୍ତି। ଉପଦେଷ୍ଟା ଅକ୍ଷୟ କୁମାର ପରିଡା, ରାଧେଶ୍ୟାମ ପରିଡା, ଅନୂପ ସାମଲ ଏବଂ ଲୁଟୁ ପୁହାଣ ପ୍ରମୁଖ ଉପସ୍ଥିତ ଥିଲେ।

**ସଂକ୍ଷେପରେ**

## ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

**ରେଢାଖୋଲ,୧୬।୭(ଡି.ଏନ.ଏ.):** ରେଢାଖୋଲ ସହର ଦେହୁରିସାହିର ପପୁନ ସାହୁ (୨୫)ଙ୍କ ଗୁରୁବାର ରାତିରେ ସନ୍ଦେହଜନକ ମୃତ୍ୟୁ ଘଟିଛି। ଖବରପାଇ ରେଢାଖୋଲ ଥାନା ପୋଲିସ ଶୁକ୍ରବାର ସକାଳେ ମୃତଦେହ ଜବତ କରି ରେଢାଖୋଲ ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ତେବେ ପପୁନଙ୍କ ପିତା ନିରାକାର ସାହୁ ତାଙ୍କ ପୁଅକୁ ହତ୍ୟା କରାଯାଇଥିବା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ କରୁଥିବା ତଦନ୍ତକାରୀ ଅଧିକାରୀ ବୈବମାଳା ସ୍ୱାଇଁ କହିଛନ୍ତି। ମୃତ ପପୁନଙ୍କ ଘର କିସିଣ୍ଡା ଥାନା ମଙ୍ଗଳପୁର ଗ୍ରାମରେ। ସେ ରେଢାଖୋଲର ଏକ ମୋବାଇଲ କମ୍ପାନୀରେ କାର୍ଯ୍ୟ କରୁଥିବାବେଳେ ଦେହୁରିସାହିରେ ଏକ ଘର ଭଡାନେଇ ରହୁଥିଲେ।

## ଷ୍ଟ୍ରିଟ୍‌ଲାଇଟ୍ ଲଗାଇବାରେ ଅନିୟମିତତା ଅଭିଯୋଗ

**ରେଢାଖୋଲ,୧୬।୭ (ଡି.ଏନ.ଏ.):** ରେଢାଖୋଲ ବ୍ଲକ ଭରତାପୁର ପଞ୍ଚାୟତରେ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଯୋଗାଇ ଦିଆଯାଇଥିବା ଷ୍ଟ୍ରିଟ୍‌ଲାଇଟ୍ ଲଗାଇବାରେ ଅନିୟମିତତା ହୋଇଥିବା ନେଇ ଗ୍ରାମବାସୀ ବିଡିଓଙ୍କଠାରେ ଶୁକ୍ରବାର ଲିଖିତ ଅଭିଯୋଗ କରିଛନ୍ତି। ଭରତାପୁର ପଞ୍ଚାୟତର ୫ନଂ. ୱାର୍ଡ ହରିଜନପଡାରେ ଲାଗିବାକୁ ଆସିଥିବା ଷ୍ଟ୍ରିଟ୍‌ଲାଇଟ୍‌କୁ ସରପଞ୍ଚ ତାଙ୍କ ସମର୍ଥକମାନଙ୍କ ଘର ସମ୍ମୁଖରେ ଲଗାଇଥିବା ଗ୍ରାମବାସୀ ଦର୍ଶାଇଛନ୍ତି। କିନ୍ତୁ ସରପଞ୍ଚ ଦୁଃଖବନ୍ଧୁ ପ୍ରଧାନ ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଏ ସମ୍ପର୍କରେ ବିଡିଓ ପରିକ୍ଷିତ ସାହୁ କହନ୍ତି, ଷ୍ଟ୍ରିଟ୍‌ଲାଇଟ୍ ଲଗାଇବାକୁ ୨୦୧୮ ମସିହାରୁ ସ୍ଥିର ହୋଇଥିବାବେଳେ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଏକ ଠିକାସଂସ୍ଥାକୁ ନିଯୁକ୍ତ କରାଯାଇଛି। ଏହି ଠିକା ସଂସ୍ଥା ବିଭାଗର ନିର୍ଦ୍ଦେଶ ଅନୁଯାୟୀ କାର୍ଯ୍ୟ କରୁଛି। କିଛିଦିନ ପୂର୍ବରୁ କଦଳିଗଡ ପଞ୍ଚାୟତର ମଧୁପୁର ଗ୍ରାମ ପାଇଁ ଆସିଥିବା ଷ୍ଟ୍ରିଟ୍‌ଲାଇଟ୍ ପଣ୍ଡକିମାଳ ଗ୍ରାମରେ ଠିକାସଂସ୍ଥା ଲଗାଇଥିବା ନେଇ ମଧୁପୁର ଗ୍ରାମବାସୀ ଅଭିଯୋଗ କରିଥିଲେ।

## ପର୍ଶୁରାମଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ



**ସମ୍ବଲପୁର,୧୬।୭(ବ୍ୟୁରୋ):** ଭଗବାନ ପର୍ଶୁରାମଙ୍କ ପ୍ରତିମୂର୍ତ୍ତି ଗୁରୁବାର ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ବୈଦ୍ୟନାଥ ଛକଠାରେ ଉନ୍ମୋଚିତ ହୋଇଯାଇଛି। ପୂର୍ବତନ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିମୂର୍ତ୍ତି ଅନାବରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶ୍ରମିକ ନେତା ଗୋକୁଳ ମେହେର, ମହେଶ ଶର୍ମା, କୁଞ୍ଜ ବିହାରୀ ଶର୍ମା, ମହମ୍ମଦ ସନାଉଲ୍ଲା, କୃଷ୍ଣକାନ୍ତ ଶର୍ମା, ପ୍ରଫୁଲ୍ଲ କୁମାର ଦାଶ, ପ୍ରହଲ୍ଲାଦ ଗୁରୁ, ରବୀନ୍ଦ୍ର ଦ୍ୱିବେଦୀ, ରାଜଲକ୍ଷ୍ମୀ ପ୍ରଧାନ, ବନ୍ଦିତାରାଣୀ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଶ୍ରୀପର୍ଶୁରାମ ଯୁବକ ସଂଘ ସଭାପତି ରାଜକୁମାର ସାଙ୍ଗୋଲିଆଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ସଂଘର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

## ଟିପିଡବ୍ଲ୍ୟୁଓଡି ପକ୍ଷରୁ ବରଗଡ଼ରେ ଚଢାଉ

**୧୪୩ ମାମଲା,୧ କୋଟିରୁ ଊର୍ଦ୍ଧ୍ୱ ଜରିମାନା ଆଦାୟ**

**ସମ୍ବଲପୁର,୧୬।୭ (ବ୍ୟୁରୋ):** ଟାଟା ପାୱାର ପଶ୍ଚିମ ଓଡ଼ିଶା ବିତରଣ କମ୍ପାନୀ ପକ୍ଷରୁ ଚୋରା ବିଦ୍ୟୁତ୍ ସଂଯୋଗ ଉପରେ ଚଢାଉ କରାଯାଉଛି। ଏହି କ୍ରମରେ ଅପରେଶନ ମୁଖ୍ୟ ସୁମିତ ଘୋଷଙ୍କ ନେତୃତ୍ୱରେ ବରଗଡ ଜିଲା ପଶ୍ଚିମ ଡିଭିଜନର ବିଭିନ୍ନ ଅଞ୍ଚଳରେ ଚଢାଉ କରାଯାଇଥିଲା। ଏହି ସମୟରେ ୧୪୩ ଜଣଙ୍କ ନାମରେ ବିଦ୍ୟୁତ୍ ଚୋରି ମାମଲା ରୁଜୁ ହୋଇଥିବାବେଳେ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଜରିମାନା ଅଦାୟ କରାଯାଇଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ଚୋରା ବିଦ୍ୟୁତ୍ ସଂଯୋଗ ନେଇଥିବା ବ୍ୟକ୍ତିଙ୍କୁ କମ୍ପାନୀ ପକ୍ଷରୁ ସତର୍କ କରାଯାଇ ଗ୍ରାହକ ହେବାକୁ କୁହାଯାଇଛି। ଚଢାଉରେ ବରଗଡ ପଶ୍ଚିମ ଡିଭିଜନର ଅଧିକାରୀ ଓ କର୍ମଚାରୀଙ୍କ ସହିତ ସ୍ଥାନୀୟ ଥାନା ପୋଲିସ ସହଯୋଗ କରିଥିଲେ।

# ହୀରାକୁଦରେ ପର୍ଯ୍ୟାପ୍ତ ସୁବିଧା: କୃଷିମନ୍ତ୍ରୀ

**ସମ୍ବଲପୁର,୧୬।୭ (ବ୍ୟୁରୋ)**

ସମଗ୍ର ବିଶ୍ୱରେ କେଜ୍ ପ୍ରଣାଳୀ ମାଛ ଚାଷକୁ ଗୁରୁତ୍ୱ ଦିଆଯାଉଛି। ଓଡ଼ିଶା ସରକାର ମଧ୍ୟ ଏ ଦିଗରେ ପଦକ୍ଷେପ ଗ୍ରହଣ କରୁଛନ୍ତି। ସମ୍ବଲପୁର ଜିଲା ହୀରାକୁଦ ଜଳଭଣ୍ଡାରରେ କେଜ୍ କଲଚର (ପ୍ରଣାଳୀ)ରେ ମାଛଚାଷ କରିବା ପାଇଁ ପର୍ଯ୍ୟାପ୍ତ ସୁବିଧା ରହିଛି। ବାର୍ଷିକ ପ୍ରାୟ ୬୦ ହଜାର ଟନ୍ ମାଛ ଉତ୍ପାଦନ କରାଯିବା ନେଇ ଲକ୍ଷ୍ୟ ରଖାଯାଇଛି। ସେହିପରି ଚିପିଲିମାରେ ଥିବା ମାଛ ଜାଆଁଳ କେନ୍ଦ୍ରରେ ଏପ୍ରିଲ, ମେ ଓ ଜୁନ ୩ ମାସରେ ୫୦ କୋଟି ଯାଆଁଳ ଉତ୍ପାଦନ କରାଯିବ। ଏହା ଦ୍ୱାରା କେଜ କଲଚର ଓ ଅନ୍ୟ ମାଛ ଚାଷୀମାନଙ୍କୁ ସୁବିଧା ହେବ। ଏ ନେଇ ସରକାର ସବୁପ୍ରକାର ସହଯୋଗ କରିବେ ବୋଲି ଶୁକ୍ରବାର ସମ୍ବଲପୁର ଗସ୍ତରେ ଆସିଥିବା



ସମ୍ବଲପୁରରେ କୃଷିମନ୍ତ୍ରୀ ଅରୁଣ ସାହୁ ସମୀକ୍ଷା କରୁଛନ୍ତି।

କୃଷିମନ୍ତ୍ରୀ ଡ. ଅରୁଣ ସାହୁ କହିଛନ୍ତି। ଗସ୍ତ ସମୟରେ ମନ୍ତ୍ରୀ ଚିପିଲିମା ମାଛ ଯାଆଁଳ କେନ୍ଦ୍ର, ହୀରାକୁଦ ଜଳଭଣ୍ଡାର ପରିଦର୍ଶନ କରିଥିଲେ। ହୀରାକୁଦ ଜଳଭଣ୍ଡାରରେ କେଜ କଲଚରରେ ଯେପରି ଅଧିକ ଚାଷୀଙ୍କୁ ସାମିଲ କରାଯାଇ ମାଛ ଉତ୍ପାଦନ କରାଯାଇପାରିବ ସେ ନେଇ ସେ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ମତ୍ସ୍ୟ ସହିତ ପଶୁପାଳନ ଉପରେ ମଧ୍ୟ ମନ୍ତ୍ରୀ ସମୀକ୍ଷା କରିଥିଲେ। ମତ୍ସ୍ୟ ଓ ପଶୁପାଳନ ବିଭାଗ ସଚିବ ଆର୍ ରଘୁ ପ୍ରସାଦ, ନିର୍ଦ୍ଦେଶକ ସ୍ମୃତି ରଞ୍ଜନ ପ୍ରଧାନଙ୍କ ସହିତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ। ସୂଚନାଯୋଗ୍ୟ

**କେଜ୍ ପ୍ରଣାଳୀରେ ମାଛଚାଷ**

- ୫୦କୋଟି ଯାଆଁଳ, ୬୦ ହଜାର ଟନ ମାଛ ଉତ୍ପାଦନ ଲକ୍ଷ୍ୟ

ସରକାର ରାଜ୍ୟର ୩ ବଡ ଡ୍ୟାମ୍‌ରେ କେଜ୍ କଲଚର ଚାଷ କରିବାକୁ ଯୋଜନା କରିଥିଲେ। ସେଥିମଧ୍ୟରେ ହୀରାକୁଦକୁ ସାମିଲ କରାଯାଇ ୨୦୧୩ରୁ ମାଛ ଚାଷ ଆରମ୍ଭ କରାଯାଇଥିଲା। ପ୍ରଥମେ ୨୮ କେଜକୁ ଅନୁମତି ଦିଆଯାଇଥିଲା। ୨୦୨୧ ସୁଦ୍ଧା ଆଉ ୫୦ କେଜକୁ ଅନୁମତି ଦିଆଯାଇ ଏବେ ମୋଟ ୭୮ କେଜରେ ମାଛ ଚାଷ କରାଯାଉଛି। ଜଳଭଣ୍ଡାର ଜଳ ଆୟତନର ୮ ପ୍ରତିଶତ ଉପରେ ଅନୁମତି ଦେବାର ନିୟମ ରହିଛି। ତେଣୁ ହୀରାକୁଦ ଜଳଭଣ୍ଡାରରେ ପ୍ରାୟ ୧୫ ହଜାର କେଜ ପାଇଁ ଅନୁମତି ଦିଆଯାଇ ପାରିବ।

# ମନରେ ଖୁସି ଭରିଦିଏ ମାଉସୀ ଡାକ

**ବୟସର ସାୟାହ୍ନରେ ଉପନୀତ। ଝିଅପୁଅ ବି ନିଜ ଗୋଡରେ ଛିଡା ହୋଇଗଲେଣି। ତଥାପି ଘରେ ବସି ରହିବାକୁ ଉଚିତ ମନେ ନ କରି ନିଜ ସାଧ୍ୟମତେ ପରିଶ୍ରମ ଜାରି ରଖିଛନ୍ତି। ଏଭଳି ଆତ୍ମନିର୍ଭରଶୀଳତାର ଏକ ନୂଆ ଉଦାହରଣ ସୃଷ୍ଟି କରିଛନ୍ତି ଲାଠିକଟା ଅଞ୍ଚଳରେ ରହୁଥିବା ଦମ୍ପତି ବିଶ୍ୱନାଥ ପଣ୍ଡା (୬୦) ଓ ତାଙ୍କ ସ୍ତ୍ରୀ ଆଶାଲତା ପଣ୍ଡା (୫୬)।**



ଆତ୍ମନିର୍ଭରଶୀଳ ଦମ୍ପତି।

**ରାଉରକେଲା ଅଫିସ୍,୧୬।୭**

**ପରିଣତ ବୟସରେ ବି ଆତ୍ମନିର୍ଭରଶୀଳ**

ବିଶ୍ୱନାଥ ଯାଜପୁର ଜିଲା ବିଞ୍ଝାରପୁର ବ୍ଲକ ଫତେପୁର ପଞ୍ଚାୟତ ଅଧୀନ ନାଉପାଳ ଗ୍ରାମର ମୂଳବାସିନ୍ଦା। ୪୫ ବର୍ଷ ତଳେ ସେ ବଡଭାଇ ସହିତ ଲାଠିକଟାକୁ ଚାଲିଆସିଥିଲେ। ସେଠାରେ ଏକ କମ୍ପାନୀରେ ନିଯୁକ୍ତି ପାଇବା ପରେ ଲାଠିକଟାର ସ୍ଥାୟୀ ବାସିନ୍ଦା ହୋଇଯାଇଥିଲେ। ଉକ୍ତ କମ୍ପାନୀ ବନ୍ଦ ହୋଇଯିବାରୁ ବିଶ୍ୱନାଥ ୯ବର୍ଷ ହେଲା ପ୍ରେମନଗର କଲୋନୀରେ ଏକ ଜଳଖିଆ ଦୋକାନ ଦେଇଛନ୍ତି। ସକାଳ ହେବା ମାତ୍ରେ ସମସ୍ତଙ୍କୁ ଖୋଜା ପଡନ୍ତି ବିଶ୍ୱନାଥ ଓ ଆଶାଲତା। ତାଙ୍କ ହାତ ତିଆରି ଜଳଖିଆ ଖାଇବା ପାଇଁ ଯେମିତି ପ୍ରତିଯୋଗିତା ଆରମ୍ଭ ହୁଏ। ସ୍ନେହମୟୀ ଆଶାଲତାଙ୍କ ମମତାଭରା ପୁଅ ଡାକ ବି କିଛି ସମୟ ଅଟକିଯିବାକୁ ବାଧ୍ୟ କରେ। ପ୍ରାୟ ସମସ୍ତେ ଅଳି ଅଝଟ କରି ଜଳଖିଆ ଖାଇ ଫେରନ୍ତି। ବିଶ୍ୱନାଥ ଓ ଆଶାଲତାଙ୍କ ଗୋଟିଏ ପୁଅ ଏବଂ ତିନୋଟି ଝିଅ ଅଛନ୍ତି। ସମସ୍ତେ ରୋଜଗାରକ୍ଷମ। ତଥାପି ଉକ୍ତ ଦମ୍ପତି ଘରେ ବସି ରହିବାକୁ ଉଚିତ ମନେ ନ କରି ନିଜ କାର୍ଯ୍ୟ କରି ଚାଲିଛନ୍ତି। ବର୍ତ୍ତମାନର ଯୁବପିଢ଼ି କାମଧନ୍ଦା ନ କରି ଅନ୍ୟ ଉପରେ ବୋଝ ହେଉଛନ୍ତି। ବିଶ୍ୱନାଥ ଓ ଆଶାଲତା ସେମାନଙ୍କ ପାଇଁ ଉଦାହରଣ ନିଶ୍ଚୟ। ଏ ନେଇ ବିଶ୍ୱନାଥଙ୍କୁ ପଚାରିବାରୁ ସେ କହିଲେ, ବସି ଖାଇଲେ ନଈ ବାଲି ସରିଯାଏ। ଏହାଛଡା କର୍ମ ହେଉଛି ଭଗବାନ। ତେଣୁ ନିଜ ଅଙ୍ଗ ପ୍ରତ୍ୟଙ୍ଗ ଚାଲୁଥିବା ଯାଏ ଅନ୍ୟ ଉପରେ ନିର୍ଭର ନ କରି କିଛି କାମ କରିବା ଉଚିତ। ସେହିପରି ଆଶାଲତା କୁହନ୍ତି, କେବଳ ରୋଜଗାର ମଣିଷ ଜୀବନର ଉଦ୍ଦେଶ୍ୟ ନୁହେଁ। ଆମେ ଜଳଖିଆ ଦୋକାନ କରିବା ଦ୍ୱାରା ପ୍ରତ୍ୟେକ ଦିନ ଅନେକ ଲୋକଙ୍କୁ ଖାଇବାକୁ ଦେବାର ସୌଭାଗ୍ୟପ୍ରାପ୍ତ ହେଉଛି। ଅନେକ ଲୋକଙ୍କ ସହିତ ଭାବ ବିନିମୟ ହେବାର ସୁଯୋଗ ମିଳୁଛି। ଛୋଟ ପିଲାଙ୍କ ମାଉସୀ ଡାକ ଓ ଅଳି ଅଝଟ ମୋ ମନରେ ଖୁସି ଭରିଦିଏ ବୋଲି ଆଶାଲତା ପ୍ରକାଶ କରିଛନ୍ତି।

**ରିପୋର୍ଟ: ବିବେକ ମହାନ୍ତି**

# ସରକାରୀ ରିପୋର୍ଟକୁ ବୀମା କମ୍ପାନୀର ଅଣଦେଖା



ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ଯୁଯୁମୁରା ଅଞ୍ଚଳର ଚାଷୀମାନେ।

**ସମ୍ବଲପୁର,୧୬।୭ (ବ୍ୟୁରୋ)**

ଅଣଜଳସେଚିତ ଯୁଯୁମୁରା ବ୍ଲକର ୩ ପଞ୍ଚାୟତ ଚାଷୀ ଶୁକ୍ରବାର ଜିଲାପାଳ ଦାୟିତ୍ୱରେ ଥିବା ପିଡି ସୁକାନ୍ତ ତ୍ରିପାଠୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ସେମାନଙ୍କ ଅଭିଯୋଗ କ୍ରମେ ୨୦୨୦ ଖରିଫରେ ଯୁଯୁମୁରା, ଲିପିଣ୍ଡା ଓ କେଶାପାଲି ପଞ୍ଚାୟତର ଚାଷ ପ୍ରଭାବିତ ହୋଇଥିଲା। ବର୍ଷା ଅଭାବରୁ ଧାନ ଗଛ ନଷ୍ଟ ହୋଇଯାଇଥିଲା। ରୋଗପୋକ ମଧ୍ୟ ଦାଉ ସାଧିଥିଲା। ପରିସଂଖ୍ୟାନ, କୃଷି ଓ ରାଜସ୍ୱ ବିଭାଗ ପକ୍ଷରୁ କ୍ଷୟକ୍ଷତି ଆକଳନ କରାଯାଇ ରିପୋର୍ଟ ପ୍ରସ୍ତୁତ କରାଯାଇଥିଲା। ରିପୋର୍ଟରେ ଏହି ୩ ପଞ୍ଚାୟତର ଚାଷ ପ୍ରଭାବିତ ହୋଇଥିବା ଦର୍ଶାଯାଇଥିଲା। ଚାଷୀମାନଙ୍କୁ ମଧ୍ୟ ବୀମା ଟଙ୍କା ମିଳିବ ବୋଲି କୁହଯାଇଥିଲା। ହେଲେ ଆଜି ପର୍ଯ୍ୟନ୍ତ ବୀମା କମ୍ପାନୀ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଗଲା ନାହିଁ। ବୀମା କମ୍ପାନୀ ସରକାରୀ କର୍ମଚାରୀଙ୍କ ରିପୋର୍ଟକୁ ଅଣଦେଖା କରୁଛି ବୋଲି ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି। ଅରୁଣା ଭୋଇ, ଅମୂଲ୍ୟ ପ୍ରଧାନ, ଅନନ୍ତ ବିଶ୍ୱାଳ, ପ୍ରଫୁଲ୍ଲ ମିର୍ଦ୍ଧା, ଟଙ୍କଧର ପ୍ରଧାନ, ମୋତିଲାଲ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## ସଙ୍ଗଠନ ସୁଦୃଢ଼ ଉପରେ ଗୁରୁତ୍ୱାରୋପ

**ଭାଜପା କାର୍ଯ୍ୟକାରିଣୀ ବୈଠକ**

**ଝାରସୁଗୁଡ଼ା ଅଫିସ,୧୬।୭**

ଝାରସୁଗୁଡା ଜିଲା ଭାଜପା ତରଫରୁ ଗାନ୍ଧୀଛକ ପାର୍ଟି କାର୍ଯ୍ୟଳୟରେ ଗୁରୁବାର ଜିଲା ସଭାପତି ମଙ୍ଗଳ ସାହୁଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ଭର୍ଚୁଆଲରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଦଳୀୟ ସଙ୍ଗଠନ ସୁଦୃଢ କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଆଗାମୀ ଦିନରେ ହେବାକୁ ଥିବା ପଞ୍ଚାୟତ ନିର୍ବାଚନ ସମ୍ପର୍କରେ ଆଲୋଚନା ହୋଇଥିଲା। ଜିଲାର ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତାଘାଟ, ଧାନବିକ୍ରି ଆଦି ସମସ୍ୟା ସମାଧାନ ସହ ବନ୍ଦ ପଡିଥିବା ବ୍ରଜରାଜନଗର କାଗଜକଳ ପୁନଃ କାର୍ଯ୍ୟକ୍ଷମ କରିବାକୁ ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେବା ପାଇଁ ବୈଠକରେ ଦାବି ହୋଇଥିଲା। ଏଥିରେ ଜିଲା ସଭାପତି ସାହୁ, ଏମ୍‌ପି ସୁରେଶ ପୂଜାରୀ, ପୂର୍ବତନ ବିଧାୟିକା ରାଧାରାଣୀ ପଣ୍ଡା, ଶଙ୍କର ଓରାମ, ରବି ନାୟକ, ଟଙ୍କଧର ତ୍ରିପାଠୀ ପ୍ରମୁଖ ସାମିଲ ହୋଇଥିଲେ।

# ଜୁଆ ଆଡ୍ଡାରେ ଚଢ଼ାଉ: ୬ ଗିରଫ

**ଝାରସୁଗୁଡ଼ା ଅଫିସ,୧୬।୭**

ମହାନଦୀ କୋଲ୍ ଫିଲ୍ଡ ଲିମିଟେଡ୍ (ଏମ୍‌ସିଏଲ୍) ଲଖନପୁର କ୍ଷେତ୍ରାଧୀନ ବନ୍ଧବାହାଲ କଲୋନୀର ଆଇବି (ଏ) ୩୪୨ନଂ. କ୍ୱାର୍ଟର୍ସରେ ଗୁରୁବାର ରାତିରେ ଜୁଆଖେଳ ଚାଲିଥିଲା। ବନ୍ଧବାହାଲ ଫାଣ୍ଡି ଅଧିକାରୀ ଅଶୋକ ଦାସ ରାତ୍ର ପାଟ୍ରୋଲିଂ କରୁଥିବାବେଳେ ବନ୍ଦ ଥିବା ଉକ୍ତ କ୍ୱାର୍ଟର୍ସ ଉପରେ ଚଢାଉ କରି ୬ଜଣ ଜୁଆଡିଙ୍କୁ ଗିରଫ କରିଥିଲା। ସେମାନେ ହେଲେ କଲୋନୀରେ ରହୁଥିବା ଏମ୍‌ସିଏଲ୍ କର୍ମଚାରୀ କିଶୋର ଚନ୍ଦ୍ର ନାୟକ, ବିଦ୍ୟାଧର ଖଡିଆ, ନଳିନୀ ଖମାରୀ, ସଞ୍ଜୀବ କୁମାର ମହାନ୍ତି, ଆନନ୍ଦ ସା ଓ କଣ୍ଟାଟିକ୍ରା ଗ୍ରାମର ମୀନକେତନ ସାହୁ। ପୋଲିସ ଏମାନଙ୍କ ନିକଟରୁ ୨୪,୨୮୦ଟଙ୍କା, ତାସ୍ ଓ ଦରି ଜବତ




ଗିରଫ ଅଭିଯୁକ୍ତମାନେ।

କରିଛି। ଏ ନେଇ ବନହରପାଲି ଥାନାରେ କେସ୍ ନଂ.୧୦୧/୨୧ରେ ମାମଲା ରୁଜୁ ହୋଇଛି। ଗିରଫ ଅଭିଯୁକ୍ତମାନଙ୍କୁ ପୋଲିସ ୪୧ସିଆର୍‌ପିସି ନୋଟିସ୍‌ରେ ଥାନାରୁ ଛାଡିଦେଇଛି। ପୋଲିସ୍ ତଦନ୍ତଅନୁଯାୟୀ ଜୁଆ ଖେଳ ଚାଲିଥିବା ଉକ୍ତ କ୍ୱାର୍ଟର୍ସଟି ଏମ୍‌ସିଏଲ୍ ତରଫରୁ ଜଣେ ବ୍ୟାଙ୍କ କର୍ମଚାରୀଙ୍କ ନାମରେ ଆଲଟ ହୋଇଛି।

## ସାମାଜିକ କର୍ମୀଙ୍କୁ ସମ୍ବର୍ଦ୍ଧିତ କଲେ ଉଚ୍ଚଶିକ୍ଷା ମନ୍ତ୍ରୀ

**ସମ୍ବଲପୁର,୧୬।୭(ବ୍ୟୁରୋ)**

ଉଚ୍ଚଶିକ୍ଷା, ମତ୍ସ୍ୟ ଓ ପଶୁପାଳନ ମନ୍ତ୍ରୀ ଅରୁଣ ସାହୁ ଗୁରୁବାର ସାମାଜିକ କର୍ମୀ ତଥା ବରିଷ୍ଠ ଡାକ୍ତର ନାରାୟଣୀ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ସମ୍ବଲପୁର ଭୁତାପଡାସ୍ଥିତ ତାଙ୍କ ବାସଭବନକୁ ଯାଇ ମନ୍ତ୍ରୀ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେବା ସହ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ଚଳିତ ମାସ ନାରାୟଣୀ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟକୁ ୩୦ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। ସେଥିପାଇଁ ମଧ୍ୟ ତାଙ୍କୁ ଧନ୍ୟବାଦ ଜଣାଇଥିଲେ। ମନ୍ତ୍ରୀଙ୍କ ସହ ଜିଲା ଓକିଲ ସଂଘ ସଭାପତି ଡ. ପ୍ରମୋଦ କୁମାର ରଥ ଉପସ୍ଥିତ ଥିଲେ।

## ଦୋକାନ ଗୃହ ଉଚ୍ଛେଦ ଅଭିଯାନ ଆରମ୍ଭ



ହସ୍ପିଟାଲ ଛକରେ ଦୋକାନ ଗୃହ ଉଚ୍ଛେଦ କରାଯାଉଛି।

**ସୁନ୍ଦରଗଡ଼,୧୬।୭ (ଡି.ଏନ୍.ଏ)**

ସ୍ଥାନୀୟ ହସ୍ପିଟାଲ ଛକରେ ଟ୍ରାଫିକ ସମସ୍ୟାକୁ ଆଖିଆଗରେ ରଖି ପ୍ରଶାସନ ପକ୍ଷରୁ ଦୋକାନଗୃହ ଉଚ୍ଛେଦ ଅଭିଯାନ ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ଶୁକ୍ରବାର ଷ୍ଟେଟବ୍ୟାଙ୍କ ମୁଖ୍ୟ ଶାଖାଠାରୁ ଜିଲା ମୁଖ୍ୟ ଡାକ୍ତରଖାନାର ମୁଖ୍ୟ ଫାଟକ ପର୍ଯ୍ୟନ୍ତ ଥିବା ଦୋକାନ ଗୃହଗୁଡିକ ଭଙ୍ଗା ଯାଇଥିଲା। ସଦର ଉପଜିଲାପାଳ ଅଭିମନ୍ୟୁ ବେହେରା, ସଦର ତହସିଲଦାର ପୁଷ୍ପକ ପ୍ରଧାନଙ୍କ ଉପସ୍ଥିତିରେ ଏହି ଉଚ୍ଛେଦ ଅଭିଯାନ କରାଯାଇଥିଲା। ଉଚ୍ଛେଦ ହୋଇଥିବା ଦୋକାନୀମାନଙ୍କୁ ନାରୀ କଲ୍ୟାଣ କେନ୍ଦ୍ର ନିକଟରେ ନବନିର୍ମିତ ମାର୍କେଟ କମ୍ପ୍ଲେକ୍ସ ଦୋକାନ ଗୃହ ଆବଣ୍ଟନ କରାଯାଇଛି। ପ୍ରଥମ ଦିନରେ ୪୪ଟି ଦୋକାନଗୃହ ଉଚ୍ଛେଦ କରାଯାଇଛି। ପ୍ରକାଶ ଥାଉକି ହସ୍ପିଟାଲ ଛକଠାରୁ ଶଙ୍କରା ଏନ୍‌ଟିପିସି ମେଡିକାଲ କଲେଜ ପର୍ଯ୍ୟନ୍ତ ଥିବା ରାସ୍ତା ସହରର ଏକ ପ୍ରମୁଖ ରାସ୍ତା ହୋଇଥିବା ଯୋଗୁ ଯାନବାହାନ ଚଳାଚଳ ସଂଖ୍ୟା ବୃଦ୍ଧି ପାଇ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଛି। ବିଶେଷକରି ହସ୍ପିଟାଲ ଛକରେ ଟ୍ରାଫିକ ସମସ୍ୟା ଅଧିକ ଜଟିଳ ହେଉଥିବାରୁ ଏଠାରେ ରାସ୍ତା ପ୍ରଶସ୍ତିକରଣର ଆବଶ୍ୟକତା ଜରୁରୀ ମନେ କରି ପ୍ରଶାସନ ତରଫରୁ ଏହି ଉଚ୍ଛେଦ ଅଭିଯାନ ଆରମ୍ଭ ହୋଇଛି।

## ଟିକାକରଣ କେନ୍ଦ୍ର ଉଦ୍‌ଘାଟନ କଲେ ସ୍ୱାସ୍ଥ୍ୟମନ୍ତ୍ରୀ

**ଝାରସୁଗୁଡ଼ା ଅଫିସ,୧୬।୭**

ଝାରସୁଗୁଡା ହନୁମାନ ବିଦ୍ୟାମନ୍ଦିର ପରିସରରେ ଶୁକ୍ରବାର ଜିଲା ସ୍ୱାସ୍ଥ୍ୟ ବିଭାଗ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ହମ୍‌ର ମିଳିତ ଆନୁକୂଲ୍ୟରେ ଖୋଲାଯାଇଥିବା ଟିକାକରଣ କେନ୍ଦ୍ରକୁ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ଉଦ୍‌ଘାଟନ କରିଥିଲେ। ଏହି କେନ୍ଦ୍ରରେ ୧୭୦ଜଣଙ୍କୁ ଟିକା ପ୍ରଦାନ କରାଯାଇଥିଲା। ଗର୍ଭବତୀ ମହିଳାଙ୍କୁ ମଧ୍ୟ ଟିକା ଦିଆଯାଇଥିଲା। ଏହି ଅବସରରେ ମନ୍ତ୍ରୀ ଦାସ କହିଥିଲେ, ରାଜ୍ୟରେ ୬କୋଟି ୧୮ଲକ୍ଷ ଟିକା ଆବଶ୍ୟକ ଥିବାବେଳେ କେନ୍ଦ୍ର ସରକାର ସମୁଦାୟ ୧କୋଟି ୩୮ଲକ୍ଷ ୯ହଜାର ୭୫୬ ଟିକା ଦେଇଛନ୍ତି। ବାକି ଥିବା ଟିକା ଯୋଗାଇଦେବା ପାଇଁ ରାଜ୍ୟ ସରକାର କେନ୍ଦ୍ରକୁ ଜଣାଇଛନ୍ତି। କାର୍ଯ୍ୟକ୍ରମରେ ହମ୍ ଅନୁଷ୍ଠାନର ତାପସ ରାୟ ଚୌଧୁରୀ, ସନ୍ଦୀପ ଅବସ୍ଥୀ, ରଘୁମଣି ପଟେଲ, ବାଳଗୋବିନ୍ଦ ମିଶ୍ର, ହୀରାଲାଲ୍ ଲୋକଚନ୍ଦନୀ ପ୍ରମୁଖ ଉପସ୍ଥିତ ଥିଲେ।



ଟିକାକରଣ କେନ୍ଦ୍ରକୁ ସ୍ୱାସ୍ଥ୍ୟମନ୍ତ୍ରୀ ଉଦ୍‌ଘାଟନ କରୁଛନ୍ତି।

# ଅଣଜଳସେଚିତ ଅଞ୍ଚଳରେ ଅଟକିଛି ଚାଷକାମ

**ସମ୍ବଲପୁର,୧୬।୭ (ବ୍ୟୁରୋ)**

ଠିକ୍ ସମୟରେ ଓଡ଼ିଶାକୁ ମୌସୁମୀ ଆସିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଥିଲା। ଏହି ଖବର ପାଇ ସମ୍ବଲପୁର ଜିଲାର ଚାଷୀମାନେ ବେଶ୍ ଉତ୍ସାହିତ ହୋଇଥିଲେ। କ୍ଷୟକ୍ଷତିକୁ ଭୁଲିଯାଇ ପୁଣି ଖରିଫ ଚାଷ ପାଇଁ ଅଣ୍ଟା ଭିଡିଥିଲେ। ହେଲେ ଠିକ୍ ସମୟରେ ବର୍ଷା ହେଉ ନ ଥିବାରୁ ଚାଷୀମାନେ ଚିନ୍ତାରେ ପଡିଛନ୍ତି। ଅଣଜଳସେଚିତ ଅଞ୍ଚଳରେ ଚାଷକାମ ଅଟକି ଯାଇଥିବା ବେଳେ ଜଳସେଚିତ ଅଞ୍ଚଳରେ ମଧ୍ୟ ପ୍ରଭାବିତ ହୋଇଛି। ଜୁନ ମାସରେ ବୁଣା ଧାନ ଓ ଜୁଲାଇ ମାସରେ ବର୍ଷା ଅନୁପାତ କମିବାରୁ ଚାଷୀମାନେ ଚାଷ କାମ ଆରମ୍ଭ କରିପାରି ନ ଥିବା କହିଛନ୍ତି। ଦୀର୍ଘ ଏକସପ୍ତାହ ହେଲା ଜିଲାରେ ବର୍ଷା ହୋଇନାହିଁ। ଫଳରେ ଜିଲାର ସମସ୍ତ ବ୍ଲକରେ ଚାଷକାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଯେଉଁ କ୍ଷେତରେ ଚାଷୀମାନେ ଧାନ ରୋଇଥିଲେ ତାହା ଏବେ ଫାଟି ଆଁ କରିବାକୁ ବସିଛି। ଅଳ୍ପ



ସମ୍ବଲପୁର ଜିଲାରେ ବର୍ଷା ଅଭାବରୁ ଶୁଖିଲା ପଡିଛି ଚାଷଜମି।

କିଛିଦିନ ଭିତରେ ବର୍ଷା ନ ହେଲେ ମରୁଡି ହେବା ଆଶଙ୍କା ଦେଖାଦେବ।

ଏ ସମ୍ପର୍କରେ ଚାଷୀ ଅଶୋକ ପ୍ରଧାନ କହିଛନ୍ତି, ପାଣିପାଗ ବିଭାଗର ସୂଚନାକୁ ନେଇ ଚାଷୀମାନେ ବେଶ୍ ଉତ୍ସାହିତ ହୋଇଥିଲେ। ଚଳିତବର୍ଷ ଖରିଫରେ ମରୁଡି ହେବ ନାହିଁ ବୋଲି ମନରେ ସ୍ଥିର କରିଥିଲେ। ହେଲେ ବର୍ଷାର ଅନିୟମିତତା ହୋଇଛି। ଜୁନ ମାସରେ ଆବଶ୍ୟକଠାରୁ ଅଧିକ ବର୍ଷା ହୋଇଛି। ହେଲେ ଜୁଲାଇରେ ନିହାତି ଆବଶ୍ୟକ ବେଳେ ବର୍ଷା ଧୋକ୍କା ଦେଇଛି। ଅଣଜଳସେଚିତ ଅଞ୍ଚଳରେ ରୁଆ ଧାନ ବାକି ରହିଛି। ଆଗକୁ ବର୍ଷା ହେଲେ ମଧ୍ୟ ପନ୍ଥା ଅଧିକ ଦିନ ହୋଇଗଲାଣି, ଯେତେ ଭଲ ଭାବେ ଚାଷ କଲେ ବି ଅମଳ ହେବ ନାହିଁ। ଅନେକ ଅଞ୍ଚଳରେ ବିଲରେ ପାଣି ଅଭାବରୁ ପଡିଆ ପଡିବା ସମ୍ଭାବନା ଦେଖାଦେଲାଣି। ପୂର୍ବରୁ କରୋନା କଟକଣା ଯୋଗୁ

**ସପ୍ତାହେ ହେଲା ବର୍ଷା ନାହିଁ**

- ସମସ୍ତ ବ୍ଲକ ପ୍ରଭାବିତ
- ଚାଷରେ ହୋଇପାରେ ବିଳମ୍ବ

ଚାଷୀମାନେ ଶ୍ରମିକ ସମସ୍ୟାର ସମ୍ମୁଖୀନ ହେଉଥିଲେ। କୌଣସିମତେ ଚାଷକାର୍ଯ୍ୟ ଆରମ୍ଭ କରିଥିଲେ। ହେଲେ ଏବେ ବର୍ଷା ଦାଉ ସାଧୁଛି ବୋଲି ସେ କହିଥିଲେ। ଜିଲା କୃଷି ବିଭାଗ ପକ୍ଷରୁ କୁହାଯାଇଛି ଯେ, ଜୁଲାଇରେ ବର୍ଷା ପରିମାଣ କମ୍ ହୋଇଛି। ହେଲେ ମରୁଡି ପରିସ୍ଥିତି ଭଳି ହୋଇ ନାହିଁ। ଚାଷ ପାଇଁ ଏକମାସ ସମୟ ରହିଛି। ବର୍ଷା ହେଲେ ଚାଷୀଙ୍କ ସମସ୍ୟା ଦୂର ହୋଇଯିବ। ସୂଚନାଯୋଗ୍ୟ, ଜିଲାର ୯ ବ୍ଲକରେ ଅଣଜଳସେଚିତ ଓ ଜଳସେଚିତ ମୋଟ ୧ ଲକ୍ଷ ୭ ହଜାର ୭୫୦ ହେକ୍ଟର ଜମିରେ ଖରିଫ ଫସଲ ହେବା କୃଷି ବିଭାଗ ଲକ୍ଷ୍ୟ ରହିଛି। ହେଲେ ଶ୍ରାବଣ ମାସର ବର୍ଷାକୁ ଦେଖିଲେ ଏହି ଲକ୍ଷ୍ୟ ହାସଲ ହୋଇପାରିବ ନାହିଁ ବୋଲି କୁହାଯାଉଛି।

### ବଧୂହତ୍ୟା ଅଭିଯୋଗରେ ୩ ଗିରଫ

ଖଇରା,(ଡି.ଏନ.ଏ.): ବାଲେଶ୍ୱର ଜିଲା ଖଇରା ଥାନା ଗୋବିନ୍ଦପୁର ପଞ୍ଚାୟତ ଅଧୀନ ସରସତିଆ ଗ୍ରାମରେ ସସ୍ମିତା ଦାସ ନାମ୍ନୀ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାରେ ଖଇରା ପୋଲିସ ଏକ ମାମଲା(ନଂ.୧୫୬/୨୧) ରୁଜୁ କରିଛି। ଶୁକ୍ରବାର ସକାଳେ ସ୍ୱାମୀ ନାରାୟଣ ସେଠୀ, ଶ୍ୱଶୁର ଅନନ୍ତ, ଶାଶୁ ସଂଯୁକ୍ତାଙ୍କୁ ଗିରଫ କରାଯାଇଛି। ଗଡପୋଖରୀ ଗ୍ରାମର ବାପା ନାରାୟଣ ଦାସଙ୍କ ଲିଖିତ ଅଭିଯୋଗ ଅନୁଯାୟୀ ୨୦୧୭ରେ ଝିଅର ବିବାହ ହେବା ପରଠାରୁ ଶ୍ୱଶୁର ଘର ଲୋକେ ଯୌତୁକ ପାଇଁ ନିର୍ଯାତନା ଦେଇ ଆସୁଥିଲେ। ଗୁରୁବାର ରାତିରେ ସସ୍ମିତାଙ୍କ ମାରି ଟାଙ୍ଗିଦେଇ ଏହାକୁ ଆତ୍ମହତ୍ୟାର ରୂପ ଦେବାକୁ ଉଦ୍ୟମ କରାଯାଇଥିବା ଅଭିଯୋଗରେ ଦର୍ଶାଯାଇଛି।

## ସଂକ୍ଷେପରେ

### ପଞ୍ଚାୟତ ନିର୍ବାଚନ ପ୍ରସ୍ତୁତି: ଭୋଟ ବାକ୍ସ ତାଲିକା ମାଗିଲେ କମିଶନ

ଭୁବନେଶ୍ୱର,୧୬।୭(ବ୍ୟୁରୋ): ଆସନ୍ତା ୨୦୨୨ ଫେବୃୟାରୀରେ ତ୍ରି-ସ୍ତରୀୟ ପଞ୍ଚାୟତ ନିର୍ବାଚନ ହେବାକୁ ଯାଉଛି। ଏ ନେଇ ପ୍ରସ୍ତୁତି ଆରମ୍ଭ ହୋଇଛି। ରାଜ୍ୟ ନିର୍ବାଚନ କମିଶନ ଜିଲା ସ୍ତରରେ ଥିବା ଭୋଟ ବାକ୍ସ ତାଲିକା ଦେବାକୁ ଜିଲାପାଳଙ୍କୁ ଚିଠି ଲେଖିଛନ୍ତି। ଆସନ୍ତା ନିର୍ବାଚନରେ ଭୋଟ ଗଣନା ବୁଥ ସ୍ତର ପରିବର୍ତ୍ତେ ବ୍ଲକସ୍ତରରେ ଗଣନା କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। କେଉଁ ଜିଲାରେ କେତେ ଭୋଟ ବାକ୍ସ ରହିଛି ତାହାର ଗଣନା କରାଯିବ। ଆସନ୍ତା ୨୬ ତାରିଖ ସୁଦ୍ଧା ଜିଲାରେ ଭୋଟ ବାକ୍ସର ତାଲିକା ପ୍ରଦାନ କରିବାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ବ୍ଲକ ସ୍ତରରେ ଭୋଟ ଗଣନା ହେଲେ ପ୍ରତି ବୁଥ ସ୍ତରର ଭୋଟ ବାକ୍ସ ଆବଶ୍ୟକ ହେବ। ଜିଲାରେ କେତେ ଭଲ ଓ କେତେ ଭୋଟ ବାକ୍ସ ନଷ୍ଟ ହୋଇଛି ତାହାର ତାଲିକା ଦେଲେ କମିଶନ ଅଧିକ ବାକ୍ସ ପ୍ରସ୍ତୁତ କରିବେ। ଏଠାରେ ସୂଚନା ଯୋଗ୍ୟ ଯେ ୱାର୍ଡ ପୁନର୍ଗଠନ ଓ ସ୍ଥାନ ସଂରକ୍ଷଣ କାର୍ଯ୍ୟ ୨୦୨୧ ଏପ୍ରିଲ ସୁଦ୍ଧା ଶେଷ କରିବାକୁ କମିଶନ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗକୁ ୨୦୨୧ ଜାନୁୟାରୀ ଓ ମାର୍ଚ୍ଚରେ କମିଶନ ୨ଟି ଚିଠି ଲେଖିଥିଲେ।

### ଲାଞ୍ଚ ନେଇ ଓଟିଡିସିର ୨ ଯନ୍ତ୍ରୀ ଗିରଫ

ଭୁବନେଶ୍ୱର,୧୬।୭(ବ୍ୟୁରୋ): ବିଲ୍ ପାସ୍ କରାଇଦେବାକୁ ଜଣେ ଠିକାଦାରଙ୍କଠାରୁ ଲକ୍ଷେ ଟଙ୍କା ଲାଞ୍ଚ ନେବାବେଳେ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ(ଓଟିଡିସି)ର ୨ଜଣ ଯନ୍ତ୍ରୀଙ୍କୁ କୋରାପୁଟ ଡିଭିଜନ ଭିଜିଲାନ୍ସ ଭୁବନେଶ୍ୱରରୁ ଗିରଫ କରିଛି। ସେମାନେ ହେଲେ ସହାୟକ ଯନ୍ତ୍ରୀ (ସିଭିଲ୍) ପ୍ରଭାତ ନାୟକ ଏବଂ କନିଷ୍ଠ ଯନ୍ତ୍ରୀ (ସିଭିଲ୍) କ୍ଷୀରୋଦ ଆଚାର୍ଯ୍ୟ। ଏନେଇ ଭିଜିଲାନ୍ସ ଏକ ମାମଲା (ନଂ.୧୩/୨୧) ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରିଛି। ଏଥିସହିତ ଅଭିଯୁକ୍ତ ପ୍ରଭାତଙ୍କ ଭୁବନେଶ୍ୱର ଟଙ୍କପାଣିସ୍ଥିତ ଭଡ଼ା ଘରେ ଓ ବଡ଼ଖମାରରେ ଥିବା କ୍ଷୀରୋଦଙ୍କ ଘରେ ଭିଜିଲାନ୍ସ ଯାଞ୍ଚ କରୁଛି। ଘଟଣାର ଅଧିକ ତଦନ୍ତ ଜାରି ରହିଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନା ଅନୁଯାୟୀ, ଠିକାଦାର ଜଣକ ଟେଣ୍ଡର ପାଇ ନୂଆପଡ଼ା ପାଥରା ଡ୍ୟାମ୍ ପାନ୍ଥନିବାସର କେତେକ ଭିତ୍ତିଭୂମି କାର୍ଯ୍ୟ କରିଥିଲେ। ହେଲେ ବିଲ୍ ପାସ୍ ନ ହେବାରୁ ସେ ଅଭିଯୁକ୍ତ ଦୁଇଯନ୍ତ୍ରୀଙ୍କ ପାଖକୁ ବାରମ୍ବାର ଦୌଡ଼ିଥିଲେ। ବିଲ୍ ପାସ ପାଇଁ ସେମାନେ ଠିକାଦାରଙ୍କୁ ୧ଲକ୍ଷ ଟଙ୍କା ଲାଞ୍ଚ ମାଗିଥିଲେ। ଏନେଇ ଠିକାଦାର ଜଣକ କୋରାପୁଟ ଡିଭିଜନ ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ।

# ମିଶନ ଶକ୍ତିକୁ ୪୫୩.୫ କୋଟି

ଭୁବନେଶ୍ୱର,୧୬।୭(ବ୍ୟୁରୋ)



ଭର୍ଚୁଆଲ୍ ବୈଠକରେ ମିଶନ ଶକ୍ତି କୋଭିଡ୍ ସହାୟତା ଘୋଷଣା କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

**ମୁଖ୍ୟମନ୍ତ୍ରୀଙ୍କ କୋଭିଡ୍ ପ୍ୟାକେଜ**
- ୩୩୮ ମିଶନ ଶକ୍ତି ଭବନ ନିର୍ମାଣ ପାଇଁ ୧୬୯ କୋଟି
- ସୁଧ ରିହାତି ପାଇଁ ୨୦୦ କୋଟି

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ରାଜ୍ୟ ମିଶନ ଶକ୍ତିର ମହିଳାମାନଙ୍କ ପାଇଁ ୪୫୩.୫୦ କୋଟି ଟଙ୍କାର କୋଭିଡ୍ ସହାୟତା ଘୋଷଣା କରିଛନ୍ତି। ତଦନୁଯାୟୀ ରାଜ୍ୟର ୩୩୮ ବ୍ଲକସ୍ତରୀୟ ମିଶନ ଶକ୍ତି ଭବନ ନିର୍ମାଣ ପାଇଁ ୫୦ ଲକ୍ଷ ଟଙ୍କା ଲେଖାଏଁ ୧୬୯ କୋଟି ଟଙ୍କା ପ୍ରଦାନ କରାଯିବ। ସମାନଙ୍କୁ ବ୍ୟବସାୟରେ ସହାୟତା ପାଇଁ ୮୪.୫୦ କୋଟି ଟଙ୍କାର ଆବର୍ତ୍ତନ ପାଣ୍ଠି (ରିଭଲିଂ ଫଣ୍ଡ) ଏବଂ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକର ଋଣ ଉପରେ ସୁଧ ଫେରସ୍ତ ପାଇଁ ୨୦୦ କୋଟି ଟଙ୍କା ପ୍ରଦାନ କରାଯିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟର ୭୦ ଲକ୍ଷ ମା'ମାନଙ୍କ ଏକ ବିରାଟ ଅନୁଷ୍ଠାନ ହେଉଛି ମିଶନ ଶକ୍ତି। ଏହା ଓଡ଼ିଶାର ବିକାଶ ବାହିନୀ। ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ପାଇଁ ଯେଉଁ ମିଶନ ଶକ୍ତି ଭବନ ଗଠନ ହେବ, ସେଥିରେ ମା'ମାନେ ତାଲିମ ପାଇବେ, ଉତ୍ପାଦିତ ଦ୍ରବ୍ୟ ପାଇଁ ବିକ୍ରୟ କେନ୍ଦ୍ର ଖୋଲିପାରିବେ। କୋରାପୁଟର ବୋରିଗୁମ୍ମାଠାରୁ ଆରମ୍ଭ କରି କଟକର ନିଆଳି ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଅଞ୍ଚଳରେ ବ୍ଲକସ୍ତରୀୟ ମହାସଂଘର ମା'ମାନଙ୍କ କାମ ଦେଖି ଯେ କେହି ଗର୍ବ ଅନୁଭବ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବିଶ୍ୱାସ ହେଉଛି ଯେ, ଦିନେ ଆପଣମାନଙ୍କ ଭିତରୁ ବଡ଼ ବଡ଼ ଉଦ୍ୟୋଗୀ ବାହାରିବେ ବୋଲି ବିଭିନ୍ନ ମିଶନ ଶକ୍ତି ମହାସଂଘ କର୍ମକର୍ତ୍ତା ସହ ଆଲୋଚନା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମିଶନ ଶକ୍ତିଗୁଡ଼ିକୁ ରାଜ୍ୟ ସରକାର ବିନା ସୁଧରେ ଋଣ ଦେଉଛନ୍ତି। ଗତ ବର୍ଷ ସୁଧ ରିହାତି ଭାବରେ ରାଜ୍ୟ ସରକାର ୧୨୫ କୋଟି ଟଙ୍କା ଦେଇଥିବା ବେଳେ ଏବର୍ଷ ଏହାକୁ ୨୦୦ କୋଟି ଟଙ୍କାକୁ ବୃଦ୍ଧି କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଭିଡିଓ କନଫରେନ୍ସରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭାଗୀୟ ମନ୍ତ୍ରୀ ଟୁକୁନି ସାହୁ ମିଶନ ଶକ୍ତିର ମହିଳାମାନଙ୍କ ବିକାଶ ପାଇଁ ରାଜ୍ୟ ସରକାରଙ୍କ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ। ସରକାରୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ ଏବଂ ମିଶନ ଶକ୍ତିର ଉପଦେଷ୍ଟା ଲୋପାମୁଦ୍ରା ବକ୍ସିପାତ୍ର ପ୍ରମୁଖ ସେମାନଙ୍କର ମତାମତ ରଖିଥିଲେ। ଏହି ଅବସରରେ ବ୍ରହ୍ମପୁର, ଢେଙ୍କାନାଳ ଓ ବାରିପଦାର ୩ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଆଚାର ବ୍ୟବସାୟ ପାଇଁ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ତରଫରୁ ଏକକାଳୀନ ୪୭ ଲକ୍ଷ ଟଙ୍କାର ଋଣ ଦିଆଯାଇଥିଲା। ସୂଚନାଯୋଗ୍ୟ ଯେ ସେମାନଙ୍କ ଦ୍ୱାରା ଉତ୍ପାଦିତ ୧୨୦ ମେଟ୍ରିକ ଟନ୍ ଆଚାର ମିଶନ ଶକ୍ତି ଦ୍ୱାରା ପରିଚାଳିତ ରାଜ୍ୟର ୧୭୭ ଆହାର କେନ୍ଦ୍ରରେ ବ୍ୟବହାର ହେଉଛି।

ମିଶନ ଶକ୍ତି କମିଶନର ତଥା ସଚିବ ସୁଜାତା କାର୍ତ୍ତିକେୟନ ସ୍ୱାଗତ ଭାଷଣରେ କହିଲେ ଯେ ଗୋଟିଏ ଯୋଜନାକୁ ଏକ ସ୍ୱତନ୍ତ୍ର ବିଭାଗ ଭାବରେ କାର୍ଯ୍ୟକାରୀ କରିବାରେ ଓଡ଼ିଶା ହେଉଛି ଦେଶରେ ଏକମାତ୍ର ରାଜ୍ୟ। ଏଥିରୁ ମହିଳାମାନଙ୍କ ବିକାଶ ପାଇଁ ମୁଖ୍ୟମନ୍ତ୍ରୀ କେତେ ଗୁରୁତ୍ୱ ଦେଉଛନ୍ତି, ତାହା ଅନୁମେୟ। ୨୦୨୧-୨୨ ବର୍ଷ ପାଇଁ ମିଶନ ଶକ୍ତିର ମା'ମାନଙ୍କ ପାଇଁ ୬୦୦୦ କୋଟି ଟଙ୍କାର ବ୍ୟାଙ୍କ ଋଣ ପ୍ରଦାନ ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ ପରିଚାଳନା କରିଥିଲେ। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଉନ୍ନୟନ କମିଶନର ପି.କେ. ଜେନା ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଯୁବକଙ୍କୁ ଧାରୁଆ ଅସ୍ତ୍ରରେ ହାଣି ହତ୍ୟା

ଝାରସୁଗୁଡ଼ା ଅଫିସ,୧୬।୭

- ମୃତକଙ୍କ ନିକଟରୁ ୭୩ ହଜାର ଟଙ୍କା, ମୋବାଇଲ୍, ଏଟିଏମ୍ କାର୍ଡ ଜବତ
- ବାଇକ୍‌ର ମିଳୁନି ପତ୍ତା

ଝାରସୁଗୁଡ଼ା ବେହେରାମାଲସ୍ଥିତ ଦୁର୍ଗାମଣ୍ଡପ ଗଳି ରାସ୍ତାରେ ଶୁକ୍ରବାର ସକାଳେ ଜଣେ ଯୁବକଙ୍କ କ୍ଷତବିକ୍ଷତ ମୃତଦେହକୁ ପୋଲିସ ଜବତ କରିଛି। ସେ ହେଲେ ସ୍ଥାନୀୟ ପୁରୁଣାବସ୍ତିର ବିପିନ ସାହା(୩୨)। ଯୁବକଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତଚିହ୍ନ ଥିବାରୁ ତାଙ୍କୁ ଧାରୁଆ ଅସ୍ତ୍ରରେ ହଣାଯାଇଥିବା ସ୍ପଷ୍ଟ ହୋଇଛି। ତାଙ୍କ ନିକଟରୁ ପୋଲିସ ୭୩ହଜାର ଟଙ୍କା, ମୋବାଇଲ ଫୋନ୍, ଏଟିଏମ୍ କାର୍ଡ, ଡ୍ରାଇଭିଂ ଲାଇସେନ୍ସ ଆଦି ଜବତ କରିଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଝାରସୁଗୁଡ଼ା ସଦର ଥାନାରେ କେସ୍ ନଂ.୧୨୮/୨୧, ଦଫା ୩୦୨ରେ ହତ୍ୟା ମାମଲା ରୁଜୁକରି ପୋଲିସ ତଦନ୍ତ ଚଳାଇଛି। ଖବରପାଇ ଏସ୍‌ପି ବିକାଶ ଚନ୍ଦ୍ର ଦାସ,ଏସ୍‌ଡିପିଓ ନିର୍ମଳ ମହାପାତ୍ର ପ୍ରମୁଖଙ୍କ ସହ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ବିପିନ ବ୍ୟବହାର କରୁଥିବା ବାଇକ୍‌ର ପତ୍ତା ମିଳୁନାହିଁ।

ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ ପରେ ଏସ୍‌ପି ଦାସ କହିଛନ୍ତି, ଦୁର୍ବୃତ୍ତଙ୍କ ସହିତ ବିପିନଙ୍କ ଧସ୍ତାଧସ୍ତି ହୋଇଛି। ଫଳରେ ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତଚିହ୍ନ ରହିଥିବାବେଳେ ଆଖପାଖରେ ରକ୍ତଛିଟା ପଡିଥିଲା। ଦୁର୍ବୃତ୍ତମାନେ ଯଦି ଟଙ୍କା ପାଇଁ ହତ୍ୟା କରିଥାନ୍ତେ ତା'ହେଲେ ତାଙ୍କ ନିକଟରୁ ଟଙ୍କା ନେଇଯାଇଥାନ୍ତେ। ହେଲେ ତାଙ୍କ ନିକଟରେ ୭୩ହଜାର ଟଙ୍କା ରହିଥିଲା। ଏଥିରୁ ହତ୍ୟାକାଣ୍ଡ ପଛରେ ଆଉକିଛି ରହସ୍ୟ ଥିବା ପୋଲିସ ସନ୍ଦେହ କରୁଛି। ସୂଚନାଯୋଗ୍ୟ ବିପିନ ଝାରସୁଗୁଡ଼ାର ଏକ ମୋବାଇଲ୍ ହୋଲ୍‌ସେଲ୍ ଦୋକାନରେ ସେଲ୍‌ସମ୍ୟାନ୍ ଭାବେ କାମ କରୁଥିଲେ। ଗୁରୁବାର ସକାଳ ସାଢେ ୮ଟାରେ ସେ ଦୋକାନକୁ ଯାଇଥିଲେ। ସେଠାରୁ ଟଙ୍କା ଅସୁଲ ପାଇଁ ବାଇକ୍ ଯୋଗେ ସେ ବାଗଡିହି ଯାଇଥିଲେ। ଲକ୍ଷାଧିକ ଟଙ୍କା ଧରି ଫେରିଥିଲେ ହେଁ ଦୋକାନରେ ପହଞ୍ଚି ନ ଥିଲେ। ଦୋକାନ ମାଲିକ ତାଙ୍କୁ ଫୋନ୍ କରିବାରୁ ବାଇକ୍ ଖରାପ ହୋଇଯାଇଛି ମରାମତି କରି ଯାଉଛି ବୋଲି କହିଥିଲେ। ହେଲେ ସନ୍ଧ୍ୟା ପର୍ଯ୍ୟନ୍ତ ନ ପହଞ୍ଚିବାରୁ ପୁଣିଥରେ ମାଲିକ ଫୋନ୍ କରିଥିଲେ। ଝାରସୁଗୁଡାରେ ବାଇକ୍ ମରାମତି କରୁଛି, କିଛି ସମୟ ପରେ ପହଞ୍ଚିବି ବୋଲି ବିପିନ କହିଥିଲେ। ପରେ ସେ ଦୋକାନରେ ପହଞ୍ଚି ନଥିଲେ କିରାତିରେ ଘରକୁ ଫେରିନଥିଲେ।

# ଭିଜିଲାନ୍ସ ହାତରେ ରାଜସ୍ୱ ନିରୀକ୍ଷକ

ବୌଦ୍ଧ/ବାଉଁଶୁଣୀ, ୧୬।୭(ସ୍ୱ.ପ୍ର./ଡି.ଏନ୍.ଏ.)

**ଜମି ମାପ କରିବାକୁ ଲାଞ୍ଚ**


ବୌଦ୍ଧ ଭିଜିଲାନ୍ସ କାର୍ଯ୍ୟାଳୟରେ ରାଜସ୍ୱ ନିରୀକ୍ଷକ ଗଜିନ୍ଦ୍ର ଦିଗାଲ।

ଥରେ ଲାଞ୍ଚ ନେଇ ଜେଲ ଯାଇଥିବାବେଳେ ପୁଣି ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡିଛନ୍ତି ବୌଦ୍ଧ ଜିଲା ଦହ୍ୟା ରାଜସ୍ୱ ନିରୀକ୍ଷକ ଗଜିନ୍ଦ୍ର ଦିଗାଲ (୫୪)। ଭିଜିଲାନ୍ସ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ମନମୁଣ୍ଡା ଥାନା ଅନ୍ତର୍ଗତ ଖଲିଆପାଲି ପଞ୍ଚାୟତର ପୁଡୁଗପଥର ଗ୍ରାମର ସୁଶାନ୍ତ ଥାଟି (୩୩) ନିଜ ବାପାଙ୍କ ନାମରେ ଥିବା ବାସଗୃହ ଜମିକୁ ମାପ କରିବାକୁ ୨୦୧୯ରୁ ରାଜସ୍ୱ ନିରୀକ୍ଷକ ଦିଗାଲଙ୍କୁ କହିଆସୁଥିଲେ। କିନ୍ତୁ ଜମି ମାପ ପାଇଁ ବହୁ ହଇରାଣ କରିବା ପରେ ୧୫ ହଜାର ଟଙ୍କା ଦେଲେ ଯାଇ ମାପ ହେବ କହିଥିଲେ। ଏନେଇ ଥାଟି ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଶୁକ୍ରବାର ରାଜସ୍ୱ ନିରୀକ୍ଷକ ଦିଗାଲ ପୁରୁମୁଣ୍ଡା ଗୁଦଗୁଦା ବଜାରଠାରେ ୧୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ପୂର୍ବରୁ ଜଗି ରହିଥିବା ଭିଜିଲାନ୍ସ କର୍ମଚାରୀଙ୍କ ହାତରେ ଧରାପଡିଥିଲେ । ଭିଜିଲାନ୍ସ କର୍ମଚାରୀ ତାଙ୍କ ପାଖରୁ ୧୫ ହଜାର ଟଙ୍କା ଜବତ ସହ ଗିରଫ କରିଛନ୍ତି। ଏହି ଚଢାଉରେ ଭିଜିଲାନ୍ସ ଡିଏସ୍‌ପି ଅରୁଣ ନାଏକ, ଇନ୍ସପେକ୍ଟର ପୌଲସ୍ତି ଛତ୍ରିଆ, ଏଏସ୍‌ଆଇ ନରେନ୍ଦ୍ର ନାଏକ ଓ ସୁବୋଧ ମିଶ୍ର , କନଷ୍ଟେବଲ ଦିଲୀପ ପ୍ରଧାନ ଓ ସନ୍ତୋଷ ସାହୁ ସାମିଲ ଥିଲେ।

ପ୍ରକାଶ ଥାଉକି, ଦିଗାଲ ବୌଦ୍ଧ ଜିଲାର ବଘିଆପଡାରେ ରାଜସ୍ୱ ନିରୀକ୍ଷକ ଥିବାବେଳେ ୨୦୧୭ରେ ୭ ହଜାର ଟଙ୍କା ଲାଞ୍ଚ ନେଇ ଧରାପଡ଼ି ଜେଲଯାଇଥିଲେ। ସେହି ମାମଲା ବର୍ତ୍ତମାନ ଭିଜିଲାନ୍ସ ଅଦାଲତରେ ବିଚାରାଧୀନ ରହିଛି।

# ଉଭେଇଯାଉଛି ବର୍ଷା

ଭୁବନେଶ୍ୱର,୧୬।୭(ବ୍ୟୁରୋ)-ରାଜ୍ୟରୁ ବର୍ଷା ଉଭାନ ହୋଇଯାଇଛି। ଜୁଲାଇ ମାସ ଅଧା ହେଲାଣି। କେଉଁଠି କେତେବେଳେ ଅସରାଏ ଦି' ଅସରା ବର୍ଷା ହେଉଛି। ରାଜ୍ୟରେ ଚାଷ ଉଜୁଡ଼ିବାକୁ ବସିଲାଣି। ଚାଷୀ ମୁଣ୍ଡରେ ହାତ ଦେଲେଣି। ଦକ୍ଷିଣ ପଶ୍ଚିମ ମୌସୁମୀ ଉଭାନ ହୋଇଯାଇଛି। ଏବେ ଟାଇଁ ଟାଇଁ ମୁଣ୍ଡଫଟା ଖରା ଯୋଗୁ ବିଲବାଡି ଫାଟି ଆଁ କଲାଣି। ଆସନ୍ତା ସପ୍ତାହେ ଭିତରେ ଭଲ ବର୍ଷା ନ ହେଲେ ଧାନ ଫସଲ ଉଜୁଡ଼ିବା ଆଶଙ୍କାକୁ ଏଡ଼ାଯାଇ ନ ପାରେ। ଭାରତୀୟ ପାଣିପାଗ ବିଭାଗ ସୂଚନା ଅନୁଯାୟୀ ରାଜ୍ୟରେ ଜୁଲାଇ ୧୬ ତାରିଖ ସୁଦ୍ଧା ସ୍ୱାଭାବିକଠାରୁ ୨୩ ପ୍ରତିଶତ କମ୍ ବର୍ଷା ହୋଇଛି। ଜୁନ୍ ପହିଲାରୁ ଏ ପର୍ଯ୍ୟନ୍ତ ରାଜ୍ୟରେ ୩୮୧.୧ ମିଲିମିଟର ବର୍ଷା ହେବା ଜାଗାରେ ହୋଇଛି ମାତ୍ର ୨୯୧.୯ ମିଲିମିଟର। ରାଜ୍ୟର ୧୮ଟି ଜିଲାରେ ପରିସ୍ଥିତି ସଙ୍ଗିନ ହେବାରେ ଲାଗିଛି। ୧୦ ଜିଲାରେ ସ୍ୱାଭାବିକଠାରୁ ୩୦ରୁ ୫୬ ପ୍ରତିଶତ ଯାଏ କମ୍ ବର୍ଷା ହୋଇଛି। ତେବେ ଆସନ୍ତା ୨୧ ତାରିଖରେ ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ୨୦ ତାରିଖରୁ ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ବର୍ଷା ହେବାର ସମ୍ଭାବନା ରହିଛି। ବିଶେଷକରି କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, ପୁରୀ, ଯାଜପୁର, ଢେଙ୍କାନାଳ, ଅନୁଗୋଳ, ମୟୂରଭଞ୍ଜ, ଗଞ୍ଜାମ, ନୟାଗଡ଼, ଖୋର୍ଦ୍ଧା ଓ ବାଲେଶ୍ୱର ଆଦି ଜିଲାରେ ବର୍ଷା ହେବାର ସମ୍ଭାବନା ରହିଛି।

- ୧୮ ଜିଲାରେ ସ୍ଥିତି ସଙ୍ଗିନ
- ୨୧ରେ ଲଘୁଚାପ, ଉପକୂଳରେ ପ୍ରବଳ ବର୍ଷିବା ସମ୍ଭାବନା

# ପ୍ୟାକ୍ସ ସମ୍ପାଦକଙ୍କ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଠାବ

ସୋନପୁର/ତରଭା/ ବଲାଙ୍ଗୀର ଅଫିସ, ୧୬।୭(ନି.ପ୍ର./ଡି.ଏନ.ଏ.)

**ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଚଢ଼ାଉ**


ପ୍ୟାକ୍ସ ସମ୍ପାଦକଙ୍କ ବଲାଙ୍ଗୀର ସାଲେପାଲିସ୍ଥିତ କୋଠା।

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଚାରଭଟା ପ୍ୟାକ୍ସ ସମ୍ପାଦକ ତଥା ଦୁବୁଲା ପ୍ୟାକ୍ସର ଭାରପ୍ରାପ୍ତ ସମ୍ପାଦକ ମସୁଦ ମହମ୍ମଦଙ୍କ ବାସଭବନ ଓ ଅଫିସ୍‌ରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଶୁକ୍ରବାର ଚଢ଼ାଉ କରାଯାଇଛି। ସକାଳଠାରୁ ଭିଜିଲାନ୍ସ ଟିମ୍ ତାଙ୍କ ତରଭା ବାଲିଖମାରସ୍ଥିତ ପୈତୃକ ଘର, ବଲାଙ୍ଗୀର ସାଲେପାଲିଠାରେ ଥିବା ତିନିମହଲା କୋଠା, ଚାରଭଟା ଓ ଦୁବୁଲା ପ୍ୟାକ୍ସ କାର୍ଯ୍ୟାଳୟରେ ଏକକାଳୀନ ଚଢ଼ାଉ କରିଥିଲେ। ତନଖି ସମୟରେ ମସୁଦଙ୍କ ନାମରେ ଥିବା ୧ କୋଟି ୭୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଠାବ ହୋଇଛି।

ଅଭିଯୋଗ ହେବା ପରେ ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ସମ୍ବଲପୁର ଭିଜିଲାନ୍ସ ଡିଏସ୍‌ପି ମାରିୟାନ୍ସ ମିଞ୍ଜ ଓ ବରଗଡ଼ ଡିଏସ୍‌ପି ଦାଶରଥି ସେଠୀଙ୍କ ନେତୃତ୍ୱରେ ଟିମ୍ ଏକକାଳୀନ ସମ୍ପତ୍ତିର ଯାଞ୍ଚ କରିଥିଲେ। ମସୁଦ କେଉଁ ଉତ୍ସରୁ ଏହି ସମ୍ପତ୍ତିର ଅଧିକାରୀ ହୋଇଛନ୍ତି ବିଭାଗ ପକ୍ଷରୁ ତାହାର ତଦନ୍ତ ଚାଲିଛି। ଖବର ଲେଖାହେବା ପର୍ଯ୍ୟନ୍ତ ଚଢ଼ାଉ ଜାରି ରହିଥିବାରୁ ସବିଶେଷ ତଥ୍ୟ ହସ୍ତଗତ ହୋଇ ପାରିନାହିଁ।

# ଫେସ୍‌ବୁକ୍‌ରୁ ପ୍ରେମ ପରେ ଅପହରଣ

**ଉଭୟଙ୍କୁ ଉଠାଇନେଲା ଚିଲିକା ପୋଲିସ୍**

ଜଳେଶ୍ୱର, ୧୬।୭(ଡି.ଏନ.ଏ.): ସୋସିଆଲ ମିଡ଼ିଆରେ ଗଢ଼ି ଉଠୁଥିବା ବହୁ ପ୍ରେମ ସମ୍ପର୍କ ପରେ ଅପରାଧର ରୂପ ନେଉଛି। ବାଲେଶ୍ୱର ଜିଲା ଜଳେଶ୍ୱର ଅଞ୍ଚଳର ଜଣେ ଯୁବକ ଫେସବୁକ୍ ମାଧ୍ୟମରେ ଚିଲିକାର କାଳିଜାଇ ଅଞ୍ଚଳର ଜଣେ ନାବାଳିକାଙ୍କୁ ପ୍ରେମ କରୁଥିଲେ। ଉକ୍ତ ଯୁବକ ନାବାଳିକାଙ୍କୁ ପ୍ରଲୋଭନ ଦେଖାଇ ନିଜ ଗାଁକୁ ନେଇ ଆସି ଗାଁ ମନ୍ଦିରରେ ବିବାହ କରିଥିଲେ। ଏ ସମ୍ପର୍କରେ ଯୁବକଜଣକ ନାବାଳିକାଙ୍କ ମା' ବାପାଙ୍କ ସହିତ ଫୋନ୍‌ରେ ଜଣାଇବାରୁ ସେମାନେ ମୋବାଇଲ ଟ୍ରାକିଂ କରି ସେଠାକାର ପୋଲିସ୍ ସହାୟତାରେ ଜଳେଶ୍ୱରରେ ପହଞ୍ଚିଥିଲେ। ଉଭୟ ପୋଲିସ୍‌ର ମିଳିତ ସହଯୋଗରେ ଶୁକ୍ରବାର ସକାଳେ ନାବାଳିକା ଓ ଯୁବକଙ୍କୁ ଚିଲିକା ପୋଲିସ ଉଠାଇନେଇଥିବା ଜଣାପଡିଛି।


**ZILLA SWASTHYA SAMITI, RAYAGADA**
**(UNDER NATIONAL HEALTH MISSION)**

No. 5933/NHM/2021 Date: 16.07.21

**Corrigendum**

No. E-232:- As per our advertisement vide No.- 5726 dated 05.07.2021 published in "The Dharitri & The Prameya" on dated 09.07.2021. The qualifications for the post Block data Manager (BDM) / Asst. to DDM is PGDCA/DCA which may be read as "**DCA/PGDCA from Universities/ AICTE recognized institutions/ NIELIT 'O' Level/ OS-CIT course of OKCL**" and rest are remain unchanged. This is with reference to the Letter No.- 8205 dated 15.07.2021 of Mission Directorate, NHM, Odisha.

**Sd./- CDM&PHO-Cum-District Mission Director**
**Rayagada**

OIPR-10035/11/0003/2122

**ODISHA HYDRO POWER CORPORATION LIMITED**
**OHPC O/o. SR. GENERAL MANAGER, RENGALI HYDRO ELECTRIC PROJECT**
P.O.: RENGALI DAM SITE, PIN- 759105, DIST.- ANGUL (ODISHA)
TEL.: 06760-277214, FAX: 06760-277324, Email: sgmel500@gmail.com
Registered Office At: ODISHA STATE POLICE HOUSING & WELFARE CORPORATION BUILDING, JANAPATH, BHOI NAGAR, BHUBANESWAR - 751022, Tel.: 91-0674-2542983, 2542802, 2545526, 2542826, Fax: 2542102, E-mail: ohpc.co@gmail.com / md@ohplimited.com, WEB: www.ohpcltd.com, CIN: U40101OR1995SGC003963

No. RHEP/TW/PSP/05/2021/3781 Date: 15.07.2021

**NOTICE INVITING TENDER No. 10/2021-22**

No. CAD-637: Sealed tendes are invited in two part i.e. (i) Techno-Commercial Bid & (ii) Price Bid from the registered security agencies having valid licence & fulfilling the eligibility criteria as per the tender specification for the work as mentioned below.

| Sl. No. | Description of Services | Cost of Tender Paper (Non-refundable) in Rs. | EMD in shape of DD/BC/ BG/NSC/ TDR only (Refundable) in Rs. | Period of availability of tender at OHPC website (Sale) | Last date & Time of receipt of Tender | Date & Time of Opening of Techno Commercial Bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Watch & Ward work (i.e. to keep a strict Watch & Ward on all OHPC Properties, regulating movement of Men, Materials & Vehicles, Prevention of trespassing etc.) of Rengali Power House and other Vulnerable Points of RHEP, Rengali | Rs.11,800.00 (Rs.10,000/- + GST @ 18%) | Bid Security Declaration form duly filled in with dated signature & seal of the firm | Dt.26.07.2021 upto 04.00 P.M. on Dt.09.08.2021 | Dt.10.08.2021 (upto 4.30 P.M. | Dt.11.08.2021 at 4.00 P.M. |

For details of the tender documents, terms & conditions please visit our website www.ohpcltd.com.
If any Corrigednum/Addendum to this Tender Call Notice will be made, it will be reflected in OHPC website only.

OIPR-04005/11/0005/2122 Sd./- Unit Head, Rengali H.E. Project, Rengali

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org

ପତ୍ର ସଂଖ୍ୟା: ୨୩୩ ତା:୧୫।୦୭।୨୧

**ବିଜ୍ଞାପନ**

No. CAD-642: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଚନ୍ଦ୍ରଶେଖରପୁର ପ୍ରଥମ ପର୍ଯ୍ୟାୟ ହାଉସିଂ ପ୍ରକଳ୍ପ ଭୁବନେଶ୍ୱରରେ ଫ୍ଲାଟ ଗୃହ ନଂ. ଇ.ଡବ୍ଲ୍ୟୁ.ଏସ୍-୨୩/୪ (EWS-23/4)ଟିକୁ ଶ୍ରୀ ନରେନ୍ଦ୍ର କୁମାର ନାୟକ, ପି.: ନିଧି ନାୟକ, ସା/ପୋ.- ଘୋଡ଼ାଂଶ, ଥା/ଜି.: ଜଗତ୍‌ସିଂହପୁରଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ନରେନ୍ଦ୍ର କୁମାର ନାୟକ ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ କୃଷ୍ଣଚନ୍ଦ୍ର ନାଥ, ପି.- ୰ବାସୁ ନାଥ, ସା/ପୋ: ଫକୀରପୁର, ଥା: ଆନନ୍ଦପୁର, ଜି.: କେନ୍ଦୁଝରଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଫ୍ଲାଟ୍ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ଆବଣ୍ଟନ ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./– ସହ ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-13030/11/0062/2122

No.MM-128:-

**OFFICE OF THE DIVISIONAL FOREST OFFICER, DHENKANAL FOREST DIVISION**

**NOTICE**

**No. 5138; Dt. 15.07.2021**

**To,**
**Sri Ashesh Kumar Nayak**
**Forest Guard (absconded)**
**S/o- Late Sridhar Nayak**
**At- Jantari Bol, PO- Kanapura**
**Via- Kamakhyanagar,**
**Dist- Dhenkanal**
**Pin-759018**

You have been absconded from Government duties un-authorizedly since 15.11.2020 to till now for which you were asked vide this office Memo No. 10742 dt.27.11.2020 to report for joining within 7 days positively. But you did not turn up for joining. Hence, a set of departmental proceedings has been drawn up against you vide this offie Order No. 269 dt.02.06.2021 and the same has been sent to you through Registered Post with A/D vide Postal Registration No. RO007359447IN IVR: 827900735944 dt.04.06.2021 of the Head Post Office, Dhenkanal. But, you neither submitted your written statement of defence against the departmental proceedings within the stipulated period nor attended the office of the undersigned till date.

Hence, you are directed through this notice to join in your duty at Divisional Forest Office, Dhenkanal and submit your written statement of defence within 15 (fifteen) days positively from the date of publication of this notice, failing which, it will be presumed that your are not interested to work as Government employee and accordingly this case will be finalized on its merit like dismissal from Government Service.

This is final notice for your through Paper Publication.

**Sd./- Divisional Forest Officer,**
**Dhenkanal Division**

OIPR-08037/11/0005/2122

**PANCHAYAT SAMITI OFFICE, GAISILET**
**No.1734/Date: 15.07.21**
**CORRIGENDUM**

No.i-110:- In pursuance to Tender Call Notice, No.1642 Dated 10.07.2021 of this office for supply of Furniture (SCIENCE LABORATORY TABLE) and No.1644 Dated 10.07.2021 of this office for supply of Furniture (BENCH and DESK) for various Schools, partial modification in specification has been made as follows:

**Specification of Science Laboratory Table:**

| Sl. No. | Tender Call Notice No. & Date | Name of the item | *Tentative Requirement | Modified specification | Price limited to maximum per Unit (in Rs.) |
|---|---|---|---|---|---|
| 01 | 1642/ 10.07.2021 | Science Laboratory Table | 100 | Laboratory table fitted with Wash basin (Stainless Steel) & swan Neck water Tap with drainage pipe fixed and two holes for Gas Pipe Connection. Table size - 72"x48"x36" (LXWXH) Made out of Table Frame shall be fabricated with vertical M.s. Pipe with 50X25X1.50 mm & Horzontal M.s. Pipe of 25X25X1.25 mm with red oxide & double coat synthetic enamel paints. Frame Covered with Ply Board of 19 mm Thickness as per IS:5509 with Fire Resistance / Proof pasting with preferable coloured Mica as per IS: 2046/1995 of 1 mm Thick both sides as well as all edges for Cup Board with drawers and three selves Chemical Rack. Table Top surface Granite surface of Size - 6'x4' | Rs.34,000.00 |

**Specification of Desk, Bench:**

| Sl. No. | Tender Call Notice No. & Date | Name of the item | *Tentative Requirement | Modified specification | Price limited to maximum per Unit (in Rs.) |
|---|---|---|---|---|---|
| 01 | 1644/ 10.07.2021 | Compact Desk-cum-Bench (Dual Desk) | 1200 | Compact Dek-cum-Bench (Dual Desk made out of M.S. Square Pipe 25x25x1.25 mm with Pre-laminated MDF Board as per IS:14587/98, 18 mm thick. Overall size-42"x30"x33" (LXWXH) Desk Height-30", Bench Height-18", Back rest slope-10 degree, Distance B/W Desk Bench-9", Back rest height-36", Required Board size: Dest Top Board- 42"x16", Bench Top Board- 42"x12", Book shelve Top Board- 40"x12", Book Protector Board- 42"x6", Back Rest Board- 42"x8", Side Edges of PL MDF Board Coloured with adhesive. Color of PL MDF Board- BLUE/ GREEN/ ORANGE / MAROON | Rs.4,000/- |

N.B. The requirments are purely tentative and may vary. The bidder shall be prepared to supply the items as per requisition.
All other details of the said tender call notice remain unchanged.

OIPR-19129/11/0007/2122 Sd./- Block Development Officer, Gaisilet

**OFFICE OF THE PANCHAYAT SAMITI, BIJEPUR**
**Block - Bijepur, Dist.- Bargarh**
**E-mail: ori-bijepur@nic.in**

**No. 1616** **Dt.15.07.21**

**CORRIGENDUM**

No. i-111: In continuation to this office Tender Call Notification No. 1600 Dt.10.07.2021 for **Desk Bench** and Notification No. 1602 Dt.10.07.2021 for Science Table, the specifications of the Desk Bench and Science Table for School Transformations under 5T have now been revised as mentioned below. The bidders are hereby requested to quote thier price as per the revised specifications. All other terms and conditions are remaining unchanged.

**Modified Specification of Science Laboratory Table:**

| Sl. No. | Name of the Item | Tentative Requirement | Modified Specifications | Price limited to Maximum per Unit (in Rs.) |
|---|---|---|---|---|
| 1 | Science Laboratory Table | 100 | Laboratory table fitted with Wash Basin (Stainless Steel TATA/JINDA/SAIL) & Swan Neck Water Tap with drainage pipe fixed and two holes for Gas Pipe Connection. Table Size: 72" × 48" × 36" (L × W × H), Made out of Table Frame shall be fabricated with vertical M.S. Pipe with 50 × 25 × 1.50mm & Horizontal M.S. Pipe of 25 × 25 × 1.25mm with red oxide & double coat synthetic enamel paints. Frame covered with Ply Board of 19mm thickness as per IS:5509 with Fire Resistance/Proof pasting with preferable coloured Mica as per IS:2046/1995 of 1mm thick both sides as well as all edges for cup Board with drawers and three selves Chemical Rack. Table Top Surface - **Granite** surface of Size - 6' × 4'. | Rs.34,000.00 |

**Modified Specification of Desk, Bench**

| Sl. No. | Name of the Item | Tentative Requirement | Modified Specifications | Price limited to Maximum per Unit (in Rs.) |
|---|---|---|---|---|
| 1 | Compact Desk-cum-Bench (Dual Desk) | 1800 | Compact Desk-cum-Bench (Dual Desk) made out of M.S. Square Pipe 25 × 25 × 1.25mm with Pre-laminated MDF Board as per IS:14587/98, 18mm thick. Overall Size : 42" × 30" × 33" (L × W × H) **Desk Height - 30"** **Bench Height - 18"** Back rest slope - 10 Degree, Distance B/W Desk Bench - 9", Back rest Height - 36". Required Board Size: Desk Top Board - 42" × 16", Bench Top Board - 42" × 12", Book Shelve Top Board - 40" × 12", Book Protector Board - 42" × 6", Back Rest Board - 42" × 8", Side edges of PL MDF Board Coloured with adhesive. Color of PL MDF Board. BLUE/GREEN/ORANGE/MAROON | Rs.4,000.00 |

**N.B.: The requirements are purely tentative and may vary. The bidder shall be prepared to supply the items as per requisition.**

**Sd./- Block Development Officer, Bijepur**
**OIPR-19129/11/0008/2122**

**ଜଷ୍ଟ ଡାଏଲକୁ ଅଧିଗ୍ରହଣ କଲା ରିଲାଏନ୍ସ ରିଟେଲ**

**ନୂଆଦିଲ୍ଲୀ, ୧୬।୭:** ମୁକେଶ ଅମ୍ବାନୀଙ୍କ ନେତୃତ୍ୱାଧୀନ ରିଲାଏନ୍ସ ରିଟେଲ ଡିଜିଟାଲ ସର୍ଭିସ କମ୍ପାନୀ ଜଷ୍ଟ ଡାଏଲକୁ ଅଧିଗ୍ରହଣ କରିଛି। ଏହି ଡିଲ୍ ୩୪୯୭ କୋଟି ଟଙ୍କାରେ ହୋଇଛି। କମ୍ପାନୀ ୪୧% ଅଂଶଧନ ହାସଲ କରିଥିବା ଜଣାପଡ଼ିଛି। ଅତିରିକ୍ତ ୨୬% ଅଂଶଧନ ଲାଗି ଓପନ ଅଫର ଆସିବ ବୋଲି ଜଣାପଡ଼ିଛି।



## ସଂକ୍ଷେପରେ

### ମାଲ୍ୟାଙ୍କ ୭୯୨ କୋଟିର ଶେୟାର ବିକିଲେ ବ୍ୟାଙ୍କ

**ନୂଆଦିଲ୍ଲୀ, ୧୬।୭:** ଷ୍ଟେଟ ବ୍ୟାଙ୍କ ନେତୃତ୍ୱାଧୀନ ବ୍ୟାଙ୍କ ସମୂହ ପଡାଳକ ବିଜୟ ମାଲ୍ୟାଙ୍କ ଶେୟାର ବିକ୍ରି ଦ୍ୱାରା ୭୯୨ କୋଟି ଟଙ୍କା ଫେରିପାଇଛନ୍ତି। କିଙ୍ଗଫିସର ଏୟାରଲାଇନ ଏବଂ ବିଜୟ ମାଲ୍ୟାଙ୍କ ଜବତ ହୋଇଥିବା ଶେୟାରକୁ ବ୍ୟାଙ୍କ ବିକିଥିବା ଜଣାପଡିଛି। ଶେୟାର ବିକ୍ରି ସଂକ୍ରାନ୍ତ ରିପୋର୍ଟ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ପ୍ରଦାନ କରିଛି। ଇଡି ପକ୍ଷରୁ ଏହି ଶେୟାରକୁ କନ୍‌ସୋର୍ଟିୟମ ବ୍ୟାଙ୍କକୁ ହସ୍ତାନ୍ତର କରାଯାଇଥିଲା। ଏହା ପୂର୍ବରୁ ବ୍ୟାଙ୍କ ସମୂହ ଇଡି ହସ୍ତାନ୍ତର କରିଥିବା ମାଲ୍ୟାଙ୍କ ସମ୍ପତ୍ତି ବିକ୍ରି କରି ୭,୧୮୧ କୋଟି ଟଙ୍କା ଅସୁଲ କରିଥିବା ଜଣାପଡିଛି। ସେହିଭଳି ନୀରବ ମୋଦି ମାମଲାରେ ୧୦୬୦ କୋଟି ଟଙ୍କାର ସମ୍ପତ୍ତି ବିକ୍ରି କରିବା ଲାଗି ବ୍ୟାଙ୍କଗୁଡିକୁ ଅନୁମତି ପ୍ରଦାନ କରାଯାଇଛି।

### ୫ ବ୍ୟାଙ୍କ ଉପରେ ମାଷ୍ଟରକାର୍ଡ ବ୍ୟାନ୍ ପ୍ରଭାବ

**ନୂଆଦିଲ୍ଲୀ, ୧୬।୭:** ନୂଆ ଗ୍ରାହକ ଯୋଡ଼ିବା ନେଇ ଆର୍‌ବିଆଇ ମାଷ୍ଟରକାର୍ଡ ଉପରେ ରୋକ ଲଗାଇଛି। ଏହାର ପ୍ରଭାବ ଭାରତର ୫ ପ୍ରମୁଖ ବ୍ୟାଙ୍କ ଉପରେ ପଡିବ ବୋଲି ଏକ ରିପୋର୍ଟ ପ୍ରକାଶ ପାଇଛି। ଏହି ବ୍ୟାଙ୍କଗୁଡିକ ମଧ୍ୟରେ ଆକ୍ସିସ ବ୍ୟାଙ୍କ, ୟେସ୍ ବ୍ୟାଙ୍କ, ଇଣ୍ଡସଇଣ୍ଡ ବ୍ୟାଙ୍କ, ଭାରତୀୟ ଷ୍ଟେଟ ବ୍ୟାଙ୍କ ଏବଂ ବଜାଜ ଫିନ୍‌ସର୍ଭ ରହିଥିବା ଜଣାପଡିଛି। ଆର୍‌ବିଏଲ୍ ବ୍ୟାଙ୍କ, ୟେସ୍ ବ୍ୟାଙ୍କ ଏବଂ ବଜାଜ ଫିନସର୍ଭ ସବୁଠାରୁ ବେଶି ପ୍ରଭାବିତ ହେବେ ବୋଲି କୁହାଯାଇଛି। କାର୍ଡ ଜାରି କରିବା ଲାଗି ବ୍ୟାଙ୍କ ଅନ୍ୟ ପ୍ଲାଟ୍‌ଫର୍ମ ଗ୍ରହଣ କରିବା ଲାଗି ୨ରୁ ୩ ମାସ ସମୟ ଲାଗିବ। ଏଭଳି ପ୍ରତିବନ୍ଧକ ଦ୍ୱାରା ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଉପରେ ବେଶି ପ୍ରଭାବ ପଡିବାହିଁ। ସେହିଭଳି କୋଟାକ ମହିନ୍ଦ୍ରା ବ୍ୟାଙ୍କ ସମ୍ପୂର୍ଣ୍ଣ ଭାବେ ଭିଜା କାର୍ଡ ଉପରେ ନିର୍ଭରଶୀଳ ହୋଇଥିବାରୁ ପ୍ରଭାବିତ ହେବନି ବୋଲି ଜଣାପଡିଛି।

# ତେଲ ଟିକସ ହ୍ରାସ ଲାଗି କୁଣ୍ଠକୁଣ୍ଠ

**ନୂଆଦିଲ୍ଲୀ, ୧୬।୭**

କରୋନା କାଳରେ ଲଗାତର ତେଲ ଦର ବୃଦ୍ଧି ଖାଉଟିଙ୍କ ଚିନ୍ତା ବଢ଼ାଇଛି। ଦେଶର ବିଭିନ୍ନ ପ୍ରାନ୍ତରେ ପେଟ୍ରୋଲ, ଡିଜେଲ ଦର ବର୍ତ୍ତମାନ ୧୦୦ ଟଙ୍କା ସ୍ତର ଟପିଛି। ସେହିଭଳି ଗ୍ୟାସ୍ ସହ ଅତ୍ୟାବଶ୍ୟକ ସାମଗ୍ରୀ ଦର ମଧ୍ୟ ଏବେ ଉଚ୍ଚ ସ୍ତରରେ ରହିଛି। ଲୋକମାନେ ସମସ୍ୟାରେ ଥିବା ବେଳେ ଲଗାତର ଦର ବଢ଼ାଇ ସରକାର

- **ଆଦାୟ କରିଛନ୍ତି ପ୍ରାୟ ୨୫ ଲକ୍ଷ କୋଟି**
- **ଅଏଲ ବଣ୍ଡ ମୂଳ ଅର୍ଥରୁ ପରିଶୋଧ ହୋଇଛି ୩,୫୦୦ କୋଟି**

ଟିକସ ଆଦାୟ କରିବାରେ ବ୍ୟସ୍ତ ଅଛନ୍ତି। ହେଲେ ଖାଉଟିଙ୍କ କଷ୍ଟ ଲାଘବ କରିବା ଲାଗି ବର୍ଦ୍ଧିତ ତେଲ ଦର ହ୍ରାସ କରିବା ଭଳି କୌଣସି ପଦକ୍ଷେପ ଅଦ୍ୟାବଧି ନେଇନାହାନ୍ତି। ବିଭିନ୍ନ ମହଲରୁ ଦର ହ୍ରାସ ଲାଗି ବାରମ୍ବାର ଦାବି ଉଠୁଥିଲେ ମଧ୍ୟ ସରକାର ତେଲ ଦର ହ୍ରାସ କରିବା ଲାଗି କୁଣ୍ଠକୁଣ୍ଠ।

ବର୍ତ୍ତମାନ ସାରା ବିଶ୍ୱରେ ଅନ୍‌ଲକ ଜାରି ରହିଥିବା ବେଳେ ଅଶୋଧିତ ତେଲ ଚାହିଦା ବଢ଼ିଛି। ଫଳରେ ଆଗାମୀ ଦିନରେ ମଧ୍ୟ ତେଲ ଦରରୁ ଲୋକଙ୍କୁ ଆଶ୍ୱସ୍ତି ମିଳିବ ନାହିଁ ବୋଲି ବଜାର ବିଶେଷଜ୍ଞମାନେ ଆଶଙ୍କା ପ୍ରକଟ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଆର୍ଥିକ ବର୍ଷ ୨୦୨୦-୨୧ରେ କେନ୍ଦ୍ର ସରକାର ପେଟ୍ରୋଲିୟମ ସାମଗ୍ରୀରୁ ୩.୭୨ ଲକ୍ଷ କୋଟି ଟଙ୍କା ଉତ୍ପାଦ ଟିକସ ବାବଦକୁ ଆଦାୟ କରିଛନ୍ତି। ସେହିଭଳି ରାଜ୍ୟଗୁଡିକ ସମାନ ଅବଧିରେ ୨.୦୩ ଲକ୍ଷ କୋଟି ଟଙ୍କା ସ୍ଥାନୀୟ ବିକ୍ରି ଟିକସ ବା ଭାଲ୍ୟୁ ଆଡେଡ୍ ଟାକ୍ସ(ଭାଟ୍) ଆକାରରେ ଆଦାୟ କରିଛନ୍ତି।

ସେସ୍‌ରେ ରାଜ୍ୟର ଭାଗ ନାହିଁ ପଞ୍ଚଦଶ ଅର୍ଥ କମିଶନଙ୍କ ପ୍ରସ୍ତାବ ମୁତାବକ, କେନ୍ଦ୍ର ସରକାରଙ୍କ ମୋଟ ଟିକସ ସଂଗ୍ରହ ମଧ୍ୟରୁ ରାଜ୍ୟଗୁଡିକର ଅଂଶ ୪୧% ରହିଛି। ମାତ୍ର ସେସ୍ ବାବଦକୁ କେନ୍ଦ୍ର ସରକାର ଯେଉଁ ଅର୍ଥ ଆଦାୟ କରୁଛନ୍ତି ତାହା କେବଳ ନିଜ ନିକଟରେ ରଖୁଛନ୍ତି। ରାଜ୍ୟଗୁଡିକର ଏଥିରେ କୌଣସି ଭାଗ ନାହିଁ, ଯାହାକୁ ନେଇ ରାଜ୍ୟଗୁଡିକ ମଧ୍ୟରେ ଅସନ୍ତୋଷ ଦେଖାଯାଉଛି। କରୋନା କାଳରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ରେକର୍ଡ ନିମ୍ନ ସ୍ତରକୁ ଖସିଥିବା ବେଳେ କେନ୍ଦ୍ର ସରକାର ଏହାର ଫାଇଦା ଉଠାଇ ମାତ୍ରାଧିକ ଟିକସ ଆଦାୟ କରିବାରେ ଲାଗିଛନ୍ତି। ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ବର୍ଦ୍ଧିତ ଟିକସ ଯୋଗୁ ତେଲ ଦର ଖସୁନାହିଁ।

## ଦର ବୃଦ୍ଧି ଲାଗି ଅଏଲ ବଣ୍ଡ କେତେ ଦାୟୀ

ତେଲ ଟିକସ ଆକାଶଛୁଆଁକୁ ନେଇ କେନ୍ଦ୍ର ସରକାର ନିକଟରେ କହିଥିଲେ, ପୂର୍ବର ଉପା ସରକାରଙ୍କ ଭୁଲ୍ ନୀତି ଯୋଗୁ ତେଲ ଦର ଖସୁନାହିଁ। ଏହାକୁ ନେଇ ବଜାର ବିଶେଷଜ୍ଞ କହିଛନ୍ତି, ସରକାର ଦୋଷାରୋପ କରିବା



ଛାଡ଼ି ଦେଲେ ସାଧାରଣ ଲୋକଙ୍କ କଷ୍ଟ ଲାଘବ କରିବା ଭଳି ପଦକ୍ଷେପ ନେବା ଦେଖାଯାଉନାହିଁ। ମୋଦିଙ୍କ ପୂର୍ବର ମନମୋହନ ସିଂଙ୍କ ନେତୃତ୍ୱରେ ଉପା ସରକାର ୧.୪ ଲକ୍ଷ କୋଟିର ଅଏଲ ବଣ୍ଡ ଜାରି କରିଥିଲେ। ଅର୍ଥାତ୍ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ଉଚ୍ଚରେ ରହିଥିବାରୁ ଖାଉଟିଙ୍କ ଉପରେ ଏହାର ବୋଝ ଯେଭଳି ନ ପଡୁ ତାକୁ ଧ୍ୟାନରେ ରଖି ଏଭଳି ପଦକ୍ଷେପ ନିଆଯାଇଥିଲା। ତେଲ କମ୍ପାନୀଗୁଡ଼ିକ ଉପରେ ଯେଭଳି ବୋଝ ନ ପଡୁ ତାକୁ ନଜରରେ ରଖି ଭାରତ ସରକାର ଏହି ଋଣ କରି ତେଲ କମ୍ପାନୀଗୁଡିକୁ ଦେଇଥିଲେ। ଉକ୍ତ ଋଣରୁ ବର୍ଷକୁ ପ୍ରାୟ ୧୦ ହଜାର କୋଟି ଟଙ୍କାର ଋଣ ସୁଧ ସରକାର ଶୁଝୁଛନ୍ତି, ଯାହାର ମୂଲ୍ୟ ପ୍ରାୟ ଅଦ୍ୟାବଧି ୭୦ ହଜାର କୋଟି ଟଙ୍କା ହେବ। ଋଣର ମୂଳ ଅର୍ଥରୁ ସରକାର ଏବେ ସୁଦ୍ଧା ମାତ୍ର ୩,୫୦୦ କୋଟି ଟଙ୍କା ଶୁଝିଛନ୍ତି।

ପୂର୍ବ ସରକାର କରିଥିବା ଋଣର ମୂଳ ଅର୍ଥ ଯଦି ୩,୫୦୦ କୋଟି ଟଙ୍କା ଶୁଝାଯାଇଛି ତେବେ କେନ୍ଦ୍ର ସରକାର କାହିଁକି ଆଳକରି ଦୋଷ ଲଦିବାରେ ବ୍ୟସ୍ତ ଅଛନ୍ତି ବୋଲି ବିଶେଷଜ୍ଞ ମତ ପ୍ରକାଶ କରିଛନ୍ତି। ଯଦି ଋଣ ଏବଂ ସୁଧ କଥା ବିଚାରକୁ ନିଆଯାଏ ତେବେ ବଣ୍ଡ ଅର୍ଥ ବାବଦକୁ ଭାରତ ସରକାରଙ୍କୁ ୨ ଲକ୍ଷ କୋଟିରୁ ସାମାନ୍ୟ ଅଧିକ ଅର୍ଥ ପରିଶୋଧ କରିବାକୁ ପଡ଼ିପାରେ ବୋଲି ଆକଳନ କରାଯାଇଛି। ଆଗାମୀ ୬ ବର୍ଷରେ ବର୍ତ୍ତମାନର ସରକାର ଏବଂ ଆଗାମୀ ଦିନରେ ଆସିବାକୁ ଥିବା ସରକାର ୧.୩ ଲକ୍ଷ କୋଟି ଟଙ୍କା ଶୁଝିବେ। ମୋଦିଙ୍କ ନେତୃତ୍ୱରେ ଭାଜପା ନେତୃତ୍ୱାଧୀନ ସରକାର ଶାସନ କ୍ଷମତାକୁ ଆସିବା ପରେ ପେଟ୍ରୋଲିୟମ ସାମଗ୍ରୀ ଉପରୁ ଟିକସ ବାବଦ ପ୍ରାୟ ୨୫ ଲକ୍ଷ କୋଟି ଟଙ୍କା ଆଦାୟ କରାଯାଇଥିବା ଏକ ରିପୋର୍ଟରେ ପ୍ରକାଶ ପାଇଛି। ସରକାର ଅଏଲ ବଣ୍ଡ ବାବଦ ଯେଉଁ ସୁଧ ପ୍ରଦାନ କରିଛନ୍ତି ସଂଗୃହୀତ ଟିକସ ଅର୍ଥର ମାତ୍ର ୨.୮%। କେବଳ ମନମୋହନ ସିଂଙ୍କ ପ୍ରଧାନମନ୍ତ୍ରିତ୍ୱ ସମୟରେ ନୁହେଁ ବରଂ ଭାଜପା ନେତୃତ୍ୱାଧୀନ ଅଟଳ ବିହାରୀ ବାଜପେୟୀଙ୍କ ସମୟରେ ମଧ୍ୟ ଅଏଲ ବଣ୍ଡ ଜାରି କରାଯାଇଥିବା ଏହି ରିପୋର୍ଟରୁ ସାମ୍ନାକୁ ଆସିଛି। ଟିକସ ଅର୍ଥରୁ ଯଦି ଏହି ସୁଧ ଦିଆଯାଉଛି କିମ୍ବା ମୂଳ ଅର୍ଥ ସରକାର ଅଦ୍ୟାବଧି ଶୁଝିନାହାନ୍ତି ତେବେ ନିଜେ କିଛି ଦୃଢ ପଦକ୍ଷେପ ନେବା ସହ ଖାଉଟିଙ୍କ ବୋଝ ହାଲକା କରିବାକୁ ସରକାର ପ୍ରାଥମିକତା ଦେବା ଉଚିତ ବୋଲି ବିଶେଷଜ୍ଞ ମତ ପ୍ରକାଶ କରିଛନ୍ତି।

### ପେଟ୍ରୋଲ, ଡିଜେଲରେ ଜିଏସ୍‌ଟି କେବେ

ପେଟ୍ରୋଲ, ଡିଜେଲ ଜିଏସ୍‌ଟି ପରିସରକୁ ଆସିଲେ ଲୋକମାନେ ସାମାନ୍ୟ ଆଶ୍ୱସ୍ତି ଲାଭ କରନ୍ତେ ବୋଲି କୁହାଯାଉଛି। କେନ୍ଦ୍ର ଏବଂ ରାଜ୍ୟ ମଧ୍ୟରେ ଏ ନେଇ ସହମତି ପ୍ରକାଶ ପାଇପାରୁନାହିଁ। ତେଲ ଦରରୁ ଖାଉଟିଙ୍କୁ କେବେ ଆଶ୍ୱସ୍ତି ମିଳିବ ତାହା ସମୟ ହିଁ କହିବ।



କଟକ ଫୁଲନଖରା ବମ୍ପକୁଦଠାରେ ରହିଥିବା ଆଦିତ୍ୟ ମୋଟର୍ସ ଶୋ'ରୁମ୍‌ରେ ନୂଆ ଯାନ 'ବୋଲେରୋ ନିଓ'ର ଶୁଭାରମ୍ଭ ହୋଇଛି। କାର୍ଯ୍ୟକ୍ରମରେ ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରାର ଏଏସ୍‌ଏମ୍ କିଶୋର କୌଶଲ, ଆଦିତ୍ୟ ମୋଟର୍ସର ଜେନେରାଲ ମ୍ୟାନେଜର ମନୋଜ କୁମାର ରଥ, ଚୋଲମଣ୍ଡଳମ ଫାଇନାନ୍ସର ଜେଡ୍‌ଏସ୍‌ଏମ୍ ଅନୀଲ ରାଓ୍ୱତ, ଆଦିତ୍ୟ ମୋଟର୍ସର ବିକ୍ରି ବିଭାଗ ଏଜିଏମ୍ ଦେବାଶିଷ ଶୁକ୍ଳା ପ୍ରମୁଖଙ୍କ ସମେତ ବିଭିନ୍ନ ଫାଇନାନ୍ସ କମ୍ପାନୀର ଅଧିକାରୀମାନେ ଉପସ୍ଥିତ ଥିଲେ।



ଭୁବନେଶ୍ୱରସ୍ଥିତ ଉତ୍କଳ ମହିନ୍ଦ୍ରା ଶୋ'ରୁମ୍‌ରେ 'ବୋଲେରୋ ନିଓ'କୁ ଉନ୍ମୋଚନ କରାଯାଇଛି। ଉତ୍କଳ ଅଟୋମୋବାଇଲ୍ସର ନିର୍ଦ୍ଦେଶକ ସୌନକ ପାରିକ, ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରାର ଏଏସ୍‌ଏମ୍ ମନୋଜ ମହାପାତ୍ର, ଭୁବନେଶ୍ୱରର ଆର୍‌ଟିଓ-୨ ବିରଞ୍ଚି ଅଧିକାରୀ ଉପସ୍ଥିତ ରହି ଯାନଟିକୁ ବଜାର ପ୍ରବେଶ କରାଇଥିଲେ।

## ବଜାରରେ ମହିନ୍ଦ୍ରାର ବୋଲେରୋ ନିଓ

**ଭୁବନେଶ୍ୱର, ୧୬।୭**

ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଲିମିଟେଡ୍ ପକ୍ଷରୁ ନୂଆ ଯାନ 'ବୋଲେରୋ ନିଓ' ବଜାର ପ୍ରବେଶ କରାଯାଇଛି। ଯାନଟିର ପ୍ରାରମ୍ଭିକ ମୂଲ୍ୟ ୮.୪୮ ଲକ୍ଷ ଟଙ୍କା ରହିଛି। ସ୍କର୍ପିଓ ଏବଂ ଥର୍‌ରେ ବ୍ୟବହାର କରାଯାଇଥିବା ତୃତୀୟ ପିଢ଼ିର ଚେସିସ୍ ଏଥିରେ ବ୍ୟବହାର କରାଯାଇଛି। ମହିନ୍ଦ୍ରାର ଏମ୍ ହକ୍ ଇଞ୍ଜିନ କ୍ଷମତା ଗ୍ରାହକ ଏଥିରେ ଲାଭ କରିପାରିବେ। ଅତ୍ୟାଧୁନିକ ବାହ୍ୟ ଡିଜାଇନ ସହ ପ୍ରିମିୟମ ଇଟାଲିଆନ ଡିଜାଇନ ଇଣ୍ଟେରିୟର ସ୍ଥାନିତ କରାଯାଇଛି। ଶୁକ୍ରବାରଠାରୁ ସାରା ଦେଶରେ ରହିଥିବା ଡିଲରଶିପ୍‌ଗୁଡିକରେ ଗ୍ରାହକ ଏହି ଯାନଟିକୁ ଲାଭ କରିପାରିବେ।

**ଫୁରସତ୍**

# ସମସ୍ତଙ୍କ ପାଇଁ ନ୍ୟାୟ ଅନିବାର୍ଯ୍ୟ

ବିଶାଳ ଏ ବିଶ୍ୱ। ସୀମାଠୁ ଶରଣାର୍ଥୀ। ଆତଙ୍କବାଦଠୁ ସାମ୍ପ୍ରଦାୟିକ ହିଂସା। ଏମିତି ଅନେକ ସମସ୍ୟା। ଏହାକୁ ବାଦ୍‌ଦେଲେ ଗରିବୀ, ବେରୋଜଗାରୀ, ଅନାହାର, ବିଶ୍ୱତାପନ, ଯୁଦ୍ଧ ଭଳି ସମସ୍ୟା ସମଗ୍ର ମାନବଜାତିକୁ ବିପଦରେ ପକାଇଛି। ଏସବୁ ଭିତରେ ପୃଥିବୀର ପ୍ରତିଟି ମଣିଷକୁ ନ୍ୟାୟ ପ୍ରଦାନ ସୁନିଶ୍ଚିତ କରିବା ଯେତିକି ଗୁରୁତ୍ୱପୂର୍ଣ୍ଣ, ସେତିକି ପ୍ରାସଙ୍ଗିକ ମଧ୍ୟ। ଏହାକୁ ଦୃଷ୍ଟିରେ ରଖି ପ୍ରତିବର୍ଷ ଜୁଲାଇ ୧୭ରେ ପାଳନ ହୁଏ ଅନ୍ତର୍ଜାତୀୟ ନ୍ୟାୟ ଦିବସ।



### ଆଜି ଅନ୍ତର୍ଜାତୀୟ ନ୍ୟାୟ ଦିବସ

ଅନ୍ତଃରାଷ୍ଟ୍ରୀୟ ନ୍ୟାୟ ଦିବସ ଅନ୍ତଃରାଷ୍ଟ୍ରୀୟ ଆପରାଧିକ ନ୍ୟାୟ ଦିବସ ଭାବେ ଜଣାଶୁଣା। ଅନ୍ତର୍ଜାତୀୟସ୍ତରରେ ସମସ୍ତଙ୍କୁ ନ୍ୟାୟ ପ୍ରଦାନ କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ। ଏହାକୁ ବାଦ୍‌ଦେଲେ ଗୁରୁତ୍ୱପୂର୍ଣ୍ଣ ଅନ୍ତଃରାଷ୍ଟ୍ରୀୟ ପ୍ରସଙ୍ଗର ଆପୋସ ସମାଧାନ କରିବା, ସୁରକ୍ଷା, ସଦ୍‌ଭାବନା, ସଂହତିକୁ ଗୁରୁତ୍ୱ ଦେଇ ବିଶ୍ୱଶାନ୍ତି ପ୍ରତିଷ୍ଠା କରିବା ଏହାର ଆଉ ଏକ ଲକ୍ଷ୍ୟ। ଏହି ଦିବସ ସେହିମାନଙ୍କ ପାଇଁ ସମର୍ପିତ, ଯେଉଁମାନେ ନ୍ୟାୟକୁ ସମର୍ଥନ କରିଥାଆନ୍ତି ଏବଂ ପୀଡ଼ିତଙ୍କ ଅଧିକାର ଦାବି କରି ସ୍ୱର ଉଠାଇଥାଆନ୍ତି।

ଇଣ୍ଟରନ୍ୟାଶନାଲ କ୍ରିମିନାଲ କୋର୍ଟ (ଆଇସିସି)ର ମୂଳଦୁଆ ପଛରେ ରହିଛି ରୋମ ସମ୍ମେଳନର ପ୍ରମୁଖ ଭୂମିକା। ପୃଥିବୀର ପ୍ରତି ନିଷ୍ପେସିତ, ପୀଡ଼ିତଙ୍କୁ ନ୍ୟାୟ ପ୍ରଦାନ କରିବାକୁ ରୋମ ସମ୍ମେଳନର ବର୍ଷପୂର୍ତ୍ତି ଅବସରରେ ସମ୍ମିଳିତ ହୋଇଥିବା ରାଷ୍ଟ୍ରସମୂହ ସ୍ୱତନ୍ତ୍ର ଭାବେ ଏକ ଅନ୍ତଃରାଷ୍ଟ୍ରୀୟ କ୍ରିମିନାଲ କୋର୍ଟ ସ୍ଥାପନ କରିବା ଲାଗି ସହମତି ଜଣାଇଥିଲେ। ପରବର୍ତ୍ତୀ ସମୟରେ ଏଥିଲାଗି ବିଧିବଦ୍ଧ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ୨୦୦୨ ଜୁଲାଇ ୧୦ଠାରୁ ନେଦରଲାଣ୍ଡର ହେଗ୍ ସହରରେ ବିଧିବଦ୍ଧ ଭାବେ ଆରମ୍ଭ ହୋଇଥିଲା ଆଇସିସି। ଅଦ୍ୟାବଧି ଏଥିରେ ୧୨୩ ଦେଶ ସଦସ୍ୟ ଅଛନ୍ତି।

ଆଇସିସି ହେଉଛି ସ୍ୱତନ୍ତ୍ର ଅନ୍ତଃରାଷ୍ଟ୍ରୀୟ ନ୍ୟାୟିକ ସଂସ୍ଥାନ। ବିଶ୍ୱସ୍ତରରେ ହେଉଥିବା ଜଘନ୍ୟ ମାନବାଧିକାର ଉଲ୍ଲଂଘନ ମାମଲାଗୁଡ଼ିକର ଶୁଣାଣି ଏଠାରେ ହୋଇଥାଏ। ଗଣସଂହାର, ଯୁଦ୍ଧ ଅପରାଧ, ମାନବତା ପ୍ରତି ବିପଦ ଥିବା ପ୍ରତ୍ୟେକ ମାମଲାର ଶୁଣାଣି ଏହି କୋର୍ଟରେ କରାଯାଏ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ଆଇସିସି କୌଣସି ରାଷ୍ଟ୍ରର କୋର୍ଟକଚେରି ମାମଲାରେ ହସ୍ତକ୍ଷେପ କରେନାହିଁ। ଯଦି କୌଣସି ଦେଶ ଅପରାଧୀଙ୍କ ବିରୋଧରେ ମକଦ୍ଦମା କରିବାକୁ ପଛଘୁଞ୍ଚା ଦିଏ କିମ୍ବା ମାନବତା ବିପଦରେ ପଡ଼ିଥିବା ଭଳି ଅଭିଯୋଗ ଆସିଲେ, ଆଇସିସିରେ ମାମଲାର ବିଚାର ହୋଇଥାଏ। ଅନ୍ତର୍ଜାତୀୟ ନ୍ୟାୟ ଦିବସର ମୌଳିକ ଉଦ୍ଦେଶ୍ୟର ପ୍ରଚାର ପ୍ରସାର କରିବା ଲାଗି ପ୍ରତିବର୍ଷ ଜୁଲାଇ ୧୭ରେ ସଚେତନତାମୂଳକ କାର୍ଯ୍ୟକ୍ରମର ଆୟୋଜନ କରାଯାଏ। ଅନ୍ତଃରାଷ୍ଟ୍ରୀୟ ମଞ୍ଚ, ଗଣମାଧ୍ୟମରେ ସ୍ୱତନ୍ତ୍ର ଶୋ' ପ୍ରଦର୍ଶିତ ହୋଇଥାଏ। ମହିଳା ହିଂସା, ନରସଂହାର ଭଳି ଜଘନ୍ୟ ଅପରାଧ ବିରୋଧରେ ଲଢ଼େଇ କରୁଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଏ।

## ବିବାହ ଏଡ଼ାଇବାକୁ ଆଇଏଏସ୍

**ଚଣ୍ଡିଗଡ଼:** କଠିନ ପରିଶ୍ରମ ଆଉ ଦୃଢ଼ ମନୋବଳ ହିଁ ସଫଳତାର ମୂଳମନ୍ତ୍ର। ଏହାକୁ ପ୍ରମାଣ କରି ଦେଖାଇଛନ୍ତି ହରିୟାଣାର ନିଧି ସିବାଚ। ବିବାହ ପ୍ରସ୍ତାବକୁ ଏଡ଼ାଇବା ଜିଦ୍‌ରେ ଏବେ ସେ ଆଇଏଏସ୍ ଅଫିସର ହୋଇପାରିଛନ୍ତି। ହରିୟାଣାର ଗୁରୁଗ୍ରାମରେ ରହନ୍ତି ନିଧି ସିବାଚ। ମେକାନିକାଲ ଇଞ୍ଜିନିୟରିଂ ଡିଗ୍ରୀ ପାଇବା ପରେ ସେ ହାଇଦ୍ରାବାଦରେ



ଏକ କମ୍ପାନୀରେ ଚାକିରି କରିଥିଲେ। ମୋଟା ଅଙ୍କର ଦରମା ବି ପାଉଥିଲେ। କିନ୍ତୁ ଚାକିରିକୁ ନେଇ ସେ ସନ୍ତୁଷ୍ଟ ନ ଥିଲେ। କାରଣ ସେ ଆଇଏଏସ୍ ଅଫିସର ହେବାକୁ ଚାହୁଁଥିଲେ। ତେଣୁ ଚାକିରି ଛାଡ଼ି ଘରକୁ ଚାଲି ଆସିଥିଲେ ୟୁପିଏସ୍‌ସି ପରୀକ୍ଷା ଦେବା ପାଇଁ। କିନ୍ତୁ ଘର ଲୋକଙ୍କୁ ତାଙ୍କର ଏଭଳି ନିଷ୍ପତ୍ତି ପସନ୍ଦ ଆସି ନ ଥିଲା। ତେଣୁ ସେ ତାଙ୍କର ବିବାହ ଶୀଘ୍ର କରାଇ ଦେବାକୁ ଚାହୁଁଥିଲେ। ଝିଅଟିଏ ହୋଇ ଅଧିକ ପଢ଼ିବା କିଛି ଆବଶ୍ୟକ ନାହିଁ, ବରଂ ବିବାହ କରି ଘର ସଂସାର କରିବା ଉଚିତ ବୋଲି ଘର ଲୋକେ କହିଥିଲେ। କିନ୍ତୁ ନିଧି କାହା କଥା ମାନିବାକୁ ପ୍ରସ୍ତୁତ ନ ଥିଲେ। କିନ୍ତୁ ଭାଗ୍ୟର ବିଡମ୍ବନା ଚାକିରି ଛାଡ଼ି ଆସିବା ପରେ ଭଲ ଭାବରେ ପ୍ରସ୍ତୁତ ହୋଇ ନ ଥିବାରୁ ସେ ପ୍ରଥମ ଥର ପରୀକ୍ଷାରେ କୃତକାର୍ଯ୍ୟ ହୋଇପାରି ନ ଥିଲେ। ତେଣୁ ଘର ଲୋକେ ତୁରନ୍ତ ତାଙ୍କର ବିବାହ କରାଇଦେବା ପାଇଁ ଜିଦ୍ ଧରିଥିଲେ। ମାତ୍ର ଘର ଲୋକଙ୍କୁ ଚ୍ୟାଲେଞ୍ଜ କରି ନିଧି ୬ ମାସ ପଢ଼ାପଢ଼ି କରିବା ପରେ ପରୀକ୍ଷାରେ କୃତକାର୍ଯ୍ୟ ହେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତେଣୁ ତା' ପରଠାରୁ ସେ କାହା ସହ କୌଣସି କଥାବାର୍ତ୍ତା ନ କରି ମନଦେଇ ପଢ଼ିବା ଆରମ୍ଭ କରିଥିଲେ। ମାତ୍ର ୬ ମାସର ପ୍ରସ୍ତୁତି ପରେ ସେ ପରୀକ୍ଷା ଦେଇ ସଫଳତା ହାସଲ କରିଛନ୍ତି। ଏବେ ସେ ଆଇଏଏସ୍ ପରୀକ୍ଷାରେ ୮୫ ର୍‍ୟାଙ୍କ ରଖି ସଫଳତା ପାଇଛନ୍ତି। କଠିନ ପରିଶ୍ରମ ଓ ଜିଦ୍ କରି ସେ ଏହି ସଫଳତା ହାସଲ କରିଥିବା କହିଛନ୍ତି। ତେଣୁ ଏବେ ସେ ବିବାହ ନ କରି ବରଂ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବେ ବୋଲି କହିଛନ୍ତି। ଘର ଲୋକେ ବି ନିଧିଙ୍କ କଥାକୁ ଏବେ ଖୁସିରେ ସମର୍ଥନ କରୁଛନ୍ତି।

17th Birth Anniversary



BS. GRACY
At- Nuaganbad, Khaira, Balasore
*wish you a very Happy Birthday.*
-:With best compliments from:-
Omm, Som and Family Members.
D-21098

**ପଦାର୍ଥ ବିଜ୍ଞାନରେ ପିଏଚ୍.ଡି. ଲାଭ**



ଗବେଷିକା ସୋନାଲି ପଟନାଏକ ଭୁବନେଶ୍ୱର ସ୍ଥିତ "ଶିକ୍ଷା ଓ ଅନୁସନ୍ଧାନ" ବିଶ୍ୱବିଦ୍ୟାଳୟ (SOA), ପଦାର୍ଥ ବିଜ୍ଞାନ (Physics) ବିଭାଗରୁ ସମ୍ମାନ ଜନକ ଡକ୍ଟରେଟ୍ ଉପାଧି ଲାଭ କରିଛନ୍ତି। ସେ Prof. P.C. Dashଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ Electro Magnetic and Weak Decays of BC Meson ଉପରେ ଗବେଷଣା କରୁଥିଲେ। ଏହି ସନ୍ଦର୍ଭ (Thesis)ଟି ହାଇଦରାବାଦ ସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର School of Physicsର ମୁଖ୍ୟ Prof. Rukmani Mohanta ଏବଂ External Examiner (Foreign), Australiaର Adelaide Universityର ବରିଷ୍ଠ ତଥା ବିଶ୍ୱର ପ୍ରତିଷ୍ଠିତ ପଦାର୍ଥ ବିଜ୍ଞାନବିତ Prof. Anthony W Thomas, ACFAAଙ୍କ ଦ୍ୱାରା ପରୀକ୍ଷିତ ହୋଇ ଉଚ୍ଚ ପ୍ରଶଂସିତ ହୋଇଅଛି। ତାଙ୍କର ଏଇ ଗବେଷଣାରେ ଉତ୍କଳ ବିଶ୍ୱବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗର ପୂର୍ବତନ ମୁଖ୍ୟ Prof. Niranjan Barik ଏବଂ ଶ୍ରୀରାମଚନ୍ଦ୍ର ଭଞ୍ଜ ଦେବ ବିଶ୍ୱବିଦ୍ୟାଳୟର କାର୍ଯ୍ୟରତ Prof. Susmita Karଙ୍କର ଯଥେଷ୍ଟ ଅବଦାନ ଥିବାରୁ ସୋନାଲି ସେମାନଙ୍କ ପାଖରେ କୃତଜ୍ଞତା ଜ୍ଞାପନ କରିଛନ୍ତି। Dr. Patnaik ନିଜର ଗବେଷଣାକୁ ସ୍ୱର୍ଗତା ଜେଜେମାଁଙ୍କୁ ଉତ୍ସର୍ଗ କରିଛନ୍ତି। ସେ ସମ୍ବଲପୁର ସ୍ଥିତ ଅବସରପ୍ରାପ୍ତ ସହକାରୀ ନିର୍ଦ୍ଦେଶକ ଶ୍ରୀଯୁକ୍ତ ରୂପ କୁମାର ପଟନାଏକ ଏବଂ ଶିକ୍ଷୟିତ୍ରୀ ଶ୍ରୀମତୀ ସୁଧା ପଟନାଏକଙ୍କ କନିଷ୍ଠା କନ୍ୟା ଅଟନ୍ତି। ତାଙ୍କର ଏହି ସଫଳତାରେ ପରିବାର, ଅଜା, ଆଈ, ନାନୀ Priyanka, ଭିଣୋଇ Siddharta, ବନ୍ଧୁ, ସହପାଠୀମାନେ ବେଶ୍ ଖୁସି ଅନୁଭବ କରିଛନ୍ତି ଏବଂ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତାଙ୍କର ଉତ୍ତରୋତ୍ତର ସଫଳ କାମନା ନିମନ୍ତେ ପ୍ରାର୍ଥନା କରିଛନ୍ତି।
ଧ-୨୧୦୯୪





## ୧୪ବର୍ଷ ବୟସରୁ ମଡେଲିଂ ଆରମ୍ଭ କରିଥିଲେ କ୍ୟାଟ୍ରିନା

**ମୁମ୍ବାଇ:** ବଲିଉଡ ବାର୍ବି ଡଲ୍ କ୍ୟାଟ୍ରିନା କୈଫ ବ୍ୟାକ୍ ଟୁ ବ୍ୟାକ୍ ଫିଲ୍ମ କରିବା, ନିଜର ସୁନ୍ଦରତା ଓ ଷ୍ଟାଇଲିଷ୍ଟ ପାଇଁ ବେଶ୍ ଚର୍ଚ୍ଚାରେ ରହିଥାନ୍ତି। ଅନେକ ସମୟରେ ସୋସିଆଲ ମିଡିଆରେ ନିଜର ଫଟୋ ଓ ଭିଡିଓ ଶେୟାର କରୁଥିବା କ୍ୟାଟ୍ରିନା ଶୁକ୍ରବାର ନିଜର ୩୮ତମ ଜନ୍ମଦିନ ପାଳନ କରିଛନ୍ତି। ଫିଲ୍ମ ଇଣ୍ଡଷ୍ଟ୍ରିରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା କ୍ୟାଟ୍ରିନାଙ୍କୁ ଦୀର୍ଘ ୧୮ ବର୍ଷ ଧରି ଲମ୍ବା ଓ କଠିନ ଯାତ୍ରା କରିବାକୁ ପଡ଼ିଥିଲା। ଯେତେବେଳେ କ୍ୟାଟ୍ରିନା ଫିଲ୍ମ ଇଣ୍ଡଷ୍ଟ୍ରିରେ ପାଦ ରଖିଥିଲେ ସେତେବେଳେ ତାଙ୍କୁ ହିନ୍ଦୀ ଭାଷା କହିବାକୁ ବହୁ ସମସ୍ୟା ହେଉଥିଲା। ଆଜି ସେ ହିନ୍ଦୀ ଚଳଚ୍ଚିତ୍ରର ଜଣେ ସଫଳ ଅଭିନେତ୍ରୀ। ସବୁ ବଡ଼ ଅଭିନେତା ତାଙ୍କ ସହ କାମ କରିବାକୁ ଚାହୁଁଛନ୍ତି। ବଲିଉଡ୍‌ରେ ସର୍ବାଧିକ ଆୟ କରୁଥିବା ଅଭିନେତ୍ରୀଙ୍କ ମଧ୍ୟରୁ କ୍ୟାଟ୍ରିନା ଅନ୍ୟତମ। ତେବେ ବଲିଉଡ୍‌ରେ ପାଦ ରଖିବା ପୂର୍ବରୁ କ୍ୟାଟ୍ରିନା ମଡେଲିଂ କରୁଥିଲେ। ଅନେକ ମ୍ୟାଗାଜିନରେ ସେ ନିଜର ବୋଲ୍ଡ ଫଟୋଶୁଟ କରାଇଛନ୍ତି। ୧୪ବର୍ଷ ବୟସରୁ ମଡେଲିଂ ଆରମ୍ଭ କରିଥିବା କ୍ୟାଟ୍ରିନା ୨୦୦୩ରେ ରିଲିଜ ହୋଇଥିବା ଫିଲ୍ମ 'ବୁମ୍' ଜରିଆରେ ବଲିଉଡ୍‌ରେ ଡେବ୍ୟୁ କରିଥିଲେ। ଏହି ଫିଲ୍ମରେ ସଫଳତା ନ ମିଳିବାରୁ ସେ ସାଉଥ ସିନେମା ପ୍ରତି ରୁଚି ଦେଖାଇଥିଲେ। ୨୦୦୪ରେ ତେଲଗୁ ଫିଲ୍ମ 'ମଲ୍ଲିସ୍ୱରୀ'ରେ ତାଙ୍କର ଅଭିନୟର ଯାଦୁ ଦେଖିବାକୁ ମିଳିଥିଲା। ଏହି ଫିଲ୍ମ ପାଇଁ ସାଉଥ ଇଣ୍ଡଷ୍ଟ୍ରି ତାଙ୍କୁ ସର୍ବାଧିକ ୭୫ଲକ୍ଷ ଟଙ୍କା ଦେଇଥିଲା। ସେହି ସମୟରେ ସେ ତେଲଗୁ ଫିଲ୍ମର ହାଇଏଷ୍ଟ ପେଡ୍ ଅଭିନେତ୍ରୀ ଭାବେ ବିବେଚିତ ହୋଇଥିଲେ।

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**GALAXY TOWER COMPANY**
ଭାରତ ସରକାର ଦ୍ୱାରା ସ୍ୱୀକୃତିପ୍ରାପ୍ତ ନିଜ ଛାତ, ଜମି, କ୍ଷେତ ଏବଂ ଖାଲି ସ୍ଥାନ ମାନଙ୍କରେ 4G/5G ର Digital Mobile Network ଲଗାନ୍ତୁ।
ଧୋକାବାଜ କମ୍ପାନୀ ରୁ ସାବଧାନ ରୁହନ୍ତୁ
Advance : 60 Lakh
ଭଡା : ୪୫,୦୦୦/- ମାସିକ, ଚାକିରି, ଦରମା : ୨୦,୦୦୦/- (PF+ESI) +ଏକ ବାଇକ
7589604782
8004034927

**BANSAL TOWER COMPANY**
GOVT APPROVED COMPANY ଦ୍ୱାରା ମାନ୍ୟତା ପ୍ରାପ୍ତ ନିଜର ଖାଲି ଥିବା ଜମି, କ୍ଷେତ, ଛାତ ଏବଂ ଖାଲି ସ୍ଥାନ ମାନଙ୍କରେ 4G/5G ଟାୱାର ଲଗାନ୍ତୁ।
FAKE COMPANY ଠାରୁ ସାବଧାନ ରୁହନ୍ତୁ।
Advance: 60 Lakhs
ମାସିକ ଭଡା: ୪୫୦୦୦
ଏବଂ ଜଣଙ୍କୁ ଚାକିରି ଦିଆଯିବ।
Contact- 7376459854 / 9518817448

**ବାବା ଅମିଲ୍ ସୁଫି**
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9911436726
8800979262

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## କବିତା



### ବାହୁଡ଼ା ଯାତ୍ରା

ଆଷାଢ଼ ଆସିଲା ମେଘ ଗରଜିଲା
ବେଙ୍ଗ ଦେଲେ ହୁଳହୁଳି,
ପହିଲି ବର୍ଷାରେ କୁନି ପିଲାମାନେ
ଗାଁଦାଣ୍ଡେ ହେଲେ ମେଳି।
ମା' ଡାକ ଦେଇ କହିଲେ ବାବୁରେ
ବର୍ଷାରେ ତିନ୍ତିଲେ ହୋଇବ ଜ୍ୱର
ଡଙ୍ଗା କରିଦେବି ଭସାଇବୁ ତୁ
ଆନନ୍ଦରେ ହେବୁ ବିଭୋର।
ବାହୁଡ଼ା ଆସୁଛି ଗଡ଼ିବ ରଥ
ରଥରେ ବସିବେ ଶ୍ରୀଜଗନ୍ନାଥ।
ବଡ଼ଦାଣ୍ଡେ ଦେଖି ଚତୁର୍ଦ୍ଧା ମୂରତି
ଆନନ୍ଦରେ ମନ ଉଠବ ନାଚି।
କରୋନା ଭୂତାଣୁ କୋକୁଆ ଭୟରେ
ବିନା ଭକ୍ତେ ପ୍ରଭୁ କରୁଛ ଲୀଳା,
କରୋନା ଦାଉରୁ ସଭିଙ୍କୁ ରଖିଣ
ଯଶ କୀର୍ତ୍ତି ରଖ ହେ ଚକାଡୋଳା।

– **ତ୍ରିନାଥ ପରିଡ଼ା,**
*ଲକ୍ଷ୍ମୀନାରାୟଣପୁର, ପିପିଲି*

### ଆଖି ରହିବ ଲାଖି

ଯାଇଥିଲି ଦିନେ ମାଉସୀ ଘର
ଦେଖିଲି ବଗିଚା କେଡ଼େ ସୁନ୍ଦର।
ଫୁଟିଥିଲା ଫୁଲ କେତେ ରଙ୍ଗର
ପ୍ରଜାପତି ମାନେ ମେଲାଇ ପର।
ବଗିଚାଟିଏ ମୁଁ କାଲି କରିବି
ପ୍ରଜାପତିଙ୍କୁ ଡାକି ଆଣିବି।
ଫୁଲ ଫୁଟିଥିବ ବହୁ ରଙ୍ଗର
ନାଲି, ଧଳା, ନୀଳ କେତେ ସୁନ୍ଦର।
ଫୁଲ ସହ ପତ୍ର ସୁନ୍ଦର ଦେଖି
ସଭିଙ୍କର ଆଖି ରହିବ ଲାଖି।

–**ନିର୍ମାଲ୍ୟ ପ୍ରସାଦ ନାୟକ**
*ଶ୍ରେଣୀ –୮ମ, ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର, ପିପ୍ପଳମାଧ, ଜଗତ୍‌ସିଂହପୁର*

### ହେବା ସାବଧାନ

ଅସାବଧାନ ରହିଲେ
କରୋନା ହେବ ସିନା,
ରୋଗ ଆମକୁ ହୁଏ
ସାବଧାନ ବିନା।
ମାସ୍କରେ ଘୋଡାଇ ରଖିଲେ ବଦନ
କରୋନାମୁକ୍ତ ହେବା ଆମର ସପନ।



ଘରେ ରହିବା, ବାହାରକୁ
ଯିବା ନାହିଁ ସବୁବେଳେ
କରୋନା ଭୂତାଣୁ ଆସିପାରେ
ସାଙ୍ଗରେ କେତେବେଳେ।
ଘରେ ରହି ଖାଅ ଉତ୍ତମ ଆହାର,
ସ୍ୱଚ୍ଛ ପରିବେଶରେ କରିବା ବିହାର।
କରୋନା ରୋଗୀଙ୍କ ସେବାରେ
ଡାକ୍ତର ଲାଗିଛନ୍ତି ରାତିଦିନ,
ସମ୍ମାନ ଦେବା ତାଙ୍କୁ
ଖୁସି ହେବ ତାଙ୍କ ମନ।

–**ଶୁଭମ୍ ମହାପାତ୍ର,** *କ୍ଲାସ–୮ମ,*
*ଅମ୍ରିତା ବିଦ୍ୟାଳୟ, ଭୁବନେଶ୍ୱର*

### ହସି ହସାଇବା ଦୁନିଆ

ଜଙ୍ଗଲ, ଆକାଶ, ବିଲମାଳ, ଯୋର
ସବୁଜ, ଶ୍ୟାମଳ କ୍ଷେତ
ଡାକି କହିଯାନ୍ତି ଖୁସି ଦେବୁ ଡାକି
ଆମ ସାଥେ ବସ ମିତ।
ସୂରୁଜ କହିଲା ତୁମ ପାଇଁ ମୁହିଁ



ଜଳୁଥାଏ ଦିନ ରାତି
ଅନ୍ଧାର ହଟାଇ ଆଲୁଅ ମୁଁ ଦିଏ
ସହୁଥାଏ କେତେ ତାତି।
ନଈ ଦିଏ ଜଳ, ଗଛ ଦିଏ ଫଳ
ମାଟି ତ ଆଶ୍ରୟ ଦେଇ
ସବୁରି ହିତରେ ଖଞ୍ଜିଛି ବିଧାତା
ଏକକୁ ଆରେକ ପାଇଁ।
ଚିଡ଼ିରି ଚଢ଼େଇ ଡେଣା ଝାଡ଼ିଦେଇ
କହିଲା ମାନ ମୋ କଥା
ସଂସାର ହିତରେ କାମ କରିଯାଅ
ବିଭୂପଦେ ରଖି ମଥା।
ମନରେ ରଖିଲେ ସ୍ୱାର୍ଥ ଭାବନା
କେବେମିଳେ ନାହିଁ ଖୁସି
ସାରା ପୃଥିବୀକୁ ନିଜର କରିବା
ଆନନ୍ଦେ ରହିବା ହସି।

–**ନିବେଦିତା ନନ୍ଦ ,**
*ବାସନ୍ତୀ କଲୋନୀ, ରାଉରକେଲା–୧୨*

## ଆଇନା




## ଭକ୍ତର ଭଗବାନ

ଗପ

ଫ୍ରାନ୍‌ସିସ ଆସିଛି ବିଦେଶରୁ। ସେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଭାରି ଭକ୍ତି କରେ। ତାଙ୍କୁ ସ୍ମରଣ କରି ସେ ଦିନର କାମ ଆରମ୍ଭ କରେ। ସବୁବେଳେ ପରୋପକାର କରି ଧର୍ମର ରାସ୍ତାରେ ଚାଲିଥାଏ। କେବେ ସେ କାହାର କ୍ଷତି କରେନା କି କୌଣସି ଅଧର୍ମ କାର୍ଯ୍ୟ କରେନା। ପ୍ରତି ବର୍ଷ ରଥାଯାତ୍ରାରେ ସେ ଦର୍ଶନ କରିବା ଆଶାରେ ପୁରୀକୁ ଆସେ। ଏଥର ବି ସେ ଆସିଛି। ପୁରୀର ଚକ୍ରତୀର୍ଥ ରୋଡରେ ତା'ର ସଂପର୍କୀୟ ମାମୁଙ୍କ ଘର। ମହାପ୍ରଭୁଙ୍କ ଗୁଣ୍ଡିଚାଯାତ ପୂର୍ବରୁ ସେ ପୁରୀରେ ପହଞ୍ଚିଲା। ତା'ର ମାମୁ ଘରେ ରହୁଥାଏ। କିନ୍ତୁ କୋଭିଡ୍ ସଂକ୍ରମଣ ରୋକିବା ପାଇଁ ଏଥର ରଥାଯାତ୍ରାରେ କଡ଼ା କଟକଣା। ବଡ଼ଦାଣ୍ଡ ଦେଇ ତିନିଠାକୁର ରଥରେ ଗଲାବେଳେ ଜନସାଧାରଣ ସେଠାକୁ ଯିବା ମନା। ଏଥିପାଇଁ ଚାରିଆଡ଼ ପୋଲିସ ଛାଉଣୀ। ପୋଲିସଙ୍କୁ ଭୟ କରି ଘରୁ ବାହାରକୁ ଯାଇପାରୁ ନ ଥାଏ ଫ୍ରାନ୍‌ସିସ। ଏମିତିକା ପରିସ୍ଥିତିରେ ମହାପ୍ରଭୁଙ୍କ ଦର୍ଶନ ମିଳିବା ସ୍ୱପ୍ନ ବୋଲି ସେ ଜାଣିସାରିଲାଣି। ଯଦି ଏବର୍ଷ ଦର୍ଶନ କରିପାରୁନାହିଁ ତେବେ ପୁଣି ଆରବର୍ଷକୁ। ଆଉ ଆର ବର୍ଷ କ'ଣ ହେବ, କି ପରିସ୍ଥିତି ଥିବ କିଏ ଜାଣିଛି। ଏମିତି ଭାବି ଭାବି ହୋଇଗଲା ଯେ ଏ କଟକଣା ଭିତରେ ଆଉ ମହାପ୍ରଭୁଙ୍କ ଦର୍ଶନ ସମ୍ଭବ ନୁହେଁ। ବହୁତ ମନଦୁଃଖ କଲା। ଆତୁର ହୋଇ ଶ୍ରୀଜଗନ୍ନାଥଙ୍କୁ ଡାକୁଥାଏ। ଚତୁର୍ଦ୍ଧାମୂରତି ବିଜେ ହେବାପରେ ରଥଟଣା ଆରମ୍ଭ ହେଲା। ହଠାତ୍ ଫ୍ରାନ୍‌ସିସର ମୁଣ୍ଡବୁଲାଇ ହୋଇ ସେ ମାମୁଘର ଦୁଆର ମୁହଁରେ ପଡ଼ିଗଲା। ତା'ର ଦେହ ଜ୍ୱରରେ ଥରୁଥାଏ। ପଡ଼ୋଶୀମାନେ ଦେଖି ତୁରନ୍ତ ଆମ୍ବୁଲାନ୍ସକୁ ଡାକିଲେ। କିଛିସମୟ ପରେ ଆମ୍ବୁଲାନ୍‌ସ୍ ଆସି ପହଞ୍ଚିଗଲା। ଫ୍ରାନ୍‌ସିସକୁ ବଡ଼ଦାଣ୍ଡରେ ଥିବା ବଡ଼ଡାକ୍ତରଖାନାକୁ ନେବାବେଳେ ଠିକ ଡାକ୍ତରଖାନାଛକ ଉପରେ ଆମ୍ବୁଲାନ୍‌ସ୍‌ର ଷ୍ଟାର୍ଟ ବନ୍ଦ ହୋଇଗଲା। ଫ୍ରାନ୍‌ସିସ ଗାଡ଼ିଭିତର ଶଯ୍ୟା ଉପରେ ଉଠି ବସିପଡ଼ିଲା। ଆମ୍ବୁଲାନ୍‌ସର ଝରକା ବାଟଦେଇ ସେ ଦେଖୁଥାଏ ଚକାଆଖିକୁ। ବଡ଼ଶଙ୍ଖ ଆଡୁ ଆସୁଥିବା ନନ୍ଦିଘୋଷ ରଥ ଉପରେ କାଳିଆ ସାଆନ୍ତେ। ଘଣ୍ଟଘଣ୍ଟାରେ କମ୍ପୁଥାଏ। କିନ୍ତୁ ଜନଗହଳି ନ ଥାଏ। ଚାରିଆଡ଼େ ଖାଲି ପୋଲିସ। ମନଭରି ଦର୍ଶନ କଲା। ପୁଣି ଦୁଇ ମିନିଟ ପରେ ଆମ୍ବୁଲାନ୍ସ ସାଇରନ ଦେଇ ଡାକ୍ତରଖାନା ଭିତରକୁ ପଶିଗଲା। ଫ୍ରାନ୍‌ସିସଠାରୁ ସବୁ ଘଟଣା ଶୁଣିଲେ ଡାକ୍ତର। ସେତେବେଳକୁ ସତେଯେମିତି ଫ୍ରାନ୍‌ସିସ



ମନ ଦୁଃଖରେ ବସିଥାଏ ଫ୍ରାନ୍‌ସିସ। ମହାପ୍ରଭୁ ରଥରେ ଶ୍ରୀ ଗୁଣ୍ଡିଚାକୁ ବିଜେ କଲେ। କିନ୍ତୁ ଫ୍ରାନ୍‌ସିସ ଦର୍ଶନ କରିପାରିଲା ନାହିଁ। ଆଗକୁ ବାହୁଡ଼ାଯାତ। ଫ୍ରାନ୍‌ସିସ ଆଖିରୁ ଧାରଧାର ଲୁହ ବୋହିଗଲା। ମୁଁ କେତେ ଆଶା କରି ଏତେ ଦୂରରୁ ଧାଇଁ ଆସିଛି। ମହାପ୍ରଭୁ କ'ଣ ମୋତେ ଦର୍ଶନ ଦେବେ ନାହିଁ ?

ବାହୁଡ଼ାଯାତ ଦିନ ଆସି ପହଞ୍ଚିଲା। ଫ୍ରାନ୍‌ସିସ ଦର୍ଶନ ପାଇଁ ଆଶା ବାନ୍ଧି ବସି ରହିଥାଏ। ପୁଣି ସେହି ଏକା ବ୍ୟବସ୍ଥା ଦେଖି ଫ୍ରାନ୍‌ସିସ ନିଶ୍ଚିତ

ଦେହରେ ଶତସିଂହର ବଳ ଆସିଯାଇଥାଏ। କିଛିସମୟ ଡାକ୍ତରଖାନରେ ବିଶ୍ରାମନେଲା। ସ୍ୱାସ୍ଥ୍ୟ ପରୀକ୍ଷା ପରେ ମାମୁଘରକୁ ଫେରିଆସିଲା। ମାମୁଙ୍କୁ ଆସି କହିଲା ଦେଖିଲ ତ ମାମୁ ସେ ପରା ଭକ୍ତର ଭଗବାନ। ବିଶ୍ୱାସ ରଖିଲେ ସେ ନିଶ୍ଚୟ ଦର୍ଶନଦେବେ। ଫ୍ରାନ୍‌ସିସର ଭକ୍ତି ଭାବ ଦେଖି ମାମୁ ତାକୁ ଏକଲୟରେ ଚାହିଁ ରହିଥାନ୍ତି।

–**ଶୁଭନାରାୟଣ ଶତପଥୀ,**
ବିଜିପୁର, ବ୍ରହ୍ମଗିରି, ପୁରୀ
ମୋ : ୯୪୩୮୪୩୨୦୨୩

## କହିଲ ଦେଖି

(୧)
ସକାଳେ ବୁଲଇ ରାତ୍ରେ ଜନମି
ପ୍ରତିଟି ଖବର ସାଥିରେ ଆଣି
ମଲାଟ ସାଜଇ ବହି ଖାତାର
ଚତୁର୍ଥ ସ୍ତମ୍ଭ ସେ ଗଣତନ୍ତ୍ରର
ଉତ୍ତର:– **ଖବରକାଗଜ**



(୨)
ତା' ଘରେ ଥାଆନ୍ତି ବତିଶ ପ୍ରାଣୀ
ଯିଏ ପଶେ ତା'କୁ ଦିଅନ୍ତି ହାଣି
ସକାଳେ ରାତିରେ ସଫା ହୁଅଇ
ନ ହେଲେ ଦୁର୍ଗନ୍ଧ ମାଡ଼ି ବସଇ
ଉତ୍ତର :–**ପାଟି**



(୩)
ସମୟ ବତାଏ ଦିବସ ନିଶି
ସଂଖ୍ୟା ବାର ଯାଏ ତା' ଦେହେ
ଅଛି
ଟିକ୍ ଟିକ୍ ଶବ୍ଦ ଚାଲିଲେ ହୁଏ
ଘରଠୁ ଅଫିସ୍ ହାଜିର ଥାଏ ।
ଉତ୍ତର:– **ଘଣ୍ଟା**



(୪)
ଆଣଇ ଜଗତେ ପରିବର୍ତ୍ତନ
ଦିନ ଓ ରାତିର ହୁଏ କାରଣ
କେହି ଦେଖି ନାହିଁ ବାସ୍ତବ ରୂପ
ଅନାଦି ଅନନ୍ତ ତା'ର ସ୍ୱରୂପ।
ଉତ୍ତର:– **ସମୟ**



–**ସୁବ୍ରତ ମଲିକ,** ମଙ୍ଗଳପୁର,
ଅସୁରାଳି, ଭଦ୍ରକ

## ଭୁଲ ଭୁଲିବୁ





**ଦେବାଂଶୁ ଆଚାର୍ଯ୍ୟ**
କ୍ଲାସ–୨, ବିବିଆଇଟି ପବ୍ଲିକ ସ୍କୁଲ, କୋଲକାତା





**ଅନୁଷ୍କା ବେଉରା**
କ୍ଲାସ–୭, ସେଣ୍ଟ ଜୋଶେଫ୍ ହାଇସ୍କୁଲ, ରସୁଲଗଡ଼, ଭୁବନେଶ୍ୱର





**ଦେବାଶିଷ ସାହୁ,** କ୍ଲାସ–୮, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବାଇଁଶିଆ, ଢେଙ୍କାନାଳ

## ଖିଲିଖିଲି ହସ

ଥରେ ରୋନକ୍ ତରତର ହୋଇ ସ୍କୁଲ୍‌ରେ ପହଞ୍ଚିଲା। ସେ ଝାଳରେ ଗାଧୋଇ ପଡିଥାଏ। ଏହାଦେଖି ସାର୍ କହିଲେ, ଆରେ, ତୁ ଏମିତି ତରତର ହୋଇ କାହିଁକି ଆସିଲୁ। ସମୟ ଦେଖି ବାହାରିବୁ ଆଉ ଠିକ୍ ସମୟରେ ସ୍କୁଲରେ ପହଞ୍ଚିବୁ। ଆଚ୍ଛା, ତୁ କ'ଣ ଦୁଇ ପ୍ରକାର ବୁଟ୍ ପିନ୍ଧିଛୁ ? କାଲି ଠିକ୍ ପେୟାର ବୁଟ୍ ପିନ୍ଧିକରି ଆସିବୁ। ସାର୍, ମୁଁ କ'ଣ କରିବି, ଘରେ ଏମିତି ଆଉ ହଳେ ବୁଟ୍ ଥୁଆ ହୋଇଛି।

..................

ଥରେ ଦୀପୁ ଆଉ ସିପୁ କଥା ହେଉଥିଲେ। ଦୀପୁ କହିଲା, ଜାଣିଛୁ ଦୀପୁ, ମୁଁ ଘରେ କିଛି ବାଣ ଲୁଚାଇ ରଖିଛି। ହେଲେ ସେଗୁଡିକୁ କିପରି ଫୁଟାଇବି ଜାଣିପାରୁନାହିଁ। ସିପୁ କହିଲା–ଆରେ, ତୁ କାହିଁକି ବ୍ୟସ୍ତ ହେଉଛୁ। ସେ ବାଣଗୁଡିକୁ ତୁ ମୋତେ ଦେଇଦେ। ମୋ ପାଖରେ ଦିଆସିଲି ଅଛି। ମୁଁ ସେଗୁଡିକୁ ଫୁଟାଇ ଦେବି। ତୁ ଖାଲି ଦେଖିବୁ।

..................

ଥରେ ଦୀପକ ତା' ସାଙ୍ଗ ସୋନୁକୁ କହିଲା, ଆମ ଘରେ ଏପରି ଏକ ଚାରିଚକିଆ ଅଛି, ଯାହାର ଆଦୌ ସାଉଣ୍ଡ ନାହିଁ। କାଲି ମୁଁ ସେଥିରେ ସ୍କୁଲକୁ ଗଲେ ତୁ ଦେଖିପାରିବୁ। ଦୀପକ କହିଲା, ଆରେ ସବୁ ଚାରିଚକିଆ ଗାଡିର ତ ସାଉଣ୍ଡ ଅଛି। ତମ ଘରେ ଥିବା ଏପରି ଗାଡିର କିପରି ସାଉଣ୍ଡ ନାହିଁ। ଆଶ୍ଚର୍ଯ୍ୟ କଥା। ହଉ, କାଲି ସେ ଗାଡିକୁ ଦେଖିବା। ପର ଦିନ ସୋନୁ ଏକ ଘୋଡ଼ାରେ ଚଢ଼ି ଆସି ସ୍କୁଲ ପାଖରେ ପହଞ୍ଚିଲା। ଦୀପକକୁ ଦେଖି କହିଲା, ଦେଖ୍ ସାଙ୍ଗ, ଏଇ ହେଉଛି ମୋ ଚାରିଚକିଆ, ଯାହାର ସାଉଣ୍ଡ ନାହିଁ।

## ଶିଶୁ ପ୍ରତିଭା

### ଅଲରାଉଣ୍ଡର ଦିବ୍ୟାଂଶା



କଥାରେ ଅଛି ଇଚ୍ଛା ଥିଲେ ଉପାୟ ବଳେ ବଳେ ଆସେ। ବୟସ ସିନା ମାତ୍ର ୯ ବର୍ଷ, ହେଲେ ବିଭିନ୍ନ କ୍ଷେତ୍ରରେ ନିଜର ପ୍ରତିଭା ପ୍ରଦର୍ଶନ କରି ବେଶ୍ ପ୍ରଶଂସା ସାଉଁଟି ସାରିଲେଣି ସେ। ନୃତ୍ୟ, ଆଙ୍କରିଂ, ମଡେଲିଂ ଏପରି କି ଅଭିନୟ–ଏସବୁରେ ନିଜ ଦକ୍ଷତା ଦେଖାଇଛନ୍ତି। ସେ ହେଲେ ଅଲରାଉଣ୍ଡର ଦିବ୍ୟାଂଶା ପଣ୍ଡା। ଭୁବନେଶ୍ୱର ୟୁନିଟ–୯ସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟର ଷ୍ଟାଣ୍ଡାର୍ଡ–୪ରେ ପଢୁଛନ୍ତି ଏହି ପ୍ରତିଭା। ନିଜ ସମ୍ପର୍କରେ ସେ କୁହନ୍ତି, 'ସବୁଦିନ ସକାଳୁ ଉଠି ମୁଁ ମର୍ନିଂ ୱାକ୍ ଯାଏ। ତା'ପରେ ପାଠପଢ଼ା। ଏସବୁ ସହ ପ୍ରତିଦିନ ଡ୍ୟାନ୍ସ ଏବଂ ଅଭିନୟ ପ୍ରାକ୍ଟିସ କରିବାକୁ ଭୁଲି ନ ଥାଏ। ଗତବର୍ଷ ରିୟାଲିଟି ଶୋ' 'ରଜ କୁଇନ୍'ରେ ଅଂଶଗ୍ରହଣ କରି ଫାଇନାଲ ରାଉଣ୍ଡ ପର୍ଯ୍ୟନ୍ତ ଯାଇଥିଲି। ଡ୍ୟାନ୍ସ, ଆଙ୍କରିଂ, ମଡେଲିଂ ଏବଂ ଆକ୍ଟିଂ–ଏସବୁକୁ ସମାନ୍ତରାଳ ଭାବରେ ଆଗେଇ ନେବା ଛୋଟ କଥା ନୁହେଁ। ହେଲେ ମା'–ବାପାଙ୍କ ପ୍ରେରଣା ଏବଂ ଭଗବାନଙ୍କ ଆଶୀର୍ବାଦ ଯୋଗୁ ଆଜି ଏସବୁ କ୍ଷେତ୍ରରେ ମୁଁ ସଫଳତା ହାସଲ କରିପାରିଛି।' ଦିବ୍ୟାଂଶା ନିର୍ମାଣାଧୀନ ଓଡ଼ିଆ ସିନେମା 'ମନ ମୋର କାଗଜ ଗୁଡି'ରେ ସେ ଜଣେ ଶିଶୁ କଳାକାର ଭାବରେ ଅଭିନୟ କରିଛନ୍ତି। ତା'ସହ ରାଜ୍ୟ ଏବଂ ଜାତୀୟସ୍ତରରେ ଆୟୋଜିତ ଡ୍ୟାନ୍ସ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଅନେକ ଥର ପୁରସ୍କୃତ ହୋଇଛନ୍ତି। ଏପରି କି କେତୋଟି ର୍‍ୟାମ୍ପ ଶୋ'ରେ ଅଂଶଗ୍ରହଣ କରି ପ୍ରଥମ ସ୍ଥାନ ମଧ୍ୟ ଅଧିକାର କରିଛନ୍ତି। ତେବେ ଏହା ସହ ପାଠପଢ଼ାରେ ନିଜକୁ ଜଣେ ମେଧାବୀ ଛାତ୍ରୀ ଭାବରେ ପରିଚିତ କରାଇପାରିଛନ୍ତି। ଭବିଷ୍ୟତରେ ଅଭିନୟ କ୍ଷେତ୍ରରେ ଅଧିକ ସଫଳତା ଅର୍ଜନ କରିବାକୁ ଆଶା ରଖିଛନ୍ତି ବିଦ୍ୟାଂଶା।

## ଗିନିଜ୍ ୱାର୍ଲ୍ଡ ରେକର୍ଡ

### ଗଭୀରତମ ସୁଇମିଂ ପୁଲ

ପିଲାମାନେ ତୁମେ ତ ବିଭିନ୍ନ ସ୍ଥାନରେ ସୁଇମିଂ ପୁଲ୍ ଦେଖିଥିବ। କେତେକ ସ୍ଥାନରେ ଛୋଟ ଛୋଟ ସୁଇମିଂ ପୁଲ ହୋଇଥାଏ ତ କେତେକ ସ୍ଥାନରେ ବଡ଼ ସୁଇମିଂ ପୁଲ ତିଆରି କରାଯାଏ। କିନ୍ତୁ ଏବେ ଏକ ସୁଇମିଂ ପୁଲ ତିଆରି କରାଯାଇଛି; ଯାହା ବିଶ୍ୱର ସବୁଠୁ ଗଭୀରତମ ସୁଇମିଂ ପୁଲ୍। ଏହି ସୁଇମିଂ ପୁଲଟି ଦୁବାଇରେ ତିଆରି କରାଯାଇଛି। ଏହାର ଗଭୀରତା ୬୦ ମିଟର ଅର୍ଥାତ୍ ୧୯୬ ଫୁଟ। ସୁଇମିଂ ନିମନ୍ତେ ଏଠାରେ ସମସ୍ତ ସୁବିଧା କରାଯିବା ସହିତ ସ୍କୁବା ଡାଇଭିଂ ନିମନ୍ତେ ସ୍ୱତନ୍ତ୍ର ପ୍ରସ୍ତୁତି କରାଯାଇଛି। ଏହା ସହିତ ସୁଇମିଂ ପୁଲକୁ ଆକର୍ଷଣୀୟ କରିବା ପାଇଁ ସମସ୍ତ ଆଧୁନିକ ବ୍ୟବସ୍ଥା ମଧ୍ୟ କରାଯାଇଛି। ଏବେ ଏହି ସୁଇମିଂ ପୁଲ୍‌ଟି ସବୁଠୁ ଗଭୀରତମ ପୁଲ୍‌ଭାବେ ଗିନିଜ୍ ବୁକ୍ ଅଫ୍ ୱାର୍ଲଡରେ ସ୍ଥାନ ପାଇଛି।



## ମତାମତ

➤ପିଲାଙ୍କ ଧରିତ୍ରୀ ପୃଷ୍ଠାରେ ଏଥର ରଥ ଟାଣି ନ ପାରିବାର ଦୁଃଖକୁ ନେଇ ପିଲାମାନଙ୍କ ମତର ସୁନ୍ଦର ଉପସ୍ଥାପନ କରାଯାଇଥିଲା।
*–ସୋହନ୍ ମହାନ୍ତି, କଟକ*

➤ଏଥର ପ୍ରକାଶିତ କବିତାଗୁଡ଼ିକ ବି ବେଶ୍ ମନଛୁଆଁ ହୋଇଥିଲା ।
*–ଶିବାନୀ ପ୍ରିୟଦର୍ଶିନୀ ସ୍ୱାଇଁ, କେନ୍ଦୁଝର*

➤'କହିଲ ଦେଖି' ସ୍ତମ୍ଭରେ କବିତା ଶୈଳୀରେ ଉପସ୍ଥାପିତ ବିଭିନ୍ନ ପ୍ରସଙ୍ଗ ପ୍ରତିଥର ପରି ଏଥର ବି ଶିକ୍ଷଣୀୟ ହୋଇଥିଲା।
*–ଶଶାଙ୍କ ଶେଖର ପ୍ରଧାନ, ପୁରୀ*

➤ଏଥର ଜଗନ୍ନାଥଙ୍କୁ ନେଇ ତୁମ ତୂଳୀରୁ ସ୍ତମ୍ଭରେ ପିଲାଙ୍କ ଦ୍ୱାରା ଅଙ୍କିତ ଚିତ୍ରଗୁଡ଼ିକ ଭାରି କ୍ରିଏଟିଭ୍ ଲାଗିଲା।
*–ସ୍ମିତାଞ୍ଜଳି ବେହେରା, ଜଗତ୍‌ସିଂହପୁର*

➤ ଚଗଲା ଭୀମୁ କାର୍ଟୁନଟି ମଧ୍ୟ ବେଶ୍ ମଜାଦାୟକ ଏବଂ ଆକର୍ଷଣୀୟ ହୋଇଥିଲା।
*–ମହାଶ୍ୱେତା ମହାନ୍ତି, କଳାହାଣ୍ଡି*

➤ଖିଲିଖିଲି ହସରେ ହସ କଥାଗୁଡ଼ିକ ଭାରି ମଜା ଲାଗିଲା। କିନ୍ତୁ ଏଥିରେ ଆଉ କିଛି ଚିତ୍ର ସ୍ଥାନ ପାଇଲେ ଆକର୍ଷଣୀୟ ହୋଇପାରନ୍ତା।
*–ଅନିମା ପରିଡା, ଖୋର୍ଦ୍ଧା*

## ଚଗଲା ଭୀମୁ



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୨ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶନିବାର, ଜୁଲାଇ ୧୭/୨୦୨୧ Sambalpur, Saturday, July 17/ 2021

# ଗୋଟିଏ ଗ୍ରୁପ୍‌ରେ ଭାରତ, ପାକିସ୍ତାନ

**ଦୁବାଇ,୧୬।୭(ପି.ଟି.)**

ଅକ୍ଟୋବର ଓ ନଭେମ୍ବରରେ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ) ଓ ଓମାନରେ ଆୟୋଜନ ହେବାକୁ ଯାଉଥିବା ଟି୨୦ ବିଶ୍ୱକପ୍‌ରେ ଏଥର ଭାରତ ଓ ପାକିସ୍ତାନ ଗୋଟିଏ ଗ୍ରୁପ୍‌ରେ ସାମିଲ ହୋଇଛନ୍ତି। ଫଳରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଦୀର୍ଘ ୫ ବର୍ଷ ପରେ ପରସ୍ପରକୁ ଟି୨୦ ଫର୍ମାଟ୍‌ରେ ଭେଟିବା ନିଶ୍ଚିତ ହୋଇଛି। ପୂର୍ବରୁ ୨୦୧୬ ମାର୍ଚ୍ଚ ୧୯ ତାରିଖରେ ଟି୨୦ ବିଶ୍ୱକପ୍ ଖେଳିବା ଅବସରରେ ଦୁଇ ଦେଶ ପରସ୍ପରକୁ ଭେଟିଥିଲେ। ଏଥର ଟି୨୦ ବିଶ୍ୱକପ୍ ଅକ୍ଟୋବର ୧୭ରୁ ଆରମ୍ଭ ହୋଇ ନଭେମ୍ବର ୧୪ରେ ଶେଷ ହେବାର କାର୍ଯ୍ୟକ୍ରମ ରହିଛି। ଆଗାମୀ ୪୮ ଘଣ୍ଟା ମଧ୍ୟରେ ବିଶ୍ୱକପ୍‌ର କାର୍ଯ୍ୟସୂଚୀ ଘୋଷଣା କରାଯିବ।

ଗ୍ରୁପ୍-୨ରେ ଭାରତ ଓ ପାକିସ୍ତାନ ସାମିଲ ହୋଇଛନ୍ତି। ଏହି ଗ୍ରୁପ୍‌ରେ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ବିଜେତା ନ୍ୟୁଜିଲାଣ୍ଡ ଓ ଆଫଗାନିସ୍ତାନକୁ ସାମିଲ କରାଯାଇଛି। ଅନ୍ୟପଟେ ଗ୍ରୁପ୍-୧ରେ ଗତଥରର ଚାମ୍ପିୟନ ୱେଷ୍ଟଇଣ୍ଡିଜ, ପୂର୍ବତନ ଚାମ୍ପିୟନ ଇଂଲଣ୍ଡ, ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ସାମିଲ ରହିଛନ୍ତି। ୨୦୨୧ ମାର୍ଚ୍ଚ ସୁଦ୍ଧା ପ୍ରକାଶିତ ହୋଇଥିବା ଟିମ୍ ର୍‍ୟାଙ୍କିଙ୍ଗକୁ ଦୃଷ୍ଟିରେ ରଖି ସୁପର ୧୨ର ଗ୍ରୁପ୍ ସୃଷ୍ଟି କରାଯାଇଛି ବୋଲି ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ତରଫରୁ କୁହାଯାଇଛି। କ୍ୱାଲିଫାଇଂ ରାଉଣ୍ଡରୁ ପ୍ରତ୍ୟେକ ଗ୍ରୁପ୍‌ରେ ୨ଟି ଲେଖାଏ ଦଳ ଯୋଗ ଦେବେ। ପ୍ରତ୍ୟେକ ଗ୍ରୁପ୍‌ରେ ୬ଟି ଲେଖାଏ ଦଳ ସାମିଲ ରହିବେ। ସେହିପରି କ୍ୱାଲିଫାଇଂ ରାଉଣ୍ଡର ଫଳାଫଳରୁ ସାମିଲ ହେବାକୁ ଥିବା ଅନ୍ୟ ଦୁଇଟି ଦଳ ସ୍ଥିରୀକୃତ ହେବ। ୨୦୧୬ରେ କୋଲକାତାରେ ଇଂଲଣ୍ଡକୁ ହରାଇ ୱେଷ୍ଟଇଣ୍ଡିଜ୍ ଚାମ୍ପିୟନ ହୋଇଥିଲା। ଏହାପରେ ପ୍ରଥମଥର ପାଇଁ ଟି୨୦ ବିଶ୍ୱକପ୍ ଆୟୋଜନ ହେବାକୁ ଯାଉଛି।

### ବିଶ୍ୱକପ୍‌ରେ ମୋଟ ୪୫ଟି ମ୍ୟାଚ୍ ଖେଳାଯିବ

କ୍ୱାଲିଫାଇଂ ରାଉଣ୍ଡକୁ ମିଶାଇ ବିଶ୍ୱକପ୍‌ରେ ମୋଟ୍ ୪୫ଟି ମ୍ୟାଚ୍ ଖେଳାଯିବ। କ୍ୱାଲିପାଇଂ ରାଉଣ୍ଡରେ ୧୨ ଓ ସୁପର ୧୨ ରାଉଣ୍ଡରେ ୩୦ଟି ମ୍ୟାଚ୍ ଖେଳାଯିବ। ଏହା ବ୍ୟତୀତ ଦୁଇଟି ସେମିଫାଇନାଲ ଓ ଗୋଟିଏ ଫାଇନାଲ ମ୍ୟାଚ ମଧ୍ୟ ଖେଳାଯିବ। ପ୍ରଥମେ କ୍ୱାଲିଫାଇଂ ରାଉଣ୍ଡର ମ୍ୟାଚ୍‌ଗୁଡ଼ିକ ଖେଳାଯିବ। ଏଥିରେ ୮ଟି ଦଳକୁ ୨ଟି ଗ୍ରୁପ୍‌ରେ ବିଭକ୍ତ କରାଯିବ। ଗୋଟିଏ ଗ୍ରୁପ୍‌ରେ ୪ଟି ଲେଖାଏ ଦଳ ସାମିଲ ରହିବେ। ଦୁଇଟି ଗ୍ରୁପ୍ ଶ୍ରେଷ୍ଠ ଦୁଇଟି ଦଳ ସୁପର ୧୨ରେ ସାମିଲ ହେବାକୁ ଯୋଗ୍ୟତା ହାସଲ କରିବେ। ସେହିପରି ସୁପର ୧୨ରେ ଦଳଗୁଡ଼ିକୁ ୨ଟି ଗ୍ରୁପ୍‌ରେ ବିଭକ୍ତ କରାଯିବ। ପ୍ରତ୍ୟେକ ଗ୍ରୁପ୍‌ରେ ୬ଟି ଲେଖାଏ ଦଳ ସାମିଲ ରହିବେ। ସୁପର ୧୨ରେ ଗୋଟିଏ ଦଳ ୫ଟି ଲେଖାଏ ମ୍ୟାଚ୍ ଖେଳିବେ। ଦୁଇଟି ଗ୍ରୁପ୍ ଶ୍ରେଷ୍ଠ ଦୁଇଟି ଦଳ ସେମିଫାଇନାଲରେ ପ୍ରବେଶ କରିବେ। ଦୁଇଟି ସେମିଫାଇନାଲର ବିଜୟୀ ଦଳ ଫାଇନାଲ ମୁକାବିଲାରେ ଅବତୀର୍ଣ୍ଣ ହେବ ଓ ଏଥିରେ ବିଜୟୀ ଦଳ ଚାମ୍ପିୟନ ଘୋଷିତ ହେବା ସହ ଟାଇଟଲ ହାସଲ କରିବ।




### ୨୦୦୯ ଓ ୨୦୧୦ରେ ଭେଟ ହୋଇ ନ ଥିଲା

ଏପର୍ଯ୍ୟନ୍ତ ଖେଳାଯାଇଥିବା ୬ଟି ଟି୨୦ ବିଶ୍ୱକପ୍‌ରୁ କେବଳ ଦୁଇଥର ଭାରତ ଓ ପାକିସ୍ତାନ ପରସ୍ପରକୁ ଭେଟିବାର ସୁଯୋଗ ପାଇ ନ ଥିଲେ। ୨୦୦୭ ପ୍ରାରମ୍ଭିକ ସଂସ୍କରଣରେ ଦୁଇ ଦେଶ ଫାଇନାଲ ସମେତ ଦୁଇଟି ମ୍ୟାଚ୍‌ରେ ମୁହାଁମୁହିଁ ହୋଇଥିଲେ ଓ ଭାରତ ଚାମ୍ପିୟନ ହୋଇଥିଲା। ଏହାପରେ ୨୦୧୨ରେ ଦୁଇ ଦଳ ସୁପର-୮ରେ ପରସ୍ପରକୁ ଭେଟିଥିଲେ। ସେହିପରି ୨୦୧୪ ଓ ୨୦୧୬ରେ ଦୁଇ ଦେଶ ଗ୍ରୁପ୍ ପର୍ଯ୍ୟାୟରେ ପରସ୍ପରକୁ ଭେଟିଥିଲେ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଅଧିକାରୀମାନେ ବର୍ତ୍ତମାନ ୟୁଏଇ ଓ ଓମାନ ଗସ୍ତରେ ରହିଛନ୍ତି। ସେଠାରେ ଅଧିକାରୀମାନେ ସୁବିଧାସୁଯୋଗ ଓ ଭିତ୍ତିଭୂମି ନେଇ ତର୍ଜମା କରିବେ। ଦଳଗୁଡ଼ିକ କିପର ଯିବା ଆସିବା କରିବେ, କେଉଁଠି ରହିବେ ଓ କରୋନା ପ୍ରୋଟୋକଲ ନେଇ ଆଲୋଚନା କରାଯିବ।

### ବାଂଲାଦେଶ, ଶ୍ରୀଲଙ୍କା କ୍ୱାଲିଫାଇଂ ରାଉଣ୍ଡ ଖେଳିବେ

କ୍ୱାଲିଫାଇଂ ରାଉଣ୍ଡରୁ ଆରମ୍ଭ ହେବ ବିଶ୍ୱକପ୍। ଏହି ରାଉଣ୍ଡରେ ୮ଟି ଦଳକୁ ଦୁଇଟି ଗ୍ରୁପରେ ବିଭକ୍ତ କରାଯିବ। ବାଂଲାଦେଶ ଓ ଶ୍ରୀଲଙ୍କା କ୍ୱାଲିଫାଇଂ ରାଉଣ୍ଡ ଖେଳିବେ। ଏ ଗ୍ରୁପରେ ଶ୍ରୀଲଙ୍କା, ଆୟର୍ଲାଣ୍ଡ, ନେଦରଲାଣ୍ଡ୍ସ ଓ ନାମିବିଆ ସାମିଲ ହୋଇଛନ୍ତି। ସେହିପରି ଗ୍ରୁପ୍ ବି'ରେ ବାଂଲାଦେଶ, ସ୍କଟଲାଣ୍ଡ, ପାପୁଆ ନ୍ୟୁ ଗିନି, ଅନ୍ୟତମ ଆୟୋଜକ ଓମାନ ସାମିଲ ରହିଛନ୍ତି। ଦୁଇଟି ଗ୍ରୁପ୍‌ର ଶ୍ରେଷ୍ଠ ଦଳ ଟୁର୍ନାମେଣ୍ଟର ମୁଖ୍ୟ ଡ୍ର'ରେ ସାମିଲ ହେବେ।

# ବି.କେ. ସିହ୍ନାଙ୍କୁ ଦ୍ୱୈତ ଭୂମିକା

**ନୂଆଦିଲ୍ଲୀ, ୧୬।୭:** ଅବସରପ୍ରାପ୍ତ ଆଇପିଏସ୍ ଅଫିସର ବି.କେ. ସିହ୍ନା ଟୋକିଓ ଗସ୍ତରେ ଯାଇଥିବା ଭାରତୀୟ ଅଲିମ୍ପିକ୍ସ ଦଳ ପାଇଁ ଦୁଇଟି ଭୂମିକାରେ ଦାୟିତ୍ୱ ନିର୍ବାହ କରିବେ। ସେ ଦଳର ସୁରକ୍ଷା ସହିତ ପ୍ରେସ୍ ଦାୟିତ୍ୱରେ ମଧ୍ୟ ରହିବେ। ଏନେଇ ଭାରତୀୟ ଅଲିମ୍ପିକ୍ ଆସୋସିଏଶନ (ଆଇଓଏ) ଶୁକ୍ରବାର ଘୋଷଣା କରିଛି। ଜୁଲାଇ ୨୩ରୁ ଅଲିମ୍ପିକ୍ସ ଆରମ୍ଭ ହେବ। ହରିୟାଣାର ପୂର୍ବତନ ଡିଜିପି ଭାବେ ସିହ୍ନା ସଫଳତାର ସହ କାର୍ଯ୍ୟ କରିଛନ୍ତି। ସେ ମଧ୍ୟ ରାଷ୍ଟ୍ରପତିଙ୍କଠାରୁ ପୋଲିସ ମେଡାଲ ହାସଲ କରିଛନ୍ତି। ପ୍ରଥମେ ସିହ୍ନା ଭାରତୀୟ ଦଳର ସୁରକ୍ଷା ଦାୟିତ୍ୱରେ ରହିଥିଲେ। ଏବେ ସେ ଦଳର ପ୍ରେସ୍ ଆଟାଚ୍ ବା ଦାୟିତ୍ୱରେ ଥିବା ବ୍ୟକ୍ତି ଭାବେ କାର୍ଯ୍ୟ କରିବେ ବୋଲି ଆଇଓଏ ଅଧ୍ୟକ୍ଷ ନରିନ୍ଦର ବାତ୍ରା ଓ ସାଧାରଣ ସମ୍ପାଦକ ରାଜୀବ ମେହେଟା କହିଛନ୍ତି। ଜୁଲାଇ ୨୨ ତାରିଖରେ ସିହ୍ନା ଦିଲ୍ଲୀରୁ ଟୋକିଓ ଯାତ୍ରା କରିବେ। ୧୧୯ ଆଥ୍‌ଲେଟଙ୍କ ସମେତ ୨୨୮ ଜଣିଆ ଭାରତୀୟ ଦଳ ଟୋକିଓ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବ। ଜୁଲାଇ ୧୭ରେ ପ୍ରଥମ ପର୍ଯ୍ୟାୟର ଆଥ୍‌ଲେଟ ନୂଆଦିଲ୍ଲୀରୁ ଟୋକିଓ ଯିବେ। କୋଭିଡ୍-୧୯ କାରଣରୁ ଏଥର ଅଲିମ୍ପିକ୍ସ ବିନା ଦର୍ଶକରେ କଡ଼ା ନିୟମ ଓ ପରିବେଶରେ ଆୟୋଜନ ହେବ।

# ଟ୍ରେନିଂ କ୍ୟାମ୍ପରୁ ଉଗାଣ୍ଡା ଆଥ୍‌ଲେଟ ନିଖୋଜ

**ଟୋକିଓ, ୧୬।୭ (ଏପି)**

ଜାପାନରେ ଉଗାଣ୍ଡାର ଜଣେ ଆଥ୍‌ଲେଟ ଟ୍ରେନିଂ କ୍ୟାମ୍ପରୁ ନିଖୋଜ ହୋଇଯାଇଛନ୍ତି। ସ୍ଥାନୀୟ ଅଫିସିଆଲମାନେ ତାଙ୍କର ସନ୍ଧାନ ନେଉଛନ୍ତି। ବିଶେଷକରି କରୋନା ମହାମାରୀ ସମୟରେ ଅଲିମ୍ପିକ୍ସ ପାଇଁ ଆସିଥିବା ଜଣେ ଆଥ୍‌ଲେଟ ନିଖୋଜ ହୋଇଯିବା ଘଟଣା ଜାପାନର ଆୟୋଜକଙ୍କ ପରିଚାଳନାଗତ ତ୍ରୁଟିକୁ ପଦାରେ ପକାଇ ଦେଇଛି। ୯ ଜଣ ସଦସ୍ୟ ବିଶିଷ୍ଟ ଉଗାଣ୍ଡା ଦଳ ଜାପାନ ପଶ୍ଚିମାଞ୍ଚଳ ଅନ୍ତର୍ଗତ ଓସାକାର ଇଜୁମିସାନୋଠାରେ ଟ୍ରେନିଂ ନେଉଥିଲେ। ସେମାନଙ୍କ ମଧ୍ୟରୁ ଶୁକ୍ରବାର ପୂର୍ବାହ୍ନରେ ୨୦ ବର୍ଷୀୟ ୱେଟ୍‌ଲିଫ୍ଟର ଜୁଲିଅସ୍ ସେକିତୋଲେକୋ ନିଖୋଜ ହୋଇଯାଇଛନ୍ତି। ସେତେବେଳେ ସାଲିଭା ଟେଷ୍ଟ ପାଇଁ ସାମ୍ପଲ ସଂଗ୍ରହ କରାଯାଉଥିଲା। ଆଥ୍‌ଲେଟ ଜଣଙ୍କୁ ଖୋଜିବାବେଳେ ସେ ତାଙ୍କ ରୁମ୍‌ରେ ନ ଥିଲେ। ତାଙ୍କୁ ଶେଷ ଥର ପାଇଁ ଶୁକ୍ରବାର ପ୍ରତ୍ୟୁଷରେ ଦେଖିବାକୁ ମିଳିଥିଲା। ହୋଟେଲରେ ଖୋଜାଖୋଜି ପରେ ସନ୍ଧାନ ନ ମିଳିବାରୁ ପୋଲିସର ସହାୟତା ନିଆଯାଇଛି। ହୋଟେଲରେ ୨୪ ଘଣ୍ଟିଆ ମନିଟରିଂ ଅଭାବରୁ ଆଥ୍‌ଲେଟ ଜଣକ କେତେବେଳେ ହୋଟେଲ ବାହାରକୁ ଚାଲିଯାଇଛନ୍ତି ତାହା ଜଣାପଡୁନାହିଁ। ଟୋକିଓରେ କରୋନା ସଂକ୍ରମଣ ବୃଦ୍ଧି ପାଉଛି। ଶୁକ୍ରବାର ପ୍ରକାଶିତ ରିପୋର୍ଟ ଅନୁସାରେ ସାନି ୧,୨୭୧ ନୂଆ ପଜିଟିଭ ଚିହ୍ନଟ ହୋଇଛନ୍ତି। ଦିନକ ପୂର୍ବରୁ ଏହି ସଂଖ୍ୟା ୬ମାସ ମଧ୍ୟରେ ସର୍ବାଧିକ ୧,୩୦୮ ରେକର୍ଡ କରାଯାଇଥିଲା। ଜୁନ୍ ୧୬ରେ ଉଗାଣ୍ଡା ଟିମ୍ ଜାପାନରେ ପହଞ୍ଚିବା ପରେ ସେମାନଙ୍କର କୋଭିଡ୍ ଟେଷ୍ଟ ହୋଇଥିଲା। ଏଥିରେ ଦଳର ଜଣେ ସଦସ୍ୟ ପଜିଟିଭ ଚିହ୍ନଟ ହୋଇଥିଲେ। ତାଙ୍କୁ ସେଠାରେ କ୍ୱାରାଣ୍ଟାଇନ୍‌ରେ ରଖାଯାଇଥିଲା। ଅବଶିଷ୍ଟ ୮ଜଣଙ୍କୁ ଏକ ସ୍ୱତନ୍ତ୍ର ବସ୍ ଯୋଗେ ୫୦୦ କିମି ଦୂର ଇଜୁମିସାନୋ ପଠାଇ ଦିଆଯାଇଥିଲା। ସେଠାରେ ସେମାନେ ପ୍ରି-ଅଲିମ୍ପିକ କ୍ୟାମ୍ପରେ ଯୋଗ ଦେଇଥିଲେ।



ଉଗାଣ୍ଡା ଆଥଲେଟ୍ ଦଳ।

# ନାଗାଲଙ୍କୁ ସିଙ୍ଗଲ୍ସ ଯୋଗ୍ୟତା



ସୁମିତ ନାଗାଲ

**ନୂଆଦିଲ୍ଲୀ, ୧୬।୭ (ପି.ଟି.):** ଟୋକିଓ ଅଲିମ୍ପିକ୍ସର ପୁରୁଷ ସିଙ୍ଗଲ୍ସ ଖେଳିବା ଲାଗି ଭାରତୀୟ ଟେନିସ ଖେଳାଳି ସୁମିତ ନାଗାଲ ଯୋଗ୍ୟତା ଅର୍ଜନ କରିଛନ୍ତି। ଇଣ୍ଟରନ୍ୟାଶନାଲ ଟେନିସ ଫେଡେରେଶନ (ଆଇଟିଏଫ୍) ଏ ବିଷୟରେ ସର୍ବଭାରତୀୟ ଟେନିସ ଆସୋସିଏଶନ (ଆଇଟା)କୁ ଶୁକ୍ରବାର ଅବଗତ କରାଇଛି। ପ୍ରତିଯୋଗିତାରେ ଭାଗ ନେବା ଲାଗି ସିଧାସଳଖ ଏଣ୍ଟ୍ରି ପାଇଁ ଜୁନ୍ ୧୪ ସୁଦ୍ଧା ଏଟିପି ର୍‍ୟାଙ୍କିଙ୍ଗ ବିଚାରକୁ ନିଆଯାଇଛି। ଏଥିରେ ନାଗାଲ ୧୪୪ତମ ସ୍ଥାନରେ ରହିଛନ୍ତି। ଅନ୍ୟଜଣେ ସିଙ୍ଗଲ୍ସ ସ୍ପେଶାଲିଷ୍ଟ ଖେଳାଳି ପ୍ରଜନେଶ ଗୁଣେଶ୍ୱରନ ର୍‍ୟାଙ୍କିଙ୍ଗ ତାଲିକାର ୧୪୮ତମ ସ୍ଥାନରେ ରହିଥିବାରୁ ସେ ଅଳ୍ପକେ ଟୋକିଓ ଟିକେଟରୁ ବଞ୍ଚିତ ହୋଇଛନ୍ତି। କୌତୂହଳର ବିଷୟ ଟେନିସ ଏଣ୍ଟ୍ରି ପାଇଁ ମାତ୍ର କେଇ ଘଣ୍ଟା ପୂର୍ବରୁ ସମୟସୀମା ଶେଷ ହୋଇଛି। ଆଇଟା ବର୍ତ୍ତମାନ ଡିଭିଜ ଶରନଙ୍କ ନାମ ପ୍ରତ୍ୟାହାର କରି ନାଗାଲଙ୍କୁ ବୋପାନାଙ୍କ ଡବଲ୍ସ ପାର୍ଟନର କରିବା ଲାଗି ନିଷ୍ପତ୍ତି ନେଇଛି । ଅନ୍ୟପକ୍ଷରେ ର୍‍ୟାଙ୍କିଙ୍ଗ ତାଲିକାରେ ୧୨୭ତମ ସ୍ଥାନ ଯୋଗୁ ୟୁକି ଭାମ୍ବ୍ରୀଙ୍କୁ ଯୋଗ୍ୟତା ମିଳିବା ପକ୍କା ଥିଲା। ହେଲେ ଆମେରିକାରେ ତାଙ୍କ ଆଣ୍ଠୁରେ ଆଘାତ ଲାଗିବା ପରେ ସେ ଉପଲବ୍ଧ ହେବେ ନାହିଁ ବୋଲି ଘୋଷଣା କରିଥିଲେ। ନାଗାଲଙ୍କ ପ୍ରବେଶ ଦ୍ୱାରା ଭାରତର ଏକ ଟିମ୍ ମିକ୍ସଡ ଡବଲ୍ସରେ ଭାଗ ନେଇପାରିବ। ସାନିଆ ମିର୍ଜା ଓ ଅଙ୍କିତା ରାଇନା ମହିଳା ଡବଲ୍ସ ଖେଳିବା ପକ୍କା ହୋଇ ସାରିଛି। ର୍‍ୟାଙ୍କିଙ୍ଗ ତାଲିକାରେ ସାନିଆ ୯ମ ସ୍ଥାନରେ ଅଛନ୍ତି। ସୂଚନାଯୋଗ୍ୟ, ସମସ୍ତ ୧୦ ଶୀର୍ଷ ଖେଳାଳିଙ୍କୁ ସିଧାସଳଖ ଏଣ୍ଟ୍ରି ମିଳିବ। ସେ ଚାହିଁଲେ ଟପ୍ ୩୦୦ ମଧ୍ୟରେ ରହିଥିବା ଜଣେ ଖେଳାଳିଙ୍କୁ ପାର୍ଟନର କରିପାରିବେ।

# ଟୋକିଓରେ ପହଞ୍ଚିଲେ ଚାନୁ



ମୀରାବାଇ ଚାନୁ

**ଟୋକିଓ, ୧୬।୭(ପି.ଟି.)**

ଅଲିମ୍ପିକ୍ସରେ ଅଂଶଗ୍ରହଣ ପାଇଁ ଭାରତର ତାରକା ଭାରୋତ୍ତୋଳିକା ମୀରାବାଇ ଚାନୁ ଶୁକ୍ରବାର ଟୋକିଓରେ ପହଞ୍ଚିଛନ୍ତି। ଆମେରିକାରେ ନିଜ ଟ୍ରେନିଂ ସ୍ଥଳରୁ ଚାନୁ ସିଧା ଜାପାନ ଯାତ୍ରା କରିଛନ୍ତି। ଚଳିତ ମାସ ୨୩ ତାରିଖରୁ ଟୋକିଓ ଅଲିମ୍ପିକ୍ସ ଆରମ୍ଭ ହେବ। ଅଲିମ୍ପିକ୍ସର ଭାରୋତ୍ତୋଳନ ବିଭାଗରେ ଭାରତ ପକ୍ଷରୁ କେବଳ ଚାନୁ ଅଂଶଗ୍ରହଣ କରିବେ। ସେଥିପାଇଁ ଆମେରିକାର ସେଣ୍ଟ ଲୁଇସଠାରେ ସେ ୫୦ ଦିନ ଟ୍ରେନିଂ ନେଇଛନ୍ତି। ତାଙ୍କ ସହିତ ଜାତୀୟ କୋଚ୍ ବିଜୟ ଶର୍ମା ଓ ସହକାରୀ କୋଚ୍ ସନ୍ଦୀପ କୁମାର ଟୋକିଓରେ ପହଞ୍ଚିଛନ୍ତି। ଆଉଜଣେ କୋଚ୍ ପ୍ରମୋଦ ଶର୍ମା ଏବଂ ଫିଜିଓଥେରାପିଷ୍ଟ ଅଲପ ଜାଭାଡେକର ମଧ୍ୟ ଅଲିମ୍ପିକ୍ସ ଅବସରରେ ଚାନୁଙ୍କ ସହିତ ରହିବେ। ୨୬ ବର୍ଷୀୟା ଚାନୁ ଆଗାମୀ ଅଲିମ୍ପିକ୍ସର ମହିଳା ୪୯ କେଜି କାଟେଗୋରିରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ଚାନୁଙ୍କ ପାଇଁ ଏହା ହେଉଛି ଦ୍ୱିତୀୟ ଅଲିମ୍ପିକ୍ସ। ୨୦୧୭ ବିଶ୍ୱ ଚାମ୍ପିୟନଶିପ ଏବଂ ୨୦୧୮ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ୪୮ କେଜି ବିଭାଗରେ ସ୍ୱର୍ଣ୍ଣ ପଦକ ଜିତିଥିବା ଚାନୁ ୨୦୧୬ ରିଓ ଅଲିମ୍ପିକ୍ସରେ କିନ୍ତୁ ନିରାଶ କରିଥିଲେ। ତିନୋଟି ଯାକ ଉଦ୍ୟମରେ ସେ ଅସଫଳ ରହିଥିଲେ।

ଆଗାମୀ ଅଲିମ୍ପିକ୍ସକୁ ଭାରତ ୨୨୮ ଜଣିଆ ଶକ୍ତିଶାଳୀ ଦଳ ପଠାଇବ। ଏହା ମଧ୍ୟରେ ୧୧୯ ଜଣ ଆଥ୍‌ଲେଟ ସାମିଲ। ଜାପାନରେ କରୋନା ସଂକ୍ରମଣ ସଂଖ୍ୟା ବଢ଼ୁଥିବାରୁ କଟକଣାକୁ ଅଧିକ କଡ଼ା କରାଯାଇଛି। ବିନା ଦର୍ଶକରେ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଭାରତରୁ ପ୍ରଥମ ପର୍ଯ୍ୟାୟ ଆଥ୍‌ଲେଟ ଦଳ ଆସନ୍ତା ଶନିବାର ନୂଆଦିଲ୍ଲୀରୁ ଟୋକିଓ ଯାତ୍ରା କରିବ। ୟୁରୋପରେ ଟ୍ରେନିଂ ସାରିବା ପରେ ଭାରତୀୟ ସେଲିଂ ଟିମ୍ ଜାପାନରେ ପହଞ୍ଚି ସାରିଛି। ବକ୍ସର ଏବଂ ଶୁଟରମାନେ ସେମାନଙ୍କ ଟ୍ରେନିଂସ୍ଥଳ ଇଟାଲୀ ଓ କ୍ରୋଏସିଆରୁ ସିଧାସଳଖ ଆସନ୍ତା ରବିବାର ଜାପାନ ରାଜଧାନୀରେ ପହଞ୍ଚିବେ।

# ୧୯ତମ ଷ୍ଟେଜ୍ ଜିତିଲେ ମୋହରିକ୍



**ଲିବୋର୍ନେ (ଫ୍ରାନ୍ସ), ୧୬।୭**

ସ୍ଲୋଭେନିଆ ରାଇଡର ମାଟେଜ୍ ମୋହରିକ୍ (ବାହାରିନ-ଭିକ୍ଟୋରିଅସ୍) ଟୁର୍ ଡି' ଫ୍ରାନ୍ସ ସାଇକେଲ ରେସ୍‌ର ୧୯ତମ ଷ୍ଟେଜ୍ ଜିତିଛନ୍ତି। ଟୁର୍‌ର ଚଳିତ ସଂସ୍କରଣରେ ମୋହରିକ୍‌ଙ୍କର ଏହା ହେଉଛି ଦ୍ୱିତୀୟ ଏବଂ ତାଙ୍କ ଟିମ୍‌ର ତୃତୀୟ ବିଜୟ। ବାହାରିନ-ଭିକ୍ଟୋରିଅସ୍‌ର ଟିମ୍ ହୋଟେଲ ଓ ବସ୍ ଉପରେ ପୋଲିସ ଚଢାଉର ଦିନକ ପରେ ମୋହରିକ୍ ଷ୍ଟେଜ୍ ବିଜୟରେ ସଫଳ ହୋଇଛନ୍ତି। ମୋରେନ୍ସ ଠାରୁ ଲିବୋର୍ନ ୨୦୭ କିଲୋମିଟର ବିଶିଷ୍ଟ ରେସ୍‌କୁ ସେ ୪ ଘଣ୍ଟା ୧୯ ମିନିଟ୍ ୧୭ ସେକେଣ୍ଡ ଟାଇମିଂରେ ଶେଷ କରିଥିଲେ। କ୍ରିଷ୍ଟୋପ୍ ଲାପୋର୍ଟେ ଓ କାସ୍ପର ପେଡରସନ ୫୮ ସେକେଣ୍ଡ ବ୍ୟବଧାନରେ ଦ୍ୱିତୀୟ ଓ ତୃତୀୟ ହୋଇଥିଲେ। ଷ୍ଟେଜ୍ ବିଜୟରେ ଏଡି ମରକ୍ସଙ୍କ ସର୍ବକାଳୀନ ରେକର୍ଡ ଭଙ୍ଗ କରିବା ଲାଗି ମାର୍କ କାଭେଣ୍ଡିସ ଶୁକ୍ରବାର ଏକ ସୁଯୋଗ ହାତଛଡ଼ା କରିଛନ୍ତି। ସ୍ଲୋଭେନିଆର ଟାଡେଜ ପୋଗାକାର ତାଙ୍କ ୟେଲୋ ଜର୍ସି ବଜାୟ ରଖିପାରିଛନ୍ତି।

# ଶ୍ରୀଲଙ୍କା ଦିନିକିଆ, ଟି୨୦ ଦଳ ଘୋଷିତ

**କଲମ୍ବୋ, ୧୬।୭**

ଭାରତ ବିପକ୍ଷ ଦିନିକିଆ ଓ ଟି୨୦ ସିରିଜ ପାଇଁ ଶୁକ୍ରବାର ଶ୍ରୀଲଙ୍କା ଦଳ ଘୋଷଣା କରାଯାଇଛି। ଶ୍ରୀଲଙ୍କା ଦଳ: ଦସୁନ ଶନକା (ଅଧିନାୟକ), ଧନଞ୍ଜୟ ଡି'ସିଲ୍‌ଭା, ଅଭିଷ୍କା ଫର୍ନାଣ୍ଡୋ, ଭାନୁକା ରାଜପାକ୍‌ସା, ପାଥୁମ ନିସଙ୍କ, ଚରିଥ ଅସଲଙ୍କ, ୱାନିନ୍ଦୁ ହସରଙ୍ଗା, ଆଶେନ ବନ୍ଦରା, ମିନୋଦ ଭାନୁକା, ଲାହିରୁ ଉଡାରା, ରମେଶ ମେଣ୍ଡିସ, ଚାମିକା କରୁଣାରତ୍ନେ, ଦୁଷ୍ମନ୍ତ ଚାମିରା, ଲକ୍ଷନ ସନ୍ଦକନ, ଆକିଲା ଧନଞ୍ଜୟ, ଶିରନ ଫର୍ନାଣ୍ଡୋ, ଧନଞ୍ଜୟ ଲକ୍ଷନ, ଇଶାନ ଜୟରତ୍ନେ, ପ୍ରବୀଣ ଜୟବିକ୍ରମ, ଅସିଥା ଫର୍ନାଣ୍ଡୋ, କସୁନ ରଜିଥା, ଲାହିରୁ କୁମାରା, ଇସୁରୁ ଉଡାନା।

# ଅଲିମ୍ପିକ୍ସରେ ମେଡ୍ ଇନ୍ ଇଣ୍ଡିଆ ଉପକରଣ

**ନୂଆଦିଲ୍ଲୀ,୧୬।୭:** ଆଗାମୀ ଟୋକିଓ ଅଲିମ୍ପିକ୍ସରେ ଭାରତ ଏକ ଆଥଲେଟିକ ସୁପର ପାୱାର ଭାବେ ଉଭା ହେବାର ସମ୍ଭାବନା ନାହିଁ। କିନ୍ତୁ ଅଲିମ୍ପିକ୍ସର ବିଭିନ୍ନ ଇଭେଣ୍ଟ ଖେଳାଯିବା ଅବସରରେ ଭାରତ ତିଆରି ଅର୍ଥାତ 'ମେଡ୍ ଇନ୍ ଇଣ୍ଡିଆ' ଉପକରଣର ବହୁଳ ବ୍ୟବହାର ଦେଖିବାକୁ ମିଳିବ। ଭାରତୀୟ କମ୍ପାନୀଗୁଡ଼ିକ ଦ୍ୱାରା ନିର୍ମିତ ଉପକରଣ ଅଲିମ୍ପିକ୍ସର ପ୍ରାୟ ପ୍ରତ୍ୟେକ ଇଭେଣ୍ଟରେ ଦେଖିବାକୁ ମିଳିବ।

ଶଟ୍‌ପୁଟ, ଡିସକସ୍, ହାମରଥ୍ରୋ ଇଭେଣ୍ଟ ସମେତ ୩ଟି ଟ୍ରାକ୍ ଆଣ୍ଡ ଫିଲ୍ଡର ୩ ଇଭେଣ୍ଟ ପାଇଁ ମୋଟ ୬ଟି କମ୍ପାନୀକୁ ବିଶ୍ୱ ଆଥଲେଟିକ୍ସର ସର୍ବୋଚ୍ଚ ପ୍ରଶାସନିକ ସଂସ୍ଥା ୱାର୍ଲ୍ଡ ଆଥଲେଟିକ୍ସ ତାଲିକା ଭୁକ୍ତ କରିଛି। ଏହି କମ୍ପାନୀଗୁଡ଼ିକ ମଧ୍ୟରୁ ଭଲ୍ଲା ଇଣ୍ଟରନ୍ୟାଶନାଲ ଓ ନେଲକୋ କମ୍ପାନୀ ଭାରତରେ ପର୍ଯ୍ୟବେକ୍ଷିତ। ଭଲ୍ଲା ଇଣ୍ଟରନ୍ୟାଶନାଲ ୩୬ଟି ଉପକରଣ ପ୍ରଦାନ କରିବ। ପୁରୁଷ ଓ ମହିଳା ଶଟପୁଟରେ ୬ଟି ଲେଖାଏ, ଡସ୍‌କସ ଥ୍ରୋ ଓ ହାମର ଥ୍ରୋ ପାଇଁ ଉପକରଣ ଏହି କମ୍ପାନୀ ପ୍ରଦାନ କରିବ। ଏକ ଭଲ କ୍ୱାଲିଟିର ଶଟପୁଟ, ଡିସ୍‌କସ୍ ଓ ହାମରର ମୂଲ୍ୟ ୬ରୁ ୧୦ ହଜାର ଟଙ୍କା ରହିଛି।




# ଫାଇନାଲ ଖେଳା ନ ଗଲେ ୨ଦଳକୁ ସ୍ୱର୍ଣ୍ଣ

**ଟୋକିଓ,୧୬।୭(ପି.ଟି.)**

କୋଭିଡ୍-୧୯ ମହାମାରୀ ପାଇଁ ଅଲିମ୍ପିକ୍ସରେ ଏକାଧିକ 'ଯଦି ଓ କିନ୍ତୁ' ସ୍ଥିତି ସୃଷ୍ଟି ହେବ ବୋଲି ଆଶଙ୍କା କରାଯାଉଛି। ମହାମାରୀ ପାଇଁ ଯଦି ଅଲିମ୍ପିକ ହକି ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ଖେଳାଯାଇ ନ ପାରିଲା, ତା'ହେଲେ ଦୁଇ ଫାଇନାଲିଷ୍ଟ ଦଳକୁ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯିବ। ଏ ନେଇ ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫ୍‌ଆଇଏଚ୍) ତରଫରୁ ଶୁକ୍ରବାର କୁହାଯାଇଛି।

ଯଦି କୌଣସି ଦଳରେ କୋଭିଡ୍ ସଂକ୍ରମଣ ଦେଖାଯାଏ ତା'ହେଲେ ସେହି ଦଳ ଇଭେଣ୍ଟରୁ ଓହରିବ କି ନା ତାହା ସମ୍ପୃକ୍ତ ଦଳ ଉପରେ ନିର୍ଭର କରିବ। ଅର୍ଥାତ କରୋନା ସଂକ୍ରମଣ ଶିକାର ହୋଇଥିବା ଦଳ ହିଁ ଟୁର୍ନାମେଣ୍ଟରୁ ଓହରିବା ନେଇ ନିଷ୍ପତ୍ତିର ଅଧିକାର ପାଇବ।

ସାଧାରଣ ଟୁର୍ନାମେଣ୍ଟଠାରୁ ଅଲିମ୍ପିକ ହକି ଇଭେଣ୍ଟ ସମ୍ପୂର୍ଣ୍ଣ ଭିନ୍ନ ବୋଲି ଏଫ୍‌ଆଇଏଚ୍ ମୁଖ୍ୟ କାର୍ଯ୍ୟନିର୍ବାହୀ (ସିଇଓ) ଥିଏରୀ ୱିଲ କହିଛନ୍ତି। କୌଣସି ଗ୍ରୁପ୍‌ରେ ଏକାଧିକ କରୋନା ସଂକ୍ରମଣ ଦେଖାଗଲେ ମଧ୍ୟ ଗୋଟିଏ ଦଳ ଖେଳ ଜାରି ରଖିପାରିବ ବୋଲି ୱିଲ କହିଛନ୍ତି। ଏବେ ମଧ୍ୟ ଖେଳର ନିୟମ ଓ କାନୁନ ନେଇ ବହୁତ 'ଯଦି ଓ କିନ୍ତୁ' ସ୍ଥିତି ରହିଛି। ତେଣୁ ଆଗକୁ ନିୟମଗୁଡ଼ିକର ସ୍ପଷ୍ଟୀକରଣ ଆହୁରି ହେବ। ତେବେ କୋଭିଡ୍ ପାଇଁ କୌଣସି ଦଳ ଓହରିଯିବାର ସ୍ଥିତି ସୃଷ୍ଟି ହେବ ନାହିଁ ବୋଲି ସେ ଆଶା ପ୍ରକାଶ କରିଛନ୍ତି।

କୌଣସି ଦଳରେ ୬, ୭ କରୋନା ପଜିଟିଭ କେସ୍ ଦେଖାଗଲେ ମଧ୍ୟ ସେହି ଦଳ ଖେଳ ଜାରି ରଖିପାରିବ। ସମ୍ପୂର୍ଣ୍ଣ ଦଳ ପ୍ରଭାବିତ ନ ହେଲା ପର୍ଯ୍ୟନ୍ତ ଖେଳ ଜାରି ରଖିପାରିବ ବୋଲି ସେ ସ୍ପଷ୍ଟ କରିଛନ୍ତି। ତେବେ ଏ ନେଇ କୌଣସି ସ୍ପଷ୍ଟ ନିୟମ ଜାରି କରାଯାଇ ନାହିଁ। ଯଦି କୌଣସି ଦଳ ପୁଲ୍ ମ୍ୟାଚ୍ ନ ଖେଳେ ତାହାହେଲେ ଅନ୍ୟ ଦଳକୁ ୫-୦ରେ ବିଜୟୀ ହେଲା ବୋଲି ଘୋଷିତ କରାଯିବ। ଯଦି ଉଭୟ ଦଳ ନ ଖେଳି ପାରିନ୍ତ ତା'ହେଲେ ସେ ମ୍ୟାଚ୍‌କୁ ଗୋଲ ଶୂନ୍ୟ ଡ୍ର ବୋଲି ବିବେଚନା କରାଯିବ। ଯଦି ଟାଇଟଲ ମୁକାବିଲାରୁ ଦୁଇଦଳ ଓହରିଯାଆନ୍ତି ତା'ହେଲେ ଉଭୟ ଦଳକୁ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯିବ ୱିଲ କହିଛନ୍ତି। ତେବେ ଯଦି ବ୍ରୋଞ୍ଜ ପଦକ ମୁକାବିଲାରୁ କୌଣସି ଦଳ ଓହରିଯାଏ ତା'ହେଲେ ଅନ୍ୟ ଦଳକୁ ବ୍ରୋଞ୍ଜ ପଦକ ପ୍ରଦାନ କରାଯିବ। କିନ୍ତୁ ଯଦି ଦୁଇ ଦଳ ନ ଖେଳିପାରିନ୍ତ ତା'ହେଲେ ଉଭୟ ଦଳକୁ ବ୍ରୋଞ୍ଜ ପଦକ ପ୍ରଦାନ କରାଯିବ।









Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

**ଯୁବକଙ୍କ ମୃତଦେହ ଜବତ**

ଅତାବିରା,(ଡି.ଏନ.ଏ): ବରଗଡ଼ ଜିଲା ଅତାବିରା ଥାନା ମହିମୁଣ୍ଡାର ଏକ ଗଛରୁ ପୋଲିସ ଶୁକ୍ରବାର ଜଣେ ଯୁବକଙ୍କ ମୃତଦେହ ଜବତ କରିଛି । ମୃତକ ହେଲେ ଅତାବିରା ଥାନା ସୋଡ଼ାପାଲି ଗ୍ରାମର ଶିବାନନ୍ଦ ଛୁରା(୧୯)। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ବରଗଡ଼ ପଠାଇଛି। ପ୍ରାଥମିକ ତଦନ୍ତରୁ ଏହା ଏକ ଆତ୍ମହତ୍ୟା ବୋଲି ପୋଲିସ ଅନୁମାନ କରୁଛି ।

# ବର୍ଷା ଅଭାବ, ଆଗେଇପାରୁନି ଚାଷକାମ

**ବାଉଁଶୁଣୀ,୧୬।୭(ଡି.ଏନ୍.ଏ.)**

ଆଷାଢ଼ ମାସରେ ବର୍ଷା ଅଭାବ। ମୁଣ୍ଡଫଟା ଖରା ଚାଷୀଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ମୌସୁମୀ ଆଗମନର ମାତ୍ର କିଛି ଦିନ ପରେ ବର୍ଷା ଉଭାନ ହୋଇଗଲା। ଏବେ ପ୍ରାୟ ୨ ସପ୍ତାହ ବିତିଗଲାଣି। ବର୍ଷା ନ ଥିବାରୁ ବୌଦ୍ଧ ଅଞ୍ଚଳରେ ଚାଷକାମ ଆଗେଇ ପାରୁନାହିଁ। ଆକାଶ ମେଘମୁକ୍ତ ହୋଇ ପ୍ରବଳ ମାତ୍ରାରେ ମୁଣ୍ଡଫଟା ଖରା ଜାରି ରହିଛି। ଦିନବେଳା ଅସହ୍ୟ ତାତି ଓ ରାତିରେ ଅସହ୍ୟ ଗରମ ଏବେ ବର୍ଷାଋତୁରେ ମଧ୍ୟ ସମ୍ପୂର୍ଣ୍ଣ ଜନଜୀବନକୁ ଅସ୍ତବ୍ୟସ୍ତ କରି ଦେଉଛି। ଏପରି ସ୍ଥିତିରେ ଚାଷକାମ ପାଇଁ କୃଷି କ୍ଷେତ୍ରକୁ ପ୍ରସ୍ତୁତ କରି ତଳି ପକାଇବା କାର୍ଯ୍ୟ ଶେଷ କରିଥିବାବେଳେ ବର୍ତ୍ତମାନ ତଳି ବଞ୍ଚିବା ପାଇଁ ପାଣି ଆବଶ୍ୟକ ହୋଇପଡ଼ିଛି। ବର୍ଷା ଅଭାବରୁ ତଳି ମରିବାକୁ ବସିଲାଣି। ତଳି



ତଳି ପଡିଥିବା ଜମି ଶୁଖିଲା ।

ପଡ଼ିଥିବା ଜମିରେ ସାଧାରଣତଃ ପାଣି ରହିବା ଆବଶ୍ୟକ। ନଚେତ ତଳି ଉଠିବା କଷ୍ଟକର। କିନ୍ତୁ ବୌଦ୍ଧ ଜିଲା ବାଉଁଶୁଣୀ ଅଞ୍ଚଳରେ ତଳି ପଡ଼ିଥିବା ଜମି ଶୁଖି ଫାଟିଗଲାଣି। ଅନ୍ୟପକ୍ଷରେ ଜୁଲାଇ ୧୫ରେ କେନାଲରେ ପାଣି ଆସିଥାଏ। ତାହାକୁ ଆଖି ଆଗରେ ରଖି ଚାଷୀ ତଳି ପକାଇଥିଲେ। ହେଲେ ବର୍ଷା ନାହିଁ କି କେନାଲରେ ପାଣି ନାହିଁ। ଦିନେ ଦୁଇ ଦିନ ମଧ୍ୟରେ ବର୍ଷା କିମ୍ବା କେନାଲରେ ପାଣି ନ ଆସିଲେ ତଳି ମରିବା ସୁନିଶ୍ଚିତ ବୋଲି ଚାଷୀମାନେ କହିଛନ୍ତି। ସେହିଭଳି ତଳି ରୋଇବା ବଦଳରେ ମାଳ, ଢ଼ିପ ଓ ଉଚ୍ଚ ଜମିରେ କିଛି କ୍ଷେତରେ ଧାନ ବୁଣିଥିଲେ ଏବେ ସେସବୁ ମରିବାକୁ ବସିଲାଣି।

- ଜମିରେ ପହଞ୍ଚୁନି କେନାଲ ପାଣି
- ବର୍ଷା ଅଭାବରୁ ତଳି ମରିବାକୁ ବସିଲାଣି

ଆବଶ୍ୟକ ବର୍ଷା ଓ ଅପହଞ୍ଚ କେନାଲ ପାଣି ସମସ୍ୟା ଯୋଗୁ ଚାଷୀ ଚିନ୍ତାରେ ପଡିଯାଇଛନ୍ତି। ତେଣୁ ଶୀଘ୍ର କେନାଲରେ ପାଣି ଛାଡିବାକୁ ଚାଷୀ ଗଣ୍ଡାରମ ପ୍ରଧାନ, ପ୍ରତାପ ପ୍ରଧାନ, ମୁରଲୀ ପ୍ରଧାନ, କିରଟି ପ୍ରଧାନ, ଅଶୋକ ନାଏକ, କେଦାର ସେଠୀ, ଦୁର୍ଯ୍ୟୋଧନ ପ୍ରଧାନ, ସିଦ୍ଧେଶ୍ୱର ପ୍ରଧାନ, ଭବାନୀ କର୍ଣ୍ଣ, ଘାସିରାମ ପ୍ରଧାନ, ଜୟଦେବ କଲତା, ଭୁବନ ସ୍ୱାଇଁ ପ୍ରମୁଖ ଦାବି କରିଛନ୍ତି। ଏସମ୍ପର୍କରେ ସାଲୁଙ୍କି ଜଳସେଚନ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିବାରୁ ଶୁକ୍ରବାର ପାଣି ଛାଡ଼ାଯିବ। ଧୀରେ ସବୁ ଶାଖା କେନାଲରେ ପାଣି ଛଡ଼ାଯିବ ବୋଲି କହିଥିଲେ।

# ଏକଦିବସୀୟ ଫୁଟ୍‌ବଲ: ସରଗାଡ଼ ବିଜୟୀ

**ଲୋଇସିଂହା,୧୬।୭ (ଡି.ଏନ.ଏ.)**



ପ୍ରତିଯୋଗିତାରେ ଭାଗ ନେଇଥିବା ଖେଳାଳି ।

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଦଦିମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ କୁରୁରାପାଲି ହାଇସ୍କୁଲ ପଡିଆରେ ଏକଦିବସୀୟ ଫୁଟବଲ ପ୍ରତିଯୋଗିତା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜାମୁଟବାହାଲ ଦଳକୁ ହରାଇ ସରଗାଡ ବିଜୟୀ ହୋଇଛି । କୁରୁରାପାଲି ଗ୍ରାମର ଫୁଟବଲ କମିଟି ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଝାରମୁଣ୍ଡା, କୁରୁରାପାଲି, ଛତାବାହାଲ, କୁଶଙ୍ଗ, କୁଶମେଲ, ପରଧିଆପାଲି, ସରଗାଡ ଓ ଜାମୁଟବାହାଲ ଦଳ ଅଂଶଗ୍ରହଣ କରିଥିଲେ। ସରଗାଡ ଓ ଜାମୁଟବାହାଲ ମଧ୍ୟରେ ଅନୁଷ୍ଠିତ ଫାଇନାଲ ଖେଳରେ ୧-୦ ଗୋଲରେ ସରଗାଡ ବିଜୟୀ ହୋଇଥିଲା । ହେମନ୍ତ ବାରଲେଣ୍ଡିଆ, ଅମିତ ସାହୁ ଓ ସୁଦାମ ମିଶ୍ର ଖେଳ ପରିଚାଳନା କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ସ୍ଥାନୀୟ ସରପଞ୍ଚ କିରଣ ସାହୁ ଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ । ତରଣୀ ସାହୁ, ଏସ. ସେଠ, ସୁବାଷ ମଟାରୀଙ୍କ ସମେତ କମିଟି ସଦସ୍ୟ ସହଯୋଗ କରିଥିଲେ।

REQUIRES EXPERIENCE STAFFS
• RECEPTIONIST - 1 No. • COOK - 2 Nos.
• ୱେଟର – ୪ଜଣ • ହାଉସ୍ କିପର (ଅଭିଜ୍ଞ ମହିଳା/ପୁରୁଷ) – ୨ଜଣ • TOURIST CAR DRIVER - 5 Nos. (With badge and Heavy Licence).
WALK-IN-INTERVIEW
Residency 24×7, 13 West, Ashok Nagar (Behind Khadi Niketan), BBSR (10 A.M. to 5 P.M.)
9938329002
ଯୋଗ୍ୟ ପ୍ରାର୍ଥୀଙ୍କୁ ଉତ୍ତମ ଦରମା ଦିଆଯିବ।

WANTED
A SUPERVISOR FOR RE-ROLLING MILL AT: JAGATPUR, CUTTACK.
Contact: 9937399588

**ତହସିଲ କାର୍ଯ୍ୟାଳୟ, ସଦର, ଜିଲ୍ଲା: ସୁନ୍ଦରଗଡ଼**

ବିଜ୍ଞାପନ ପତ୍ର ସଂଖ୍ୟା: ୨୦୯୨ — ତା୧୬।୦୭।୨୦୨୧

**ଲଘୁ ଖଣିଜ ଦ୍ରବ୍ୟ ନିମନ୍ତେ ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ସୁନ୍ଦରଗଡ଼ ଜିଲ୍ଲା ଅନ୍ତର୍ଗତ ସଦର, ସୁନ୍ଦରଗଡ଼ ତହସିଲ ଅଧୀନରେ ଥିବା କଇଁସରା ସୈରାତ ଉତ୍ସ (ସାରଣୀ-୧ରେ ଦର୍ଶିତ)କୁ ଆଗାମୀ ୫ (ପାଞ୍ଚ)ବର୍ଷ ପାଇଁ ଦୀର୍ଘ ମିଆଦି ଲିଜ୍ ସୂତ୍ରେ ନେବା ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଛି।
ସୈରାତ ଉତ୍ସ ଗୁଡ଼ିକର ଲିଜ୍ ସମ୍ବନ୍ଧୀୟ ତଥ୍ୟ ସୁନ୍ଦରଗଡ଼ ଜିଲ୍ଲା Website: **http://sundergarh.nic.in**ରେ ଉପଲବ୍ଧ ହେବ। ସବିଶେଷ ବିବରଣୀ ଏବଂ ଅନ୍ୟାନ୍ୟ ନିୟମାବଳୀ ଜାଣିବା ପାଇଁ ଇଚ୍ଛୁକ ବ୍ୟକ୍ତି ସମ୍ପୃକ୍ତ ତହସିଲଦାରଙ୍କ କାର୍ଯ୍ୟାଳୟ ସହ ଯେ କୌଣସି କାର୍ଯ୍ୟ ଦିବସରେ ଯୋଗାଯୋଗ କରିପାରିବେ।

ସାରଣୀ-୧

**ଲଘୁ ଖଣିଜ ଉତ୍ସର ବିବରଣୀ**

| କ୍ର.ନଂ. | ଉତ୍ସର ନାମ/ମୌଜାର ନାମ | ମୌଜାର ନାମ | ଜମିର ତଫସିଲ | | | | Royalty (in Rs.) | Minimum Additional Charges (in Rs.) | Minimum Guaranteed Quantity (in CUM per year) | Interest Free Security Deposit (in Rs.) |
|---|---|---|---|---|---|---|---|---|---|---|
| | | | ଖାତା ନଂ. | ପ୍ଲଟ ନଂ. | ଏକର | ହେକ୍ଟର | | | | |
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 |
| 1 | କଇଁସରା ବାଲି ଉତ୍ସ-୧ | କଇଁସରା | 86 | 96/1146/P | 6.00 | 4.856 | 35.00 | 70.00 | 10,197.40 | 53536.00 |
| | | ଦେଉଲି | 257 | 2668/P | 6.00 | | | | | |

ସ୍ୱା./– ତହସିଲଦାର ସଦର, ସୁନ୍ଦରଗଡ଼

## ସଂକ୍ଷେପରେ

### ଚୋରି ଅଭିଯୋଗ, ୫ ଗିରଫ

**ବରଗଡ଼ ଅଫିସ୍/ଭଟଲି,୧୬।୭:** ବରଗଡ଼ ଜିଲା ଭଟଲି ଥାନା ବାଉଲସିଂହାର ଏକ ଫାର୍ମ ହାଉସରୁ ଟିଣ ଚଦର, ଲୁହା ଏଙ୍ଗଲ ଆଦି ଚୋରି କରିଥିବା ଅଭିଯୋଗରେ ପୋଲିସ ୫ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବାଉଲସିଂହାର ସୋନୁ ତାଣ୍ଡି, ଜିତେନ ସାହୁ, ପ୍ରଦୀପ ସାହୁ, ରାଇଶୋଭାର ରାଜେନ୍ଦ୍ର ଦେହେରୀ ଏବଂ ଅଟୋ ଚାଳକ ଅଜିତ ମହାପାତ୍ର। ସେମାନଙ୍କ ପାଖରୁ ଚୋରି ହୋଇଥିବା ୨୦ଟି ଟିଣ ଚଦର, ୧୨ଟି ଲୁହା ଏଙ୍ଗଲ ଏବଂ ବ୍ୟବହୃତ ଏକ ଅଟୋ ଜବତ ହୋଇଛି। ଗିରଫ ଅଭିଯୁକ୍ତମାନଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯାଇଛି। ଏ ନେଇ ଭଟଲି ଥାନାରେ ଏକ ମାମଲା (ନଂ.୧୩୮/୨୧) ରୁଜୁ ହୋଇଛି।

### ବଧୂହତ୍ୟା ଅଭିଯୋଗ, ୪ ଅଟକ

**ବରଗଡ଼ ଅଫିସ୍/ପଦ୍ମପୁର,୧୬।୭:** ବରଗଡ଼ ଜିଲା ପଦ୍ମପୁର ଥାନା ସିଂହନପୁର ଗ୍ରାମରେ ଜଣେ ବିବାହିତା ମହିଳାଙ୍କୁ ପୋଡ଼ି ମାରି ଦିଆଯାଇଥିବା ଅଭିଯୋଗ ହୋଇଛି। ମୃତା ମହିଳା ହେଲେ ଉକ୍ତ ଗ୍ରାମର ରମେଶ ମେହେରଙ୍କ ସ୍ତ୍ରୀ ନୀତୁ। ନୀତୁଙ୍କୁ ଶାଶୁଘର ଲୋକେ ନିଆଁରେ ପୋଡ଼ି ହତ୍ୟା କରିଥିବା ନେଇ ତାଙ୍କ ଭାଇ ଜୟଦେବ ମେହେର ପଦ୍ମପୁର ଥାନାରେ ଏତଲା ଦେଇଛନ୍ତି। ଏହାସହିତ ମହିଳାଙ୍କ ମୃତଦେହକୁ ଥାନା ଆଗରେ ରଖି ଅଭିଯୁକ୍ତମାନଙ୍କୁ ଗିରଫ କରିବାକୁ ପରିବାର ଲୋକେ ଦାବି କରିଛନ୍ତି। ପୋଲିସ ମୃତ ମହିଳାଙ୍କ ଶାଶୁଘରର ୪ଜଣଙ୍କୁ ଥାନାକୁ ଆଣି ଅଟକ ରଖିଛି । ଘଟଣାକୁ ନେଇ ଥାନା ଆଗରେ ଉତ୍ତେଜନା ପ୍ରକାଶ ପାଇଛି। ସୂଚନା ଅନୁଯାୟୀ, ବୁଢ଼େନ ଥାନା ବୁଢ଼ାମାଲ ଗ୍ରାମର ଜୟଦେବଙ୍କ ଭଉଣୀ ନୀତୁ ସିଂହନପୁର ଗ୍ରାମର ସୁଶୀଲ ମେହେରଙ୍କ ପୁଅ ରମେଶଙ୍କୁ ବିବାହ କରିଥିଲେ। ବିବାହ ସମୟରେ ସେମାନେ ସାଧ୍ୟମତେ ଉପହାର ଦେଇଥିଲେ। ମାତ୍ର ବିବାହ ପରେ ଅଧିକ ଯୌତୁକ ଦାବି କରି ନିତୁଙ୍କୁ ନିର୍ଯାତନା ଦିଆଯାଉଥିଲା ବୋଲି ଜୟଦେବ ଅଭିଯୋଗ କରିଛନ୍ତି। ଗୁରୁବାର ନିତୁ ନିଆଁରେ ପୋଡ଼ି ଆହତ ହୋଇଥିବା ନେଇ ତାଙ୍କୁ ସୂଚନା ଦିଆଯାଇଥିଲା। ସେ ପହଞ୍ଚିବା ପରେ ନୀତୁଙ୍କୁ ବୁର୍ଲା ଏବଂ ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । ମାତ୍ର ବାଟରେ ନୀତୁଙ୍କ ଜୀବନ ଚାଲିଯାଇଥିଲା ।

# ଜଳସେଚନ ଠିକ ଭାବେ ହେଉ ନ ଥିବା ନେଇ ଉଦ୍‌ବେଗ

**ବୌଦ୍ଧ,୧୬।୭(ସ୍ୱ.ପ୍ର.)**

ବୌଦ୍ଧ ଜିଲା ଭାଜପାର କାର୍ଯ୍ୟକାରିଣୀ ବୈଠକ ଜିଲା ସଭାପତି ବିପ୍ରଚରଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ୭ଟି ପ୍ରସ୍ତାବକୁ ସର୍ବସମ୍ମତିକ୍ରମେ ଅନୁମୋଦନ କରାଯାଇଥିଲା। ଜିଲାରେ ଅପରାଧ ବୃଦ୍ଧି, ବେଆଇନ ନିଶାଦ୍ରବ୍ୟ କାରବାର ଓ ଥାନାର ଦ୍ୱାରସ୍ଥ ସାଧାରଣ ଲୋକଙ୍କୁ ଉପଯୁକ୍ତ ନ୍ୟାୟ ମିଳୁନି। ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା, ଡାକ୍ତରଖାନାଗୁଡିକରେ ଡାକ୍ତର ଅଭାବ ଓ ଗମନାଗମନ କ୍ଷେତ୍ରରେ ଅବ୍ୟବସ୍ଥା ଦେଖାଦେଇଛି। ମଣ୍ଡିଗୁଡିକରୁ ଠିକ୍ ଭାବେ ଧାନ ବିକ୍ରୟ ହୋଇପାରୁ ନାହିଁ। କେନ୍ଦ୍ର ସରକାର ଯୋଗାଇ ଦେଉଥିବା ଅର୍ଥ ମଣ୍ଡିର ଉନ୍ନତି ପାଇଁ ଖର୍ଚ୍ଚ କରାଯାଉନାହିଁ। ମିଲରମାନଙ୍କ ମନମାନିରେ ଚାଷୀଙ୍କ ଠାରୁ ଧାନ କିଣାଯାଉଥିବା ପ୍ରସଙ୍ଗରେ ବୈଠକରେ ଆଲୋଚନା ହୋଇଥିଲା। ସେହିପରି



ବୈଠକରେ ଯୋଗ ଦେଇଥିବା ନେତା ଓ କର୍ମୀ ।

**ଜିଲା ଭାଜପାର କାର୍ଯ୍ୟକାରିଣୀ ବୈଠକ**

ଜମିକୁ ଠିକ୍ ଭାବେ ଜଳସେଚନ ହୋଇ ପାରୁ ନ ଥିବାରୁ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏହାସହିତ ଯୁବତୀଯୁବକମାନଙ୍କୁ ଉପଯୁକ୍ତ କର୍ମସଂସ୍ଥାନ ଯୋଗାଇ ଦେବା, ଜିଲାବାସୀଙ୍କୁ ୨୪ ଘଣ୍ଟା ବିଦ୍ୟୁତ୍ ଯୋଗାଣ କରାଯିବାକୁ ଦାବି କରାଯାଇଥିଲା। ସେହିପରି ଦଳର ସାଂଗଠନିକ କାର୍ଯ୍ୟକ୍ରମ ସଂପର୍କରେ ଆଲୋଚନା କରାଯାଇଥିଲା। ଭର୍ଚୁଆଲରେ ଅନୁଷ୍ଠିତ ଏହି ବୈଠକରେ ଜିଲା ପ୍ରଭାରୀ ରାମଚନ୍ଦ୍ର ମେହେର, ବିଧାୟକ ପ୍ରାର୍ଥୀ କହ୍ନାଇଁ ଚରଣ ଡାଙ୍ଗ, ସୁଶାନ୍ତ କୁମାର ପ୍ରଧାନ, ମାଗୁଣି ଚରଣ ଗାଇଗୌରିଆ, ସୂର୍ଯ୍ୟ ନାରାୟଣ ମହାପାତ୍ର, ସୌମିତ୍ରୀ କୁମାର ନାୟକ, ସଂଯୁକ୍ତା ନାୟକ, ତାପସ ପଟ୍ଟନାୟକ, ଜିଲା ଯୁବ ମୋର୍ଚ୍ଚା ସଭାପତି ଅଟଳ କୁମାର ପ୍ରଧାନଙ୍କ ସମେତ ସମସ୍ତ ମଣ୍ଡଳ ସଭାପତି ଓ ଦଳୀୟ କର୍ମୀ ଯୋଗ ଦେଇଥିଲେ।

# ୨୨ ଦିନ ପରେ ଅଙ୍ଗନୱାଡି କେନ୍ଦ୍ରରୁ ଖୋଲିଲା ତାଲା



ଅଙ୍ଗନୱାଡ଼ି କେନ୍ଦ୍ର ଖୋଲାଯାଉଛି ।

**ବାଉଁଶୁଣୀ,୧୬।୭(ଡି.ଏନ୍.ଏ.)**

ଆଜକୁ ୨୨ଦିନ ହେଲା ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଲମ୍ବସରୀ ଗ୍ରାମପଞ୍ଚାୟତ ପିଣ୍ଡାପଦର ଅଙ୍ଗନୱାଡ଼ି କେନ୍ଦ୍ରରେ ଗ୍ରାମବାସୀ ତାଲା ପକାଇଥିଲେ। ଅଙ୍ଗନୱାଡ଼ି କର୍ମୀ ଲକ୍‌ଡାଉନ ପୂର୍ବରୁ ଅର୍ଥାତ୍ ମାର୍ଚ୍ଚରୁ ଶିଶୁ ଓ ଗର୍ଭବତୀ ମହିଳାଙ୍କ ଖାଦ୍ୟ ବଣ୍ଟନ ନ କରିବା, ଅଙ୍ଗନୱାଡ଼ି କେନ୍ଦ୍ରକୁ ନ ଆସିବା ଆଦି ଅଭିଯୋଗ କରି ଗ୍ରାମବାସୀ ଗତ ଜୁନ ୨୩ରେ କେନ୍ଦ୍ରରେ ତାଲା ପକାଇ ଦେଇଥିଲେ। ସମ୍ପୃକ୍ତ ଅଙ୍ଗନୱାଡ଼ି କର୍ମୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ସେମାନେ ଖାଦ୍ୟ ଗ୍ରହଣ କରିବେ ନାହିଁ ବୋଲି ଶୁଣାଇ ଦେଇଥିଲେ। ଗତ ୧୩ ତାରିଖ ଜିଲା ସମାଜ ମଙ୍ଗଳ ଅଧିକାରୀ ପିଣ୍ଡାପଦର ଗ୍ରାମକୁ ଯାଇ ଲୋକଙ୍କ ସହ ଆଲୋଚନା କରି ସମାଧାନର ବାଟ ଖୋଜିଥିଲେ । ଲୋକେ ଗୋଟିଏ ଜିଦ୍ ଧରିଥିଲେ ଯେ, ଅଙ୍ଗନୱାଡ଼ି କର୍ମୀ କରିଥିବା ଅନିୟମିତ କାର୍ଯ୍ୟର ତଦନ୍ତ ଓ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ । ସେଦିନ ମଧ୍ୟ ସମାଧାନ ସମ୍ଭବ ହେଲା ନାହିଁ। ଶୁକ୍ରବାର ଦପଲା ସେକ୍ଟର ସୁପରଭାଇଜର୍ ଜାନକୀ ଭୋଇ ସିଡ଼ିପିଓ କଣ୍ଟାମାଳଙ୍କ ଏକ ଆଦେଶପତ୍ର ଲୋକଙ୍କୁ ଦେଖାଇବା ପରେ ଅଙ୍ଗନୱାଡ଼ି କେନ୍ଦ୍ର ଖୋଲାଯାଇଥିଲା। ଯେଉଁଥିରେ କି ଖାଦ୍ୟ ବଣ୍ଟନରେ ଅବହେଳା କରୁଥିବା ପିଣ୍ଡାପଦର ଅଙ୍ଗନୱାଡ଼ି କର୍ମୀଙ୍କ କ୍ଷମତା ସଂକୁଚିତ କରାଯାଇ ମାରଡୋଲ କେନ୍ଦ୍ରର କର୍ମୀ ମଞ୍ଜୁଲତା ପାତ୍ରଙ୍କୁ ପିଣ୍ଡାପଦର କେନ୍ଦ୍ରର ସମସ୍ତ ଦାୟିତ୍ୱ ଅର୍ପଣ କରାଯାଇଥିବା ସିଡ଼ିପିଓ ଚିଠି ନମ୍ବର୍ ୮୨୧, ତା ୧୩।୭।୨୦୨୧ରେ ଆଦେଶ କରିଛନ୍ତି। ସେହିପରି ପିଣ୍ଡାପଦର ଅଙ୍ଗନୱାଡ଼ି କର୍ମୀ ବାସନ୍ତୀ ପ୍ରଧାନ ଶୁକ୍ରବାର ସୁପରଭାଇଜର ଓ ଗ୍ରାମ କମିଟି ସଦସ୍ୟଙ୍କ ଉପସ୍ଥିତିରେ ମାରଡୋଲ ଅଙ୍ଗନୱାଡ଼ି କର୍ମୀ ମଞ୍ଜୁଲତା ପାତ୍ରଙ୍କୁ ସମସ୍ତ କାଗଜ ଓ ଖାତାପତ୍ର ଅର୍ପଣ କରିଥିଲେ। ଖାଦ୍ୟ ଦେଇ ନ ଥିବା ମାସଗୁଡିକର ଅଣ୍ଡା, ଛତୁଆ ଓ ଅନ୍ୟାନ୍ୟ ସାମଗ୍ରୀ ବାବଦକୁ ୪୩୧୭୬ ଟଙ୍କା ମଧ୍ୟ ତାଙ୍କ ନିକଟରୁ ରିକୋଭରୀ କରାଯାଇ ଭାରପ୍ରାପ୍ତ କର୍ମୀଙ୍କ ନିକଟରେ ଦାଖଲ କରାଯାଇଥିବା ଜଣାପଡିଛି। କଣ୍ଟାମାଳ ସିଡିପିଓ ଓ ଦପଲା ସେକ୍ଟର ସୁପରଭଇଜରଙ୍କ ପ୍ରଚେଷ୍ଟାରେ ଅସ୍ଥାୟୀ ସମାଧାନ କରାଯାଇ ଅଙ୍ଗନୱାଡ଼ି କେନ୍ଦ୍ରର ଅଚଳାବସ୍ଥା କିଛିକାଂଶରେ ଦୂର ହୋଇଛି। ଅଙ୍ଗନୱାଡ଼ି କର୍ମୀ କରିଥିବା ଅନିୟମିତତାର ତଦନ୍ତ ଓ ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ବହିଷ୍କାର କରାଯିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ପ୍ରଶାସନ-ଗ୍ରାମ୍ୟ କମିଟି ଆଲୋଚନା ବିଫଳ

**ବୌଦ୍ଧ,୧୬।୭(ସ୍ୱ.ପ୍ର)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର୍ ଛତରଙ୍ଗ ପଞ୍ଚାୟତର ଖରଭୁଇଁ ଓ ବାଇସିପଡା ମୌଜାରେ ସ୍ଥାପନ ହୋଇଥିବା କ୍ରଶରଗୁଡିକ ବନ୍ଦ ଦାବିରେ ଗ୍ରାମବାସୀ ବର୍ତ୍ତମାନ ପୁରା ନଛୋଡବନ୍ଧା ହୋଇଛନ୍ତି। ହରଭଙ୍ଗା ବ୍ଲକର ଛତରଙ୍ଗ ପଞ୍ଚାୟତର ଖରଭୂଇଁ ଓ ବାଇସିପଡା ଜଙ୍ଗଲରେ ୪ଟି କ୍ରଶର ସ୍ଥାପନ ହୋଇଛି। କ୍ରଶରଗୁଡିକ ଚାଲୁଥିବାରୁ ଗ୍ରାମଗୁଡିକରେ ବ୍ୟାପକ କ୍ଷତିଘଟୁଥିବା ନେଇ ଗ୍ରାମବାସୀ ସେଗୁଡିକ ସମ୍ପୂର୍ଣ୍ଣ ବନ୍ଦ ଦାବିରେ ପ୍ରାୟ ଏକ ମାସ ହେବ ଆନ୍ଦୋଳନ ଚଳେଇଛନ୍ତି। କ୍ରଶର ଚାଲୁଥିବା ଯୋଗୁ ଅଞ୍ଚଳରେ ପିଇବାପାଣିର ସମସ୍ୟା, ଚାଷ ଜମିର ଉର୍ବରତା ହ୍ରାସ ସହ ବିଭିନ୍ନ ରୋଗ ହେଉଛି। ଘରଗୁଡିକ ଭାଙ୍ଗି ନଷ୍ଟ ହୋଇଯାଉଛି। ଏନେଇ ଗ୍ରାମବାସୀ ସମସ୍ତ କ୍ରଶର ଆଗରେ କାଠଗଣ୍ଡି ଥୋଇ ଓ ରାସ୍ତା ଖୋଳି ବନ୍ଦ କରିଛନ୍ତି। କିନ୍ତୁ ଗତ ମଙ୍ଗଳବାର



କ୍ରଶର ବନ୍ଦ ନେଇ ଗ୍ରାମ୍ୟ କମିଟି ଓ ପ୍ରଶାସନ ପକ୍ଷରୁ ଗାଁ ଶିବ ମନ୍ଦିରଠାରେ ବୈଠକ ଚାଲିଛି।

କ୍ରଶର ବନ୍ଦ ଦାବିରେ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ହରଭଙ୍ଗା ତହସିଲ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିକ୍ଷୋଭ ଯୋଗୁ ପ୍ରଶାସନ ପକ୍ଷରୁ କ୍ରଶରଗୁଡିକ ବନ୍ଦ କରାଯାଇଥିବା, ଆଲୋଚନା କରାଯିବା ପରେ ନିଷ୍ପତ୍ତି ନିଆଯିବ ବୋଲି କୁହାଯାଇଥିଲା। ଏନେଇ ଶୁକ୍ରବାର ଅତିରିକ୍ତ ଉପଜିଲାପାଳ ଏନସି ଜ୍ୟୋତିରଞ୍ଜନ ନାଏକ, ଉପଜିଲାପାଳ ଅଶ୍ୱିନୀ କୁମାର ମେହେର, ତହସିଲଦାର ଶମ୍ଭୁଭୂଷଣ ମିଶ୍ର, ବିଡିଓ ନୀଳକଣ୍ଠ ବେହେରା, ଅତିରିକ୍ତ ତହସିଲଦାର ହରିଓମ ଭୋଇ, ଜିଲାପରିଷଦସଭ୍ୟ ଅବକାଶ ସାହୁ, ଛତରଙ୍ଗ ସରପଞ୍ଚ ଶୁଶିଲ କୁମାର ପ୍ରଧାନ

- କ୍ରଶରବନ୍ଦ ଦାବିରେ ଗ୍ରାମବାସୀ ଅଟଳ
- କ୍ରଶର ଚାଲିବା ପାଇଁ ଥିବା ଆଇନର ଓଡ଼ିଆ ଅନୁବାଦ ଦେଖିଲା ପରେ ନିଆଯିବ ନିଷ୍ପତ୍ତି

ଓ ଖରଭୂଇଁ ଗ୍ରାମ୍ୟ କମିଟିଙ୍କ ଉପସ୍ଥିତିରେ ଗ୍ରାମର ଶିବ ମନ୍ଦିର ପ୍ରାଙ୍ଗଣରେ କ୍ରଶର ଚାଲିବା ନେଇ ଆଲୋଚନା ହୋଇଥିଲା। କିନ୍ତୁ ଆଲୋଚନା ବିଫଳ ହେବା ସହ ଗ୍ରାମ୍ୟ କମିଟି ନିଜ ଜିଦରେ ଅଟଳ ଥିବା ଜଣାପଡିଛି। ଆହୁରୀ ମଧ୍ୟ ଆମ୍ଭମାନଙ୍କୁ ପଥରକ୍ୱାରୀ ପରମିଶନ ଓ ବ୍ଲାଷ୍ଟିଂ ନେଇ ଥିବା ଆଇନ ଉପରେ ଓଡିଆ ଅନୁବାଦ ଦିଆଗଲେ ତାହାର ତର୍ଜମା କରାଯିବା ନେଇ ଗ୍ରାମବାସୀ କହିଥିଲେ। ଏନେଇ ପ୍ରଶାସନ ପକ୍ଷରୁ ଓଡିଆ ଅନୁବାଦ ଦିଆଯିବ ବୋଲି କୁହାଯାଇଛି। ଏହି ଆଲୋଚନାରେ ବହୁମହିଳା ମଧ୍ୟ ସାମିଲ ଥିଲେ।

**ODISHA PUBLIC SERVICE COMMISSION**
**ADVERTISEMENT No.07 OF 2021-22**

**Recruitment to the posts of Assistant Director of Sericulture, Group-B of Odisha Textile & Sericulture Service (Sericulture Cadre) under Handlooms, Textiles & Handicrafts Department.**

WEBSITE - http://opsc.gov.in

**No. D-60:-** Online applications are invited from the prospective candidates through the proforma application to be made available on the Website of the Commission (http://opsc.gov.in). **The link for registration/re-registration and payment of examination fee shall be available from 30.07.2021 to 31.08.2021 (Note: 07.09.2021 is the last date for submission of Registered Online Application)** for recruitement to 07 (Seven) posts of Assistant Director of Sericulture, Group-B of Odisha Textile & Sericulture Service (Sericulture Cadre) under Handlooms, Textiles & Handicrafts Department carrying the pay at Level-10 of the Pay Matrix with usual Dearness and other Allowances as may be sanctioned by the Government of Odisha from time to time. The posts are temporary but likely to continue.

2. **VACANCY POSITION:** As per requisition filed by the Handlooms, Textiles & Handicrafts Department, Government of Odisha, out of total 07 (02-w) post, 03 (01-w) posts are for UR category, 01 post is for SEBC category, 01 post is for SC category & 02 (01-w) posts are for ST category.

3. **AGE:** A candidate must not ordinarily be below 21 (twenty one) years and above 32 (thirty two) years of age as on the 1st day of Agugust, 2021 i.e. he/she must have been born not earlier than 2nd August, 1989 and not later than 1 August, 2000.

4. **EDUCATIONAL QUALIFICATION:** A candidate must have possessed: **(i)** A Second Class M.Sc. (Ag.) in Entomology **OR (ii)** A Second class M.Sc. in Botany, zoology, Life Science, Sericulture or Sericulture Technology **OR (iii)** B.Sc. (Ag.) with one year experience in Sericulture **OR (iv)** B.Sc. with Botany and Zoology or Life Science with Post-Graduate Diploma in Sericulture from any recognized University/ Institute in India with one year field experience in Sericulture.

5. **EXAMINATION FEE:**
A candidate is required to pay a non-refundable and non-adjustable fee of **Rs.500/- (Rupees five hundred)** only. Candidates belonging to **Scheduled Caste and Scheduled Tribe of Odisha and Persons with Disability (whose permanent disability is 40% and more)** are **exempted from payment of this fee.**
The link for registration/ re-registration and payment of examination fee shall be available from 30.07.2021 to 31.08.2021 (Note: 07.09.2021 is the last date for submission of Registered Online Application).
The candidates are advised to visit the Website of the Commission at **http://opsc.gov.in for detailed information for applying to the above post.**

CUTTACK
DATE- 16.07.2021

Sd./- SECRETARY
ODISHA PUBLIC SERVICE COMMISSION
CUTTACK
OIPR-12002/11/0037/2122

**ODISHA PUBLIC SERVICE COMMISSION**
**CUTTACK**
**NOTICE**

**No. 4849/PSC, (1R-43-21-22) (DR-V),** **Dt. 16.7.21**

**No. D-61:-** It is for information of all concerned that, pursuant to the advertisement No. 08 of 2020-2021, 10 (Ten) candidates, bearing the following **PPSAN** have been shortlisted for the physical verification of original documents to determine their eligibility and suitability for recruitment to the post of Assistant Professor.
The physical verification of original certificates / documents etc in respect of those candidates will be held in the office of the Commission at 19, Dr. P. K. Parija Road, Cuttack - 753001 on **22.07.2021** as per the programme mentioned below.

**PROGRAMME OF VERIFICATION**

| Date | Time of Verification | Subject | PPSAN number of candidates |
|---|---|---|---|
| 22.07.2021 | 10.30 AM | Public Administration | 00089564OD000820APU-00011840, 00087721OD000820APU-00011515, 00092043OD000820APU-00008744, 00085463OD000820APU-00006478, 00095204OD000820APU-00004955, 00099762OD000820APU-00010315, 00093808OD000820APU-00011923, 00094634OD000820APU-00005356, 00093055OD000820APU-00004995 & 00090375OD000820APU-00002382 = 10 Candidates |

The candidates are required to submit the following documents at the time of verification:-
1. The hard copies of **online application forms** indicating their **PPSAN at the top right hand corner**.
2. Three passport size **photographs**.
3. **Self-attested** photo copies of all relevant certificates and such other documents etc. **with original** as per Para-9 of the advertisement
4. Duly filled in "**Attestation Form**" & "**Bio-data Form**", (to be downloaded from the website of the Commission) in person on the day of verification.
5. 04 sets of Xerox copies of Published Research Papers.

The candidate (s) shall be allowed to face the interview subject to fulfillment of their eligibility criterion in all respect after completion of verification of documents.
It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.
The candidates are advised to report in the office of the Commission **half an hour before the commencement of verification** on the scheduled date & time as mentioned above. Every candidate is strictly advised to adhere to the **COVID guidelines** as notified by the Government from time to time while attending the document verification process. **COVID-19 test report (RT-PCR) showing negative** obtained from authorized laboratories of ICMR within 48 hours of the date of document verification to be brought by all candidates.

OIPR-12002/11/0038/2122 — **Sd./- Secretary**

## ଆମ୍ବେଡ଼କରଙ୍କ ପ୍ରତିମୂର୍ତ୍ତିରେ ଗୋବର ଫିଙ୍ଗିଥିବା ବ୍ୟକ୍ତିଙ୍କୁ ଗିରଫ ଦାବି

ଭବାନୀପାଟଣା,(ଡି.ଏନ.ଏ.): କଳାହାଣ୍ଡି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଆମ୍ବେଡ଼କରଙ୍କ ପ୍ରତିମୂର୍ତ୍ତି ଉପରେ ଗୋବର ଫିଙ୍ଗିଥିବା ବ୍ୟକ୍ତିଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଛି କଳାହାଣ୍ଡି ଦଳିତ ସେବକ ସଂଘ। ଦଳିତ ସେବକ ସଂଘ ରାଜ୍ୟ ସାଧାରଣ ସମ୍ପାଦକ କେଶବ ବିହାରୀ, ଜିଲା ସଭାପତି ଅପରେଶ ସ୍ୱାଇଁ, କର୍ଲାମୁଣ୍ଡା ଜୋନ-୨ ଜିଲା ପରିଷଦ ସଦସ୍ୟା ପୁଷ୍ପକାନ୍ତି କୁମାର, ଜୋନ୍-୧ ଜିଲା ପରିଷଦ ସଦସ୍ୟା ପ୍ରଭାତି ଭୋଇ, ଅଂଶୁମାନ ଜେନା, ଗଣେଶ କୁମାର, ଗଙ୍ଗାଧର ବେଶ୍ରାଙ୍କ ସମେତ ବହୁ କର୍ମକର୍ତ୍ତା ଏ ନେଇ କଳାହାଣ୍ଡି ଜିଲାପାଳ ଓ ଜିଲା ଆରକ୍ଷୀ ଅଧୀକ୍ଷକଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

### ସଂକ୍ଷେପରେ

## ବିଦ୍ୟୁତ୍ ଚୋରି ଧରପଗଡ଼

**ବରଗଡ଼ ଅଫିସ୍,୧୬।୭:** ବରଗଡ଼ ଜିଲାରେ ବିଦ୍ୟୁତ୍ ଚୋରି ରୋକିବା ପାଇଁ ଧରପଗଡ଼ ଆରମ୍ଭ ହୋଇଛି। ଗୁରୁବାର ଟାଟା ପାୱାର ୱେଷ୍ଟର୍ଣ୍ଣ ଓଡ଼ିଶା ଡିଭିଜନ ଲିଃ (ଟିପିଡବ୍ଲୁଓଡିଏଲ)ର ସୁମିତ ଘୋଷ (ଟିଙ୍ ଅଫ୍ ଅପରେଶନ)ଙ୍କ ନେତୃତ୍ୱରେ ଏକ ଟିମ୍ ଜିଲାର ବିଭିନ୍ନ ସ୍ଥାନରେ ଅତର୍କିତ ଯାଞ୍ଚ କରିଥିଲେ। ଯାଞ୍ଚବେଳେ ବିଭିନ୍ନ ସ୍ଥାନରେ ବିଦ୍ୟୁତ ଚୋରା କାରବାର ଧରାପଡ଼ିଥିଲା। ଦିନକରେ ୧୪୩ଟି ଏଭଳି କେଶ୍ ନଜରକୁ ଆସିଥିଲା ଏବଂ ସମ୍ପୃକ୍ତ ଲୋକେ ୩୫୫ କିଲୋୱାଟ୍ ବିଦ୍ୟୁତ ବ୍ୟବହାର କରିଥିବା ସୂଚନା ଦିଆଯାଇଛି। ଆଗକୁ ଏଭଳି ଧରପଗଡ଼ ଜାରି ରହିବ। ଲୋକେ ଏଭଳି କାର୍ଯ୍ୟରୁ ନିବୃତ୍ତ ରହିବା ସହିତ ସ୍ଥାନୀୟ ବିଦ୍ୟୁତ ବିଭାଗ ସହିତ ଯୋଗାଯୋଗ କରି ମିଟର ବ୍ୟବହାର ସହିତ ଠିକ୍ ଭାବେ ବିଦ୍ୟୁତ ସଂଯୋଗ କରିବା ପାଇଁ କୁହାଯାଇଛି।

## ବଞ୍ଜାରୀ ଘାଟିରୁ ବିସ୍ଫୋରକ ଜବତ

**ଭବାନୀପାଟଣା,୧୬।୭(ଡି.ଏନ.ଏ.):** କଳାହାଣ୍ଡି ଜିଲା ସିକେରକୁପା ଫାଣ୍ଡି ପୋଖରୀବନ୍ଧଠାରୁ ଭବାନୀପାଟଣାକୁ ସଂଯୋଗ କରୁଥିବା ୬ ନମ୍ବର ରାଜ୍ୟ ରାଜପଥ କିଡିଙ୍ଗଠାରୁ ସାନ୍ତପୁର ମଧ୍ୟରେ ଥିବା ବଞ୍ଜାରୀ ଘାଟି ନିକଟରେ ପୋଲିସ ବିସ୍ଫୋରକ ଜବତ କରିଛି। ନିଷ୍କ୍ରିୟ ହୋଇ ପଡିଥିବା ୭ଟି ଆଇଇଡି ବିଭିନ୍ନ ପଥର ଖାଦାନଗୁଡିକରେ ବିସ୍ଫୋରଣ ପାଇଁ ବ୍ୟବହାର ହୋଇଥାଏ ବୋଲି ପୋଲିସ ସୂତ୍ରରୁ ଜଣାପଡ଼ିଛି। ତେବେ କେହି ଜଣେ ଦୁର୍ବୃତ୍ତ ଅଦରକାରୀ ଭାବେ ବିସ୍ଫୋରକଗୁଡିକୁ ରାସ୍ତା କଡରେ ଫିଙ୍ଗି ଦେଇ ଚାଲିଯାଇଥିବା ସନ୍ଦେହ କରାଯାଉଛି। ଖବର ପାଇବା ପରେ ନର୍ଲା ପୋଲିସ ଏହି ସମ୍ପର୍କରେ ସିଆରପିଏଫ କମାଣ୍ଡେଣ୍ଟ ସୁରେଶ କୁମାରଙ୍କୁ ଜଣାଇ ଦିଆଯାଇଥିଲା। ସିଆରପିଏଫ ଯବାନ ସହିତ ବୋମ୍ ସ୍କ୍ୱାଡ଼ ଓ ଡଗ୍‌ସ୍କ୍ୱାଡ ପକ୍ଷରୁ ଘଟଣାସ୍ଥଳ ଯାଞ୍ଚ କରିଥିଲେ। ଯାଞ୍ଚ କରାଯିବା ପରେ ବିସ୍ଫୋରକ ନିଷ୍କ୍ରିୟ ହୋଇ ପଡ଼ିଥିବା ବୋମ୍ ସ୍କ୍ୱାଡ଼ ତଥା ସିଆରପିଏଫ ଯବାନମାନେ ପ୍ରକାଶ କରିଥିଲେ। ସିଆରପିଏଫ କମାଣ୍ଡେଣ୍ଟ ସୁରେଶ କୁମାର, ନର୍ଲା ଡିଏସପି ଅଭିଷେକ ପାଣିଗ୍ରାହୀ ଓ ସିକେରକୁପା ପାଣ୍ଡି ଅଧିକାରୀ ସୁବାଷ ଗୁରୁଙ୍କ ଉପସ୍ଥିତରେ ବିସ୍ଫୋରକ ଜବତ କରାଯାଇଥିଲା।

## ୬ ପ୍ରତିଯୋଗୀ ରାଜ୍ୟସ୍ତରକୁ ମନୋନୀତ

**ବରଗଡ଼ ଅଫିସ୍,୧୬।୭:** ଓଡ଼ିଶା ସାହିତ୍ୟ ଏକାଡ଼େମୀର ପ୍ରତିଷ୍ଠା ଦିବସ ଉପଲକ୍ଷେ ବରଗଡ଼ ଜିଲାସ୍ତରୀୟ ବକ୍ତୃତା (ଓଡ଼ିଆ), ଦେଶାତ୍ମବୋଧକ କବିତା ଆବୃତ୍ତି, ସାହିତ୍ୟ ସମ୍ପର୍କିତ ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାର କନିଷ୍ଠ ବର୍ଗ ବକ୍ତୃତାରେ ଭଟଲି ବ୍ଲକ ବିଛୁଆଁ ଉଚ୍ଚ ପ୍ରାଥମିକ ସ୍କୁଲର ପ୍ରତ୍ୟୁଷ ସାହୁ, ସାହିତ୍ୟ ସମ୍ପର୍କିତ କୁଇଜରେ ପାଇକମାଲ ବ୍ଲକ ଲଖମରା ଜଗନ୍ନାଥ ହାଇସ୍କୁଲର ସିମ୍ରନ ପଟେଲ, ଦେଶାତ୍ମବୋଧକ କବିତା ଆବୃତ୍ତିରେ ବରପାଲି ବ୍ଲକ ବୁରୋମୁଣ୍ଡା ସରକାରୀ ଉଚ୍ଚ ପ୍ରାଥମିକ ସ୍କୁଲର ଶ୍ରୀୟା ସ୍ୱରୂପା ମଲ୍ଲିକ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରକୁ ମନୋନୀତ ହୋଇଛନ୍ତି। ସେହିପରି ବରିଷ୍ଠ ବର୍ଗ ବକ୍ତୃତାରେ ମାଣ୍ଡୋସିଲ ହାଇସ୍କୁଲର ଦେବାଶ୍ରୀ ଖୁଣ୍ଟିଆ, ସାହିତ୍ୟ କୁଇଜରେ ଭଟଲି କମଗାଁ ହାଇସ୍କୁଲର ହରିଶ ଭୋଇ, ରତ୍ନପ୍ରଭା ପ୍ରଧାନ ଦେଶାତ୍ମବୋଧକ କବିତା ଆବୃତ୍ତିରେ ରାଜ୍ୟସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ ହୋଇଛନ୍ତି। ଏହି ପ୍ରତିଯୋଗିତାର ପ୍ରତି ବର୍ଗରେ ୪୨ଜଣ ଲେଖାଏ ପ୍ରତିଯୋଗୀ ଭାଗ ନେଇଥିଲେ। ଜିଲା ସଂସ୍କୃତି ଅଧିକାରୀ କଲ୍ୟାଣୀ ଦାଶ, ସହକାରୀ ସେକ୍ସନ ଅଧିକାରୀ ଚନ୍ଦ୍ରିକା ମେହେର, ଅଧ୍ୟାପିକା ସୁଷମା ଦାଶ ପ୍ରତିଯୋଗିତା ପରିଚାଳନା ସହିତ ବିଚାରକ ଥିଲେ।

## ଗଞ୍ଜେଇ ଜବତ : ୨ ଅଣଓଡିଆ ଯୁବକ ଗିରଫ

**ସୋନପୁର,୧୬।୭(ନି.ପ୍ର.):** ସୋନପୁର ଅବକାରୀ ବିଭାଗ ପକ୍ଷରୁ କୁଞ୍ଜ ଛକଠାରେ ଶୁକ୍ରବାର ଚଢାଉ କରାଯାଇ ୬୧କିଲୋ ୨୦୦ଗ୍ରାମ ଗଞ୍ଜେଇ ଓ ଏକ ମାରୁତି ସୁଜୁକି କାର (ନଂ ଜେଏଚ୦୫ବିକେ-୬୭୯୦) ଜବତ ହୋଇଛି। ଗଞ୍ଜେଇ ଚୋରା ଚାଲାଣ ଘଟଣାରେ ଉତ୍ତରପ୍ରଦେଶର ୨ ଜଣ ଯୁବକଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ଉତ୍ତରପ୍ରଦେଶ ଫତେପୁର ଜିଲା ନଇବସ୍ତିର ଅଙ୍କିତ ଗୁପ୍ତା(୨୪) ଓ ନୟାପୂର୍ବା(କର୍ମୁନ)ର ପ୍ରମୋଦ କୁମାର(୩୫)। ଅଙ୍କିତ ଓ ପ୍ରମୋଦ ବୌଦ୍ଧ ଜିଲାରୁ ଗଞ୍ଜେଇ କିଣି କାରରେ ଉତ୍ତରପ୍ରଦେଶକୁ ଚୋରାଚାଲାଣ କରୁଥିଲେ। ଏହି ଚଢାଉରେ ଅବକାରୀ ଇନ୍ସପେକ୍ଟର ରାଧାକାନ୍ତ ଭୋଇ, ଏସଆଇ ସୁଧୀର କୁମାର ମିଶ୍ର, ଏଏସଆଇ ସବିତା ପଟ୍ଟନାୟକ, କାର୍ତ୍ତିକ ନାଏକ, ପୃଥ୍ୱୀରାଜ କଅଁର, ପିଣ୍ଟୁ ସାହୁ ଓ ଡୋଲାମଣି ପଧାନ ପ୍ରମୁଖ ସାମିଲ ଥିଲେ।

## ବରଗଡ଼ରେ ଚାଷୀ ପଞ୍ଜୀକରଣ

# ଆରମ୍ଭରୁ ଅସନ୍ତୋଷ

**ବରଗଡ଼ ଅଫିସ୍,୧୬।୭**

ରବିଧାନକୁ ଅନେକ ଚାଷୀ ବିକ୍ରି କରି ନ ଥିବାବେଳେ ଖରିଫ ପାଇଁ ଗୁରୁବାରଠାରୁ ଚାଷୀ ପଞ୍ଜୀକରଣ ଆରମ୍ଭ ହୋଇଛି । ତେବେ ପଞ୍ଜୀକରଣ ପାଇଁ ଚାଷୀ ବିଭିନ୍ନ ସରକାରୀ ଅଫିସକୁ ଧାଇଁବେ ନା ଖରିଫ ଚାଷ ଆରମ୍ଭ କରିବେ, ତାକୁ ନେଇ ଏବେ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ସେହିପରି ପଞ୍ଜୀକରଣ ଫର୍ମରେ ଧାନ ବିକ୍ରି ଦିବସ ଉଲ୍ଲେଖ କରିବାକୁ ପଡୁଛି। ଫଳରେ ପଞ୍ଜୀକରଣ ଆରମ୍ଭରୁ ବରଗଡ଼ ଜିଲା ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ଅନୁସାରେ, ବରଗଡ଼ ଜିଲାରେ ରବିଧାନ ସଂଗ୍ରହ ଲକ୍ଷ୍ୟ ୫୩ଲକ୍ଷ ୫୨ହଜାର କୁଇଣ୍ଟାଲ ରହିଥିଲା। ଇତିମଧ୍ୟରେ ୫୧ଲକ୍ଷ ୮୨ହଜାର ୫ଶହ କୁଇଣ୍ଟାଲ ଧାନକ୍ରୟ ହୋଇସାରିଥିବା ବେଳେ ଗତ ଜୁନ ୩୦ରୁ ଧାନ ସଂଗ୍ରହ ପ୍ରକ୍ରିୟା ବନ୍ଦ କରି ଦିଆଯାଇଛି। ଟୋକନରେ ତ୍ରୁଟି, ଅବ୍ୟବସ୍ଥା ସାଙ୍ଗକୁ ଅଦିନିଆ ବର୍ଷା ଯୋଗୁ ଜିଲାର ଅନେକ ଚାଷୀ ଏଯାଏ ଲକ୍ଷାଧିକ ପ୍ୟାକେଟ୍ ରବିଧାନ ବିକ୍ରି କରି ପାରିନାହାନ୍ତି। ଫଳରେ ଖରିଫ ଚାଷ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇପାରିନାହିଁ। ଅପରପକ୍ଷେ ଖରିଫ ପାଇଁ ୧୫ ତାରିଖରୁ ବରଗଡ଼ ଜିଲାରେ ଚାଷୀ ପଞ୍ଜୀକରଣ ଆରମ୍ଭ ହୋଇଛି। ଜିଲାର ୫୮ଟି ପ୍ରାଥମିକ ପ୍ୟାକ୍ସରେ ଏହା ଚାଲିଛି। ତେବେ ପଞ୍ଜୀକରଣ ପାଇଁ ଉଦ୍ଦିଷ୍ଟ ଫର୍ମରେ ଖରିଫ୍ ଧାନ ସଂଗ୍ରହ ପ୍ରକ୍ରିୟାରେ ସମ୍ଭାବ୍ୟ ଧାନ ବିକ୍ରି ଦିବସ ଉଲ୍ଲେଖ କରିବାକୁ ସୂଚୀତ କରାଯାଇଛି। ଖରିଫ ଚାଷ ଆରମ୍ଭରୁ ଧାନ କେବେ ଅମଳ ହେବ, ତାହା ଆକଳନ କରିବା ସମ୍ଭବ ନୁହେଁ। ଅନ୍ୟପକ୍ଷେ ପଞ୍ଜୀକରଣ ଫର୍ମରେ ତାହା ଉଲ୍ଲେଖ ନ କଲେ ଟୋକନ ମିଳିବା ନେଇ ଆଶଙ୍କା ରହିଛି। ଏହା ଚାଷୀଙ୍କୁ ଅଡୁଆରେ ପକାଇଛି।


ଚାଷୀ ପଞ୍ଜୀକରଣ ପାଇଁ ବରଗଡ଼ ବ୍ଲକ ତୋରା ପ୍ୟାକ୍ସକୁ ଚାଷୀମାନେ ଆସିଛନ୍ତି ।

ଚାଷୀନେତା ରମେଶ ମହାପାତ୍ର କହିଛନ୍ତି, ଚାଷୀ ପଞ୍ଜୀକରଣ ପ୍ରକ୍ରିୟାକୁ ଆମେ ସମ୍ପୂର୍ଣ୍ଣ ବିରୋଧ କରୁଛୁ। ଯେଉଁମାନେ ପଞ୍ଜୀକରଣ କରୁଛନ୍ତି, ସମସ୍ତ ପଞ୍ଜୀକୃତ ଚାଷୀଙ୍କ ଧାନକୁ ମଧ୍ୟ ସରକାର କିଣୁନାହାନ୍ତି। ବିଭିନ୍ନ ଆଳ ଦେଖାଇ ଅନେକ ଚାଷୀଙ୍କୁ ପଞ୍ଜୀକରଣରୁ ବାଦ୍ ଦିଆଯାଉଛି। ପଞ୍ଜୀକୃତ ଚାଷୀଙ୍କୁ ଟୋକନ ମିଳିଲେ ମଧ୍ୟ ଅବଧି ସରିଥିବା ଦର୍ଶାଇ ଧାନ କିଣାଯାଉନାହିଁ। ଚାଷୀଙ୍କୁ ଶୋଷଣ କରିବା ପାଇଁ ପଞ୍ଜୀକରଣ ପ୍ରକ୍ରିୟା ଏକ ଫାର୍ସ ବୋଲି ସେ କହିଛନ୍ତି। ବରଗଡ଼ ବ୍ଲକ ତୋରା ଗ୍ରାମର ଜଣେ ଚାଷୀ ଖଗେଶ୍ୱର ଭୋଇ କହିଛନ୍ତି, ସେ ଏଯାଏ ଖରିଫ ଚାଷ ପାଇଁ ପହ୍ଲା ପକାଇ ନାହାନ୍ତି। ସବୁ ଅମଳ ଧାନ ବିକ୍ରି କରି ପାରି ନ ଥିବାରୁ ଖରିଫ ଚାଷ ପାଇଁ ଟଙ୍କା ନାହିଁ। ଅନ୍ୟପଟେ ଚାଷୀ ପଞ୍ଜୀକରଣକୁ ଆରମ୍ଭ କରି ଦିଆଯାଇ ଖରିଫରେ ଧାନ ଅମଳ ତାରିଖ ମଗାଯାଉଛି, ଯାହାକି ଚାଷୀମାନଙ୍କୁ ମାନସିକ ଆଘାତ ଦେଉଛି। ଆଉ ମାସେ ପରେ ଏହି ପ୍ରକ୍ରିୟା ଆରମ୍ଭ ହୋଇଥିଲେ ଠିକ୍ ହୋଇଥାନ୍ତା ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ଅତିରିକ୍ତ ସମବାୟ ଉପନିବନ୍ଧକ ଭକ୍ତବନ୍ଧୁ ସାହୁ କହିଛନ୍ତି, ଗତ ୧୫ତାରିଖରୁ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଜିଲାର ସମସ୍ତ ପ୍ୟାକ୍ସରେ ଏହା ଚାଲିଛି। ଗତବର୍ଷ ଖରିଫରେ ୧ଲକ୍ଷ ୩୫ହଜାର ଚାଷୀ ପଞ୍ଜୀକରଣ କରିଥିଲେ। ଏଥର ତାକୁ ୧ଲକ୍ଷ ୬୦ହଜାରକୁ ବୃଦ୍ଧି କରାଯାଇଛି। ଚାଷୀମାନେ ଉଦ୍ଦିଷ୍ଟ ଫର୍ମ ପୂରଣ ସହିତ ଆବଶ୍ୟକ ତଥ୍ୟ ଦେଇ ପଞ୍ଜୀକରଣ ପ୍ରକ୍ରିୟାରେ ସହଯୋଗ କରିବାକୁ ସେ କହିଛନ୍ତି।

## ଚାଷୀ ପଞ୍ଜୀକରଣ ସଚେତନତା ରଥର ଶୁଭାରମ୍ଭ


ବରଗଡ଼ ଜିଲାପାଳ ସଚେତନତା ରଥର ଶୁଭାରମ୍ଭ କରୁଛନ୍ତି।

**ବରଗଡ଼ ଅଫିସ୍,୧୬।୭**

ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ପାଇଁ ବରଗଡ଼ ଜିଲାରେ ଗୁରୁବାରଠାରୁ ଚାଷୀ ପଞ୍ଜୀକରଣ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଜିଲାପାଳ ମୋନିଷା ବାନାର୍ଜୀ ସଚେତନତା ରଥର ଶୁଭାରମ୍ଭ କରିଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ତଥା ବରଗଡ଼ ନିୟନ୍ତ୍ରିତ ବଜାର କମିଟି (ଆର୍‌ଏମ୍‌ସି) ଅଧ୍ୟକ୍ଷ ମିର୍ଦ୍ଧା ଟପ୍ପୋ, ଉପଜିଲାପାଳ ଶୁଭେନ୍ଦୁ କୁମାର ସାମଲ, ସମବାୟ ସମିତି ସମୂହର ଉପନିବନ୍ଧକ ଭକ୍ତବନ୍ଧୁ ସାହୁ, ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ରଜନୀକାନ୍ତ ଦାଶ, ସହକାରୀ ସମବାୟ ନିବନ୍ଧକ ଗଜେନ୍ଦ୍ର କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏହି ରଥ ବରଗଡ଼ ଓ ଅତାବିରା ଆର୍‌ଏମ୍‌ସି ଅଧୀନରେ ଥିବା ଗ୍ରାମାଞ୍ଚଳ ଗୁଡ଼ିକୁ ଯାଇ ଚାଷୀ ପଞ୍ଜୀକରଣ ପାଇଁ ସଚେତନତା ସୃଷ୍ଟି କରିବ। ଉପ ସହକାରୀ ସମବାୟ ନିବନ୍ଧକ ତଥା ବରଗଡ଼ ଆର୍‌ଏମ୍‌ସି ସମ୍ପାଦକ ଦୁର୍ଗାପ୍ରସାଦ ଛୁରିଆ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅତାବିରା ଆର୍‌ଏମ୍‌ସି ସମ୍ପାଦକ ପ୍ରଦୀପ କୁମାର ବେସନଙ୍କ ସମେତ ବରଗଡ଼ ଆର୍‌ଏମ୍‌ସିର ବିଜୟ ରାଉତ, ଛବିଳ ଖମାରୀ, ଅମୂଲ୍ୟ ଭୋଇ ପ୍ରମୁଖ ଉପସ୍ଥିତ ସହଯୋଗ କରିଥିଲେ।

## ଶ୍ୱଶୁର ଘର ଗାଁ ନିକଟରୁ ଡ୍ରାଇଁର ମୃତଦେହ ଜବତ

ତରଭା,୧୬।୭(ଡି.ଏନ.ଏ): ସୁବର୍ଣ୍ଣପୁର ଜିଲା ତରଭା ଥାନା ଗରାମହୁଲ ଗ୍ରାମର ଅମର ଠେଲା(୩୫)ଙ୍କ ମୃତଦେହ ଅତାସିଂହାରୁ ଜବତ ହୋଇଛି। ଏ ନେଇ ଅମରଙ୍କ ସମ୍ପର୍କୀୟ ବାଦଲ ଠେଲା ତରଭା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଶୁକ୍ରବାର ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି। ଅମର ବୁଧବାର ନିଜ ଶ୍ୱଶୁର ଘର ବଲାଙ୍ଗୀର ଜିଲା ପୁଇଁତଲା ଥାନା ଭଦ୍ରାପାଲିକୁ ଯାଇଥିଲେ। ତେବେ ତାଙ୍କ ମୃତଦେହ ଶ୍ୱଶୁର ଘର ଠାରୁ ଅଧ କିମି ଦୂରରୁ ମିଳିବାକୁ ନେଇ ନାନା ସନ୍ଦେହ ସୃଷ୍ଟି ହୋଇଛି । ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ତଦନ୍ତକାରୀ ଅଧିକାରୀ ଆରତୀ କହଁର କହିଛନ୍ତି ।

## ସରକାରୀ ଚାକିରିରେ ସର୍ବୋଚ୍ଚ ବୟସ ସୀମା ବୃଦ୍ଧିକୁ ନେଇ ଅସନ୍ତୋଷ

**ଲୋଇସିଂହା,୧୬।୭(ଡି.ଏନ.ଏ)**

ସରକାରୀ ଚାକିରିରେ ଯୋଗଦାନ ପାଇଁ ସର୍ବୋଚ୍ଚ ବୟସ ସୀମା ୩୨ରୁ ୪୨ ବର୍ଷକୁ ବୃଦ୍ଧି ପାଇଁ ବିଭିନ୍ନ ଛାତ୍ରୀଛାତ୍ର ସଂଗଠନ ପକ୍ଷରୁ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଆସୁଛି। ସରକାର ଏ ଦିଗରେ ନିର୍ବିକାର ହୋଇଥିବାରୁ ଛାତ୍ର ସଂଗଠନ ମଧ୍ୟରେ ଅସନ୍ତୋଷ ତେଜିବାରେ ଲାଗିଛି। ଏ ଦିଗରେ ପଦକ୍ଷେପ ଗ୍ରହଣ ନ କଲେ ଆଗାମୀ ଦିନରେ ଆଶାୟୀ ଛାତ୍ର ସଂଗଠନ ରାଜରାସ୍ତାକୁ ଓହ୍ଲାଇବ ବୋଲି ପଶ୍ଚିମ ଓଡିଶା ଦାୟିତ୍ୱରେ ଥିବା ଆଶାୟୀ ଛାତ୍ରୀଛାତ୍ର ପରିଷଦର ମୁଖ୍ୟ କଳ୍ପତରୁ ବିଶ୍ୱାଳ ଚେତାବନୀ ଦେଇଛନ୍ତି। ସେ କହିଛନ୍ତି, ୨୦୧୭ରେ ଆଶାୟୀ ଛାତ୍ରୀଛାତ୍ର ଏବଂ ଆଚାର୍ଯ୍ୟ ବିବାହର ଛାତ୍ରୀଛାତ୍ର ପରିଷଦ ଗଠନ କରାଯାଇ ସରକାରଙ୍କ ଦୃଷ୍ଟିଆକର୍ଷଣ କରାଯାଇଥିଲା। ପରବର୍ତ୍ତୀ ସମୟରେ ଉଭୟ ସଂଗଠନ ପକ୍ଷରୁ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ପ୍ରକୋଷ୍ଠ ଏବଂ ମୁଖ୍ୟ ଶାସନ ସଚିବ ସମେତ ୧୪୭ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏହାପରେ ୨୦୨୦ରେ ବିଧାନସଭା ଆଲୋଚନା ବେଳେ ବିରୋଧୀ ଦଳ ନେତାମାନେ ଉକ୍ତ ପ୍ରସଙ୍ଗ ଉପସ୍ଥାପନ କରି ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାବାଦ ଛାତ୍ର ସଂଗଠନ ପକ୍ଷରୁ ହକ ପାଇଁ ହ୍ୱାଟସ ଆପ ଏବଂ ଟୁଇଟର ଗ୍ରୁପ ଗଠନ କରି ଆଶାୟୀ ଛାତ୍ରୀଛାତ୍ରଙ୍କୁ ସଂଗଠନରେ ଯୋଡିବା ସହ କିଭଳି ଭାବେ ହକ ହାସଲ କରି ପାରିବେ ସେଇ ନେଇ ଆଶାୟୀ ଛାତ୍ରୀଛାତ୍ର ମଧ୍ୟରେ ସଚେତନ ସୃଷ୍ଟି କରାଯାଉଛି। ହକ ହାସଲ ଯାଏ ସଂଗଠନ ଲଢେଇ ଜାରି ରହିଥିବ ବୋଲି ବିଶ୍ୱାଳ ପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଦେଶର କେତେକ ରାଜ୍ୟରେ ଚାକିରୀର ସର୍ବୋଚ୍ଚ ବୟସ ସୀମା ୪୦ରୁ ୪୨ ହୋଇଥିବା ବେଳେ ଓଡିଶା ସରକାର ଛାତ୍ରୀଛାତ୍ରମାନଙ୍କ ପ୍ରତି ଅବହେଳା ବା ବୈମାତୃକ ମନୋଭାବ ପୋଷଣ କରୁଥିବା ଅଭିଯୋଗ ହୋଇଛି।

# ଭତ୍ତା ଟଙ୍କା ନେଇ ପଞ୍ଚାୟତ ଇଓ ଫେରାର

**ସଇଁତଲା,୧୬।୭ (ଡ଼ି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଅନ୍ତର୍ଗତ ଜୁରାବନ୍ଧ ପଞ୍ଚାୟତର ନିର୍ବାହୀ ଅଧିକାରୀ ଭତ୍ତା ବାବଦ ଲକ୍ଷାଧିକ ଟଙ୍କା ଉଠାଇ ଫେରାର ଥିବା ଅଭିଯୋଗ ହୋଇଛି ।

ରାଜ୍ୟ ସରକାର ବର୍ତ୍ତମାନ କରୋନା ସଙ୍କଟ ସମୟରେ ବାର୍ଦ୍ଧକ୍ୟ, ଭିନ୍ନକ୍ଷମ ଭତ୍ତା ପାଉଥିବା ହିତାଧିକାରୀମାନଙ୍କୁ ଜୁନ, ଜୁଲାଇ ଓ ଅଗଷ୍ଟ ମାସର ଭତ୍ତା ଟଙ୍କା ଅଗ୍ରୀମ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସଇଁତଲା ବ୍ଲକର ଉପାନ୍ତ ଅଞ୍ଚଳ କୁହାଯାଉଥିବା ଜୁରାବନ୍ଧ ପଞ୍ଚାୟତର ନିର୍ବାହୀ ଅଧିକାରୀ ଗତ ମାସ ୨୧ ତାରିଖ ଦିନ ପଞ୍ଚାୟତ କାର୍ଯ୍ୟାଳୟରୁ ଦୁଇ ଲକ୍ଷ ଉଣେଇଶ ହଜାର ଟଙ୍କା ଭତ୍ତା ବଣ୍ଟନ ପାଇଁ ନେଇଥିଲେ। ସେ ନୂତନ ଭାବରେ ଭତ୍ତା ପାଇବା ପାଇଁ ଚିହ୍ନଟ ହୋଇଥିବା ୫୬ଜଣ ହିତାଧିକାରୀଙ୍କ ମଧ୍ୟରୁ ୨୦ ଜଣଙ୍କୁ ଅଦ୍ୟାବଧି ଟଙ୍କା ପ୍ରଦାନ କରିଛନ୍ତି। ଖର୍ସେଲବାଂଜି ଓ ସାଇମରା ଗ୍ରାମର ୩୬ ଜଣ ହିତାଧିକାରୀ ଏଯାଏଁ ଭତ୍ତା ଟଙ୍କା ପାଇନାହାନ୍ତି । ଅନ୍ୟପକ୍ଷରେ ପଟନିପିଟା ଗ୍ରାମର ଏଲିନା ଅମାତ, ମାୟାବତୀ ପଧାନ, ମେଘାନନ୍ଦ ମହାନନ୍ଦ, ବିଶେଶ୍ୱର କଅଁର, ଢୁକେରଚରଚରା ଗ୍ରାମର ଶାନ୍ତି ବରିହା, ବାବୁଲାଲ କୁମ୍ଭାର, ରୁଟୁ କୁମ୍ଭାର, ମାୟାଧର ଘିବେଲା ଓ ପରମା ଘିବେଲାଙ୍କ ଭଳି ବହୁ ହିତାଧିକାରୀ ଭତ୍ତା ଟଙ୍କା ପାଇ ନ ଥିବା ଗତ ଏକ ସପ୍ତାହ ତଳେ ଅଭିଯୋଗ ଆଣିଛନ୍ତି। ବିଡ଼ିଓ ଦେବାଶିଷ ସାମଲ ରଥଯାତ୍ରା ପୂର୍ବରୁ ହିତାଧିକାରୀଙ୍କୁ ଭତ୍ତା ଟଙ୍କା ଦେଇ ଦେବା ପାଇଁ ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିଭଳି ବ୍ଲକର ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ ମିଶ୍ର ଜୁରାବନ୍ଧ ପଞ୍ଚାୟତକୁ ଯାଇ ତଦନ୍ତ କରି ଫେରି ଆସିଛନ୍ତି। ଅଭିଯୋଗ କରିବାର ଏକ ସପ୍ତାହ ଅତିକ୍ରାନ୍ତ ହୋଇଥିଲେ ମଧ ନିର୍ବାହୀ ଅଧିକାରୀ ହିତାଧିକାରୀମାନଙ୍କୁ ଟଙ୍କା ଦେଇ ନ ଥିବା ଜାଣିବାକୁ ମିଳିଛି। ଶୁକ୍ରବାର ପୂର୍ବାହ୍ନରେ ସରପଞ୍ଚ କେତକୀ ଅମାତଙ୍କ ଅଧ୍ୟକ୍ଷତାରେ ଏକ ଜରୁରୀ ବୈଠକ ପଞ୍ଚାୟତରେ ଅନୁଷ୍ଠିତ ହୋଇଥିଲା। ଏଥିରେ ନିର୍ବାହୀ ଅଧିକାରୀ ଭତ୍ତା ଟଙ୍କା ଉଠାଇ ହିତାଧିକାରୀମାନଙ୍କୁ ଦେଇ ନ ଥିବା ଓ ପଞ୍ଚାୟତକୁ ଆସୁ ନ ଥିବାରୁ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ହୋଇଛି। ଏହି ସଭାରେ ନରେନ୍ଦ୍ର ଧରୁଆ, ତୁଳା ମିର୍ଦ୍ଧା, ବିଶ୍ୱମ୍ଭର ଧରୁଆ, ଜୁଗଲାଲ ଲୁହା, ନିରାଶ ଧରୁଆ, ଭୂମିତା ବଗର୍ତ୍ତୀ, ପଙ୍କଜିନୀ ଧରୁଆ, ବିଦେଶୀ କୁଅଁର, ଅଜାମ୍ବିଳ ଘିବେଲା ପ୍ରମୁଖ ୱାର୍ଡ଼ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ। ଏହି ଘଟଣାର ତଦନ୍ତ କରି ବିହିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି। ସୂଚନାଯୋଗ୍ୟ, ସମ୍ପୃକ୍ତ ନିର୍ବାହୀ ଅଧିକାରୀ ଏହା ପୂର୍ବରୁ ପଞ୍ଚାୟତ କାର୍ଯ୍ୟାଳୟର ବହୁ ଆର୍ଥିକ ଅନିୟମିତତାରେ ସଂପୃକ୍ତ ଥିବା ବିଡ଼ିଓଙ୍କଠାରେ ସରପଞ୍ଚ ଅମାତ ଅଭିଯୋଗ କରିଥିଲେ।

## ମନୀଷାଙ୍କ ଚିକିତ୍ସା ପାଇଁ ପଦକ୍ଷେପ ନେଲା ସ୍ୱାସ୍ଥ୍ୟ ବିଭାଗ



ମନୀଷାଙ୍କୁ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଉଛି।

**କର୍ଲାମୁଣ୍ଡା, ୧୬।୭ (ଡି.ଏନ.ଏ.)**

**ରାଷ୍ଟ୍ରୀୟ ବାଳ ବିକାଶ ଯୋଜନାରେ ହେବ ଚିକିତ୍ସା**

**ଧରିତ୍ରୀ ପ୍ରଭାବ**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଗଜବାହାଲ ପଞ୍ଚାୟତ ଭାଲୁପିଆ ଗ୍ରାମର (ବୁଢୀମୁଣ୍ଡା)ର ପପୁ ସୁନାଙ୍କ ସାନ ଝିଅ ମନୀଷା (୯)ଙ୍କ ହାର୍ଟ ରୋଗରେ ପୀଡିତ ହୋଇଛନ୍ତି। ଅର୍ଥ ଅଭାବରୁ ଚିକିତ୍ସା ହୋଇପାରୁ ନ ଥିବା ସମ୍ପର୍କରେ ଶୁକ୍ରବାର ଧରିତ୍ରୀରେ ଖବର ପ୍ରକାଶ ହେବା ପରେ କର୍ଲାମୁଣ୍ଡା ସ୍ୱାସ୍ଥ୍ୟ ବିଭାଗ ତତ୍ପରତା ଦେଖାଇଛି। ରାଷ୍ଟ୍ରୀୟ ବାଳ ବିକାଶ ଯୋଜନାରେ ମନୀଷାଙ୍କ ଚିକିତ୍ସା କରାଯିବାକୁ ପଦକ୍ଷେପ ନିଆଯାଇଥିବା ଜଣାପଡିଛି। ୨୦୧୯ରେ ମନୀଷାଙ୍କ ହାର୍ଟ ଅପରେସନ ହୋଇଥିଲେ ହେଁ ସ୍ୱାସ୍ଥ୍ୟ ଅବସ୍ଥା ବିଗିଡାବାରେ ଲାଗିଛି। ଖବର ପ୍ରକାଶ ପରେ କର୍ଲାମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭ୍ରାମ୍ୟମାଣ ଚିକିତ୍ସା ଅଧିକାରୀ ଶିଖିଧ୍ୱଜ ପଟେଲ ଶୁକ୍ରବାର ମନୀଷାଙ୍କୁ ଭବାନୀପାଟଣା ଜିଲା ମୁଖ୍ୟଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟକୁ ନେଇଥିଲେ। ସେଠାରେ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କ ସହିତ ଆଲୋଚନା ପରେ ମନୀଷାଙ୍କୁ କମ୍ ଦିନ ମଧ୍ୟରେ ରାଜକୋଟର ହାର୍ଟ ହସ୍ପିଟାଲରେ ଚିକିତ୍ସା କରାଯିବ। ଏଥିପାଇଁ ରାଷ୍ଟ୍ରୀୟ ବାଳ ବିକାଶ ଯୋଜନାରେ ଅର୍ଥ ଖର୍ଚ୍ଚ କରାହେବ ବୋଲି ଶିଖିଧ୍ୱଜ ପଟେଲ କହିଛନ୍ତି।

# ଜିଲା ପରିଷଦ ୯ମ ବୈଠକ: ବିଭିନ୍ନ ପ୍ରସଙ୍ଗରେ ଆଲୋଚନା

**ଭବାନୀପାଟଣା, ୧୬।୭ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ପରିଷଦର ୯ମ ବୈଠକ ଅନ୍‌ଲାଇନ୍ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ନବନିଯୁକ୍ତି ପିଡି ଡିଆର୍‌ଡିଏ ସୋମେଶ ଉପାଧ୍ୟାୟ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଏସ୍‌ଡିପିଓ ଅର୍ଜୁନ ମାଝି ଗତ ବୈଠକର ବିବରଣୀ ପାଠ କରିଥିଲେ। ବିଭିନ୍ନ ବ୍ଲକରେ ହୋଇଥିବା ବିଦ୍ୟାଳୟ ନିର୍ମାଣ, ହଷ୍ଟେଲ ନିର୍ମାଣ, ପିଏଚ୍‌ସିରେ ଟେକନିସିୟାନ୍ ଓ ରେଡିଓଗ୍ରାଫର ନିଯୁକ୍ତି, ଧାନକ୍ରୟ ସମୟରେ କଟନି ପ୍ରଭୃତି ଉପରେ ଆଲୋଚନା ହୋଇଥିଲା। ଏମ୍‌ଜିଏନ୍‌ଆରିଜିଏସ୍‌ରେ ୨୦୨୧-୨୨ ଆର୍ଥିକ ବର୍ଷରେ ୧୮୨.୨୭ କୋଟି ଟଙ୍କାର ଅନୁଦାନ ଅର୍ଥ ପ୍ରସ୍ତାବ ଅନୁମୋଦନ ହୋଇଥିଲା। ଜିଲା ପରିଷଦ ଅଧ୍ୟକ୍ଷା ନମିତାରାଣୀ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, ଏମ୍‌ପି ବସନ୍ତ ପଣ୍ଡା, ନର୍ଲା ବିଧାୟକ ଭୂପିନ୍ଦର ସିଂହ, ଧର୍ମଗଡ ବିଧାୟକ ମୌଷଧି ବାଗ, ଲାଞ୍ଜିଗଡ ବିଧାୟକ ପ୍ରଦୀପ ଦିଶାରୀ, ଜିଲାପାଳ ଡା. ଗାଭାଲି ପରାଗ ହର୍ଷଦ, ଜିଲା ପରିଷଦ ଉପାଧ୍ୟକ୍ଷ ଭବସିନ୍ଧୁ ମଙ୍ଗରାଜ, ସମସ୍ତ ଜିଲା ପରିଷଦ ସଭ୍ୟ, ପଞ୍ଚାୟତ ସମିତି ଅଧ୍ୟକ୍ଷ ସମସ୍ତ ବିଭାଗୀୟ ଅଧିକାରୀ, ଡିଆଇପିଆରଓ କଳାହାଣ୍ଡି ମନୋଜ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ରାସ୍ତା ପାର୍ଶ୍ୱ ଜବରଦଖଲ ଉଚ୍ଛେଦ

**ବରଗଡ଼ ଅଫିସ୍,୧୬।୭**

ବରଗଡ଼ ସହରର ମୁଖ୍ୟରାସ୍ତାରୁ ଆରମ୍ଭ କରି ବିଭିନ୍ନ ଗଳିକନ୍ଦି ରାସ୍ତା ଦିନକୁ ଦିନ ଜବରଦଖଲ ହେବାରେ ଲାଗିଛି। ଫଳରେ ରାସ୍ତାଗୁଡ଼ିକ ସଙ୍କୁଚିତ ହୋଇ ଟ୍ରାଫିକ ସମସ୍ୟା ଉପୁଜୁଛି। କେତେକ ଦୋକାନ ସମ୍ମୁଖରେ ବିଭିନ୍ନ ଜିନିଷପତ୍ର ରଖୁଛନ୍ତି। ଏହା ଟ୍ରାଫିକ ସମସ୍ୟାକୁ ଆହୁରି ବଢ଼ାଇ ଦେଉଛି। ଏହାକୁ ଦୃଷ୍ଟିରେ ରଖି ବରଗଡ଼ ପୌର ପରିଷଦ ପକ୍ଷରୁ ରାସ୍ତାପାର୍ଶ୍ୱ ଜବରଦଖଲ ଉଚ୍ଛେଦ ଅଭିଯାନ ଆରମ୍ଭ ହୋଇଛି। ଗୁରୁବାର ସହରର ମୁଖ୍ୟରାସ୍ତାରେ ଏହି ଅଭିଯାନ ଚାଲିଥିଲା। ପୌର କର୍ମଚାରୀମାନେ ପହଞ୍ଚି ଦୋକାନୀମାନେ ରାସ୍ତା ଉପରେ ରଖିଥିବା ଷ୍ଟାଣ୍ଡ ସମେତ ବିଭିନ୍ନ ସାମଗ୍ରୀକୁ ହଟାଇ ଦେଇଥିଲେ।


ବରଗଡ଼ ମୁଖ୍ୟରାସ୍ତା ପାର୍ଶ୍ୱ ଜବରଦଖଲ ଉଚ୍ଛେଦ କରାଯାଉଛି ।

# ସ୍ୱାସ୍ଥ୍ୟସେବା ପାଇବାରୁ ରୋଗୀ ବଞ୍ଚିତ

**ମ.ରାମପୁର, ୧୬।୭ (ଡି.ଏନ.ଏ.)**

**ମ.ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର**
- ୩ ବିଶେଷଜ୍ଞ ପଦବୀ ଖାଲି
- ବହିଃବିଭାଗରେ ରୋଗୀଙ୍କ ଲମ୍ବା ଲାଇନ

କଳାହାଣ୍ଡି ଜିଲା ମ.ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୫ଜଣ ଡାକ୍ତର ନିଯୁକ୍ତ ହୋଇଛନ୍ତି। ହେଲେ କାର୍ଯ୍ୟସ୍ଥଳରେ ନିୟମିତ ରହୁ ନ ଥିବା ସାଧାରଣରେ ଅଭିଯୋଗ ହେଉଛି। ବହିଃବିଭାଗ (ଆଉଟଡୋର)ରେ ଅଧିକାଂଶ ସମୟରେ ଜଣେ ମାତ୍ର ଡାକ୍ତର ରୋଗୀଙ୍କୁ ଦେଖୁଥିବା ବେଳେ ଅନ୍ୟ ଡାକ୍ତର ଅନୁପସ୍ଥିତ ରହୁଥିବା ଜଣାପଡ଼ିଛି। ଏ ନେଇ ଗତ ଦୁଇଦିନ ଯାଞ୍ଚ ପରେ ଜଣାପଡ଼ିଛି ଯେ, ସୋମବାର ଜଣେ ମହିଳା ଡାକ୍ତର, ମଙ୍ଗଳବାର ଜଣେ ପୁରୁଷ ଡାକ୍ତର ରୋଗୀଙ୍କୁ ଦେଖୁଥିଲେ। ଉକ୍ତ ସମୟରେ ଅନେକ ରୋଗୀ ଲମ୍ବା ଲାଇନରେ ଅପେକ୍ଷା କରିଥିଲେ। ଏପରି କି କେତେକ ରୋଗୀ ବିରକ୍ତ ହୋଇ ଅନ୍ୟତ୍ର ଯାଉଥିବା ଦେଖିବାକୁ ମିଳିଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ୩ଜଣ ବିଶେଷଜ୍ଞ ପଦବୀ ଖାଲିପଡ଼ି ଥିବାବେଳେ ୫ଜଣ ଏମ୍‌ବିବିଏସ୍ ଡାକ୍ତରଙ୍କୁ ନିୟୋଜିତ କରାଯାଇଛି। ତନ୍ମଧ୍ୟରୁ ଅବିନାଶ ତିର୍କୀଙ୍କୁ ଡେପୁଟେଶନ ପଠାଯାଇ ଏଠି କେବଳ ଅର୍ଥ ନେଣଦେଣ କ୍ଷମତା ପ୍ରଦାନ କରାଯାଇଛି। ସବ୍ୟସାଚୀଙ୍କୁ ମେଡ଼ିକାଲ ଇନ୍‌ଚାର୍ଜ ଦାୟିତ୍ୱ ଦିଆଯାଇଛି। ସେହିପରି ଅଞ୍ଜାନ୍ତି ଧଳ, ଅମିତ ପ୍ରଧାନ, ରଞ୍ଜନ ମହାରଣା ପ୍ରମୁଖ ଡାକ୍ତର ଏଠି ନିୟୋଜିତ ହୋଇଛନ୍ତି। ୫ଜଣ ଡାକ୍ତର ଥାଇ ମଧ ରୋଗୀଙ୍କୁ ଠିକ ସ୍ୱାସ୍ଥ୍ୟସେବା ଉପଲବ୍ଧ କରାଯାଉନାହିଁ। ଏକକାଳୀନ କମ୍ ସଂଖ୍ୟକ ଡାକ୍ତର ବହିଃବିଭାଗରେ ଉପସ୍ଥାନ ଯୋଗୁ ସ୍ୱାସ୍ଥ୍ୟସେବା ପ୍ରଭାବିତ ହେଉଛି।




ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବହିଃବିଭାଗ ସମ୍ମୁଖରେ ରୋଗୀମାନେ ଲମ୍ବା ଲାଇନରେ ଥିବା ବେଳେ ଜଣେ ଡାକ୍ତର ରୋଗୀଙ୍କୁ ଦେଖୁଛନ୍ତି ।

ଏ ସମ୍ପର୍କରେ ସିଡିଏମଓ ପି.କେ. ବେହେରାଙ୍କୁ ପଚାରିବାରୁ ଡାକ୍ତର କୁଆଡେ ଜଳଖିଆ ଖାଇବା ପାଇଁ ଯାଇଥିବେ ବୋଲି କହିଥିଲେ। ଜିଲାରେ ଅନେକ ସ୍ଥାନରେ ଏଭଳି ସମସ୍ୟା ଦେଖାଯାଉଛି। କର୍ଲାମୁଣ୍ଡାରେ ଏଭଳି ଏକ ଘଟଣା ସାମ୍ନାକୁ ଆସିଥିଲା, ପରେ ତାହା ସମାଧାନ ହୋଇଥିଲା। ବର୍ତ୍ତମାନ କୋଭିଡ୍ ଯୋଗୁ ଏଭଳି ସମସ୍ୟା ଦେଖାଦେଉଛି ବୋଲି କହିଥିଲେ। ଏ ନେଇ ମ.ରାମପୁର ଭାରପ୍ରାପ୍ତ ସ୍ୱାସ୍ଥ୍ୟାଧିକାରୀ ସବ୍ୟସାଚୀ ପାଢୀଙ୍କୁ ପଚାରିବାରୁ ଓପିଡିରେ ଦୁଇଜଣ ଡାକ୍ତର କାମ କରୁଛନ୍ତି। ମୁଁ ଜଳଖିଆ ଖାଇବା ପାଇଁ ଯାଇଥିବାରୁ ସେହି ସମୟରେ ଅନୁପସ୍ଥିତ ରହିଥିଲେ ବୋଲି କହିଥିଲେ। ସୂଚନାଯୋଗ୍ୟ ଯେ, ମ.ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ମ.ରାମପୁର ବ୍ଲକ ସମେତ ନର୍ଲା ବ୍ଲକ, କର୍ଲାମୁଣ୍ଡା ବ୍ଲକ, ପଡୋଶୀ କନ୍ଧମାଳ ଜିଲା ତୁମୁଡିବନ୍ଧ ବ୍ଲକର ଜନସାଧାରଣ ମଧ ନିର୍ଭର କରୁଛନ୍ତି।

## ଦୋଷୀଙ୍କୁ ଗିରଫ ଦାବି

ଲାଠୋର,(ଡି.ଏନ.ଏ.): କଳାହାଣ୍ଡି ଜିଲାପାଳଙ୍କ କାର୍ଯ୍ୟାଳୟ ତଥା ଜିଲା କୋର୍ଟ ସମ୍ମୁଖରେ ସ୍ଥାପନ କରା ଯାଇଥିବା ଭାରତ ରତ୍ନ ଡ. ବାବା ସାହେବ ଆମ୍ବେଡ଼କରଙ୍କ ପ୍ରତିମୂର୍ତ୍ତିରେ ଗତ ୧୨ ତାରିଖ ଦିନ ଗୋବର ଫିଙ୍ଗି ଅପମାନିତ କରିଥିବା ବ୍ୟକ୍ତିଙ୍କୁ ଶୀଘ୍ର ଗିରଫ କରିବା ପାଇଁ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧୀନ ମାଲପଡା ଗ୍ରାମର ଡାଇଜ ଯୁବ ଅନୁଷ୍ଠାନ ପକ୍ଷରୁ ଦାବି ହୋଇଛି। ଏପରି ଘଟଣାକୁ ନିନ୍ଦା କରାଯାଇଛି । ଏଥିରେ ସମ୍ପୃକ୍ତ ଦୋଷୀଙ୍କୁ ଶୀଘ୍ର ଠାବ କରି ଗିରଫ କରା ନ ଗଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ଚେତାବନୀ ଦିଆଯାଇଛି ।

## ସଂକ୍ଷେପରେ

### ବାଇକ୍ ଧକ୍କାରେ ଜଣେ ମୃତ

**କାଶୀନଗର,୧୬।୭(ଡି.ଏନ.ଏ.):** କାଶୀନଗର ଥାନା ଅନ୍ତର୍ଗତ ଖାରଡ଼ା ଗ୍ରାମ ଛକଠାରେ ସାନ୍ଧ୍ୟ ଭ୍ରମଣରେ ଯାଉଥିବା ଜଣେ ବ୍ୟକ୍ତିଙ୍କୁ ଦ୍ରୁତ ଗତିରେ ଆସୁଥିବା ଏକ ବାଇକ ଧକ୍କା ଦେବାରୁ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ସାଗର ଜୟସିଂ । ଦୁର୍ଘଟଣା ଘଟାଇଥିବା ବାଇକ (ନଂ.ଓଆର୦୭ୟୁ୬୦୫୪)ର ଚାଳକ ଗାଡ଼ି ଛାଡ଼ି ଫେରାର ହୋଇଯାଇଛନ୍ତି। ଖବରପାଇ କାଶୀନଗର ଥାନା ଆଇଆଇସି ସୁଶାନ୍ତ ସାହୁ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପାରଳାଖେମୁଣ୍ଡି ପଠାଇଥିଲେ। ଏ ନେଇ ନଂ.୭୫/୨୧ରେ ଏକ ମାମଲା ରୁଜୁ ହୋଇଛି।

### ଫସଲବୀମା ଯୋଜନା ସଚେତନତା ରଥ ଶୁଭାରମ୍ଭ

**ପାରଳାଖେମୁଣ୍ଡି,୧୬।୭(ଡି.ଏନ୍.ଏ.):** ଗଜପତି ଜିଲାପାଳ ଲିଙ୍ଗରାଜ ପଣ୍ଡା ଗୁରୁବାର ପାରଳାଖେମୁଣ୍ଡି ସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଖରିଫ-୨୦୨୧ ପାଇଁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅନ୍ତର୍ଗତ ୨ ସଚେତନତା ଅଭିଯାନ ରଥର ଶୁଭାରମ୍ଭ କରିଛନ୍ତି। ଏହି ରଥ ଜିଲାର ବିଭିନ୍ନ ଗ୍ରାମାଞ୍ଚଳକୁ ଯାଇ ସେଠାରେ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ କୃଷି ଓ କୃଷକମାନଙ୍କୁ ମିଳୁଥିବା ବିଭିନ୍ନ ସରକାରୀ ସୁବିଧା ସମ୍ପର୍କରେ ଅବଗତ କରାଇବ। ଏହି କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ କୃଷି ଅଧିକାରୀ କୈଳାଶ ଚନ୍ଦ୍ର ନାୟକଙ୍କ ସମେତ କୃଷି ବିଭାଗ ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

### ମଦ ଦୋକାନରେ ଧମକ ଦେଇ ୬ ଗିରଫ

**ଆସିକା,୧୬।୭(ଡି.ଏନ.ଏ.):** ଆସିକା ସହର ଉପକଣ୍ଠ କାଳକଣ୍ଠପୁର ଗ୍ରାମରେ ଥିବା ଏକ ବିଦେଶୀ ମଦ ଦୋକାନକୁ ଯାଇ ଦୋକାନ ମାଲିକଙ୍କୁ ଗାଳିଗୁଲଜ କରିବା ସହ ପ୍ରାଣରେ ମାରିଦେବାକୁ ଧମକ ଦେବା ଅଭିଯୋଗରେ ପୋଲିସ ଶୁକ୍ରବାର ୬ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଆଲିପୁର ଗ୍ରାମର ଅମର ଡାକୁଆ, ବାବନପୁର ଗ୍ରାମର ରାଜେଶ କୁମାର ମୁନି, କଇଁଫୁଲିଆ ଛକର ରାଜୀବ କୁମାର ସ୍ୱାଇଁ ଓ କରାତଳି ଗ୍ରାମର ସୁଧୀର କୁମାର ଜେନା, ବଳରାମ ଜେନା ଓ ଶିବଶଙ୍କର ପାଣିଗ୍ରାହୀ। ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ କହିଛନ୍ତି। ଅଭିଯୁକ୍ତମାନେ ବୁଧବାର ସଂପୃକ୍ତ ମଦ ଦୋକାନକୁ ଯାଇ ମାଗଣାରେ ମଦ ଦେବାକୁ କହିଥିଲେ । ଦୋକାନ ମାଲିକ ମନା କରିବାରୁ ଅଭିଯୁକ୍ତମାନେ ଧମକ ଦେଇଥିଲେ । ଏ ନେଇ ଦୋକାନ ମାଲିକ ବିଜୟ କୁମାର ସ୍ୱାଇଁଙ୍କ ଅଭିଯୋଗ ପ୍ରକାରେ ନଂ. ୪୬୩/୨୧ରେ ଏକ ମାମଲା ରୁଜୁ ହୋଇଥିଲା ।

### ଜଙ୍ଗଲ ରାସ୍ତାରେ ପ୍ରସବ ପରେ ପ୍ରସୂତି ମୃତ

**ପାତ୍ରପୁର,୧୬।୭(ଡି.ଏନ.ଏ.):** ପାତ୍ରପୁର ବ୍ଲକ ଆଦିବାସୀ ଅଧ୍ୟୁଷିତ ଆଙ୍କୁଲି ପଞ୍ଚାୟତ କିଞ୍ଚରଡା ଗ୍ରାମର ଜଣେ ଗର୍ଭବତୀଙ୍କୁ ଶୁକ୍ରବାର ଦୋଳାରେ ଆଣିବା ବେଳେ ବାଟରେ ପ୍ରସବ ପରେ ତାଙ୍କର ମୃତ୍ୟୁ ଘଟିଛି। ମୃତକ ପ୍ରସୂତି ଜଣକ ହେଲେ ଉକ୍ତ ଗ୍ରାମର ବିନୋଦ ନାୟକଙ୍କ ସ୍ତ୍ରୀ କୁମାରୀ।

# ଲାନ୍ତ ନଦୀରେ ବ୍ରିଜ ନିର୍ମାଣ ଦାବିରେ ଜଳ ସତ୍ୟାଗ୍ରହ

**ବେଲପଡା,୧୬।୭**

ବେଲପଡା ବ୍ଲକ ଧୁମାଭଟା-କତରଲଗା ଗ୍ରାମର ଲାନ୍ତ ନଦୀରେ ନୂତନ ବ୍ରିଜ ନିର୍ମାଣ ଦାବି ନେଇ କୋଶଳ କମିଟି ପକ୍ଷରୁ ଶୁକ୍ରବାର ଜଳ ସତ୍ୟାଗ୍ରହ ଆନ୍ଦୋଳନ କରାଯାଇଥିଲା । ଜିଲା କୋଶଳ କମିଟି ଯୁବ ସଭାପତି ବନମାଳୀ ନାଏକ ଓ କମିଟିର ରାଜ୍ୟ ସମ୍ପାଦକ ଗିରିଧାରୀ ଭୋଇଙ୍କ ନେତୃତ୍ୱରେ ଆଖପାଖ ୧୦ଟି ଗ୍ରାମର ଜନସାଧାରଣ ତଥା କୋଶଳ କମିଟି ସଦସ୍ୟମାନେ ନଦୀ ଭିତରେ ବସି ରହି ଆନ୍ଦୋଳନ କରିଥିଲେ ।

ବେଲପଡା ବ୍ଲକର ଧୁମାଭଟା ଓ ସଂଲଗ୍ନ ଗ୍ରାମ କତରଲଗା (ମୁରିବାହାଲ ବ୍ଲକ) ମଧ୍ୟରେ ଲାନ୍ତ ନଦୀ ପ୍ରବାହିତ ହେଉଛି । ହେଲେ ବର୍ଷା ଦିନରେ ନଦୀର ଜଳସ୍ତର ବୃଦ୍ଧି ପାଇବା କାରଣରୁ ଉଭୟ ଅଞ୍ଚଳର ଜନସାଧାରଣ ଯିବା ଆସିବା ପାଇଁ ନାନା ଅସୁବିଧାର ସମ୍ମୁଖୀନ ହୋଇଥାଆନ୍ତି। ଉଭୟ ଅଞ୍ଚଳର ଜନସାଧାରଣଙ୍କୁ ୨ କିମି ବଦଳରେ ଟିକ୍ରାପଡା ରାସ୍ତାରେ ଅଯଥା ୨୦ କିମି ଦୂର ବୁଲି ଯିବାକୁ ପଡିଥାଏ। ଏହି ନଦୀରେ ବ୍ରିଜ ନିର୍ମାଣ ପାଇଁ ବହୁ ବର୍ଷ ହେଲା ଦାବି ହୋଇ ଆସୁଥିଲେ ହେଁ କୌଣସି ସୁଫଳ ମିଳିନାହିଁ। ଶୁକ୍ରବାର ଶତାଧିକ ଜନସାଧାରଣ ଲାନ୍ତ ନଦୀରେ ଜଳ ସତ୍ୟାଗ୍ରହ ଆନ୍ଦୋଳନ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଆନ୍ଦୋଳନସ୍ଥଳକୁ ମୁରିବାହାଲ ତହସିଲଦାର ସୋନାଲି ପାତ୍ର, ମୁରିବାହାଲ ଥାନା ଆଇଆଇସି ଜ୍ୟୋତିର୍ମୟୀ ମହାପାତ୍ର, ବେଲପଡା ତହସିଲଦାର ପ୍ରଶାନ୍ତି ପ୍ରଧାନ, ବେଲପଡା ଥାନା ଆଇଆଇସି ବୁଲୁ ମୁଣ୍ଡା ଆସି ଆନ୍ଦୋଳନକାରୀମାନଙ୍କ ସହ ଆଲୋଚନା କରିଥିଲେ । ପ୍ରସ୍ତାବିତ ସ୍ଥାନରେ ବ୍ରିଜ ନିର୍ମାଣର ଆବଶ୍ୟକତା ରହିଥିବାରୁ ଜିଲାପାଳଙ୍କ ଜରିଆରେ ଏନେଇ ରାଜ୍ୟ ସରକାରଙ୍କୁ ଅବଗତ କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନକାରୀମାନେ ଆନ୍ଦୋଳନରୁ ଓହରିଥିଲେ । ପରେ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ଦାବିପତ୍ର ଦିଆଯାଇଥିଲା । ସରକାର ଚଳିତବର୍ଷ ବ୍ରିଜ କାମ ଆରମ୍ଭ ନ କଲେ ଆନ୍ଦୋଳନ ଜୋରଦାର ହେବ ବୋଲି ଆନ୍ଦୋଳନକାରୀମାନେ ଚେତାବନୀ ଦେଇଛନ୍ତି। ଆନ୍ଦୋଳନରେ ସିପୁନ ଖମାରୀ ସମ୍ପାଦକ ( ରାଜ୍ୟ କୋଶଳ ରାଜ୍ୟ ଯୁବ ସମନ୍ୱୟ ସମିତି), ଉମେଶ କୁମାର ବନଗୁଲା , ବାସୁଦେବ ରାଉତ,ଏକାଦଶୀ ନାଗ , ରମେଶ ବରିହା ,ଦିଲୀପ ମହାନ୍ତି, ଗୋପବନ୍ଧୁ ଥପା, ଫାଲଗୁନୀ ହାତୀ, ଗୋପବନ୍ଧୁ ସା, ଜଗଜୀବନ ଭୋଇ, ଭୀଷ୍ମ କରନ, କୁନା ବିଶ୍ୱାଳ, ଡିଙ୍ଗର ବୁଡେକ ସମେତ ଶତାଧିକ ଜନସାଧାରଣ ସାମିଲ ହୋଇଥିଲେ ।



ଆନ୍ଦୋଳନରେ ସାମିଲ ଜନସାଧାରଣ ଓ କୋଶଳ କମିଟିର ସଦସ୍ୟମାନେ ।

# ବାଇକ୍ ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ

**କୋକସରା, ୧୬।୭ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ଥାନା ଅନ୍ତର୍ଗତ ବିଜୁ ଏକ୍ସପ୍ରେସୱେ ଭାଲିଆଯୋର ନିକଟରେ ଶୁକ୍ରବାର ସକାଳେ ବାଇକ୍ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଭାଲିଆଯୋର ଗ୍ରାମର ବିରଞ୍ଚି ନାଏକ (୬୦) । ବାଇକ୍ ଚାଳକ ଦେବୀସିଂ ଧରୁଆ(୩୫) ଆହତ ହୋଇଛନ୍ତି।

ସୂଚନା ଯେ, ବାଇକ୍ ଆରୋହୀ ଧରୁଆ ଡୁଡୁକାଠେଙ୍ଗାରୁ ଆମ୍ପାଣିକୁ କୌଣସି କାମରେ ବାଇକ୍ ଯୋଗେ ଯାଉଥିଲେ। ବିଜୁ ଏକ୍ସପ୍ରେସୱେ ଭାଲିଆଯୋର ନିକଟରେ ବୃଦ୍ଧଙ୍କୁ ଧକ୍କା ଦେବାରୁ ୨ଜଣ ତଳେପଡ଼ି ଗୁରୁତର ହୋଇ ପଡ଼ିଥିଲେ। ଆମପାଣି ପୋଲିସ ଉଭୟଙ୍କୁ ଉଦ୍ଧାର କରି କୋକସରା ହସ୍ପିଟାଲରେ ଭର୍ତ୍ତି କରିଥିଲେ। ବିରଞ୍ଚିଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଆମ୍ବୁଲାନ୍ସ ଯୋଗେ ଭବାନୀପାଟଣା ହସ୍ପିଟାଲକୁ ସ୍ଥାନାନ୍ତର କରୁଥିଲେ। ଏହି ସମୟରେ ଜୁନାଗଡ ନିକଟରେରେ ତାଙ୍କର ମୃତ୍ୟୁ ହୋଇଥିବା ବେଳେ ଜୁନାଗଡ ହସ୍ପିଟାଲରେ ମୃତଦେହ ରଖାଯାଇଥିଲା। ସେଠାରେ ଶବ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯିବ ବୋଲି ଆମପାଣି ପୋଲିସ କହିଛି। ବାଇକ୍ ଚାଳକ ଧରୁଆ କୋକସରା ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଏ ନେଇ ଆମପାଣି ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଦୁର୍ଗମ ସମାଡ଼ପଦର ଗସ୍ତ କଲେ ଜିଲାପାଳ



ଦୁର୍ଗମ ସମାଡ଼ପଦରରେ ଜିଲାପାଳ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି ।

**ନୂଆପଡ଼ା ଅଫିସ,୧୬।୭**

ନୂଆପଡ଼ା ଜିଲା ଖଡିଆଳ ବ୍ଲକ କିରକିଟା ପଞ୍ଚାୟତ ଦୁର୍ଗମ ସମାଡ଼ପଦରରେ ପହଞ୍ଚିଛନ୍ତି ଜିଲାପାଳ। ଦୁର୍ଗମ ଏହି ଅଞ୍ଚଳକୁ ଶୁକ୍ରବାର ଜିଲାପାଳ ସ୍ୱାଧାଦେବ ସିଂଙ୍କ ପରିଦର୍ଶନ କରିଛନ୍ତି। ଦୁର୍ଗମ ସମାଡପଦର ଗାଁକୁ ଯାତାୟାତ ପାଇଁ ଭଲ ରାସ୍ତା ନ ଥିବା ବେଳେ କଂକ୍ରିଟ ସଡକ ନିର୍ମାଣ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ମାଟି ରାସ୍ତା ହେଲେ ବର୍ଷାରେ ମାଟି ଧୋଇ ହୋଇଯିବ କଂକ୍ରିଟ ସଡକ ଉପରେ ଜିଲାପାଳ ଗୁରୁତ୍ୱ ଦେଇଛନ୍ତି। ୨/୩ ଗୋଟି ବିଭାଗର ସମନ୍ୱୟରେ କଂକ୍ରିଟ ଗାର୍ଡୱାଲ ଓ କଂକ୍ରିଟ ସଡକ ନିର୍ମାଣ କରିବା ନିଷ୍ପତ୍ତି ନେଇଛନ୍ତି। ଆସନ୍ତା ଦୁଇ ତିନି ମାସ ମଧ୍ୟରେ ସମାଡ଼ପଦର ଗାଁକୁ ଦୁଇ ଓ ଚାରିଚକିଆ ଯାନ ଚଳାଚଳ କରିବା ବ୍ୟବସ୍ଥା ହାତକୁ ନେବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହି ଗସ୍ତ ବେଳେ ଖଡିଆଳ ବିଡିଓ ନାରାୟଣ ସାହୁ, ସରପଞ୍ଚ ଜାନକି ମାଝି, ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ, କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ, ପଞ୍ଚାୟତ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ନୂଆପଡ଼ା ଜିଲାରେ ଭାଲୁ ଆତଙ୍କ

**ନୂଆପଡ଼ା ଅଫିସ,୧୬।୭**



- ଜିଲାପାଳଙ୍କ ବାସଭବନରେ ପୁଣି ପଶିଲା
- ସହରବାସୀ ଆତଙ୍କିତ

ନୂଆପଡା ଜିଲାରେ ଭାଲୁ ଆତଙ୍କ ଥମିବାର ନାଁ ନେଉନାହିଁ। ଦିନକୁ ଦିନ ଭାଲୁ ସହର ମୁହାଁ ହେଉଥିବାରୁ ସହରବାସୀ ଆତଙ୍କିତ ହୋଇପଡ଼ିଛନ୍ତି। ସନ୍ଧ୍ୟା ହେଲେ ସହର ଭିତରେ ପ୍ରବେଶ କରୁଛି ଭାଲୁ। ଗତ ବୁଧବାର ଭାଲୁ ଜିଲାପାଳଙ୍କ ସରକାରୀ ବାସଭବନ ପରିସରରେ ପଶିଥିଲା । ଦୀର୍ଘ ୧୫ ଘଣ୍ଟା ପରେ ବାହାରି ଜିଲାପାଳଙ୍କ ସରକାରୀ ବାସଭବନ ସମ୍ମୁଖ ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ଭିତରକୁ ପଶି ଗୋଟିଏ ଘଣ୍ଟା ପରେ ପାଚେରି ଡେଇଁ ଜଙ୍ଗଲକୁ ଚାଲି ଯାଇଥିଲା। ପୁଣି ଗୁରୁବାର ରାତି ପ୍ରାୟ ୧୧ଟାରେ ଭାଲୁ ସହର ଭିତରକୁ ପ୍ରବେଶ କରି ୩୫୩ ନମ୍ବର ଜାତୀୟ ରାଜପଥରେ ଚାଲି ଯାଇ ଦୀପକ ହୋଟେଲ ପାଖରେ ଏକ ଗଛ ମୂଳେ ବସିଥିବା ପ୍ରତ୍ୟକ୍ଷଦର୍ଶୀମାନେ କହିଥିଲେ। ପରେ ମୃତ୍ତିକା ସଂରକ୍ଷଣ କାର୍ଯ୍ୟାଳୟକୁ ପଶି କିଛି ପରେ ଜିଲାପାଳଙ୍କ ସରକାରୀ ବାସଭବନ ପାଚେରି ଡେଇଁ ଭିତରକୁ ଯାଇଥିଲା । ନୂଆପଡା ବନବିଭାଗ କର୍ମଚାରୀମାନେ ପହଞ୍ଚି ଭାଲୁକୁ ସୁରକ୍ଷା ଦେବା ସହିତ ସହରବାସୀଙ୍କୁ ମଧ୍ୟ ବାହାରକୁ ନ ଯିବା ପାଇଁ ଡାକବାଜି ଯନ୍ତ୍ରରେ ସଚେତନ କରୁଥିଲେ। ବନ ବିଭାଗ ଜଗି ରହିଥିବା ବେଳେ ରାତି ପ୍ରାୟ ସାଢ଼େ ଗୋଟାଏରେ ପାଚେରି ଡେଇଁ ଚାଲିଯାଇଥିବା ବନ ବିଭାଗ ରେଞ୍ଜର ସୂଚନା ଦେଇଛନ୍ତି। ଶୁକ୍ରବାର ରାତି ସାଢ଼େ ୯ଟାରେ ପୁଣିଥରେ ଭାଲୁ ଜିଲାପାଳଙ୍କ ସରକାରୀ ବାସଭବନରେ ଭଶିଯାଇଛି। ଖବର ପାଇ ବନବିଭାଗ କର୍ମଚାରୀମାନେ ପହଞ୍ଚି ଭାଲୁର ଗତିବିଧି ଉପରେ ନଜର ରଖିଛନ୍ତି। ରାତିରେ ଭାଲୁକୁ ଯନ୍ତାରେ ପକାଇ ଧରିବାକୁ ଚେଷ୍ଟା କରାଯିବ ବୋଲି ଫରେଷ୍ଟର ଦିପ୍ତିମାନ ପଣ୍ଡା କହିଛନ୍ତି। ବନ ବିଭାଗକୁ ଭାଲୁ ନାକେଦମ କରିଥିବା ବେଳେ ସହରବାସୀ ଆତଙ୍କିତ ହୋଇପଡିଛନ୍ତି। ଜିଲାରେ ଭାଲୁ ସଂଖ୍ୟା ଅଧିକ ରହିଛି। କିନ୍ତୁ ଦିନକୁ ଦିନ ସଂରକ୍ଷିତ ଜଙ୍ଗଲ ନଷ୍ଟ ହେଉଥିବାରୁ ଭାଲୁ ସହରମୁହାଁ ହେଉଛନ୍ତି। ଜିଲା ସଦର ମହକୁମାଠାରୁ ୩ କି.ମି. ଦୂର ସାଲିହା ଜଙ୍ଗଲରେ ପ୍ରାୟ ୫୦ରୁ ୬୦ ଭାଲୁ ରହିଛନ୍ତି। ସେଥିପାଇଁ ଏହାକୁ ଭାଲୁ ସଂରକ୍ଷିତ ଜଙ୍ଗଲ ଭାବେ ଚିହ୍ନଟ କରାଯାଇଛି। ଏହି ଜଙ୍ଗଲକୁ ପଥର ବ୍ଲାଷ୍ଟିଂ କରିବାକୁ ଅନୁମତି ଦିଆଯାଇଥିବାରୁ ଭାଲୁ ଭୟଭୀତ ହୋଇ ଜନବସତି ମୁହାଁ ହେଉଥିବା ଅନୁମାନ କରାଯାଉଛି। ବନ ବିଭାଗ ଭାଲୁକୁ ଉଦ୍ଧାର କରି ନନ୍ଦନକାନନରେ ଛାଡିବା ପାଇଁ ସହର ଓ ଅଞ୍ଚଳବାସୀ ଦାବି କରିଛନ୍ତି।

# ପୃଥକ୍ ସ୍ଥାନରୁ ଗାଡ଼ି ସହ ଗଞ୍ଜେଇ ଜବତ: ୩ ଗିରଫ

**ବାଲିଗୁଡ଼ା,୧୬।୭(ଡି.ଏନ.ଏ.)**

କନ୍ଧମାଳ ଜିଲାରେ ଗଞ୍ଜେଇ ମାଫିଆମାନେ ସକ୍ରିୟ ଅଛନ୍ତି । ବାଲିଗୁଡ଼ା ଥାନା ପୋଲିସ ଟିମ୍ ନିକଟସ୍ଥ ମହାଶିଙ୍ଗି ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ବେଳେ ପଥପାର୍ଶ୍ୱ କେନ୍ଦ୍ର ରାସ୍ତା ପାର୍ଶ୍ୱରେ ଚୋରାଚାଲାଣ ପାଇଁ ଥିବା ଗଞ୍ଜେଇ ଜବତ କରିଛି। ସେଠାରୁ ୮୦ କେଜି ୩୦୦ ଗ୍ରାମ ଗଞ୍ଜେଇ ସହ କାର (ନଂ.ଓଡି୦୨ବିସି୦୮୨୯) ଜବତ କରଛି। ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ସିକପଟା ଗ୍ରାମର ଶାନ୍ତନୁ ମନ୍ତ୍ରୀ, ସୁକୁଙ୍ଗିଆ ଗ୍ରାମର ନିବସା ଦିଗାଲ ଓ ଜୟାସ ଦିଗାଲ । ନଂ.୧୧୩/୨୧ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବାଲିଗୁଡା ଥାନା ଅଧିକାରୀ ବାବା ଶଙ୍କର ସରାଫ କହିଛନ୍ତି। ସେହିପରି ସୀତାପଡି ଗ୍ରାମରେ ପାଟ୍ରୋଲିଂ ବେଳେ କାର (ନଂ.ୟୁକେ୧୭ଇ-୨୬୬୫)ରୁ ୭୦କିଲୋ ୮୦୦ ଗ୍ରାମ ଗଞ୍ଜେଇ ଜବତ ହୋଇଥିଲା। ପୋଲିସ ଦେଖି ଗଞ୍ଜେଇ ମାଫିଆମାନେ କାର ଛାଡି ପଳାଇଥିବା ସୂଚନା ମିଳିଛି । ନଂ. ୧୧୬/୨୧ରେ ମାମଲା ରୁଜୁ ହୋଇ ତଦନ୍ତ ଚାଲିଛି।

# କେଦାରଙ୍କ ପରିବାରକୁ ସହାୟତା ପ୍ରଦାନ

**ଜୁନାଗଡ଼, ୧୬।୭ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ ଚିଲିଗୁଡା ଗ୍ରାମର କେଦାର ଛତ୍ରିଆ (୫୮)ଙ୍କ ଚାଳ ଛପର ଘର ଗତ ୫ ତାରିଖରେ ଲଗାଣ ବର୍ଷାରେ ଭାଙ୍ଗି ଯାଇଥିଲା। ଫଳରେ ଘରେ ଶୋଇଥିବା କେଦାରଙ୍କ ସମେତ ତାଙ୍କ ସ୍ତ୍ରୀ ଧନମତି, ଝିଅ ଲିପ୍ସା ତଳେ ଚାପି ହୋଇ ରହିଯାଇଥିଲେ। ସେମାନଙ୍କ ଚିତ୍କାର ଶୁଣି ଗାଁ ଲୋକେ ଦୌଡ଼ି ଆସି ୩ ଜଣଙ୍କୁ ଉଦ୍ଧାର କରିଥିଲେ। ଏହି ଖବର ଜାଣିବା ପରେ ଶୁକ୍ରବାର ଅସହାୟ କେଦାରଙ୍କ ପରିବାରକୁ ସହାୟତାର ହାତ ବଢ଼ାଇଛନ୍ତି ଅଲ ଓଡିଶା ସିଡ୍ୟୁଲ କାଷ୍ଟ ଫେଡେରେଶନ କର୍ମକର୍ତ୍ତା ତଥା ସଙ୍ଗଠନ ଜିଲା ଛାତ୍ର ସଂଯୋଜକ ଧୀମାନ ଡଗ ନାଏକ, ଧର୍ମଗଡ ବ୍ଲକ ଯୁବ ସଭାପତି ସୁନୀଲ ଚନ୍ଦ୍ର ଦୁରିଆ, ଜୁନାଗଡ଼ ଉପଦେଷ୍ଟା ଚିତ୍ତରଞ୍ଜନ ନିଆଲ, ସଙ୍ଗଠନ ଜୁନାଗଡ଼ ବ୍ଲକ ସଭାପତି ମହାଦେବ ବାଗ । ସେମାନେ ଘଟଣାସ୍ଥଳକୁ ଯାଇ କେଦାରଙ୍କୁ ଆର୍ଥିକ ସହାୟତା କରିଥିଲେ। ଏହାସହ ଜୁନାଗଡ ତହସିଲଦାର, ବିଡିଓ, ଚିଲଗୁଡା ଆରଆଇଙ୍କ ସହ ଯୋଗାଯୋଗ କରି କେଦାରଙ୍କୁ ସମସ୍ତ ପ୍ରକାରର ସହଯୋଗ କରିବାକୁ ଦାବି କରିଥିଲେ। ଏଥିରେ ଚିଲିଗୁଡା ଡମ ସମାଜ ସଭାପତି ନୀଳକଣ୍ଠ ନାଏକ, ଉପସଭାପତି ଲକ୍ଷୀଧର ସୁନାନୀ, ସମ୍ପାଦକ ସୁନ୍ଦର ମୋହନ ଛତ୍ରିଆ, ପ୍ରମୋଦ ନାଗ ପ୍ରମୁଖ ଉପସ୍ଥିତ ଥିଲେ।



କେଦାରଙ୍କୁ ସହାୟତା କରାଯାଉଛି।

# ଓମଫେଡ ଦୁଗ୍ଧ ଶୀତଳୀକରଣ କେନ୍ଦ୍ରରେ ଅଘଟଣ: ଗ୍ୟାସ ଲିକ୍ ହୋଇ ୩ ଗୁରୁତର

**କୋକସରା,୧୬।୭(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରାଠାରେ ଥିବା ଓମଫେଡ ଦୁଗ୍ଧ ଶୀତଳୀକରଣ କେନ୍ଦ୍ରରେ ଶୁକ୍ରବାର ମଧ୍ୟାହ୍ନରେ ଗ୍ୟାସ ଲିକ୍ ହୋଇ ୩ ଗୁରୁତର ହୋଇଛନ୍ତି। ସେମାନେ ହେଲେ ବଲାଙ୍ଗୀର ଜିଲା କୁସୁମଖାଲ ଗ୍ରାମର ଗୁଣନିଧି ବର୍ଗତି, କୁରୁରୁପାଲିର ଶିବ ପଟେଲ ଓ କଟକର ସୁଶାନ୍ତ ବେହେରା। ୩ଜଣଙ୍କୁ ପ୍ରାଥମିକ ଚିକିତ୍ସା ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସୂଚନା ଯେ, ବଲାଙ୍ଗୀର ଜିଲାର ୨ଜଣ ମେକାନିକଙ୍କ ସମେତ କଟକର ଜଣେ ମେକାନିକ ଓମଫେଡ ଦୁଗ୍ଧ ଶିତଳକରଣ କେନ୍ଦ୍ରରେ ଖରାପ ଥିବା କଂପ୍ରେସର ପାଇପ ମରାମତି ଲିକେଜ ଠିକ କରିବାକୁ ଗ୍ୟାସ ୱେଲଡିଂ କରୁଥିଲେ। ଏହିସମୟରେ କୌଣସି କାରଣରୁ ଏହି ଦୁର୍ଘଟଣା ଘଟିଥିଲା। ଖବର ପାଇ କୋକସରା ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ସହାୟତାରେ ଲିକେଜ ଗ୍ୟାସ ଆୟତ୍ତ ସହ ୩ଜଣ ମେକାନିକଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲେ। କୋକସରା ହସ୍ପିଟାଲରେ ପ୍ରାଥମିକ ଚିକିତ୍ସା ପରେ ଭବାନୀପାଟଣା ଜିଲା ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଥିଲା।

# ଜନସଂଖ୍ୟା ଆଇନ ପ୍ରଣୟନ ଦାବିରେ ଦାବିପତ୍ର

**ନୂଆପଡ଼ା ଅଫିସ,୧୬।୭**

ଜନସଂଖ୍ୟା ବୃଦ୍ଧି ରୋକିବା ପାଇଁ ସଂସଦରେ କଠୋର ଆଇନ ପ୍ରଣୟନ କରିବା ଲାଗି ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଶୁକ୍ରବାର ନୂଆପଡା ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଜନସଂଖ୍ୟା ସମାଧାନ ଫାଉଣ୍ଡେଶନ ଓଡ଼ିଶା ପ୍ରଦେଶ ନୂଆପଡା ଶାଖା ପକ୍ଷରୁ ଜିଲା ସଭାପତି ବସନ୍ତ ସିଂ ଠାକୁରଙ୍କ ନେତୃତ୍ୱରେ ଶତାଧିକ କର୍ମକର୍ତ୍ତା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ଜିଲାପାଳ ଅନୁପସ୍ଥିତ ଥିବାରୁ ଦାବିପତ୍ର ଡେପୁଟି କଲେକ୍ଟର ସୁଶାନ୍ତ କୁମାର ରଣା ଗ୍ରହଣ କରିଥିଲେ। ଦେଶ ସ୍ୱାଧୀନ ସମୟରେ ୧୬ କୋଟି ଜନସଂଖ୍ୟା ଥିଲା। ବର୍ତ୍ତମାନ ଭାରତର ଜନସଂଖ୍ୟା ୧୪୦ କୋଟିକୁ ଟପିଗଲାଣି। ଚାଇନା ପରେ ଭାରତ ହେଉଛି ଦ୍ୱିତୀୟ ଜନସଂଖ୍ୟା ବହୁଳ ରାଷ୍ଟ୍ର। ଜନବିସ୍ଫୋରଣ ହେତୁ ଭାରତରେ ବେକାରୀ, ଆଇନଶୃଙ୍ଖଳା ପରିସ୍ଥିତି, ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ଓ ଚିକିତ୍ସା ବ୍ୟବସ୍ଥା, ସମସ୍ତଙ୍କୁ ଉପଯୁକ୍ତ ଶିକ୍ଷା ବ୍ୟବସ୍ଥାରେ ସମ୍ବଳର ଅଭାବ, ଆତଙ୍କବାଦ, ସାମ୍ପ୍ରଦାୟିକତା ଇତ୍ୟାଦି ଉତ୍କଟ ସମସ୍ୟା ମୁଣ୍ଡ ଟେକିବା ସହିତ ଭାରତର ଏକତା, ଅଖଣ୍ଡତା ଓ ବିକାଶରେ ବାଧକ ସାଜିଛି। ତେଣୁ ବର୍ଦ୍ଧିତ ଜନସଂଖ୍ୟା ଉପରେ ସମ୍ପୂର୍ଣ୍ଣ ଅଙ୍କୁଶ ସକାଶେ ସଂସଦରେ ଏକ ସଶକ୍ତ କଠୋର ଜନସଂଖ୍ୟା ନିୟନ୍ତ୍ରଣ ଆଇନ ଲାଗୁ କରିବାକୁ ଦାବି କରାଯାଇଛି। ଜନସଂଖ୍ୟା ସମାଧାନ ଫାଉଣ୍ଡେଶନ ରାଜ୍ୟ ସଂଯୋଜକ ଯଦୁମଣି ପାଣିଗ୍ରାହୀଙ୍କ ସମେତ ଭକ୍ତ ଧରୁଆ, ଉଜ୍ଜଳ ତିୱାରୀ, ଈଶ୍ୱର ଶବର, ଡରେଶ୍ୱର ପଟେଲ, ମୁନ୍ନା ହରିଜନ ପ୍ରମୁଖ ସମେତ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ରହି ଦାବିପତ୍ର ପ୍ରଦାନ କରିଥିଲେ।




ଦାବିପତ୍ର ଦେବାକୁ ଆସିଥିବା ଜନସଂଖ୍ୟା ସମାଧାନ ଫାଉଣ୍ଡେଶନ ଓଡ଼ିଶା ପ୍ରଦେଶ ନୂଆପଡା ଶାଖା କର୍ମକର୍ତ୍ତା।

# ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

**ନୂଆପଡ଼ା ଅଫିସ,୧୬।୭**

ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ଖଡିଆଳ ଡିଭିଜନ ସମ୍ପାଦକ ଯଦୁମଣୀ ପାଣୀଗ୍ରାହୀଙ୍କ ନେତୃତ୍ୱରେ ଶୁକ୍ରବାର ନୂଆପଡା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶତାଧିକ ତୋଳାଳି, ଶ୍ରମିକ ଓ ସିଜିନାଲ ଷ୍ଟାଫ ବିକ୍ଷୋଭ ପ୍ରଦର୍ଶନ କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ୧୭ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲାପାଳ ଅନୁପସ୍ଥିତ ଥିବାରୁ ଡେପୁଟି କଲେକ୍ଟର ସୁଶାନ୍ତ କୁମାର ରଣା ଦାବିପତ୍ର ଗ୍ରହଣ କରିଥିଲେ। କୋଭିଡ୍ ମହାମାରୀରେ ଅଭାବ ଓ ଅନଟନ ସମୟରେ ଜିଲାର ୪୦ ହଜାର କେନ୍ଦୁପତ୍ର ତୋଳାଳି ଅଢେଇ ମାସରୁ ଊର୍ଦ୍ଧ୍ୱ ହେବ ପ୍ରାପ୍ୟ ନ ପାଇ ଘୋର ଅସୁବିଧାରେ ଚଳୁଛନ୍ତି। ସେହିପରି ସିଜିନାଲ ଷ୍ଟାଫ ୨୦୧୯ର ବର୍ଦ୍ଧିତ ବକେୟା ଦରମା, ଇପିଏଫ ଲାଗୁ ହୋଇଥିଲେ ମଧ୍ୟ ଲାଗୁ ନ କରିବା, ବୁସ କଟିଂ, ଫଡି ଘର ମରାମତି, ପତ୍ର ସୁଖାରଖା ଦୁର୍ନୀତିର ତଦନ୍ତ କରିବା, ନିଯୁକ୍ତି ପ୍ରମୋସନରେ ବିଭାଗୀୟ ମନମାନି ଓ ଦୁର୍ନୀତିକୁ ବନ୍ଦ କରିବା, ସାମାଜିକ କଲ୍ୟାଣ ଯୋଜନାରେ ସାମିଲ ହେବା ପାଇଁ ୨୦ ଚଟା (୨ ହଜାର କେରି) ବଦଳରେ ୫ ଚଟା (୫ଶହ କେରି)ରେ ଲାଗୁ କରିବା ଇତ୍ୟାଦି ପ୍ରମୁଖ ଦାବିକୁ ନେଇ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ସୂଚନା ଯେ, ଜୁନ ୧ ତାରିଖରେ ଡିଏଫଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ତୋଳାଳି, ଶ୍ରମିକ ଓ ସିଜିନାଲ ଷ୍ଟାଫମାନେ ଧାରଣା ଦେଇଥିଲେ । ସେହି ସମୟରେ ଜୁନ ୧୦ ତାରିଖ ସୁଦ୍ଧା ସମସ୍ତ ପ୍ରାପ୍ୟ ପ୍ରଦାନ କରାଯିବ ବୋଲି ଡିଏଫଓ ଧାରଣାରତ ଆନ୍ଦୋଳନକାରୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଆଜି ଯାଏ ତାହା କାର୍ଯ୍ୟକାରୀ ହୋଇ ନ ଥିବାରୁ ଶ୍ରମିକ, ତୋଳାଳି ଓ ସିଜିନାଲ ଷ୍ଟାଫଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଆଗାମୀ ୧୦ ଦିନ ମଧ୍ୟରେ ଦାବି ପୂରଣ କରା ନ ଗଲେ ସାରା ଡିଭିଜନରେ ସମ୍ପୂର୍ଣ୍ଣ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ ବୋଲି ପାଣିଗ୍ରାହୀ ଚେତାବନୀ ଦେଇଛନ୍ତି। ବିକ୍ଷୋଭ ପ୍ରଦର୍ଶନରେ ବାବୁଲାଲ ପଟେଲ, ଈଶ୍ୱର ଶବର, ଭକ୍ତ ଧରୁଆ, ଶ୍ରୀକାନ୍ତ ପୁରୋହିତ, ଡୋରେଶ୍ୱର ପଟେଲ, ମୁନ୍ନା ହରିଜନ, ଖାମସିଂ ମାଝି ପ୍ରମୁଖ ଉପସ୍ଥିତ ଥିଲେ।

**କେନ୍ଦୁପତ୍ର ତୋଳାଳିଙ୍କ ଚେତାବନୀ**

- ୧୦ ଦିନରେ ପ୍ରାପ୍ୟ ନ ମିଳିଲେ ଆନ୍ଦୋଳନ
- ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର




ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଇଛି।